ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଦୀପାବଳୀ ବିଶେଷାଙ୍କ, ଅକ୍ଟୋବର, ୨୦୧୭

ଆନନ୍ଦମଠ

ବାପାମାଆ

ତୃତୀୟ ଲିଙ୍ଗ

ପ୍ରଲୁବ୍ଧ ନାୟକ

ଦୁଇଟି ସର୍ତ୍ତ

ବିଭସ୍ତ ନିଶୀଥ

ଭୈରବର ଅମୋକ୍ଷ ଆତ୍ମା

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଦୂରଭାଷ - ୭୦୦୮୫୬୭୦୮୫, ଇମେଲ୍ - aahwaan@gmail.com

To read the complete magazine, Download it for FREE from www.aahwaan.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରେନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

To read the complete magazine, Download it for FREE from www.aahwaan.com

# ବିଶେଷ ସୂଚନା

ଲେଖକ ଲେଖିକାମାନଙ୍କ ପାଇଁ ବିଶେଷ ସୂଚନା : ଦେଖାଯାଉଛି ଏହି ଇ-ପତ୍ରିକାର ପ୍ରକାଶନ ହେବା କ୍ଷଣି ଆପଣମାନେ ନିଜର ଲେଖାର ସ୍କ୍ରିନ୍‌ସଟ୍ ନେଇ ନିଜ ନିଜ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍‌ରେ ପ୍ରକାଶ କରୁଛନ୍ତି । ଏହାକୁ ଆମେ ସ୍ୱାଗତ କରୁଛୁ କିନ୍ତୁ ଅନେକ ବନ୍ଧୁ ଏହା ଉଲ୍ଲେଖ କରିବାକୁ ଭୁଲିଯାଉଛନ୍ତି ଯେ ଏହି ଲେଖାଟି କେଉଁ ପତ୍ରିକାରେ ପ୍ରକାଶିତ ହୋଇଛି ଏବଂ ସେହି ପତ୍ରିକା ଜଣେ ଚାହିଁଲେ କେଉଁଠି ପଢ଼ିବାକୁ ପାଇବ । ତେଣୁ ଆପଣମାନଙ୍କୁ ବିନୀତ ଅନୁରୋଧ, ଯଦି ଆପଣ ନିଜ ଲେଖାକୁ ଶେୟାର୍ କରିବାକୁ ଚାହୁଁଛନ୍ତି ଦୟାକରି ସେଠାରେ ଏହା ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ଏବଂ ଏହାର ୱେବ୍‌ସାଇଟ୍ (www.aahwaan.com) ବିଷୟରେ ଲେଖିବା ଭୁଲିବେ ନାହିଁ । ଆପଣଙ୍କ ଅବଗତି ନିମନ୍ତେ ନିମ୍ନରେ ଏକ ଉଦାହରଣ ଦେଉଛି ।

ଓଡ଼ିଆରେ ଲେଖିବାକୁ ଚାହୁଁଥିଲେ :

ମୋର ଏହି ଲେଖାଟି ଆହ୍ୱାନ ଇ-ପତ୍ରିକା (ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା)ର ଚଳିତ ମାସର ସଂସ୍କରଣରେ ପ୍ରକାଶିତ ହୋଇଛି ।

ଆପଣ ଚାହିଁଲେ ଏହି ଇ-ପତ୍ରିକା ବିନା କୌଣସି ଦେୟ (ସମ୍ପୂର୍ଣ୍ଣ ମାଗଣା) ବା ଶୁଳ୍କରେ ନିମ୍ନରେ ଦିଆଯାଇଥିବା ୱେବ୍‌ସାଇଟରୁ ପାଇପାରିବେ ।

www.aahwaan.com

If you wish to post in English:

My article has been published in the August Edition of Aahwaan e-Patrika, the first and only complete Odia, monthly literature e-Magazine of Odisha.

If you wish to read this e-Magazine (download for free), please visit the website mentioned below.

www.aahwaan.com

To read the complete magazine, Download it for FREE from www.aahwaan.com

# ସୂଚୀପତ୍ର

ସମ୍ପାଦକୀୟ ୧୧

ଆନନ୍ଦମଠ ୨୩
ଦୀପକ ଷଡ଼ଙ୍ଗୀ

ସୁନେଲି ସିଂହ ୨୮
ଅଶୋକ ବିଶ୍ୱାଳ

ପଳାଶ ଫୁଲର ବାସ୍ନା ୩୪
ଅରବିନ୍ଦ ଆଚାର୍ଯ୍ୟ

ମହାନଦୀ ଓ ଓଡ଼ିଶା ୪୯
ସୁଶାନ୍ତ ପୁରୋହିତ

ତୃତୀୟ ଲିଙ୍ଗ ୫୩
ସୁବଳ ମହାପାତ୍ର

ପିସି ୬୩
ରାଧାକାନ୍ତ ଦାଶ

ନାମ ଫଳକ ୭୨
ନୃସିଂହ ଚରଣ ବେହେରା

ମା ଓ ମମତା ୭୯
ଶ୍ରୀମତି ବିଜୟିନୀ ପଣ୍ଡା

To read the complete magazine, Download it for FREE from www.aahwaan.com

ମାଆର ଚିଠି ୮୩

ସୁବ୍ରତ କୁମାର ସେନାପତି

ବନ୍ଧୁତା ୮୫

ସଂଗ୍ରାମ କେଶରୀ ସେନାପତି

ଦୁଇଟି ସର୍ତ୍ତ ୮୯

ଡା ସୁବାସ ଚନ୍ଦ୍ର ରାଉତ

କବିତା ବାରିକଙ୍କ ସାହିତ୍ୟରେ ନାରୀ ୧୦୦

ଅଧ୍ୟାପିକା ରଞ୍ଜିତା ପାତ୍ର

ଆଖଡ଼ା ୧୦୭

ସୁଧାଂଶୁ ଦ୍ୱିବେଦୀ

ନିଃସ୍ୱାର୍ଥ ପ୍ରେମ ୧୧୩

ଅକ୍ଷୟ କୁମାର ସାହୁ

ନିଷ୍ପତ୍ତି ୧୧୭

ମଧୁସ୍ମିତା ପଟ୍ଟନାୟକ

ଭୈରବର ଅମୋକ୍ଷ ଆତ୍ମା ୧୨୭

ଦୀପକ ଷଡ଼ଙ୍ଗୀ

ଲକ୍ଷ୍ମୀର ଭକ୍ତି ୧୩୬

ଅନନ୍ତ ମହାରଣା

ବାପା ମାଆ ୧୩୯

ସୁଦାମ ଗୌଡ଼

To read the complete magazine, Download it for FREE from www.aahwaan.com

ଅନାଥ - ୧ ୧୪୩

ସିପ୍ରା ନମତା

ଅନାଥ - ୨ ୧୫୦

ସୁବଳ ମହାପାତ୍ର

ପୁସ୍ତକ ସମୀକ୍ଷା ୧୫୭

ମହାକାଳୀ ୧୬୦

ପ୍ରତିଭା ପ୍ରିୟଦର୍ଶିନୀ

ନାରୀ ୧୬୩

ଅନୁସୂୟା ମିଶ୍ର

ପ୍ରଲୁବ୍ଧ ନାୟକ ୧୬୫

ସିପ୍ରା ନମତା

ଦେଖୁ ଗୋଟେ ସ୍ୱପ୍ନ ୧୬୮

ବଳବନ୍ତ ସାହୁ

ବିନିଦ୍ର ରାତି ୧୭୦

ସ୍ୱାଗତ କୁମାର ପଣ୍ଡା

ସନ୍ଧ୍ୟାର ଗୋଧୂଳି ୧୭୧

ଡା ସନ୍ଧ୍ୟାରାଣୀ ତ୍ରିପାଠୀ

ଟଏଲେଟ୍ ଓ ଲାଲଟେନ୍ ୧୭୨

ଡା ସୌମ୍ୟରଞ୍ଜନ ମିଶ୍ର

To read the complete magazine, Download it for FREE from www.aahwaan.com

ତାଜମହଲ ୧୭୪

ପ୍ରସନ୍ନ କୁମାର ଭୁଏ

ହେ ମା' ୧୭୬

ଦୋରାବାବୁ ଗୁଡ଼ିଆଳି

ବିଭସ୍ନ ନିଶୀଥ ୧୭୭

ହିମାଂଶୁ ଶେଖର ବାରିକ

ବଞ୍ଚିବାର ଇଚ୍ଛା ୧୮୧

ସୁମିତ୍ରା ରାଉଳ

ଲେଖକ ୧୮୨

କପିଳେଶ୍ୱର ରାଉତ

ଜରାନିବାସ ୧୮୩

ସୀମାଞ୍ଚଳ ରଣା

ଏମିତି ମୋ ପ୍ରେମିକା ୧୮୫

ସମରେନ୍ଦ୍ର ନାୟକ

ଦେଖି ତୁମ ରୂପ ୧୮୮

ପର୍ଶୁରାମ ଗରିଆ

ଘନଶ୍ୟାମ ୧୯୦

ଘନଶ୍ୟାମ

ସ୍ୱୟଂପ୍ରଭା ୧୯୧

ବି ପ୍ରକାଶ ଚନ୍ଦ୍ର ପାତ୍ର

To read the complete magazine, Download it for FREE from www.aahwaan.com

ପାର୍ବଣ ୧୯୪
ଉଦୟନାଥ ଗୌଡ଼

ତୁମେ ଜଗନ୍ନାଥ ୧୯୭
ପ୍ରକାଶ ସାହୁ

ଆଉ ଥରେ ଭାବିନିଅ ୨୦୦
ପ୍ରଶାନ୍ତ କୁମାର ନାଥ

ବୋଉପାଇଁ ପଦେ ୨୦୨
ମାମାଜିନି ପ୍ରଧାନ

ବିଲୁପ୍ତ ପ୍ରାୟ ମଣିଷ ୨୦୫
ରଶ୍ମିତା ମହାନ୍ତ

ଶୀକାର ୨୦୮
ଏମ୍. ବିଜୟ କୁମାର

ଆସ ଦେଖି ଆସ ୨୧୨
ଶୁଭମ୍ ନାଏକ୍

ତୁମ କଥା ୨୧୪
ଅଭିମନ୍ୟୁ ବେହେରା

ଅଭୁଲା ସ୍ମୃତି ୨୧୫
ସତ୍ୟବ୍ରତ ବାରିକ

ମୋ ମାଆ ୨୧୬
ରୋଜା ପଣ୍ଡା

To read the complete magazine, Download it for FREE from www.aahwaan.com

ଅଧୁରା ମୋ ଜୀବନ କାହାଣୀ ୨୧୮

ଦେବସ୍ମିତା ବେହେରା

ଅପହଞ୍ଚ ୨୨୦

ରିଭୁ ଆଭୁଷଣ ପଣ୍ଡା

ଜୀବନ ସଂଗୀତ ୨୨୧

ବିନୟ ମହାପାତ୍ର

ସୈତାନ ୨୨୪

ରୁଦ୍ରମାଧବ ସାହୁ

ପ୍ରଭୁଙ୍କ ସର୍ଜନା ୨୨୬

ଆଶୁତୋଷ ମେହେର

ଡେଙ୍ଗୁ ନିରାକରଣ ୨୨୭

ସୁଦାମ ଗୌଡ଼

ଜୀବନଟା ଏମିତି ବିତିଯାଆନ୍ତା କି ୨୨୮

ଅନୁପମ ବେହେରା

ପଖାଳ ୨୨୯

ମନୋଜ କୁମାର ଜେନା

ଆଲୋକ, ଉତ୍ସାହ ଏବଂ ସୌହାର୍ଦ୍ଦ୍ୟର ପର୍ବ,

ଅସତ୍ୟର ଅନ୍ଧକାର ଉପରେ ସତ୍ୟର ଆଲୋକର ଜୟର ପର୍ବ,

**ପବିତ୍ର ଦୀପାବଳୀ ପର୍ବର ଶୁଭେଚ୍ଛା ଓ ଅଭିନନ୍ଦନ**

# ସମ୍ପାଦକଙ୍କ ଲେଖନୀରୁ



ନମସ୍କାର

ଶାରଦୀୟ ପର୍ବ ସମାପନୀ ପରେ ପରେ ଆଗତ ଦୀପାବଳି । ଏହି ଅବସରରେ ଉପସ୍ଥିତ ଆପଣଙ୍କ ଶ୍ରଦ୍ଧା ଓ ସଦିଚ୍ଛାର ପ୍ରତୀକ ଆହ୍ୱାନ ଇ ପତ୍ରିକା । ପୁଣି ଏକ ନବକଳେବର ଓ ସଂସ୍କରଣରେ ଆପଣଙ୍କୁ ଆପ୍ୟାୟିତ କରିବା ଏବଂ ସାହିତ୍ୟର ଅନନ୍ୟ ଦୁନିଆରେ ଭାବବିହ୍ୱଳ କରିବାପାଇଁ ଖୋରାକ୍ ନେଇ ଉପସ୍ଥିତ ହୋଇଛି । ବିଗତ ସଂସ୍କରଣର ବିଶାଳ ଆକାର ଦୃଷ୍ଟିରୁ ଏହାକୁ ଅନେକେ ଏକ ବିରଳ କୃତିତ୍ୱ କହିବା ସହିତ ସାହିତ୍ୟପାଇଁ ଏକ ଅନନ୍ୟ ପ୍ରୟାସ ବୋଲି କହିଥିବାରୁ ସେମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି । ପୂଜା ସମୟରେ ଓଡ଼ିଶାରୁ ପ୍ରକାଶିତ ଅନେକ ପତ୍ରପତ୍ରିକା ମଧ୍ୟରେ ଆହ୍ୱାନର ସ୍ଥାନ ଅନନ୍ୟ ଏବଂ ଏହା ଏକମାତ୍ର ପତ୍ରିକା ଯାହା ଆମେ ବିଦେଶରେ ଥାଇ ମଧ୍ୟ ପଢ଼ିବାକୁ ପାଇଲୁ ବୋଲି ଜନୈକ ବନ୍ଧୁଙ୍କ ମତ ଆମକୁ ଉତ୍ସାହିତ କରିଥିଲା । ଆମର ପ୍ରାରମ୍ଭିକ ଲକ୍ଷ୍ୟ ଆମେ ସାଧନ କରି ପାରୁଛୁ ବୋଲି ମନେ ହୋଇଥିଲା ।

ପୂଜା ମାସରେ ଯେତେବେଳେ ସମୁଦାୟ ଦେଶ ପାର୍ବଣପର୍ବରେ ଉଦ୍‌ବୁଦ୍ଧ ହୋଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିଲା ସେହି ସମୟରେ

To read the complete magazine, Download it for FREE from www.aahwaan.com

ଦେଶରେ ଶାନ୍ତି ରହିଥିଲା । ସାଧାରଣତଃ ଏହି ସମୟରେ ଦେଶର ବାତାବରଣ ଶାନ୍ତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଥାଏ । ଜାତିଧର୍ମ ନିର୍ବିଶେଷରେ ସମସ୍ତେ ଉତ୍ସାହର ସହ ଏହି ପର୍ବରେ ସାମିଲ୍ ହୋଇଥାନ୍ତି । ତେଣୁ ଦେଶରେ କୌଣସି ବିଶାଳ ଘଟଣାକ୍ରମ ହୋଇନାହିଁ । ତଥାପି କିଛି କିଛି ଘଟଣା ଅବଶ୍ୟ ଘଟିଛି ଯାହା ଜନମାନସକୁ ଆନ୍ଦୋଳିତ କରିଛି । ସେଥିମଧ୍ୟରୁ କିଛି ବିଷୟରେ ଏଠାରେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି ।

## ଜୟ ଅମିତ୍ ସାହଙ୍କ କମ୍ପାନୀ ୧୬୦୦୦% ଲାଭବାନ ହୋଇଛନ୍ତି !

ଦେଶରେ ବିମୁଦ୍ରିକରଣ ହେତୁ ମାନ୍ଦାବସ୍ଥା ଲାଗିରହିଥିବା ଏବଂ ପରେ ପରେ ଜିଏସଟି ଭଳି ବ୍ୟବସ୍ଥା ଦ୍ୱାରା ବ୍ୟବସାୟୀମାନେ ହତୋତ୍ସାହିତ ହୋଇଥିବା କଥା ବାରମ୍ବାର କୁହାଯାଉଥିବା ସତ୍ତ୍ୱେ, ଠିକ୍ ଏହି ସମୟରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ୍ ଶାହଙ୍କ ପୁଅ ଶ୍ରୀ ଜୟ ଅମିତ ଶାହଙ୍କ କମ୍ପାନୀ ମାତ୍ର ଦୁଇବର୍ଷରେ ୫୦ ହଜାର ମୂଳଧନର ବିନିଯୋଗ କରି ୮୦ କୋଟିର ବ୍ୟାପାର କରିଥିବା କଥା ଏକ ଅନଲାଇନ ନ୍ୟୁଜ୍ ପୋର୍ଟାଲରେ ଦାବୀ କରାଯାଇଛି । ଏହା ନିଶ୍ଚୟ ଭାବରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ଅର୍ଥନୀତିଜ୍ଞମାନେ ମାନିଛନ୍ତି । ଏତେ ବିପୁଳ ମାତ୍ରାରେ ଲାଭ ପାଇଥିବା କୌଣସି ଦୃଷ୍ଟିରୁ ଆଶ୍ଚର୍ଯ୍ୟଜନକ ବା ମ୍ୟାଜିକ୍ ହିଁ ହୋଇପାରେ ବୋଲି ଅନେକେ ଦାବୀ କରିଛନ୍ତି । ଏହାକୁ ନେଇ ବିରୋଧୀଦଳମାନେ ଭାଜପା ଉପରେ ତୀକ୍ଷଣ୍

To read the complete magazine, Download it for FREE from www.aahwaan.com

ବୟାନବାଜି କରି ଶାହ୍ ଇସ୍ତଫା ଦିଅନ୍ତୁ ଏବଂ ତାଙ୍କ ପୁଅର କମ୍ପାନୀ ଉପରେ ସିବିଆଇ ଦ୍ୱାରା ତଦନ୍ତ କରାଯାଉ ବୋଲି ଦାବୀ ହୋଇଛି । ଅନ୍ୟପକ୍ଷରେ ଏହାର ସ୍ୱଷ୍ଟୀକରଣ ଦେଇ ଶାହ କହିଛନ୍ତି ଯେ ଏଥିରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ । ଏବଂ ଜୟ ଅମିତ ଶାହଙ୍କ ଦ୍ୱାରା ସଂପୃକ୍ତ ନ୍ୟୁଜ୍ ପୋର୍ଟାଲ୍ ଉପରେ ଶହେ କୋଟି ଟଙ୍କାର ମାନହାନୀ ମୋକଦ୍ଦମା ଦାୟର କରାଯାଇଛି ।

## ଆରୁଷୀ ହତ୍ୟାକାଣ୍ଡରେ ତଲୱାର ଦମ୍ପତିଙ୍କୁ ମୁକ୍ତି ମିଳିଲା ।

୨୦୦୮ ମସିହାରେ ଦିଲ୍ଲୀ ନିକଟସ୍ଥ ନୋଇଡ଼ାରେ ହୋଇଥିବା ଏକ ଜଘନ୍ୟ ହତ୍ୟାକାଣ୍ଡରେ ଜଣେ ତେରବର୍ଷ ବୟସ୍କା ଆରୁଷି ତଲୱାର ଏବଂ ପରିବାରର ଚାକର ହେମରାଜଙ୍କୁ କେହି ହତ୍ୟା କରିଥିଲା । ଏହି ମାମଲାର ତଦନ୍ତ ପ୍ରଥମେ ପୋଲିସ ଏବଂ ପରେ ପରେ ସିବିଆଇ ଦ୍ୱାରା କରାଯାଇ ଅନ୍ତତଃ ଆରୁଷିଙ୍କ ପିତାମାତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡ ଦିଆଯାଇଥିଲା । ଏହା ବିରୁଦ୍ଧରେ ମାମଲାର ଶୁଣାଣୀ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଉଭୟ ପିତାମାତାଙ୍କୁ ନିର୍ଦ୍ଦୋଷ କରିବା ସହିତ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନେକ ଏହା ଦ୍ୱାରା ନ୍ୟାୟ ହୋଇଥିବା କହୁଥିବା ବେଳେ ପ୍ରଶ୍ନ ଉଠୁଛି, ଯଦି ଆରୁଷି ଓ ହେମରାଜଙ୍କୁ ତଲୱାର ଦମ୍ପତ୍ତି ହତ୍ୟା କରିନଥିଲେ ତେବେ କିଏ କରିଛି ? ହତ୍ୟାକାଣ୍ଡର ଦଶବର୍ଷ ପରେ ମଧ୍ୟ ଏହି ରହସ୍ୟ ପର୍ଦ୍ଦାଫାଶ ହୋଇ ପାରିନାହିଁ, ଏବଂ ସମ୍ଭବତଃ ଆଉ ହୋଇପାରିବ

To read the complete magazine, Download it for FREE from www.aahwaan.com

ନାହିଁ । ସୂଚନାଯୋଗ୍ୟ ଯେ ବର୍ଷ ୨୦୦୮ରେ ଆରୁଷିକୁ କେହି ଜଣେ ଧାରୁଆ ଅସ୍ତ୍ରରେ ଗଳା କାଟି ହତ୍ୟା କରିଥିଲା । ଏବଂ ପରିବାରର ଚାକର ହେମରାଜର ଶବ ମଧ୍ୟ ଘରର ଛାତ ଉପରେ ପଡ଼ିଥିବାର ଦେଖାଯାଇଥିଲା । ପୋଲିସ ତଦନ୍ତ ପରେ ଉଭୟ ହତ୍ୟାକାଣ୍ଡ ପାଇଁ ଆରୁଷି ଓ ହେମରାଜ ମଧ୍ୟରେ ଥିବା ଅନୈତିକ ସମ୍ପର୍କକୁ ଦାୟୀ କରାଯାଇ, ସେମାନଙ୍କୁ ଅସଂଜତ ଅବସ୍ଥାରେ ଦେଖି ତଲୱାର ଦମ୍ପତି କ୍ରୋଧିତ ହୋଇ ହତ୍ୟାକାଣ୍ଡ କରିଥାଇ ପାରନ୍ତି ବୋଲି କୁହାଯାଇଥିଲା । ସିବିଆଇ ତଦନ୍ତରେ ମଧ୍ୟ ଅନୁରୂପ ଶୈଳୀ ଦର୍ଶାଇ ଉଭୟଙ୍କୁ ଦୋଷୀ ବୋଲି କୁହାଯାଇଥିଲା । ଯଦିଓ ଏହି ଘଟଣାରେ ଅନେକ ସାକ୍ଷୀ ପ୍ରମାଣ ମେଳ ଖାଉନଥିଲା ତଥାପି ପାରିପାର୍ଶ୍ୱିକ ପରିସ୍ଥିତିକୁ ଧ୍ୟାନରେ ରଖି ତଲୱାର ଦମ୍ପତ୍ତି ହିଁ ଦୋଷୀ ବୋଲି ଦାବୀ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ମାମଲାରେ ଅନେକ ତ୍ରୁଟି ପରିଲକ୍ଷିତ କରିଥିଲେ । ଯେମିତି ଯଦି ତଲୱାର ଦମ୍ପତି ଉଭୟ ଆରୁଷି ଏବଂ ହେମରାଜକୁ ଗୋଟିଏ ସ୍ଥାନରେ ହତ୍ୟା କରିଥିଲେ ତା ହେଲେ ଆରୁଷିର କୋଠରୀରେ ହେମରାଜର ରକ୍ତ କିମ୍ବା ଡ଼ିଏନଏ କିଛି ମିଳିନଥିଲା କେମିତି ? ଦ୍ୱିତୀୟତଃ ଯଦି ସେମାନେ ହେମରାଜକୁ ହତ୍ୟା କରିବାପରେ ଟାଣି ଟାଣି ଛାତ ପର୍ଯ୍ୟନ୍ତ ନେଇଥିଲେ ତେବେ ଘରେ କୌଣସି ସ୍ଥାନରେ ରକ୍ତଛିଟା କିମ୍ବା ସେପରି କିଛି ଦେଖାଯାଇ ନଥିଲା କାହିଁକି ? ତୃତୀୟତଃ ଏହି ହତ୍ୟାକାଣ୍ଡ ପରବର୍ତ୍ତୀ ସକାଳୁ ଘରର ଚାବି ବାହାର ଆଡୁ ବନ୍ଦଥିବା କଥା ଚାକରାଣୀ କହିଥିଲା, ଅର୍ଥାତ ରାତିରେ କେହି ଘର ଭିତରେ

To read the complete magazine, Download it for FREE from www.aahwaan.com

ପ୍ରବେଶ କରିଥାଇ ପାରେ । ଏବଂ ଘରେ ଅଧାପିଆ ମଦ ବୋତଲର ଉପସ୍ଥିତି ଏହି କଥାକୁ ଜାହିର କରୁଛି ଯେ କେହି ବାହାରର ବ୍ୟକ୍ତି ହିଁ ଘରକୁ ପ୍ରବେଶ କରି ଏହି ସବୁ କାଣ୍ଡ ଭିଆଇଛନ୍ତି ।

ସେ ଯା'ହେଉ ଏହି ଜଘନ୍ୟ ହତ୍ୟାକାଣ୍ଡର ରହସ୍ୟ ହୁଏତ ଆମେ କେବେ ବି ଜାଣି ପାରିବା ନାହିଁ । କିନ୍ତୁ ଏହି ହତ୍ୟାକାଣ୍ଡର ଏକ ଅନ୍ୟ ଦିଗ ହେଲା ଅଳ୍ପ ବୟସ୍କା ଜଣେ ନିରୀହ ଝିଅକୁ ଜଣେ ଚାକର ସହ ଅନୈତିକ ସମ୍ପର୍କ ଥିବା କଥା କହି ତାହାର ଚରିତ୍ରସଂହାର କରାଗଲା ଯାହା ଆଦୌ ଗ୍ରହଣୀୟ ନୁହେଁ ।

## ଚୀନ ସୀମାରେ ରକ୍ଷାମନ୍ତ୍ରୀ ଶ୍ରୀମତି ସୀତାରମଣ

ବିଗତ ମାସରେ ଭାରତର ନୂତନ ରକ୍ଷାମନ୍ତ୍ରୀ ଶ୍ରୀମତି ନିର୍ମଳା ସୀତାରମଣ ଏକ ଭ୍ରମଣରେ ଯାଇ ଡୋକଲାମଠାରେ ଚୀନର ସୈନ୍ୟମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ଏବଂ ଏହି ସମୟରେ ସେ ସେମାନଙ୍କୁ ଭାରତୀୟ ଅଭିବାଦନରେ ନମସ୍କାର କରିବା ଶିଖାଇଥିଲେ, ଏହି ସମ୍ବନ୍ଧୀୟ ଏକ ଭିଡ଼ିଓ ସେ ନିଜ ଟ୍ୱିଟର ହ୍ୟାଣ୍ଡଲରେ ପରିବେଷଣ କରିଥିଲେ ମଧ୍ୟ । ଏହା ଅନେକ ଭାଇରାଲ୍ ହୋଇଥିଲା ଏବଂ ପରେ ପରେ ଚୀନର ସରକାରୀ ଗଣମାଧ୍ୟମରେ ନିର୍ମଳା ସୀତାରମଣଙ୍କ ଭୂୟସୀ ପ୍ରଶଂସା କରାଯାଇଥିଲା ଏବଂ ଦ୍ୱିଦେଶ ମଧ୍ୟରେ ସଂପର୍କ ସୁଧାରିବା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଲାଭପ୍ରଦ ହେବ ବୋଲି କୁହାଯାଇଥିଲା ।

To read the complete magazine, Download it for FREE from www.aahwaan.com

# କେନ୍ଦ୍ର ସରକାରଙ୍କ ଉପରେ ରାଜ୍ୟ ସରକାର ଖପ୍ପା

ଭୁବନେଶ୍ୱର- ଓଡ଼ିଶାକୁ ବଦନାମ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ହୀନମନ୍ୟତା କରିବା ପାଇଁ ବିଜେପିର ରାଜ୍ୟ ଓ କେନ୍ଦ୍ରୀୟ ନେତା ଅହରହ ଉଦ୍ୟମ ଆରମ୍ଭ କରିଛନ୍ତି । କେନ୍ଦ୍ରରେ ଶାସନ କ୍ଷମତାର ନେତୃତ୍ୱ ନେଉଥିବା ମୋଦି ଦେଶର ସମସ୍ତ ରାଜ୍ୟରେ ତାଙ୍କ ଦଳ କିପରି ଆସିବ ଏବଂ ମନୋମୁଖୀ ଶାସନ କରିବେ ତାହା ତାଙ୍କର ଲକ୍ଷ୍ୟ । ଏଥିପାଇଁ ସବୁ ବିଧିବିଧାନ ଓ ପରମ୍ପରାକୁ ସେ ଉଲ୍ଲଂଘନ କରିଚାଲିଛନ୍ତି ବୋଲି ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ମୋଦି ସରକାର କ୍ଷମତାସୀନ ହେବା ପରେ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରୁଥିଲା ବେଳେ ଓଡ଼ିଶାରେ ନବୀନ ସରକାର କିଛି କରୁ ନାହିଁ ବୋଲି ବିଜେପି ପକ୍ଷରୁ କ୍ରମାଗତ ଭାବରେ ଚାଲିଥିବା ଅପପ୍ରଚାର ଜନ ସାଧାରଣଙ୍କର ମନରେ ବିଭ୍ରାନ୍ତ ଅଣାଯାଉଛି ବୋଲି ସେ କହିଛନ୍ତି ।

ସେ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ଦଳକୁ ୯ଟି ପ୍ରଶ୍ନ କରିଛନ୍ତି । ଖୋଲା ବିତର୍କ ଆହ୍ୱାନ ଦେବା ପୂର୍ବରୁ ସେ ଦେଇଥିବା ତଥ୍ୟର ଉତ୍ତର ରଖିବାପାଇଁ ସେ ଦାବି କରିଛନ୍ତ । ନିର୍ବାଚନୀ ଇସ୍ତାହାରରେ ପ୍ରତିବର୍ଷ ୨ କୋଟି ଯୁବକଯୁବତୀଙ୍କୁ ନିଯୁକ୍ତି ଦେବାକୁ କହିଥିଲେ । ବର୍ତ୍ତମାନ ସୁଦ୍ଧା କେତେ ନିଯୁକ୍ତି ଦେଇଛନ୍ତି ? ଧାନର ସର୍ବ ନିମ୍ନ ସହାୟକ ମୂଲ୍ୟ

To read the complete magazine, Download it for FREE from www.aahwaan.com

ଦେଢ଼ଗୁଣ କରିବାକୁ କହି ଦେଇଛନ୍ତି କେତେ ? ୧୦୦ ଦିନରେ ଦେଶର ସବୁ କଳାଧନ ଜବତ କରି ପ୍ରତି ପରିବାରକୁ ୧୫ ଲକ୍ଷ ଦେବାକୁ କହି ଦେଇଛନ୍ତି କେତେ । ପ୍ରଧାନମନ୍ତ୍ରୀ ହେବାଠାରୁ ମୋଦି ୧୩୪ ରାଷ୍ଟ୍ର ବୁଲିଲେଣି ଏଥିପାଇଁ ରାଜକୋଷରୁ କେତେ ଖର୍ଚ୍ଚ ହୋଇଛି ଏବଂ ଭାରତ ପାଇଁ କେତେ ପୁଂଜି ନିବେଶ ଆଣିଛନ୍ତି । ପ୍ରଧାନମନ୍ତ୍ରୀ ଭାବେ ମୋଦିଙ୍କ ପୋଷାକ ଏବଂ ଜୋତା ମୂଲ୍ୟ ୧ ଲକ୍ଷ ୧୫ ହଜାର ଟଙ୍କା, ଏହି ଅର୍ଥ ସେ କେଉଁଠାରୁ ପାଉଛନ୍ତି । ବିଗତ ୩ ବର୍ଷ ଧରି ମୋଦି ଦେଶର ଗୋଟିଏ ହେଲେ ସରକାରୀ ସାମ୍ବାଦିକ ସମ୍ମିଳନୀ କରି ନାହାନ୍ତି । ତାଙ୍କ ସ୍ୱଚ୍ଛତା ଜାଣିବା କେମିତି ? ୨୦୧୪ରୁ ଏପର୍ଯ୍ୟନ୍ତ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୨.୫୭ କମିଯାଇ ଆନ୍ତର୍ଜାତିକ କ୍ଷେତ୍ରରେ ଚୀନ୍‌ଠାରୁ ତଳେ ରହିଛି । ପାକିସ୍ତାନ ପଛକୁ ଯିବ କେବେ ? ବିମୁଦ୍ରୀକରଣ ଘୋଷଣା ପୂର୍ବରୁ ଯେଉଁ ନୂଆ ନୋଟ୍ ଛପା ହୋଇଥିଲା ସେଥିରେ ଆରବିଆଇର କେଉଁ ଗଭର୍ଣ୍ଣର ଦସ୍ତଖତ କରିଥିଲେ ତାହା ପ୍ରକାଶ କରିବେ କି ? ନୋଟ୍ ଛପା ହେଲା ବେଳେ ତତ୍କାଳୀନ ଆରବିଆଇ ଗଭର୍ଣ୍ଣରଙ୍କ ଦସ୍ତଖତ ନରହି ଆଗକୁ ସ୍ଥିରୀକୃତ ଗଭର୍ଣ୍ଣରଙ୍କ ଦସ୍ତଖତ ରହିଲା କେଉଁ ନ୍ୟାୟରେ ? ଏହି ଘୋଷଣା ଏବେ ଏକ ଯୁଦ୍ଧକାଳୀନ ଅବସ୍ଥା ସୃଷ୍ଟି କରିଛି । ୨୦୧୯ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ଉଭୟ ରାଜନୈତିକ ଦଳ ନିଜ ନିଜ ଆଭିମୁଖ୍ୟକୁ ନେଇ ଏହି ସବୁ କରୁଥିବା ଜଣାଯାଇଛି ।

To read the complete magazine, Download it for FREE from www.aahwaan.com

## ବିଧବା ବିବାହ କଲେ ଆର୍ଥିକ ପ୍ରୋତ୍ସାହନ ମିଳିବ ।

ଭୋପାଳ: ମଧ୍ୟପ୍ରଦେଶ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛନ୍ତି । ସରକାରଙ୍କର ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ, ମଧ୍ୟପ୍ରଦେଶରେ ଏଣିକି ଯେଉଁମାନେ ବିଧବା ମହିଳାମାନଙ୍କୁ ବିବାହ କରିବେ ସେମାନେ ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କାର ନଗଦ ଆର୍ଥିକ ପ୍ରୋତ୍ସାହନ ପାଇପାରିବେ । ସରକାରଙ୍କର ଏହି ଯୋଜନା କାର୍ଯ୍ୟକାରୀ ହେଲେ ମଧ୍ୟପ୍ରଦେଶରେ ବାର୍ଷିକ ଅନ୍ୟୂନ ୧୦୦୦ ବିଧବା ପୁନର୍ବିବାହ କରିପାରିବେ ବୋଲି ମଧ୍ୟପ୍ରଦେଶ ସରକାରଙ୍କର ସାମାଜିକ ନ୍ୟାୟ ବିଭାଗ ଆକଳନ କରିଛନ୍ତି । ଅବଶ୍ୟ ରାଜ୍ୟରେ ଏବେ ବାର୍ଷିକ କେତେ ବିଧବା ପୁନର୍ବିବାହ କରୁଛନ୍ତି, ତାହାର କୌଣସି ପରିସଂଖ୍ୟାନ ମଧ୍ୟପ୍ରଦେଶ ସରକାରଙ୍କ ନିକଟରେ ଉପଲବ୍ଧ ନାହିଁ ।

ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟ ଗତ ଜୁଲାଇ ମାସରେ ଦେଶରେ ବିଧବା ମାନଙ୍କର ପୁନର୍ବିବାହକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୀତି ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରମ୍ କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ମଧ୍ୟପ୍ରଦେଶ ସରକାର ଦେଶର ପ୍ରଥମ ରାଜ୍ୟ ଭାବେ ଏହି ନିଷ୍ପତ୍ତି ନେଇ ବିଧବା ପୁନର୍ବିବାହ କ୍ଷେତ୍ରରେ ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ନୀତି ପ୍ରଣୟନ କରୁଥିବା ଜଣାପଡ଼ିଛି । ଅବଶ୍ୟ ଦେଶରେ

To read the complete magazine, Download it for FREE from www.aahwaan.com

୧୮୫୬ ଠାରୁ ବିଧବା ମାନଙ୍କର ପୁନର୍ବିବାହକୁ ଆଇନ୍ ସମ୍ମତ କରି ଦିଆଯାଇଛି ।

ଏହି ବିଧବା ପୁନର୍ବିବାହ ଯୋଜନା ଯେପରି ଲକ୍ଷ୍ୟଭ୍ରଷ୍ଟ ନହୁଏ, ସେଥିପାଇଁ ମଧ୍ୟପ୍ରଦେଶ ରାଜ୍ୟ ସରକାର ମଧ୍ୟ କିଛି ନୀତି ନିୟମ ରଖିଛନ୍ତି । ଏହି କ୍ରମରେ ଯେଉଁ ବିଧବା ପୁନର୍ବିବାହ କରୁଥିବେ ତାଙ୍କର ବୟସ ୧୮ରୁ ୪୫ ବର୍ଷ ମଧ୍ୟରେ ହୋଇଥିବ । ଅନ୍ୟପକ୍ଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ଯେଉଁ ବ୍ୟକ୍ତି ସଂପୃକ୍ତା ବିଧବାଙ୍କୁ ବିବାହ କରୁଥିବେ, ତାହା ତାଙ୍କର ପ୍ରଥମ ବିବାହ ହୋଇଥିବ । ବିବାହ ପରେ ଉଭୟେ ସେମାନଙ୍କ ବିବାହକୁ ସରକାରୀ ସ୍ତରରେ ପଞ୍ଜିକୃତ କରାଇବା ବାଧ୍ୟତାମୂଳକ ହେବ । ଏସବୁ କାର୍ଯ୍ୟକାରୀ ହେବାପରେ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ମିଳିବ ।

## ନିର୍ମାଣ ହେବ ପ୍ରଭୁ ଶ୍ରୀ ରାମଙ୍କ ୧୦୦ ମିଟର ଉଚ୍ଚ ମୂର୍ତ୍ତି

ଲକ୍ଷ୍ନୌ : ଉତ୍ତରପ୍ରଦେଶର ଅଯୋଧ୍ୟାରେ ଭଗବାନ ରାମଙ୍କର ସବୁଠାରୁ ଉଚ୍ଚ ମୂର୍ତ୍ତି ନିର୍ମାଣ ହେବ ବୋଲି ରାଜ୍ୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି । ସରଯୂ ନଦୀ କୂଳରେ ଶହେ ମିଟର ଉଚ୍ଚ ରାମଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ଯୋଜନା କରାଯାଉଛି । 'ନବ୍ୟ ଅଯୋଧ୍ୟା' ଯୋଜନାରେ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରକୁ ବଢାଇବା ନେଇ ପ୍ରସ୍ତାବକୁ ରାଜ୍ୟପାଳଙ୍କୁ ଦେଖାଯାଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି

To read the complete magazine, Download it for FREE from www.aahwaan.com

ମୂର୍ତ୍ତିର ନିର୍ମାଣ କରିବ । ଏଥିପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ସହମତି ଅଣାଯିବ ବୋଲି ଯୋଗୀ ସୂଚିତ କରିଛନ୍ତି ।

## ଆଧାର କାର୍ଡ଼ ବାଧ୍ୟତାମୂଳକ ହେବା ଦ୍ୱାରା ସରକାର ଲାଭାନ୍ୱିତ

ନନ୍ଦନ ନିଲକେନୀ, ଯେ ଆଧାର କାର୍ଡ଼ର ପ୍ରଚଳନ କରିବାପାଇଁ ଯୋଜନାରେ ସାମିଲ ଥିଲେ, ସେ ସୂଚନା ଦେଇଛନ୍ତି ଯେ ବିଭିନ୍ନ ସରକାରୀ ଯୋଜନାରେ ଦିଆଯାଇଥିବା ଅର୍ଥ ହରିଲୁଟ୍ ହେଉଥିଲା ଯାହା ଆଧାର କାର୍ଡ଼ର ବ୍ୟବହାର ଫଳରେ ଆଉ ସମ୍ଭବ ହେଉନାହିଁ । ବିଭିନ୍ନ ଉପାୟରେ ସରକାରୀ ଲାଭକୁ ଲୋକମାନେ ମିଛ ଖାତା ଓ ଚୋରା ଖାତା ଏବଂ ଭୂତ ବ୍ୟକ୍ତିଙ୍କ ନାଁରେ ନେଇ ଯାଉଥିଲେ, ଏବେ ଆଧାର କାର୍ଡ଼ ଦ୍ୱାରା ସରକାରଙ୍କୁ ଅନ୍ୟୁନ ଷାଠିଏ ହଜାର କୋଟି ଟଙ୍କାର ଲାଭ ହୋଇଛି । ପୂର୍ବରୁ ଏହି ଅର୍ଥ ବାଟମାରଣା ହେଉଥିଲା ଯାହା ଏବେ କେବଳ ଆଧାର ନମ୍ବର ସହ ସଂଯୋଗ ହୋଇଥିବା ଖାତା ମାନଙ୍କରେ ହିଁ ଜମା ହେଉଛି । ସୂଚନାଯୋଗ୍ୟ ଯେ ଆଧାର କାର୍ଡ଼ର ବ୍ୟବସ୍ଥା ୟୁପିଏ ସରକାରଙ୍କ ଅମଳରେ ହୋଇଥିଲା ଏବଂ ଚଳିତ ସରକାର ଏହାକୁ ସମସ୍ତ ପ୍ରକାର ସରକାରୀ ଅନୁଦାନ ପାଇଁ ବାଧ୍ୟତାମୂଳକ କରିଛନ୍ତି ।

## ଦୀପାବଳୀରେ ଦିଲ୍ଲୀରେ ଶୁଭିବନି ବାଣର ଶବ୍ଦ

ସୁପ୍ରିମ୍ କୋର୍ଟଙ୍କ ଆଦେଶାନୁସାରେ ଦିଲ୍ଲୀ ଏବଂ ଏହା ସଂଲଗ୍ନ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳରେ ବାଣ ବିକ୍ରୀ ଉପରେ ନିଶେଧାଦେଶ ଜାରୀ କରାଯାଇଛି । ଦିପାବଳୀରେ ହେଉଥିବା ବାଣ ବିକ୍ରୀଦ୍ୱାରା

To read the complete magazine, Download it for FREE from www.aahwaan.com

ପରିବେଶ ପ୍ରଦୁଷଣ ହେବା ସହ ଶବ୍ଦ ପ୍ରଦୁଷଣ ହେଉଥିବା ଦର୍ଶାଇ ଆଗତ ଏକ ଜନହିତକର ଯାଚିକାର ଶୁଣାଣି କରି ମାନ୍ୟବର ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି । ଅବଶ୍ୟ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରକାରର ମତବାଦ ଦେଖିବାକୁ ମିଳିଛି ।

ଏହା ନିଶ୍ଚୟ ଭାବରେ ସତ୍ୟ ଯେ ବାଣ ଦ୍ୱାରା ପରିବେଶ ପ୍ରଦୁଷଣ ହେଉଛି । ତେଣୁ ଏହାକୁ ବେଆଇନ୍ କହି ଏହାର ବିକ୍ରୀ ବନ୍ଦ କରିବା ଉଚିତ । କିନ୍ତୁ ଯଦି ଏହା ଦ୍ୱାରା ଏତେ ମାତ୍ରାରେ ପ୍ରଦୁଷଣ ହେଉଛି ତା ହେଲେ ଏହାର ବିକ୍ରୀ ବର୍ଷସାରା ବନ୍ଦ କରାଯିବା ଉଚିତ ନୁହେଁ କି ? ନୂଆ ବର୍ଷ ହେଉ ବା କ୍ରିକେଟ ଖେଳରେ ଜିତିବା ସମୟରେ ହେଉ, ଅବା ବାହାଘର ଋତୁ ହେଉ ବର୍ଷର ଅନେକ ସମୟରେ ବାଣ ଫୁଟାଇବା ଦେଖାଯାଏ, ସେ ସବୁ କଣ ପ୍ରଦୁଷଣ କରେନାହିଁ କି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ଦିଲ୍ଲୀର ବାତାବରଣ ଅତ୍ୟନ୍ତ ପ୍ରଦୁଷିତ ହୋଇଥିବା କଥା ଆମେ ଆଗରୁ ଶୁଣିଛେ, ସେଇଥିପାଇଁ ବିଗତ ବର୍ଷ କିଛି ଦିନ ପାଇଁ ଗାଡ଼ି ମାନଙ୍କ ଚାଳନାରେ ନିୟମ ସବୁ ଲାଗୁ କରାଯାଇଥିଲା । ସେ ଯା ହେଉ, ପରିବେଶ ପ୍ରଦୁଷଣର ଏକ ପ୍ରମୁଖ କାରଣ ହେଉଛି ଡ଼ିଜେଲ୍ ଦ୍ୱାରା ଚାଲୁଥିବା ଯାନବାହାନ । ଅନେକ ପରିବେଶ ପ୍ରେମୀ ଏହା ମଧ୍ୟ ଦାବୀ କରିଛନ୍ତି ଯେ ଯଦି ମାନ୍ୟବର ଅଦାଲତ ସତରେ ପରିବେଶ ପାଇଁ ଏତେ ଚିନ୍ତିତ ତେବେ ସେମାନେ ପ୍ରଥମେ ଡ଼ିଜେଲ୍ ଦ୍ୱାରା ଚାଳିତ ଯାନବାହାନ ବିକ୍ରୀ ଉପରେ ପ୍ରତିବନ୍ଧକ ଲଗାଇବା ଉଚିତ ।

To read the complete magazine, Download it for FREE from www.aahwaan.com

ଆଲୋକର ପର୍ବ ଦିପାବଳୀ ସହ ହିନ୍ଦୁମାନଙ୍କର ଗଭୀର ମାନସିକ ସଂପର୍କ ରହିଛି । କେବଳ ଦୀପ ଜଳାଇ ଏହି ପର୍ବକୁ ପାଳନ କରୁଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ନଗଣ୍ୟ । ଅଧିକାଂଶ ପରିବାର ଏହି ଦିନ ଲକ୍ଷାଧିକ ଟଙ୍କାର ବାଣ ଫୁଟାଇଥାନ୍ତି । ଏହା ଏକ ଧାର୍ମିକ ଭାବନା ସହ ଜଡ଼ିତ କହିଲେ ଅତ୍ୟୁକ୍ତି ହେବନାହିଁ । ମାନ୍ୟବର ଅଦାଲତଙ୍କ ଏହି ନ୍ୟାୟ ପ୍ରଣାଳୀକୁ ଅନେକ ବ୍ୟକ୍ତି ନାପସନ୍ଦ କରିଛନ୍ତି । କେହି କେହି ଏହି ଆଦେଶକୁ ହିନ୍ଦୁମାନଙ୍କ ଧାର୍ମିକଭାବନା ଆହତ ହୋଇଥିବା କହି ଉଚ୍ଛେଦ କରିବା ପାଇଁ ଦାବୀ କରିଛନ୍ତି । ସେ ଯା'ହେଉ ଆଲୋକର ପର୍ବ ସମସ୍ତଙ୍କ ଜୀବନରେ ଅସତ୍ୟ, ହିଂସା ଅସୂୟାର ଅନ୍ଧକାରକୁ ଦୂର କରି ସ୍ନେହ, ପ୍ରେମ ଓ ସୌହାର୍ଦ୍ଦ୍ୟର ଆଲୋକ ଆଣିଦେଉ ବୋଲି ଆମେ ପ୍ରାର୍ଥନା କରୁଛୁ । ଆସନ୍ତୁ ଏକ ସୁରକ୍ଷିତ ଦୀପାବଳୀ ପାଳନ କରନ୍ତୁ । ଆଲୋକର ପର୍ବ କେବଳ ଆଲୋକର ପର୍ବ ହେଉ, ଅଯଥାରେ ଖର୍ଚ୍ଚାନ୍ତ ହୋଇ ବାଣ ଫୁଟାଇବାରୁ ଦୂରେଇ ରହନ୍ତୁ । ଅନ୍ଧକାରରେ ନିଜ ପୁର୍ବପୁରୁଷଙ୍କୁ ଦୀପର ଆଲୋକ ଦେଖାଇବା ଭଳି ମହାନ ପରମ୍ପରାକୁ ବହନ କରନ୍ତୁ । ଶବ୍ଦପ୍ରଦୁଷଣ ଏବଂ ପରିବେଶ ପ୍ରଦୁଷଣରୁ ଦୂରେଇ ରହନ୍ତୁ ।

ଆହ୍ୱାନର ଚଳିତ ସଂସ୍କରଣ ଆପଣମାନଙ୍କୁ ଭେଟି ଦେଉଥିବା ବେଳେ ସମସ୍ତଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ପ୍ରତିଷ୍ଠାତା - ସମ୍ପାଦକ

To read the complete magazine, Download it for FREE from www.aahwaan.com

# ଆନନ୍ଦ ମଠ



ଦୀପକ ଷଡ଼ଙ୍ଗୀ

ମୂଳ ବଙ୍ଗଳା : ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ

ଓଡ଼ିଆ ଭାଷାନ୍ତରଣ : ଦୀପକ ଷଡ଼ଙ୍ଗୀ

ଭାଗ - ୪

ମହର୍ଷି ସତ୍ୟାନନ୍ଦ ସନ୍ଧ୍ୟାଧୂପ ପ୍ରଭୁଙ୍କୁ ଅର୍ପଣ କରି ସାରିବା ପରେ ମହେନ୍ଦ୍ରଙ୍କ ପାଖକୁ ଗଲେ, ସେଠାରେ ତାଙ୍କୁ ଡାକି କି କହିଲେ, "ମହେନ୍ଦ୍ର ତୁମର କନ୍ୟା ଜୀବିତ ଅଛି ।" ମହେନ୍ଦ୍ର ଉଲ୍ଲସିତ ହୋଇ ପଚାରିଲେ, "ସେ ଏବେ କେଉଁଠି ମହାରାଜ ?" "ତୁମେ ସେ ସବୁ ଜାଣି କଣ କରିବ" ? ବୋଲି ପ୍ରଶ୍ନ କଲେ ମହର୍ଷି ସତ୍ୟାନନ୍ଦ । ସେ ପୁଣି କହି ଉଠିଲେ, "ତୁମେ କଣ ଜାଣିନାହଁ ଯେ ସନ୍ତାନ ବ୍ରତ ଧାରଣ କରିବାକୁ ହେଲେ ସ୍ତ୍ରୀ, ପିଲା ଓ ପରିବାର ସମସ୍ତଙ୍କୁ ପରିତ୍ୟାଗ କରିବାକୁ ପଡ଼ିବ ବୋଲି ।" ମହେନ୍ଦ୍ର ଧିର ସ୍ୱରରେ ପଚାରିଲେ, "ଏତେ କଠୋର ନିୟମ କ'ଣ ପାଇଁ ମହାରାଜ ?" ମହର୍ଷି ସତ୍ୟାନନ୍ଦ କହିଲେ, "ଯେପରି ତ୍ରେତୟା ଓ ଦ୍ୱାପର ଯୁଗରେ ଭକ୍ତମାନେ ଇଶ୍ୱରଙ୍କୁ ନ ପାଇବା ପର୍ଯ୍ୟନ୍ତ କଠୋର ତପସ୍ୟା କରି ସିଦ୍ଧି ପ୍ରାପ୍ତ ହେଉଥିଲେ ସେହିପରି, ଯେ ପର୍ଯ୍ୟନ୍ତ ଆମେ ଆମ ମାତୃଭୂମିକୁ ଏହି ମୋଗଲ ଓ ଇଂରେଜମାନଙ୍କ ଠାରୁ

To read the complete magazine, Download it for FREE from www.aahwaan.com

ଉଦ୍ଧାର ନ କରିଛୁ ସେ ପର୍ଯ୍ୟନ୍ତ ଆମେ ସବୁ ସୁଖ ସ୍ୱଚ୍ଛନ୍ଦରୁ ବଞ୍ଚିତ ହୋଇରହିବା, ସେଥିପାଇଁ ତ ଆମ ସମସ୍ତ ସନ୍ତାନମାନଙ୍କୁ ସନ୍ନ୍ୟାସୀ ବୋଲି କୁହାଯାଉଛି । ଏବେ ମଧ୍ୟ ସମୟ ଅଛି ତୁମର ଯଦି ଇଚ୍ଛା ନାହିଁ ଦେଶ ମାତୃକାର ସେବା କରିବା ପାଇଁ ତେବେ ମୁଁ ତୁମକୁ ଏଇ ଆନନ୍ଦମଠରୁ ବାହାର କରାଇ ଦେଇ ତୁମ କନ୍ୟା ସହିତ ଭେଟ କରାଇ ଦେବି । ଏବେ ତୁମେ କଣ ନିଷ୍ପତି ନେଉଛ ନିଅ ।" ମହେନ୍ଦ୍ର ମହର୍ଷି ସତ୍ୟାନନ୍ଦଙ୍କ ପାଦ ତଳେ ଲୋଟି ପଡ଼ି କହିଲେ, "ଏ କଣ କହୁଛନ୍ତି ମହାରାଜ ? ଦେଶ ମାତୃକାର ସେବା କରିବା କେତେ ଜଣଙ୍କ ଭାଗ୍ୟରେ ଜୁଟେ । ମୁଁ ତ ନିଜକୁ ଭାଗ୍ୟବାନ ବୋଲି ମାନୁଛି ଯେ ଆପଣ ମତେ ସନ୍ତାନ ହେବା ପାଇଁ ଚୟନ କରିଛନ୍ତି । କନ୍ୟାକୁ ତ ମୁଁ ଭାଗ୍ୟରେ ଥିଲେ ନିଶ୍ଚେ ଦେଖି ପାରିବି କିନ୍ତୁ ଏ ସୁଯୋଗ ମୁଁ ହାତ ଛଡ଼ା କରି ପାରିବି ନାହିଁ ।" ମହର୍ଷି ସତ୍ୟାନନ୍ଦ ତାଙ୍କୁ ଉଠାଇ ଛିଡ଼ା କରାଇଲେ ଓ କହିଲେ, "ତେବେ ଆସ ମୋ ସହ ।" ମହର୍ଷି ସତ୍ୟାନନ୍ଦ ଓ ମହେନ୍ଦ୍ର ଦୁଇଜଣ ମଠରେ ଥିବା ଏକ ବିଷ୍ଣୁ ମନ୍ଦିରକୁ ଗଲେ ସେଠାରେ ଶଙ୍ଖ, ଚକ୍ର, ଗଦାଧାରୀ ଏକ ବିଶାଳ ବିଷ୍ଣୁଙ୍କ ମୂର୍ତ୍ତି ଥାଏ । ମୂର୍ତ୍ତି ପାଖରେ ଆଉ ଜଣେ ସନ୍ନ୍ୟାସୀ ମଧ୍ୟ ବସି ଶ୍ରୀମଦ୍ ଭଗବତ୍ ଗୀତା ପାଠରେ ତଲ୍ଲିନ ଥାଆନ୍ତି । ମହର୍ଷି ସତ୍ୟାନନ୍ଦଙ୍କୁ ଦେଖି ସେ ଉଠି ତାଙ୍କୁ ପ୍ରଣାମ କଲେ । ମହର୍ଷି ସତ୍ୟାନନ୍ଦ ପଚାରିଲେ, "ତୁମେ ବି କଣ ସନ୍ତାନ ବ୍ରତରେ ବ୍ରତୀ ହେବ ?" ସନ୍ନ୍ୟାସୀ କହିଲେ "ଆଜ୍ଞା ! ହଁ" ମହର୍ଷି ସତ୍ୟାନନ୍ଦ ଦୁଇ ଜଣଙ୍କୁ ଏକାଠି କରି ଭଗବାନ ବିଷ୍ଣୁଙ୍କ ସାମ୍ନାରେ ଇଶ୍ୱରଙ୍କୁ ସାକ୍ଷୀ ରଖି ମନ୍ତ୍ର ପାଠ ଦ୍ୱାରା ସନ୍ତାନ ବ୍ରତରେ ଦୀକ୍ଷିତ କରାଇଲେ । ଶେଷରେ ସେମାନେ ଶପଥ କଲେ ଯେ ଯଦି ସେମାନେ ବ୍ରତ ଭଙ୍ଗ କରନ୍ତି ତେବେ ସେମାନେ ଅଗ୍ନିରେ ଝାସ ଦେଇ ଅଥବା ବିଷପାନ କରି ନିଜର ପ୍ରାଣ ଉତ୍ସର୍ଗ କରିବେ । ତା'ପରେ ମହର୍ଷି ସତ୍ୟାନନ୍ଦ ସେମାନଙ୍କୁ ତାଙ୍କ ସହ ମିଶି ମାତୃବନ୍ଦନା "ବନ୍ଦେ ମାତରମ୍" ସଙ୍ଗୀତ ଗାନ କରିବାକୁ କହିଲେ ଓ ସମସ୍ତେ ମିଶି ଅତି ସୁନ୍ଦର ସ୍ୱରରେ ମାତୃବନ୍ଦନା କଲେ ।

To read the complete magazine, Download it for FREE from www.aahwaan.com

ଦୀକ୍ଷିତ ହେବାର କିଛି ଦିନ ପରେ ମହର୍ଷି ସତ୍ୟାନନ୍ଦ ଦିନେ ମହେନ୍ଦ୍ରଙ୍କୁ ନିଜ ପାଖକୁ ଡାକିଲେ ଓ କହିଲେ, "ମହେନ୍ଦ୍ର ! ତୁମେ ତୁମ ନିଜ ଗାଁ ପଦଚିହ୍ନକୁ ଫେରିଯାଅ ।" ମହେନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "କାହିଁକି ମହାରାଜ ? ମୁଁ କଣ କିଛି ଦୋଷ କରିଛି ?" ମହର୍ଷି ସତ୍ୟାନନ୍ଦ ଅଳ୍ପ ହସି କହିଲେ, "ଆରେ ନା ନା, ସେକଥା ନୁହେଁ ମୋର ଇଛା ଯେ ଏ ଆନନ୍ଦ ମଠକୁ ଛାଡ଼ି ଆମର ଆଉ ଗୋଟିଏ ଗଡ଼ ତିଆରି ହେଉ । କାରଣ ଯଦି ମୋଗଲ ଓ ଇଂରେଜମାନେ କେବେ ଏ ଆନନ୍ଦ ମଠକୁ ଆକ୍ରମଣ କରି ନଷ୍ଟ କରି ଦିଅନ୍ତି, ତେବେ ଅନ୍ୟ ଗୋଟିଏ ଗଡ଼ଥିଲେ ଏହି ସଂଗ୍ରାମଟି  ସେମିତି ଜୀବିତ ହୋଇ ରହିଥିବ । ତୁମେ ତୁମ ଗାଁର ଜମିଦାର ଥିଲ । ତୁମେ କହିଲେ ଲୋକମାନେ ତୁମର କଥା ମାନିବେ । ତୁମେ ଚାହିଁଲେ ଗାଁ ଲୋକମାନଙ୍କୁ ବୁଝାଇ ସୁଝାଇ ମୋଗଲ ଓ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ପ୍ରସ୍ତୁତ କରାଇ ପାରିବ । ସେଥିପାଇଁ ତୁମ ସହ ମୁଁ କିଛି ଅନ୍ୟ ସନ୍ତାନମାନଙ୍କୁ ମଧ୍ୟ ତୁମ ସହ ପଦଚିହ୍ନ ଗ୍ରାମକୁ ପଠାଇବାର ବ୍ୟବସ୍ଥା କରୁଛି । ତୁମେ ସେଠାରେ ରହି ଆମ ସନ୍ତାନ ମାନଙ୍କ ପାଇଁ ନୂତନ ଗଡ଼ ତିଆରି କରିବା ସହ ବାରୁଦ, ବନ୍ଧୁକ, ଗୁଳିଗୋଳା ଇତ୍ୟାଦି ତିଆରି କରିବ । ସେଥିପାଇଁ ଆବଶ୍ୟକ ଅର୍ଥ ଓ ଲୋକବଳ ମୁଁ ତୁମକୁ ଠିକ୍ ସମୟରେ ଯୋଗାଇ ଦେବି । ତୁମେ ତୁମ ନିଜ ଗାଁରେ ରହି ସନ୍ତାନ ଧର୍ମ ପାଳନ କର । ଏହା ହିଁ ମୋର ଇଛା ।" ମହେନ୍ଦ୍ର କହିଲେ "ଯାହା ଆପଣଙ୍କ ଆଜ୍ଞା ମହାରାଜ।"  ତା'ପର ଦିନ ମହେନ୍ଦ୍ର କିଛି ଅନ୍ୟ ସନ୍ତାନ ମାନଙ୍କୁ ଧରି ଆନନ୍ଦମଠ ଛାଡ଼ି ନିଜ ଗ୍ରାମ ପଦଚିହ୍ନକୁ ଚାଲିଗଲେ ।

ମହେନ୍ଦ୍ର ଯିବାର କିଛି ଦିନ ପରେ ଥରେ ମହର୍ଷି ସତ୍ୟାନନ୍ଦ ସେଇ ନୂତନ ସନ୍ତାନଙ୍କୁ ନିଜ ପାଖକୁ ଡ଼କାଇଲେ ଓ ପଚାରିଲେ "ବତ୍ସ ! ତୁମେ କିଏ ? ତୁମର ପ୍ରକୃତ ନାମ କଣ ? ତୁମର ରୂପ ଓ ଚାଲିଚଳନକୁ ଦେଖି ମୋର ଟିକେ ସନ୍ଦେହ ଜାତ ହେଉଛି ।  ନୂତନ ସନ୍ନ୍ୟାସୀଟି ନିଜର ମୁଣ୍ଡରୁ ପଗଡ଼ି ଓ ମୁହଁରୁ ନକଲି ଦାଢ଼ୀକୁ ବାହାର କରିଦେଲା ଓ

To read the complete magazine, Download it for FREE from www.aahwaan.com

ନତମସ୍ତକ ହୋଇ କହିଲା "ମହାରାଜ ! ମୁଁ ପୁରୁଷ ନୁହେଁ । ମୁଁ ଜଣେ ସ୍ତ୍ରୀ ଓ ମୋର ନାମ ଶାନ୍ତି ଶର୍ମା । ମହର୍ଷି ସତ୍ୟାନନ୍ଦ କ୍ରୋଧରେ ଜର୍ଜରିତ ହୋଇ ଚିତ୍କାର କରି ଗର୍ଜିଉଠି କହିଲେ "ତୁ ଗୋଟିଏ ଠକ, ନିର୍ଲଜ ନାରୀ । ନିଜକୁ ପୁରୁଷ ବଶରେ ସଜାଇ ତୁ କାହିଁକି ଏଠି ରହିଥିଲୁ ? ନାରୀମାନଙ୍କୁ ସନ୍ତାନ ଧର୍ମରେ ଦୀକ୍ଷିତ କରାଇବା ଏକ ମସ୍ତବଡ଼ ଭୁଲ । କାରଣ ସେମାନଙ୍କ ପାଖରେ ନା ଥାଏ ସାହସ ଓ ଶକ୍ତି ମୋଗଲ ଓ ଇଂରେଜମାନଙ୍କ ବିରୁଦ୍ଧରେ ଲଢିବା ପାଇଁ ।" ଶାନ୍ତି ଧୀର ଓ ନମ୍ର ସ୍ୱରରେ କହିଲେ, "ଏହା ଆପଣଙ୍କ ଭ୍ରମ ଧାରଣା ମହାରାଜ । ନାରୀ ମଧ୍ୟ ପୁରୁଷଠାରୁ କୌଣସି ଗୁଣରେ କମ୍ ନୁହେଁ । ଆପଣ ମୋର ଯେ କୌଣସି ଶକ୍ତିର ପରୀକ୍ଷା ଏବେ ଓ ଏହି କ୍ଷଣି ନେଇ ପାରନ୍ତି ।" ମହର୍ଷି ସତ୍ୟାନନ୍ଦ କହିଲେ, "ତେବେ ଠିକ୍ ଅଛି । ଆସ୍ ମୋ ସହ ।" ମହର୍ଷି ସତ୍ୟାନନ୍ଦ ଶାନ୍ତିକୁ ମଠର ଅସ୍ତ୍ରାଗାରକୁ ନେଇଗଲେ । ତାକୁ ସେଠାରେ ଗୋଟିଏ ଧନୁକୁ ଦେଖାଇ କହିଲେ, "ପ୍ରକୃତରେ ତୁ ଯଦି ଶକ୍ତିଶାଳୀ ହୋଇଥିବୁ ତେବେ ଏହି ଧନୁରେ ଲୁହା ତାରର ଡୋର ଲଗାଇ ତତେ ତୀର ବିନ୍ଧିବାକୁ ହେବ । ଆଉ ମନେରଖ ଏହି ଧନୁକୁ ବଙ୍କା କଲାବେଳେ ଯଦି ଟିକିଏ ଏପଟ ସେପଟ ହୁଏ ତେବେ ଏହି ଧନୁ ଯେତେବେଳେ ସିଧା ହେବ, ଧନୁର ଦଣ୍ଡ ତୋ ପାଇଁ ପ୍ରାଣଘାତକ ହୋଇପାରେ ।" ମହର୍ଷି ସତ୍ୟାନନ୍ଦଙ୍କ କଥା ସରିଛି କି ନାହିଁ ଶାନ୍ତି ତତକ୍ଷଣାତ୍ ଧନୁକୁ ଉଠାଇ ତାକୁ ବଙ୍କା କରି ସେଥିରେ ଲୁହା ତାରର ଡୋରକୁ ଲଗାଇ ଗୋଟିଏ ତୀର ସଙ୍ଗେ ସଙ୍ଗେ ମାରିଦେଲା । ତାପରେ ଧନୁକୁ ମହର୍ଷି ସତ୍ୟାନନ୍ଦଙ୍କ ପାଦ ତଳେ ରଖି ପ୍ରଣାମ କଲା । ଏହା ଦେଖି ମହର୍ଷି ସତ୍ୟାନନ୍ଦଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଶାନ୍ତି ସତ୍ୟାନନ୍ଦଙ୍କର ନାରୀ ମାନଙ୍କ ପ୍ରତି ଥିବା ସବୁ ଭୁଲ ଧାରଣାକୁ ଦୂରେଇ ଦେଲା । ପରେ ନିଜକୁ ସନ୍ୟାସୀ ଜୀବାନନ୍ଦଙ୍କ ଧର୍ମପତ୍ନୀ ରୂପେ ପରିଚୟ ଦେଲା । ମହର୍ଷି ସତ୍ୟାନନ୍ଦ ଅତ୍ୟନ୍ତ ପ୍ରୀତ ହୋଇ ଶାନ୍ତିକୁ ଆନନ୍ଦମଠରେ ରହିବା ପାଇଁ ଅନୁମତି ଦେଲେ ।

To read the complete magazine, Download it for FREE from www.aahwaan.com

କିଛି ବର୍ଷପରେ ବଙ୍ଗ ପ୍ରଦେଶରୁ ଦୁର୍ଭିକ୍ଷର କରାଳ ଛାୟା ଧିରେ ଧିରେ ହଟିବାକୁ ଲାଗିଲା । ଚାଷୀର ଜମିରେ ପୁଣି ଧାନଗଛ ଲହଡ଼ି ଭାଙ୍ଗିବାକୁ ଲାଗିଲା, କିନ୍ତୁ ଧାନକୁ କିଣିବା ପାଇଁ କାହା ପାଖରେ ବି ଅର୍ଥ ନଥିଲା ଇଂରେଜମାନେ ଜମିଦାରୀ ପ୍ରଥାକୁ ଲୋପ କରିବାକୁ ବସିଲେ । ସେପଟେ ସନ୍ତାନମାନଙ୍କ ସଂଖ୍ୟା ଧିରେ ଧିରେ ବୃଦ୍ଧି ପାଇବାକୁ ବସିଲା । ସନ୍ତାନମାନେ ମୁସଲମାନ ମାନଙ୍କ ରାଜତ୍ୱକୁ ଧ୍ୱଂସ କରିବାକୁ ଲାଗିଲେ । ହିନ୍ଦୁତ୍ୱର ପ୍ରଚାର ବଢ଼ି ଚାଲିଲା । ସେହି ସମୟରେ ଇଂରେଜମାନଙ୍କ ଗଭର୍ଣ୍ଣର ଜେନେରାଲ ଥିଲେ ଊଆରେନ ହେଷ୍ଟିଙ୍ଗସ୍ । ସେ ବହୁତ ଚେଷ୍ଟା କରିଥିଲେ ସନ୍ନ୍ୟାସୀ ଆନ୍ଦୋଳନକୁ ଭଙ୍ଗ କରିବାପାଇଁ, କିନ୍ତୁ ସେ ମଧ୍ୟ ବିଫଳ ହେଲେ । ଶେଷରେ ନିରୂପାୟ ହୋଇ ତାଙ୍କର ଜଣେ ସୁଦକ୍ଷ ସେନାପତି କ୍ୟାପଟେନ୍ ଟମାସ୍‌ଙ୍କୁ ବଙ୍ଗ ପ୍ରଦେଶକୁ ପଠାଇଲେ ସନ୍ନ୍ୟାସୀ ଆନ୍ଦୋଳନକୁ ଦମନ କରିବା ପାଇଁ

ଆଉ ତା'ପରେ .....

ମହେନ୍ଦ୍ର କ'ଣ ତାଙ୍କ କନ୍ୟାକୁ ଆଉ ଦେଖାକରି ପାରିବେ ନାହିଁ ?

ଶାନ୍ତିର ବୀରତ୍ୱ କ'ଣ ସତରେ ସନ୍ତାନମାନଙ୍କ କାମରେ ଆସିବ ?

କ୍ୟାପଟେନ୍ ଟମାସ୍ କ'ଣ ସନ୍ନ୍ୟାସୀ ଆନ୍ଦୋଳନକୁ ଦମନ କରିବାରେ ସକ୍ଷମ ହେବେ ?

ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇବା ପାଇଁ ଅପେକ୍ଷା କରନ୍ତୁ ଆନନ୍ଦ ମଠର ଆଗାମୀ ଭାଗକୁ ଯାହା ପ୍ରକାଶିତ ହେବ ଆହ୍ୱାନ ଇ - ପତ୍ରିକାର ନଭେମ୍ବର ସଂସ୍କରଣରେ....

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

To read the complete magazine, Download it for FREE from www.aahwaan.com

# ସୁନେଲୀ ସିଂହ - ୨



ଅଶୋକ ବିଶ୍ୱାଳ

ରାଜାଙ୍କ ପାରିଧି

ବିଶାଳ ସିଂହଟି ଆଗକୁ ଅନାଇଲା । ସିଂହର ଆଖି ଗୁଡ଼ିକ ହଳଦିଆ, ଲାଲ ଆଖି ଗୁଡ଼ିକ ଜଳୁଥିଲା । ସମ୍ରାଟ, ଅପ୍ରତିଦ୍ୱନ୍ଦୀ ସିଂହମାନେ ତ ଏମିତି । ସେମାନଙ୍କର ଶରୀରରେ ଅମାପ ତେଜଥାଏ । କି ମଣିଷ, କି ସିଂହ, ଏମିତି ବିଶାଳ ଆକାର ଦେଖିଲେ ସବୁ ପ୍ରତିଦ୍ୱନ୍ଦୀଙ୍କ ଆଖି ଡ଼ରରେ, ଭକ୍ତିରେ ନଇଁ ଯାଏ । ସେମାନଙ୍କ ବିଶାଳ ବ୍ୟକ୍ତିତ୍ୱ ଆଗରେ ସମସ୍ତେ ଅଧିନତା ସ୍ୱୀକାର କରନ୍ତି । ସେହି ବିଶାଳ ସିଂହର ମୁହଁର ମଝିରେ କଳା ନାକଟା ଉପରୁ ଚେପ୍ଟା ହୋଇଯାଇଛି । ସେଠି ଗୋଟିଏ ଖୁବ୍ ବଡ଼ ନାକର ପୁଡ଼ିଆ କରିଛି । ସିଂହ ନିଶ୍ୱାସ ନେଲାବେଳେ ଏକ କମାରର ଭାତୁଡ଼ି ଭଳି ପବନ ହୁସକରି ଭିତରକୁ ପଶି ଯାଉଛି । ସେ ନିଜର ମୁଣ୍ଡଟି ହଲାଇ ଦେଲା । ତା'ର ନାକ ତଳେ ଆଉ ଥୋଡ଼ିର ଉପରେ ଲମ୍ୱା ଲମ୍ୱା ଧଳା ନିଶ ସବୁ ଠିଆହୋଇ ରହିଛି । ସିଂହଟି ଧୀର ପଦକ୍ଷେପରେ ନିଜ ଦଳରୁ ଟିକିଏ ଦୂରକୁ ଯାଉଥିଲା ।

To read the complete magazine, Download it for FREE from www.aahwaan.com

ତା'ର ଗୋଡ଼ ଗୁଡ଼ିକ ଶକ୍ତିଶାଳୀ ଯୋଦ୍ଧାର ଗୋଡ଼ ଭଳି ମାଟିରେ ପଡୁଥିଲା । ଗୋଡ଼ ତଳେ ଘାସ ସବୁ ଦବି ମେଲେଇ ହୋଇ ଯାଉଥିଲା । ଗୋଡ଼ ତଳେ ଗଦି ଭଳି ମାଂସ ପିଣ୍ଡୁଳା ଥିବା ହେତୁ ଶବ୍ଦ ହେଉନଥିଲା । ତାର ଆଗ ଗୋଡ଼ର ପଛ ଆଡ଼କୁ ଶରୀରରେ ଛୋଟ ଛୋଟ ବାଳ ଥିଲା । ତାର ଥିବାର ନଖ ଗୁଡ଼ିକ ଲୁଚି ଯାଇଥିଲା । ଏ ନଖ ଗୁଡ଼ିକ ଖୁବ ଶକ୍ତିଶାଳୀ । ସମ୍ବର, ନୀଳଗାଇ ଆଉ ବାରାହା ଭଳି ମୋଟା ଚମ ଥିବା ଜନ୍ତୁର ଚମଡାକୁ ନିମିଷରେ ଫଡା ଫଡା କରିଦିଏ । ଥାବାର ଏକ ଚାପୁଡାରେ ହରିଣମାନଙ୍କର କପାଳ ଫାଟିଯାଏ । ବର୍ତ୍ତମାନ ବଙ୍କା ଟାଣୁଆ ନଖଗୁଡ଼ିକ ଖୋଲିବାର ଆବଶ୍ୟକତା ନଥିଲା । ଆକ୍ରମଣ କଲାବେଳେ ସିଂହର ନଖ ବାହାରକୁ ଆସେ । ଅନ୍ୟ ସମୟରେ ନଖ ଗୁଡ଼ିକ ଲୁଚି ରହିଥାଏ ।

ସେ ମୁଣ୍ଡକୁ ଟିକିଏ ତଳକୁ କଲା । ଆଖିସବୁ ନିଜର ଯାଗାକୁ ଭଲ ଭାବେ ଦେଖୁଥିଲା । ନିଜର ପରିଧିରେ ଟିକିଏ ବୁଲିଲା । ତାର ଆଖିରେ ସେମିତି କିଛି କ୍ରୋଧ ନଥିଲା । ସିଂହଟି ଶାନ୍ତ ଭାବରେ ନିଜର ଦଳ ଆଡ଼କୁ ଆଗେଇ ଆସୁଥିଲା । ବର୍ତ୍ତମାନ ଦଳରେ ତାକୁ ଆହ୍ୱାନ ଦେବା ପାଇଁ ବା ଲଢ଼େଇ କରିବା ପାଇଁ କେହି ନାହାନ୍ତି ।

ଗର୍ବିତ ଚାଲିରେ ସିଂହଟି ଚାଲୁଥିଲା । ନିଜର ଦଳଠାରୁ ଟିକିଏ ଦୂରକୁ ଯାଇ ଅଳ୍ପ ଛାଇ ଥିବା ସ୍ଥାନ ଦେଖିଲା । ସେ ଦଳର ସମ୍ରାଟ । ତେଣୁ ଦଳ ଭିତରେ ସେ ବିଶ୍ରାମ ନେବ ନାହିଁ । ତାର ବିଶ୍ରାମ ନେବାର ସ୍ଥାନ ଦଳର ବିଶ୍ରାମ ନେବାର ସ୍ଥାନରୁ କେଇ ଖୋଜ ଦୂର । ସେ ଗୋଟିଏ ଗଛ ମୂଳେ ଯାଇ ପେଟେଇ ପଡ଼ିଲା । ନିଜର ଆଗ ଗୋଡ଼ ଦୁଇଟିକୁ ମେଲେଇ ଦେଲା ।  ଦୁଇଟି ଯାକ ଥାବା ପରସ୍ପରକୁ ଛୁଉଁଥାନ୍ତି । ସିଂହର କେଶର ତଳ ଭୂମିକୁ ଛୁଉଁଥାଏ । ସେ ମୁଣ୍ଡ ଟେକି ଦେଇଥାଏ । ତା' ଆଖିଟି ତନ୍ନ ତନ୍ନ କରି ନିଜ ଦଳକୁ

To read the complete magazine, Download it for FREE from www.aahwaan.com

ଅନୁଧ୍ୟାନ କରୁଥିଲା । ଦଳରେ ସିଂହୀ ଆଉ ଛୁଆମାନେ ଏଣେ ତେଣେ ପଡ଼ିଛନ୍ତି । ମଝିରେ ମଝିରେ ସେ ମୁଣ୍ଡ ହଲାଇ ଦେଉଥିଲା । ବୋଧହୁଏ ମାଛିମାନେ ବିରକ୍ତ କରୁଥିଲେ । ତା'ପରେ ସେ ମୁହଁ ବନ୍ଦ କରିଦେଲା । ଲାଗୁଥିଲା ଯେମିତି ଗୋଟିଏ କଳା ରେଖା କିଏ ହଳଦିଆ ମୁହଁ ଉପରେ ଆଙ୍କି ଦେଇଛି । ସିଂହର କେଶର ଯୋଗୁଁ ତାର ମୁହଁଟି କେତେ ବଡ଼ ଜାଣିବା କଷ୍ଟ  । କିନ୍ତୁ ସିଂହର ମୁହଁ ଖୁବ ବିଶାଳ ଥିଲା । ଦେହର ରଙ୍ଗ ଛାଇ ଯୋଗୁଁ ଟିକିଏ ଅଧିକା ଧୂସରିଆ କଳା ଜଣାପଡୁଥିଲା । ତାର ବିଶ୍ରାମ ନେବା ସ୍ଥାନର ତା' ଚାରିପଟେ ଛୋଟ ଛୋଟ ପଥର ପଡ଼ିଥାଏ । ସେଠି ହଳଦିଆ ଲାଲ୍ ରଙ୍ଗର ପତ୍ର ସବୁ ଏଣେ ତେଣେ ଛିଟ୍‌କି ପଡ଼ିଥାଏ । ତା ମଝିରେ ସିଂହଟି ଦଳକୁ ଅନାଇ ରହିଥିଲା ।

ସିଂହଟି ଲମ୍ୱା ହାଇ ମାରିଲା । ତାର ମୁହଁଟି ବହୁତ ଖୋଲିଗଲା । ଲାଗୁଥିଲା ଯେମିତି ଯମର ଦ୍ୱାର ଖୋଲି ଯାଇଛି । ତାର ମୁଣ୍ଡଟି ଉପରକୁ ହୋଇ ଯାଇଥାଏ । ତା ମୁହଁରୁ ଖୁବ୍ ବଡ଼ ଦାନ୍ତ ବାହାରି ଆସିଥିଲା । ଅନ୍ୟ ଦାନ୍ତ ତୁଳନାରେ ଏ ଦାନ୍ତ ଗୁଡ଼ିକ ଖୁବ୍ ବଡ଼ ଆଉ ମୁନିଆ । ଏହି ଗୋଜିଆ ଦାନ୍ତ ସହଜରେ ନୀଳଗାଇର ତଂଟିରେ ଗଳି ଯାଇପାରେ ଆଉ ତାର ଶ୍ୱାସନଳୀ ଫଟାଇ ଦେଇପାରେ । ତାର ଲମ୍ୱା ଲାଲ୍ ଗୋଲାପି ରଙ୍ଗର ପାଉଁଶିଆ ଜିଭ ବାହାରି ଆସିଲା । ଜିଭ ଉପରେ ଧଳା ଧଳା କଂଟା ଯେମିତି ଲାଗିଥିଲା । ପୂର୍ବ ରାତିର ଶିକାର ଖାଇବା ପରେ ନିଜର ଚମଡ଼ାକୁ ଚାଟି ଚାଟି ସଫା କରିଛି । ଏଣୁ ତାର କେଶର ଆଉ ଚମଡ଼ା ଖୁବ ଉଜ୍ଜ୍ୱଳ ଦେଖା ଯାଉଥିଲା । ଏହି କଂଟାଳିଆ ଜିଭ ଯୋଗୁ ସିଂହ ସହଜରେ ନିଜ ଶରୀରକୁ ଚାଟି ସଫା କରିପାରେ । ତାର ବିରାଟ ଆଖି ଗୁଡ଼ିକ ବନ୍ଦ ହୋଇ ଆସୁଥିଲା । ନିଶଗୁଡ଼ିକ ଦୁଇପଟେ ସିଧା ହୋଇ ଲମ୍ୱିଯାଇଥିଲା ଆଉ ମୁହଁର ସବୁ ଦାନ୍ତ ଗୁଡ଼ିକ ଦେଖା ଯାଉଥିଲା ।

To read the complete magazine, Download it for FREE from www.aahwaan.com

ମେଂଚାଏ ଆଲୁଅ ଗଛ ଫାଙ୍କ ଦେଇ ସିଂହର ମୁଣ୍ଡ ଉପରେ ପଡୁଥିଲା । ସିଂହର କେଶର ଗୋଡ଼କୁ ଛୁଉଁଥିଲା ଆଉ ତା ଆକାରକୁ ଖୁବ୍ ବଡ଼ କରିଦେଉଥିଲା । ଅପରାହ୍ନର କମଳା ଆଲୋକ ଲାଗୁଥିଲା ଯେମିତି କେଶର ନିଆଁରେ ପାଲଟି ଯାଇଛି ଆଉ ତା ଭିତୁର ବିରାଟ ବିରାଟ ଦାନ୍ତମାନ ବାହାରି ଆସୁଛି । ସିଂହର ମୁହଁଟାକୁ ନିଆଁର ପିଣ୍ଡୁଳା ଭାବରେ କଳ୍ପନା କରାଯାଇପାରେ । ମୁହଁର ପରିଧିରେ କଳା ରଙ୍ଗ । ସେଠି ଅଗ୍ନିର ଜ୍ୱଳନ । ମୃତ୍ୟୁର ନିଆଁ । ସେଠି ଜୁଇ ମାନ ଜଳି ଚାଲିଛି ।

ସିଂହଟି ଆଉଥରେ ଏକ ଲମ୍ବା ହାଇ ମାରିଲା । ତାକୁ ନିଦ ଲାଗୁଥିଲା । ବଡ଼ ସିଂହମାନଙ୍କୁ ଦିନରେ ବହୁତ ନିଦ ଲାଗେ । ତାର ବିଶ୍ରାମ ସ୍ଥଳୀ ଅନ୍ୟମାନଙ୍କ ଠାରୁ ଟିକିଏ ଉଚ୍ଚରେ ଥିଲା । ଦଳର ରାଜା ହେତୁ ତାର ସ୍ଥାନ ସବୁବେଳେ ଅନ୍ୟମାନଙ୍କ ଠାରୁ ଟିକିଏ ନିଆରା ସେ କିଛି ସମୟ ଶୋଇଗଲା । ତାର ଶରୀର ଲମ୍ବା ହୋଇ ମାଟି ଉପରେ ପଡ଼ିଥିଲା । ଶୋଇବାପରେ ଧିରେ ଉଠି ଠିଆହେଲା । ମୁଣ୍ଡଟି ପିଠିର ସାମନ୍ତରାଳ ଭାବରେ ଥାଏ । ଗୋଡ଼ ଚାରୋଟି ତାଳ ଦେଇ ପଡୁଥାଏ । ସିଂହଟି ନିଜ ରାସ୍ତାରେ ଆଗେଇ ଯାଉଥିଲା । କେଶର ଗୁଡ଼ିକ ଚାଟିବା ଦ୍ୱାରା ଲାଗୁଥିଲା ଯେମିତି ସଦ୍ୟ କୁଣ୍ଡା ଯାଇ ପାରିଛି । ସିଂହଟି ଧିରେ ଧିରେ ଛାଇରୁ ଖରା ଆଡ଼କୁ ଆଗେଇ ଆସୁଥିଲା । ତାର ମୁହଁଟି ସାମାନ୍ୟ ଖୋଲା । ଆଗରେ ଛୋଟ ଛୋଟ କିଛି ଦାନ୍ତ । ପଛ ଆଡ଼କୁ ମୋଟା ମୋଟା ଦାନ୍ତସବୁ ଲମ୍ବି ଯାଇଛି ।

ସବୁବେଳେ ତାର ହଳଦିଆ ଆଖି ଯେମିତି ଜଳବା ଭଳି ଲାଗୁଥିଲା । ସେ ଚାଲୁ ଚାଲୁ ଠିଆ ହୋଇଗଲା । ତାର ଖୋଲା ପାଟି ବର୍ତ୍ତମାନ ବନ୍ଦ ହୋଇଯାଇଥିଲା । ସେ ଲମ୍ବା ଲମ୍ବା ନିଶ୍ୱାସ ସେଇଠୁ ନେଉଥିଲା । ତାର ଆଖିଗୁଡ଼ିକ ବର୍ତ୍ତମାନ ସ୍ଥିର । ସିଂହିଟି କିଛି ଲକ୍ଷ୍ୟ

To read the complete magazine, Download it for FREE from www.aahwaan.com

କରୁଥିଲା । ତାର କାନ ଗୁଡ଼ିକ ଆଗ ଆଡ଼କୁ ବଙ୍କିଗଲା । ମୁଣ୍ଡର ବାଳ ଠିଆ ହୋଇ ଯାଇଥିଲା । ସିଂହ ବୋଧହୁଏ କିଛି ବିପଦର ଆଶଙ୍କା କରୁଥିଲା କିମ୍ବା କିଛି ଆହ୍ୱାନର ଆଶଙ୍କା କରୁଥିଲା ।

ସେମିତି କିଛି ହେଲା ନାହିଁ । ସିଂହଟି ପୁଣି ଚାଲିବାକୁ ଆରମ୍ଭ କଲା । କିଛି କ୍ଷଣର ସାବଧାନତା ପରେ ତାର ଶରୀରରୁ ଅଳସୁଆମୀ ଏକଦମ ଚାଲି ଯାଇଥିଲା । ବର୍ତ୍ତମାନ ତା ଚାଲିରେ ଔଦ୍ଧତ୍ୟ ଥିଲା । ତାର ଦୁଇଟା ଯାକ ଥୋଡ଼ି ଚିପି ହୋଇ ଯାଇଥିଲା । ବିରାଟ ବିରାଟ ହଳଦିଆ, ଧଳା ଦାନ୍ତ ସନ୍ଧିରୁ ଲମ୍ବା ଜିଭ ତଳକୁ ବାହାରକୁ ବାହାରି ଆସି ତଳ ଥୋଡ଼ିର ଧଳା ବାଳକୁ ଛୁଉଁଥିଲା । ସିଂହର ମୁହଁ ଟିକେ କୁଂଚିତ ହୋଇଯାଇଥିଲା । ସେ କିଛି ଉପରେ ନିଜର ବିରକ୍ତି ପ୍ରକାଶ କରୁଥିଲା । ତାର ମୁହଁ ରେଖା ସବୁ ବଙ୍କେଇ ଯାଇଥିଲା । କାନ ମୋଡ଼ି ଯାଇଥିଲା । ମୁଣ୍ଡ ଉପରର ଛୋଟ ଛୋଟ କେଶର ଲାଗୁଥିଲା ଯେମିତି ଜଳୁଛି । କମଳା ସୂର୍ଯ୍ୟ ଆଲୋକ ତା ଉପରେ ପଡ଼ି ଲାଗୁଥିଲା ଯେମିତି ସିଂହ ଦେହରେ ଆଲୋକ ପଡ଼ିଥିବା ଅଂଶରେ ନିଆଁ ଲାଗି ଯାଇଛି । ଦେହର ବାକି ଲୋମ ସବୁ ଧୂସରିଆ କଳା ।

ସିଂହଟି ଅଳ୍ପ ଗର୍ଜନ କରିବାକୁ ଆରମ୍ଭ କଲା । ଏମିତି କରିବା ତାର ଅଭ୍ୟାସ । ସେ ନିଜର ଉପସ୍ଥିତି ଦୁନିଆକୁ ଜଣାଇବାକୁ ଚାହୁଁଥିଲା । ଢ଼ଙ୍ଗରିଆ ରାସ୍ତାର ଦୁଇ ପଟର ଥୁଂଟା ଗଛ ସବୁ ତାର ମୁଣ୍ଡ ଉପରକୁ ନଇଁ ଆସିଥିଲା । କେଉଁ ଡାଳରେ ପତ୍ର ନଥାଏ । ଗୋଲିଆ ପତଳା ପତଳା ଡାଳ ସବୁ ଏକଦମ୍ ସିହଂର ମୁଣ୍ଡ ଉପରକୁ ନଇଁ ଆସିଥିଲା । ତଳେ ପଡ଼ିଥିବା ଛୋଟ ପତ୍ର ଆଉ ଘାସ ସବୁ ଶୁଖି ଧଳା ହୋଇ ଯାଇଥାଏ । ଏସବୁ ମଧ୍ୟରେ

To read the complete magazine, Download it for FREE from www.aahwaan.com

ସେହି ଭୟଙ୍କର ସିଂହ କାହାକୁ ଅନାଇ ଠିଆ ହୋଇଥିଲା । ବର୍ତ୍ତମାନ ସେ ଖୁବ୍ ଜୋରରେ ନିଶ୍ୱାସ ନେଲା । ଗର୍ଜନ କରିବାର ଇଏ ଆରମ୍ଭ ।

ଅନେକ ଦୂରରେ ତାର ପରିଧି ଭିତରେ ବୋଧହୁଏ କେଉଁ ଅନୁପ୍ରବେଶକାରୀ ଆସି ଯାଇଛି । ସେ କିଛି ଗନ୍ଧ ସେ ପାଇଲା ପରି ଜଣା ଯାଉଥିଲା । ଏକ ଗୁରୁ ଗମ୍ଭୀର ଗର୍ଜନ ଆରମ୍ଭ ହେଲା । ତାର ଗର୍ଜନ ସବୁ ଜାଗାରୁ ପ୍ରତିଧ୍ୱନିତ୍ୱ ହେଉଥିଲା । ସିଂହର ଗର୍ଜନରେ ଅମାପ ଶକ୍ତି ଥିଲା । ଗଛ ପତ୍ର, ପାହାଡ଼ ପର୍ବତ ସବୁ ଥରିଗଲା । ତାର ଗର୍ଜନରେ ଶିକାରମାନେ ସ୍ତବ୍ଧ ହୋଇଗଲେ । ସବୁ ଶବ୍ଦ ଲୋପ ପାଇଗଲା । କି ପକ୍ଷୀ, କି ପଶୁ ସମସ୍ତେ ନିଜର କୋଳାହଳ ବନ୍ଦ କରିଦେଲେ । କିନ୍ତୁ ସେପଟୁ କିଛି ଶବ୍ଦ ଆସିଲା ନାହିଁ । ସିଂହ ନିଶ୍ଚିତ ହୋଇଗଲା ତା ଅଂଚଳରେ କେହି ଅନୁପ୍ରବେଶ କରୁନାହାନ୍ତି ।

କ୍ରମଶଃ-

ଆହ୍ୱାନ ଇ-ପତ୍ରିକାରେ ନିଜସ୍ୱ ଲେଖାର ପ୍ରକାଶନ ହେତୁ ଆମ ନିକଟକୁ ସ୍ୱଲିଖିତ ଓଡ଼ିଆ ଆଲେଖ୍ୟ (ଗଦ୍ୟ, ପଦ୍ୟ, ବ୍ୟଙ୍ଗ, ଅନ୍ୟ ଯେ କୌଣସି ବିଭାଗ ହେଉନା କାହିଁକି) ପଠାଇ ପାରିବେ । ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ମିଳିଥିବା ଲେଖା ମାନଙ୍କ ମଧ୍ୟରୁ ନିର୍ବାଚିତ ଆଲେଖ୍ୟମାନଙ୍କୁ ନେଇ ପତ୍ରିକା ୧୦ ତାରିଖରେ ପ୍ରକାଶିତ ହେବ । ଆମକୁ ଲେଖା ପଠାଇବାପାଇଁ ଇମେଲ୍ :

**aahwaan@gmail.com**

ଅନ୍ୟ କୌଣସି ସୂଚନା ପାଇଁ କିମ୍ବା ଆହ୍ୱାନ ଇ-ପତ୍ରିକାର ହ୍ୱାଟ୍ସଆପ୍ ଗ୍ରୁପରେ ଯୋଗ ଦେବାପାଇଁ ଆମ ନମ୍ବର ୭୦୦୮୫ ୬୭୦୮୫ରେ ଯୋଗାଯୋଗ କରନ୍ତୁ ।

# ପଳାଶ ଫୁଲର ବାସ୍ନା



ଅରବିନ୍ଦ ଆଚାର୍ଯ୍ୟ

ହଠାତ ଏପରି ପ୍ରଶ୍ନ ଶୁଣିବାକୁ ଦୀପକ ପ୍ରସ୍ତୁତ ନଥିଲା । ଆଶ୍ଚର୍ଯ୍ୟରେ ଚାହିଁଲା ଖଡ଼ିରତ୍ନଙ୍କ ମୁହଁକୁ । ପଚାରିଲା,

- କଣ ପାଇଁ କି ?

- ନାଁ ...... କିଛି ନୁହେଁ ...... କିନ୍ତୁ ଭାରି ଅସୁବିଧା ହେଇ ପାରେ ।

ପୁଣି ଆହୁରି ଆଶ୍ଚର୍ଯ୍ୟ ହେଇ ଦୀପକ କହିଲା,

- କଣ, ମଉସା .... ମୋତେ ଖୋଲି କି କୁହନ୍ତୁ ।

- ପୁଅ, ଅନିରୁଦ୍ଧ କ'ଣ ସେ ଝିଅଟିକୁ ଭଲ ପାଉଛି ?

- ହଁ ! ଏଇଟା ପରା ସେହି ଦୁହିଁଙ୍କ ରାଜିରେ ହେଉଛି ।

- କଣ... କିଛି ଉପାୟ ନାହିଁ ବାହାଘର ବନ୍ଦ କରିବାକୁ ?

- କାହିଁକି... ଆପଣ ବାରମ୍ବାର ବାହାଘର ବନ୍ଦ କରିବା କଥା କହୁଛନ୍ତି, ଠିକ ଭାବରେ କୁହନ୍ତୁ !

- ଅଘଟଣ ଘଟିପାରେ !

- କଣ କରାଯିବ ? କଥାଟା ଅନେକଦୁର ଆଗେଇ ଗଲାଣି .............

To read the complete magazine, Download it for FREE from www.aahwaan.com

ଅନିରୁଦ୍ଧ ହାତରେ ଜଳଖିଆ ପ୍ଲେଟ ଧରି ଘରୁ ବାହାରି ଆସୁଥିଲା ହସି ହସି । ତାକୁ ଦେଖି ଦୁହେଁ ନୀରବ ରହିଲେ । ଦୁହିଁଙ୍କୁ ନୀରବ ରହିବା ଦେଖି ଅନିରୁଦ୍ଧ ପଚାରିଲା,

- କଣ ! ମୋ ହାତ ରେଖାରେ କଣ ଲେଖାଯାଇଛି କହିଲେନି । ଜଳଖିଆ ଖାଇବା ସହିତ ମୋତେ ସବୁ କୁହନ୍ତୁ ।

ଖଡ଼ିରତ୍ନେ ଅନିରୁଦ୍ଧକୁ ପ୍ରଶ୍ନକଲେ;

- ଆଚ୍ଛା ବାପା ଅନିରୁଦ୍ଧ, ସେ ଝିଅଟି କଣ କରୁଛି ଏବେ ?

- କିଏ ? ଅନୁ ତ ? ସେ ପି ଜି ସାରି ଏବେ ଗୋଟେ କଣ ଅନୁଷ୍ଠାନ ଖୋଲିଥିଲା ବୋଲି ମୁଁ ଶୁଣୁଥିଲି ।

- ତା'ର ବୟସ କେତେ ହବ ?

- ହଁ ... ଏଇ ବାଇଶ ।

- ତେବେ କିପରି ଲାଗେ ସିଏ ?

ଅନିରୁଦ୍ଧ କଥାଟାକୁ ଏତେ ଗମ୍ଭୀର ଭାବରେ ଧରିନଥିଲା । କିନ୍ତୁ ଏପରି ପ୍ରଶ୍ନବାଣରେ ସେ ହଠାତ ଦୁହିଁଙ୍କୁ ଚାହିଁ କହିଲା;

- କଣ ପାଇଁ ଏସବୁ ପଚାରୁଛନ୍ତି ? କଣ ମୋତେ କିଛି ଲୁଚଉ ନାହାନ୍ତି ତ ? ?

- ଆରେ ..... ନାଁ ....... ନାଁ .... ସେକଥା ନୁହେଁ, ମୁଁ ଏମିତି ପଚାରୁଥିଲି ।

ଦୀପକ ମଧ୍ୟ ମୁହଁରେ ହସ ଫୁଟାଇ କହିଲା,

- ମଉସା କଣ ଏସବୁ ପଚାରି ପାରିବେ ନାହିଁ ?

ସମସ୍ତେ ହସିଉଠିଲେ ଏ କଥାଶୁଣି । ଶେଷରେ ହସୁ ହସୁ ଦୁହେଁ ଉଠି ଘରକୁ ଫେରିବାକୁ ବାହାରିଲେ ।

To read the complete magazine, Download it for FREE from www.aahwaan.com

ଦୀପକ ଅନିରୁଦ୍ଧକୁ କିଛି କହିଲାନି, ଖଡ଼ିରତ୍ନେ କହିଥିବା ବିଷୟରେ । କାରଣ ଏ ପରିସ୍ଥିତିରେ ଏପରି କରିବା ଅର୍ଥ, ହସ ଖୁସି ମଧ୍ୟରେ ଅକାରଣ ଅଶାନ୍ତି ଆଣିବା । ତଥାପି ଦୀପକର ମନରେ କଥାଟା ଗୁଡ଼େଇ ତୁଡ଼େଇ ହେଉଥାଏ । ସେ ଖଡ଼ିରତ୍ନଙ୍କ କଥାକୁ ଏକ ଦୁଃସ୍ୱପ୍ନ ବୋଲି ଭାବି, ଚେଷ୍ଟା କରୁଥିଲା ଭୁଲିବାକୁ । କିନ୍ତୁ ଏପରି କଥା କଣ କେବେ ଭୁଲି ହୁଏ ? କଣ ଆଉ ଘଟିପାରେ ଏ ଶୁଭ ମୁହୂର୍ତରେ ? କିଏ ଆଉ ଅଘଟଣ ଘଟାଇ ପାରେ ଏତେ ବଡ଼ ଶୁଭ କାମରେ ? କଣ ନିୟତି ଅନିରୁଦ୍ଧ ପ୍ରତି ଏତେ ନିର୍ଦ୍ଦୟ ହେଇପାରିବ ? କଣ ଦୋଷ କରିଛି ଅନିରୁଦ୍ଧ ? କାହାର କଣ କ୍ଷତି କରିଛି ସିଏ ?? ସାଧାରଣ ଢଙ୍ଗଢାଙ୍ଗର ସରଳ ଯୁବକଟିଏ, ନୂଆ ଦୁନିଆଁ ଆରମ୍ଭ କରିବାକୁ ଯାଉଛି । ଯଦି କିଛି ହୁଏ ତେବେ ସଂସାରରେ ଭଗବାନ ନାହାନ୍ତି ନିଶ୍ଚୟ । ନା ନା ଖଡ଼ିରତ୍ନଙ୍କର କିଛି ଭୁଲ ରହିଗଲା ଭବିଷ୍ୟତବାଣୀ କହିବାରେ । କିନ୍ତୁ ଏତେ ବଡ଼ ଜ୍ଞାନୀଲୋକ ନିଶ୍ଚୟ ଭାବିଚିନ୍ତି କହିଥିବେ । ଅକାରଣରେ କାହିଁକି ସେ ଚାହିଁବେ ଅଶାନ୍ତି ସୃଷ୍ଟି କରିବାକୁ, କଣ ତାଙ୍କର ସ୍ୱାର୍ଥ ଏଥିରେ ଅଛି ? କିନ୍ତୁ କିପରି ସେ ଏକଥା କହିବ ଅନିରୁଦ୍ଧକୁ । ତା'ର କଣ ଅଧିକାର ଅଛି ଅନିରୁଦ୍ଧରେ ସୁଖରେ ବାଧା ଦେବାକୁ । ଯଦି ଏହା ବିଧି ନିର୍ଦ୍ଦିଷ୍ଟ, ତେବେ ଆଗରୁ ଯେତେ ଚେଷ୍ଟା କଲେବି କିଛି ଲାଭ ନାହିଁ । ତେବେ ଦୁଃଖ ଆସିବା ପୂର୍ବରୁ କାହିଁକି ସେ ତା'ର ପୂର୍ବ ସୂଚନା ଦେଇ ଅନିରୁଦ୍ଧକୁ ମାନସିକ ରୂପେ ଦୁର୍ବଳ କରିଦେବ । ନା ସେ ଅନିରୁଦ୍ଧକୁ କିଛି ବି କହିବ ନାହିଁ । ଯାହା ହେଉଛି ହେଉ ପଛେ । ଏତେ ବଡ଼ ଖୁସି ପୂର୍ଣ୍ଣ ମୁହୂର୍ତ୍ତରେ ସେ ବାଧା ଦେଇ ପାରିବନି, ଯାହା ଦୁଃଖ ଆସିବ, ପ୍ରତି ପଦକ୍ଷେପରେ ସେ ଜଗି ରହିବ ।

- କଣ ଏତେ ଭାବୁଛ ମ !

ହଠାତ ସାଗରିକାର ପାଟି ଶୁଣି ଦୀପକ ହଡ଼ବଡ଼େଇ ଗଲା, କହିଲା;

To read the complete magazine, Download it for FREE from www.aahwaan.com

- ଉଁ ......... ହୁଁ ......... ନା ......କିଛି ନୁହେଁ, କେତେ କାମ ଆହୁରି ବାକି ଅଛି । ତୁମେ କଣ କରୁଥିଲ ?

- ତୁମେ କଣ କହୁଛ କିଛି ବୁଝିପାରୁନି । ମୁଁ ପରା ତୁମ ସାମ୍ନାରେ କାମ କରୁଛି, କଣ ଦେଖୁନ ?

- ହଁ....... ଦେଖୁଛି ଯେ .........

- ଯେ, କଣ ? କଣ ଦେହ ଭଲ ଲାଗୁନି କି ? ଟିକେ ରେଷ୍ଟ ନେବ ?

- ନା, ମୋ ଦେହ କଣ ହେବ ? ତୁମ ଭାଇ ସାହାବ କୁଆଡ଼େ ଗଲେ କି ?

- ତୁମେ ଦି ଜଣ ତ ଏକା ସାଙ୍ଗରେ ଯାଇଥିଲ ! ତୁମେ ଜାଣିଥିବ ।

- ହଁ, ଏକା ସାଙ୍ଗରେ ଯାଇଥିଲୁ । କିନ୍ତୁ ଫେରିଲା ପରେ ମୁଁ ଏଠି ବସିଯାଇଥିଲି ।

- ହଉ, ମୁଁ ଦେଖୁଛି ସିଏ କୁଆଡ଼େ ଗଲା ।

ସାଗରିକା ଚାଲିଗଲା ଅନିରୁଦ୍ଧାକୁ ଡାକିବାକୁ ।

X X X X X X

ପରଦିନ ଠିକ ସମୟରେ, ମାନେ ସନ୍ଧ୍ୟା ପାଞ୍ଚଟାରେ ଶୁଭ ମୁହୂର୍ତ୍ତରେ ବରଯାତ୍ରୀ ବାହାରିଲେ । ଧୁମଧାମରେ ସମସ୍ତଙ୍କ ମନ ଖୁସି । ଦୁଇଟା କାର, ଗୋଟେ ମିନି ବସରେ ବସି ସମସ୍ତେ ଚାଲିଲେ ବୀରଦର୍ପରେ । ଏ ଭିତରେ ଅନିରୁଦ୍ଧ ଲକ୍ଷ୍ୟ କରୁଥିଲା, ଦୀପକ କାହିଁକି ଗମ୍ଭୀର ଜଣା ପଡୁଥିଲେ । ତଥାପି ଏ ପରିସ୍ଥିତିରେ ସେ ବନ୍ଦୀ ପରି ଯେଉଁଠି ବସ ବୋଲି କୁହାଯାଉଥିଲା, ବସୁଥିଲା ଆଉ ଉଠ କହିଲେ ଉଠୁଥିଲା । ତେଣୁ ମନଖୋଲି କଥା ପଦେ ମଧ୍ୟ କାହା ସହିତ ହୋଇ ପାରୁନଥିଲା । ଯା ହେଉ, ସବୁ କାମ ସୁରୁଖୁରୁରେ ହେଇଯାଉ, ଏଇ ଚିନ୍ତା କେବଳ କରୁଥିଲା । 'ଅନୁ'କୁ ନେଇ ସେ ସୁଖର ସଂସାର ରଚନା

To read the complete magazine, Download it for FREE from www.aahwaan.com

କରିବ, ଏକ ଆଦର୍ଶ ପରିବାର କରି ଦେଖାଇ ଦେବ । ତା'ର ଭଲପାଇବା ଏତେ ଦିନେ ସାର୍ଥକ ହେବାକୁ ଯାଉଛି । ସେ ମନେ ମନେ ଖୁସିରେ ଉଛୁଳି ଉଠୁଥିଲା ।

(୪ )

ଅମରେନ୍ଦ୍ର ବାବୁ ସ୍ଥିର ହୋଇ ବସି ପାରୁନଥାନ୍ତି । ଘରୁ ବାହାର.... ବାହାରୁ ପୁଣି ଘରକୁ ହେଉଥାନ୍ତି । ତାଙ୍କ ଅଲିଅଳି ଝିଅର ଆଜି ବାହାଘର । ଥୟ ଧରନ୍ତେ କିପରି ? ନିଶିପ୍ରଭା ଝିଅ ପାଖରେ ସକାଳ ପହରୁ ଘଡ଼ିଏ ବସିଥିଲେ, ତା'ପରେ ଆଉ ଝିଅ ପାଖକୁ ଯାଇନାହାନ୍ତି । ଝିଅ ଚାରିପଟେ ତା'ର ସାଙ୍ଗସାଥୀ ଘେରି ବସିଛନ୍ତି । ୟାଡ଼େ ବନ୍ଧୁ ବାନ୍ଧବଙ୍କ କଥା ନ ବୁଝିଲେ କିଏ ମନ ମାରି ବସିବ ତ କିଏ ତିଳକୁ ତାଳ କରିବ । ତେଣୁ ଅଣ୍ଟା ଭିଡ଼ି ଲାଗିପଡ଼ିଥାନ୍ତି । ଦିନସରି ରାତି ହେଲାଣି କାହାକୁ ତର ନାହିଁ । ରାତି ୧୦ଟା ପରେ ଚାରି ପାଞ୍ଚ ଜଣ ଟୋକାଙ୍କୁ ଗାଁ ମୁଣ୍ଡକୁ ପଠାଇଦେଲେ ଅମରେନ୍ଦ୍ର ବାବୁ । ବରଯାତ୍ରୀ ଆସିଲେ ସଙ୍ଗେ ସଙ୍ଗେ ଖବର ଦେବେ ସେମାନେ ।

ବେଦୀ ସଜା ଏ ପର୍ଯ୍ୟନ୍ତ ସରିନି । ପୁରୋହିତ କିନ୍ତୁ ଅନେକ ବେଳୁ ଆସି ବସିଛନ୍ତି । ବସିଛନ୍ତି ନୁହେଁ ତ ଏକପ୍ରକାର ଘୁମେଇବାକୁ ଆରମ୍ଭ କଲେଣି । ରୋଷେଇ ସରିବା ସରିବା ହେଉଛି । ଲାଇନଟା ହଜାରେ ଥର କଟୁ ନଥିଲେ ସବୁ କାମରେ ଏତେ ଡେରି ହେଇନଥାନ୍ତା । ଅବଶ୍ୟ ଜେନେରେଟରଟିଏ ଯୋଗାଡ଼ ହେଇଥିଲା କେବଳ ଏଥିପାଇଁ । ଆଉ କେତେବେଳେ ଆସିବେ ବରଯାତ୍ରୀ ? କଣ ସକାଳ ହେଇଯିବ କି ? ସମୟ ପାଖାପାଖି ୧୧ ଟା ହେବ,

"ମଉସା ସେମାନେ ଆସି ଗାଁ ମୁଣ୍ଡରେ ପହଞ୍ଚିଲେଣି ।" ଟୋକାଟିଏ ଆସି ଅମରେନ୍ଦ୍ରଙ୍କୁ ଖବର ଦେଲା ।

To read the complete magazine, Download it for FREE from www.aahwaan.com

ତରତର ହେଇ ଅମରେନ୍ଦ୍ରବାବୁ ଖବରଟା ଘରେ ଜଣେଇଦେଇ ନିଜେ ବାହାରି ପଡ଼ିଲେ ଗାଁ ମୁଣ୍ଡ ଆଡ଼େ । ସାଥିରେ ଅନେକ ବୟସ୍କ ବ୍ୟକ୍ତି, ବାରିକ, ପୁରୋହିତ ମଧ୍ୟ ନିଜ ନିଜ ସରଞ୍ଜାମ ଧରି ଚାଲିଲେ ।

- ଅନୁ ! ଅନୁ ! ବରଯାତ୍ରୀ ଆସିଲେଣି !

ପାଟି କରିକରି 'ମିନୁ' ଧାଇଁ ଆସିଲା, ଅନୁ ଓ ଅନ୍ୟ ଝିଅମାନେ ବସିଥିବା ଘର ଭିତରକୁ । ସବୁ ଝିଅମାନେ ତରତର ହେଇ ଘରୁ ବାହାରକୁ ଧାଇଁଲେ, ବରଯାତ୍ରୀଙ୍କୁ ଦେଖିବାକୁ । ଅନୁ ଚୁପଚାପ କଣ୍ଢେଇଟିଏ ପରି ବସିଥାଏ । ତାକୁ ବିଭିନ୍ନ ପ୍ରକାର ସଜାଇ ଦେଇଥାନ୍ତି ତା'ର ସାଙ୍ଗସାଥୀମାନେ ମିଶି । ସକାଳ ପହରୁ ସେ, ସେଇ ଘରଟି ଭିତରେ ସେମିତି ବସିଛି । ଖିଆ ପିଆ କିଛି ନାହିଁ ଉପବାସ । ଭାରି ଦୁର୍ବଳ ଲାଗୁଥିଲା ତାକୁ । ଝରକା ଆରପଟେ ଖଡ଼ ଖଡ଼ ଶବ୍ଦ ଶୁଣି ଉଠୁଥିଲା ସିଏ । ମୁଣ୍ଡଟା ଘୁରେଇ ଦେଲା ତା'ର । ତଳିପେଟ କେଞ୍ଚିକେଞ୍ଚି ହେଇଗଲା । ତଳିପେଟକୁ ଦୁଇ ହାତରେ ଜାବୁଡ଼ି ଧରି ଦାନ୍ତ ଚିପି ତଳେ ବସି ପଡ଼ିଲା ଅନୁ ।

- ଓଃ ! କି ଯନ୍ତ୍ରଣା !

ଆଗରୁ ମଝିରେ ମଝିରେ ଏମିତି ହୁଏ । କିନ୍ତୁ ସଙ୍ଗେ ସଙ୍ଗେ କମିଯାଏ । ଆଜି କିନ୍ତୁ ଏତେ ଜୋରରେ କାହିଁକି କେଞ୍ଚି ହେଉଛି କେଜାଣି । ଓଃ, ସତେ ଯେପରି ନିଆଁ ହୁଳାଟେ ପେଟ ଭିତରେ ଘିର ଘିର ହୋଇ ବୁଲୁଛି । ଆଉ ସମ୍ଭାଳି ପାରିଲାନି ଅନୁ, ଡାକଦେଲା;

- ମା'ଲୋ !..................... ପାଣି ମନ୍ଦେ ଦେଲୁ...

ହଠାତ ଝିଅର ଏତେ ବଡ଼ ପାଟି ଶୁଣି ନିଷିପ୍ରଭା ଦଉଡ଼ି ଆସିଲେ । ଦେଖିଲେ ପେଟକୁ ଜାବୁଡ଼ି ଧରି ଘର କୋଣରେ ଦାନ୍ତ ଚିପି ବସିଛି ଅନୁ । ଧରି ପକେଇଲେ ତାକୁ, ପଚାରିଲେ;

- କଣ ହେଲା ମା ? କଣ ଲାଗୁଛି ଦେହ ?

- ପାଣି ମନ୍ଦେ ଦେ .....

To read the complete magazine, Download it for FREE from www.aahwaan.com

- ଆଲୋ .... କିଏ ଅଛ ... ପାଣି ଢାଳେ ଆଣିଲ । ବଡ଼ ପାଟି କରି ଡାକ ପକାଇଲେ ନିଶିପ୍ରଭା । ତାଙ୍କ ପାଟି ଶୁଣି କେତେଜଣ ବୟସ୍କା ସ୍ତ୍ରୀ ଲୋକ ଦଉଡ଼ି ଆସିଲେ ।

- ନିଅ ...... ନିଅ ....... ପାଣି, ଜଣେ ପାଣି ବଢ଼େଇ ଦେଲା ।

- ନେ, ପାଣି ପିଇବୁ ପରା ...... ନେ

ଢକ ଢକ କରି ଢାଳେ ପାଣି ପିଇଗଲା ଅନୁ । ଝାଳରେ ପୁରା ଓଦା ହେଇ ଯାଇଥିଲା । ଅବଶ ହେଇ ଶୋଇଗଲା । କେତେଜଣ ବିଞ୍ଚି ଦେଉଥିଲେ ତା'କୁ । କିଏ ଜଣେ ପଚାରିଲା;

- କଣ ହେଲା ଝିଅର ? ଆଉ ଜଣେ କିଏ ଉତ୍ତର ଦେଲା;

- ଓପାସ ଯୋଗୁଁ ଏମିତି ହେଉଥିବ, ଚାଲ ଚାଲ ସିଆଡ଼େ କେତେକାମ ଅଛି । ତାକୁ ଟିକେ ଶୋଇବାକୁ ଦିଅ । ଠିକ ବେଳେ ଉଠିବ ସିଏ । ଟୁପ ଟାପ କଥାବାର୍ତ୍ତା ହେଇ ହେଇ ସ୍ତ୍ରୀ ଲୋକମାନେ ଘରୁ ପଦାକୁ ବାହାରି ଆସିଲେ । ନିଷିପ୍ରଭା ଏକୁଟିଆ ଝିଅକୁ ଜଗି ରହିଲେ । କିଛି ସମୟପରେ ନିଦରୁ ଉଠିଲା ପରି ଅନୁ ଉଠିଲା । ସଙ୍ଗେ ସଙ୍ଗେ ନିଶିପ୍ରଭା ପଚାରିଲେ,

- ଭଲ ଲାଗୁଚି ତ ?

ମୁଣ୍ଡ ହଲାଇ ହଁ ବୋଲି ଜଣାଇଥିଲା, ଆଉ କିଛି କହିବାକୁ ଇଛା ହେଉ ନଥିଲା ।

- ଆଉ କଣ ହେଉଛି କି ?

- ନାଁ, ତୁ ଯା' ମିନୁକୁ ଡାକି ଦେ ।

ନିଶିପ୍ରଭା ଉଠି ଚାଲିଗଲେ । କିଛି ସମୟ ପରେ ମିନୁ ଆସିଲା ।

- କଣ ହେଲାକି ? ପାଖରେ ବସି ମିନୁ ପଚାରିଲା ।

- ମୁଣ୍ଡ ବୁଲାଇ, ତଳି ପେଟଟା କେଞ୍ଚି କେଞ୍ଚି ହେଲା ।

- ଦୁର୍ବଳ ଯୋଗୁଁ ହୋଇଥିବ । ଏବେ ଭଲ ଲାଗୁଚି ?

- ହଁ

To read the complete magazine, Download it for FREE from www.aahwaan.com

- ଆଉ କଣ ଆଣିଦେବି କି ?

- ନାଁ, ମୋ ପାଖରେ ବସ ।

କିଛି ସମୟ ନୀରବତା ବିରାଜମାନ କଲା । ବାହାରେ ଲୋକମାନଙ୍କ ଗହଳି ଲାଗି ଆସୁଥାଏ । ସମସ୍ତେ ଖୁସିରେ ମସଗୁଲ ଥା'ନ୍ତି । କିନ୍ତୁ ଅନୁ ସେ ଖୁସିକୁ ଅନୁଭବ କରି ପାରୁ ନଥିଲା ।

X X X X X

- ଯା'ହେଉ, ଭଲରେ ଭଲରେ ବାହାଘର ହେଇଗଲା, ଦୀପକ ଅନିରୁଦ୍ଧର କାନ ପାଖରେ କହିଲେ । ତା' ପରେ ଚାରିଆଡ଼କୁ ପୁଣି ଚାହିଁ କହିଲେ;

- ଆଉ, ଏଥର ଘରକୁ ଫେରିବା ପର୍ବ ଆରମ୍ଭ ହେବ ନା ନାହିଁ ?

- ହଁ ....... ଯିବା .... କ'ଣ ମୋତେ ଏଠି ସବୁଦିନ ରଖିବେ କି ? ଦୁହେଁ ହସିଉଠିଲେ ।

ଭଲରେ ଭଲରେ ଝିଅକୁ ବିଦା କଲେ ଅମରେନ୍ଦ୍ରବାବୁ । ସଜଳ ଆଖିରେ ଚାହିଁ ରହିଥିଲେ ଗାଡ଼ିର ଯିବା ରାସ୍ତାକୁ । ଗାଡ଼ି ଗୁଡ଼ାକ ଗାଁ ମୁଣ୍ଡରେ ପହଞ୍ଚିବା ପର୍ଯ୍ୟନ୍ତ ଲୋକେ ବାଟେଇ ଦେବାକୁ ଗଲେ ।

X X X X X

ଆରେ ! ଭାଇ ଆସିଗଲେଣି ଭାଉଜଙ୍କୁ ଧରି । ଶୀଘ୍ର ବନ୍ଦାପନା ପାଇଁ ଜିନିଷ ଯୋଗାଡ଼ କର । ସାଗରିକାର ପାଟି ଶୁଣି ସମସ୍ତେ ଖୁଶିରେ ଦୌଡ଼ିଲେ ଦାଣ୍ଡକୁ । ସମସ୍ତେ ଗାଡ଼ି ପାଖକୁ ଲାଗିଗଲେ । କିଏ କହୁଥାଏ - ବାଃ ସୁନାନାକୀ ବୋହୁ ଖଣ୍ଡେ । ଆଉ କିଏ କହୁଥାଏ - ବାଟରେ କିଛି ଅସୁବିଧା ହୋଇନି ତ ?

To read the complete magazine, Download it for FREE from www.aahwaan.com

ଏମିତି କଥାବାର୍ତ୍ତା ଭିତରେ ଗାଡ଼ିରୁ ଓହ୍ଲେଇଲା ଅନୁରାଧା । ଓଢ଼ଣୀ ଟାଣି ତା'କୁ ଭୁଆସୁଣୀମାନେ ଘରକୁ ବାଟ କଢ଼େଇନେଲେ । ଦାଣ୍ଡଦୁଆରେ ବନ୍ଦାପନା ପର୍ବ ସରିଲା । ଧିର ପାଦ ପକାଇ ଘରକୁ ପଶିଲା ଅନୁରାଧା । ମନରେ ଅନେକ ଭାବନା ।

ଏଇ ଘର ତା'ର ନିଜ ଘର ହେଲା ଆଜିଠୁ । ଏ ଘରର ସୁଖ ଦୁଃଖ, ତା' ସହ ସେ ଏକାକାର ହେବ । ଘରର ସଭିଏଁ କାଲି ଯାଏଁ କେହି ଚିହ୍ନା ପରିଚୟ ହେଇ ନଥିଲେ ତା' ସହିତ, କିନ୍ତୁ ଆଜି ସମସ୍ତେ ତା'ର ଅତି ଆପଣାର । ସେଥିପାଇଁ କଥାରେ ଅଛି "ଦୁହିତା, ଦୁଇ କୁଳକୁ ହିତା ।" କଣ ଏ ଉକ୍ତିକୁ ସେ ସଫଳ କରିପାରିବ ନାହିଁ ? ନିଶ୍ଚୟ ସେ ପ୍ରାଣ ପଣେ, ନିଜର ସମସ୍ତ ଜୀବନକୁ ଉତ୍ସର୍ଗ କରି ଏ ଘରକୁ ଆହୁରି ସୁନ୍ଦର କରି ଗଢ଼ିବ । ତା'ର ଦାୟିତ୍ୱ ଏବେ ଅନେକ ବେଶୀ । ଦୁଇଟା ପରିବାରର ଅଧିକାରୀ ଏବେ ସିଏ ।

ଏମିତି ଭାବୁ ଭାବୁ ସିଏ ତା'ଘରକୁ ପଶିଯାଇଥିଲା । ନଣନ୍ଦ ସାଗରିକା ତା'କୁ ଅନେକ କଥା ବୁଝାଇ ଦେଉ ଦେଉ କହୁଥିଲେ,

- ବୁଝିଲ ଭାଉଜ, ଏଇଟା ତୁମ ଘର । ଏଇଠି ଭାଇ ଆଉ ତୁମେ ରହିବ । ଆଗରୁ ଖାଲି ଭାଇ ରହୁଥିଲା । ଏଇ ଘରକୁ ମଝି ଘର କହନ୍ତି । ଆମେ ଦି'ଦିନ ହେଲା ଲାଗିଛୁ ଯା'କୁ ସଜାଡ଼ିବାକୁ । ଯାହା ଯାହା ଅସଜଡ଼ା ରହିଥିବ ସବୁ ସଜାଡ଼ିବା ଏବେ ତୁମ ଦାୟିତ୍ୱ ।"

ଅନୁରାଧା ଖାଲି " ହୁଁ " ଟିଏ ମାରିଲା ।

X X X X X

- ଆରେ ! ସେ ଇଲେକ୍ଟ୍ରିବାଲା ଆଜି ଯାଏଁ ଫ୍ୟାନ୍‌ଟା ଆଣି ଲଗେଇ ପାରିନ ? ଅନିରୁଦ୍ଧ ପଚାରୁଥିଲା ନରିଆକୁ ।

ଡର ଡର ହେଇ ନରିଆ କହିଲା, "ଏବେ ଯାଉଛି ଡାକିଦେବି ।"

- ହଉ, ଶୀଘ୍ର ଯା, ଆସିଲେ ପୁଣି ଏଠି ଆହୁରି କାମ ପଡ଼ିଛି କରିବାକୁ ।

To read the complete magazine, Download it for FREE from www.aahwaan.com

ପଣ୍ଡିତେ ହାତରେ ଲିଷ୍ଟଟାଏ ଆଣି ଆସୁଥିଲେ ।

- କଣ ? ଆହୁରି ଜିନିଷ ଆଣିବାର ବାକି ଅଛି ପଣ୍ଡିତ ମଉସା ?

- ହଁ ବାପା ! ଏଇ ଦି'ଟା ଜିନିଷ ମଗାଇ ଦିଅ । ଚତୁର୍ଥୀ କାମରେ ଲାଗିବ ।

- ହଉ, ଦିଅନ୍ତୁ ।

ଦାଣ୍ଡ ଆଡ଼େ ଦେଖୁ ଦେଖୁ ନରିଆକୁ ଡାକ ପକାଇ ସେ ଲିଷ୍ଟଟାକୁ ଦେଲା ଅନିରୁଦ୍ଧ ।

X X X X X

ହିରଣ୍ୟମୟୀ ବୋହୂ ପାଖରେ ବସିଥିଲେ । ସାଗରିକା ତାଙ୍କୁ ସଜବାଜ କରୁଥିଲା । ଆଉ ଗପସପ କରୁଥିଲା । କେତେ ଆଡୁ କେତେକଥା କହୁଥିଲା । ହିରଣ୍ୟମୟୀ କହିଲେ;

- ହଉ, ତୁମେ ବସି କଥା ହୁଅ, ମୁଁ ନାନି ଘରୁ ନଡ଼ିଆ କୋରାଟା ଆଣି ଆସୁଛି ।

- ହଉ, ତୁ ଯା । ମୁଁ ଅଛି ଭାଉଜଙ୍କ ପାଖରେ ।

- ବୁଝିଲ ଭାଉଜ ! ମୋ ଚତୁର୍ଥୀ ଦିନ ନୁହେଁ, ମୋ ନଣନ୍ଦ ମୋ ହାତରେ ବଢ଼ିଆ ମେହେନ୍ଦୀ ଲଗେଇ ଦେଇଥିଲା । ଭାରି ଭଲ ସଜେଇପାରେ ସିଏ । ମୋତେ ତ ଏତେ ଭଲ ଆସେନି, ଯାହା ପାରୁଛି କରୁଛି ।

- ତୁମେ ବି ତ ଭଲ କରୁଛ, ଲାଜରେ କହିଲା ଅନୁରାଧା ।

- ମୋ ନଣନ୍ଦ ମୋ ମୁଣ୍ଡରେ ଗୋଟେ ବୋଝ ପରି ଜଟ ପାରିଦେଇଥିଲା । କେତେ ସୁନ୍ଦର ଦିଶୁଥିଲା ।

- ତୁମେ ବି ତ ମୋ ମୁଣ୍ଡକୁ କିଛି ଖରାପ ସଜେଇନ । ଭାରି ଭଲ ମାନୁଛି । କହୁ କହୁ ଅନୁରାଧା ହସି ପକାଇଲା । ସାଗରିକା ମଧ୍ୟ ଲାଜେଇ ଯାଇ ହସୁଥିଲା ।

- ଦେଇ ! ହେଇଟି ଫ୍ୟାନ ଆସିଲାଣି । ଇଲେକ୍ଟ୍ରିବାଲା ଲଗେଇଦେଇ ଯିବ । ନରିଆ ଆସି କହିଲା ।

To read the complete magazine, Download it for FREE from www.aahwaan.com

- ହଉ, ପଠେଇ ଦେ, ଆମେ ଆଉ ଘରକୁ ଯାଉଛୁ ।

- ରାତି ହେଲାଣି, କଣ ଏବେ ଫ୍ୟାନଟା ଲଗେଇଲେ ହେବ ? କାଲି ଲଗେଇଲେ ଚଳିବନି ? ଅନୁ କହୁଥିଲା ।

- ନାଇଁ, ଭାଇର ପରା ଫ୍ୟାନଟା ଆଗ । ଫ୍ୟାନ ନଥିଲେ ସେ ଶୋଇବନି ।

ଏମିତି କଥା ହେଉ ହେଉ ନଣନ୍ଦ ଭାଉଜ ଦୁହେଁ ଆରପଟ ଘରକୁ ଚାଲିଗଲେ ।

କେତେବେଳଠୁ ସମସ୍ତେ ଶୋଇ ପଡ଼ିଲେଣି । ସେଇ ଘରଟିରେ ଅନୁରାଧା ଫୁଲଶେଯରେ ଗୋଟିଏ କଡ଼ରେ ବସିଥାଏ । ଅନିରୁଦ୍ଧ ବାହାରେ ତାଙ୍କ ସାଙ୍ଗମାନଙ୍କୁ ବିଦା କରୁଥାନ୍ତି । ଧିରେ କବାଟକୁ ଫିଟାଇ ଅନିରୁଦ୍ଧଙ୍କୁ ତାଙ୍କର ଭାଉଜମାନେ  ଏବେ ଛାଡ଼ିଯିବେ । ତା' ପରେ ............ , ଭାବନାରେ ବୁଡ଼ି ରହିଥାଏ ଅନୁରାଧା ।

- ଆରେ ଲାଜ କ'ଣ ମ ! ଜମା ଇଚ୍ଛା ଥିବ କି ? ହସର ଜୁଆରରେ ଉଚ୍ଛୁଳି ଉଠିଲା । କବାଟ ଖୋଲିଗଲା । ଏକପ୍ରକାର ଠେଲି ହେଇ ପଶିଆସିଲେ ଅନିରୁଦ୍ଧ ଘର ଭିତରକୁ । ଏତେ ଜଣାଶୁଣା ଓ ନିକଟତର ହୋଇ ମଧ୍ୟ ଅନୁରାଧାକୁ ହଠାତ ସବୁ ନୂଆ ନୂଆ ଲାଗିଲା । ତା' ଛାତିରେ ଛନକା ପଶିଗଲା ତା'ର ଅଜାଣତରେ ।

ଅନିରୁଦ୍ଧ ଆସି ତା'ର ପାଖରେ ବସିଲେ । ହଠାତ କହିଲେ ,

- ବସି ବସି ବୋର ଲାଗୁଛି ନା ?

ଅନୁରାଧା କିଛି କହି ପାରୁନଥିଲା ।

- କଣ ? ଆଜି ମୌନବ୍ରତ କରିଛ ନା କଣ  ?

ଅନୁରାଧାର ଓଠକୁ ଧରି ଉପରକୁ ଧୀରେ ମୁହଁକୁ ଟେକି ଧରିଲେ ଅନିରୁଦ୍ଧ । ତଳକୁ ଥିଲା ଅନୁରାଧାର ଆଖି ଦୁଇଟି । ଅନିରୁଦ୍ଧଙ୍କ ଆଖିରେ ଆଖି ମିଶାଇ ପାରୁନଥିଲା ।

To read the complete magazine, Download it for FREE from www.aahwaan.com

- ଏଇ, ଦେଖ ମୋତେ । ଅନିରୁଦ୍ଧ କହିଲେ । ଧିରେ ଧିରେ ଚକ୍ଷୁ ତୋଳି ଅନାଇଲା ସିଏ । ଅନିରୁଦ୍ଧ ତା' ଆଡ଼କୁ ଚାହିଁ ରହିଥିଲେ । ଖୁବ ସୁନ୍ଦର ଦିଶୁଥାନ୍ତି । ମୁହଁରେ ସେଇ ପରିଚିତ ହସ ଲାଗିରହିଥାଏ । ଆଉ ଚାହିଁ ପାରିଲାନାହିଁ । ପୁଣି ଦୃଷ୍ଟି ତଳକୁ କଲା । ତା'ର ପାଖରେ ବସିଲେ ଅନିରୁଦ୍ଧ । କହିଲେ;

- କଣ ଭାବୁଛ ? କେମିତି ଲାଗିଲା ଆମ ଘର ?

- ସବୁ ଭଲ । ସଂକ୍ଷିପ୍ତ ଉତ୍ତର ଦେଲା ସିଏ ।

- ଏବେ କଣ କରିବା ବୋଲି ଭାବୁଛ ?

- ଧେତ୍...

- ଧେତ କଣ ? ସମସ୍ତେ ଏହିପରି ଏକ ପରିସ୍ଥିତିରେ ପଡ଼ନ୍ତି । ମୁଁ କଣ ନୂଆ ? ମୋତେ ଭୀଷଣ ନିଦ ଲାଗିଲାଣି, ତୁମକୁ ଲାଗୁଛି ?

- ପ୍ଲିଜ ଲାଇଟଟା ବନ୍ଦ କର ।

- ନା, ଥାଉ ।

- ନା ନା, ପ୍ଲିଜ୍ ବନ୍ଦ କର, ପ୍ଲିଜ୍....

- ହଉ ଆଉ ପ୍ଲିଜ କହିବା ଦରକାର ନାହିଁ ।

ଅନିରୁଦ୍ଧ ଉଠି ଲାଇଟ ବନ୍ଦ କଲା ଏବଂ ଫ୍ୟାନଟା ଘୁରାଇ ଦେଲା । ଫ୍ୟାନ୍‌ଟା ଧିରେ ଧିରେ ଘୁରିଲା ।

- ଯା'ହେଉ, ଇଲେକ୍ଟ୍ରିବାଲା ଆମକୁ ଦୟାକରି ଠିକ ବେଳେ ଫ୍ୟାନଟା ଲଗେଇ ଦେଲା ।

- ଏବେ ଫ୍ୟାନଟା ନ ଲଗେଇଥିଲେ ଚଳି ନଥାନ୍ତା ?

- ହଁ , ଚଳିଥାନ୍ତା । କହୁ କହୁ ଅନିରୁଦ୍ଧ ତା'ର ଅତି ନିକଟକୁ ଚାଲି ଆସିଲେ ।

- ଉଁ... ଅଭଦ୍ର ..... ଟିକେ ବି ଲାଜ ନାହିଁ ?

To read the complete magazine, Download it for FREE from www.aahwaan.com

- ଆଚ୍ଛା, ହେଉ ତା ହେଲେ ମୁଁ ଲାଜ କରି ଶୋଇଯାଉଛି ।

- ଏଇ, ରାଗୁଚ କାହିଁକି ? ପ୍ଲିଜ ଆଜି କଣ ରାଗନ୍ତି ? କହୁ କହୁ ଅନୁରାଧା ଅନିରୁଦ୍ଧକୁ କୋଳେଇ ନେଲା ।

ରାତି ଅନେକ ହେଲାଣି, ଅନିରୁଦ୍ଧ ଅବଶ ହୋଇ ଶୋଇପଡ଼ିଛନ୍ତି କାନ୍ଥ କଡ଼କୁ । ଅନୁରାଧା ଆଖିକୁ ଛାଇ ନିଦ ଲାଗି ଆସୁଥାଏ । ଅନ୍ଧାରରେ କିଛି କିଛି ଛାଇ ଛାଇ ପରି ଦିଶୁଥାଏ । ଘରର କାନ୍ଥ, ସେଠି ଟଙ୍ଗା ଯାଇଥିବା ଫଟୋ, କାନ୍ଥଘଣ୍ଟା ଇତ୍ୟାଦି । ସମୟ ଘଣ୍ଟାରେ ଦୁଇଟା ତିରିଶ ହୋଇ ଆସୁଥାଏ । ଫ୍ୟାନ୍‌ଟା ନିସ୍ତବ୍ଧରେ ବୁଲୁଥାଏ ଠିକ ଅନୁରାଧାର ମୁଣ୍ଡ ଉପରେ । ଅନୁରାଧା କର ଲେଉଟାଇ ପେଟେଇ ଶୋଇଲା । ଆଖି ଢାଙ୍କି ହୋଇ ଆଶିଲା ................................

ଦୂରରୁ କେହିଜଣେ ଆସୁଛି । ଛାଇ ଛାଇ ଦିଶୁଛି । ଛୋଟ ଝିଅଟିଏ..... ଧଳା ଫ୍ରକ ପିନ୍ଧିଛି ବୋଧେ । ଅନୁରାଧା ଲକ୍ଷ୍ୟ କରି ଦେଖିଲା । ସ୍ୱପ୍ନ ରାଜ୍ୟରେ ଘୁରି ବୁଲୁଥିଲା ସିଏ । ହାତ ବଢ଼ାଇ ଛୋଟ ଝିଅଟି ଅନୁରାଧାକୁ ଡାକୁଥିଲା । ଭାରି ଗୁଲୁଗୁଲିଆ ଚେହେରା । ଛୋଟ ଛୋଟ ହାତକୁ ହଲାଇ ଡାକୁଥିଲା ତାକୁ । ଅନୁରାଧା ଧିରେ ଧିରେ ଝିଅଟି ପାଖକୁ ଟାଣିହେଇଗଲା । ଝିଅଟି ତା'ର ହାତ ଧରି ଟାଣି ଟାଣି ତାକୁ କୁଆଡ଼େ ନେଇଯାଉଛି ? ସେ ମନ୍ତ୍ରମୁଗ୍ଧ ପରି ତା' ପଛେ ପଛେ ଚାଲିଛି । ଦୁହେଁ ଚାଲିଛନ୍ତି କେଉଁ ଏକ ଅଜଣା ରାଜ୍ୟକୁ । ଗାଁ ଗଣ୍ଡା ପାରିହୋଇ ଚାଲିଛନ୍ତି । କେଉଁଠି କେହି ହେଲେ ଦେଖା ଯାଉନାହାନ୍ତି । ଜଣେ ବି କେହି ବାଟରେ ତ ଭେଟୁ ନାହାନ୍ତି । ବୋଧହୁଏ ସମସ୍ତେ ନିଶ୍ଚଳ ହୋଇ ଶୋଇ ପଡ଼ିଛନ୍ତି । ଆରେ, ଏ କଣ ? ସେ ଦୁହେଁ ଏବେ ଉପରକୁ ଆକାଶ ଆଡ଼େ ଉଡ଼ିଲେଣି ଯେ । ଏତେ ଉଚ୍ଚକୁ ଉଠିଲେଣି । ତଳେ ସବୁ ଘର, ଗଛ, ପାହାଡ଼, ନଦୀ ଛୋଟ ଛୋଟ ଦିଶୁଛି ।

To read the complete magazine, Download it for FREE from www.aahwaan.com

ତଳକୁ ଦେଖିଲା ଅନୁ । ତା'ର ମୁଣ୍ଡ ତ କାହିଁ ବୁଲେଇ ଦେଉନି ? ଆଗରୁ ଛୋଟ ବେଳେ ଛାତ ଉପରୁ ତଳକୁ ଦେଖିଲା ବେଳକୁ ତା'ର ମୁଣ୍ଡ ବୁଲେଇ ଦେଇଥିଲା । କିନ୍ତୁ ଆଶ୍ଚର୍ଯ୍ୟ ଆଜି ଏତେ ଉଚ୍ଚରେ ଉଡ଼ି ମଧ୍ୟ ତା'ର ମୁଣ୍ଡ କାହିଁ ବୁଲାଉ ନାହିଁ ତ ?

ଆରେ ! ଏ କଣ ଦେଖୁଛି ସିଏ । ଆହୁରି ଅନେକ ଛୋଟ ଛୋଟ ପିଲା ସବୁ ହାତ ବଢ଼ାଇ ତା'ରି ଆଡ଼କୁ ଧାଇଁ ଆସୁଛନ୍ତି, କେଉଁ ଏକ ଶୂନ୍ୟ ମଣ୍ଡଳରୁ । ସମସ୍ତେ ହାତ ବଢ଼ାଇ ତା'କୁ ଡାକୁଛନ୍ତି । ସମସ୍ତଙ୍କ ଆଖିରେ ଅନେକ ଆଶା ପୁରି ରହିଛି । କାହାକୁ ସେ ନିଜର କରିନେବ ଏଇ ଆଶାରେ ସମସ୍ତେ ତାକୁ ଚାହିଁ ରହିଛନ୍ତି । ମନେମନେ ଭବିଲା ଅନୁରାଧା, ଏମାନେ କିଏ ? କାହିଁକି ତା'କୁ ଏପରି ଅନୁରୋଧ କରୁଛନ୍ତି ଆପଣେଇ ନେବାକୁ ? ସେ ତ ନାରୀ, ସେ ଜନନୀ ହୋଇପାରେ କିନ୍ତୁ କାହା ଭିତରେ ସେ ନିଜର ରକ୍ତର ଧାରା ଅନୁଭବ କରୁନି । ତା'ର ନିଜର ସନ୍ତାନ କୁ ହିଁ ସେ ଆପଣେଇ ନେବ । ଏମାନଙ୍କୁ କାହିଁକି ? ସେ ନିଜ ଗର୍ଭରୁ ଜନ୍ମ ଦେବ । ନିଜର ରକ୍ତ କୁ । ନିଜ ପେଟକୁ ଚାହିଁଲା ସେ । ଆଶ୍ୱସ୍ତିରେ ହାତ ବୁଲାଇଲା ତା'ରି ଉପରେ । ଭିତରୁ କେହି କହୁଥିଲା,

"ମା... ମୁଁ ଆସୁଛି ।" ମନେ ମନେ ହସିଲା ସେ । ପାର୍ଥକ୍ୟ ଦେଖିଲା ସିଏ ତା'ର ନିଜର ଆଉ ଏଇ ସ୍ନେହରଙ୍କୁଣା ପିଲା ଗୁଡ଼ିକଙ୍କ ଭିତରେ । ସେତେବେଳେ ଦେଖିଲା ସେ ଝିଅଟି ଆଡ଼କୁ, ଯିଏ ତା'କୁ ଧରି ଆଣିଥିଲା ଏଇ ରାଜ୍ୟକୁ । ସେ ଝିଅଟି ମଧ୍ୟ ତା'ରି ଆଡ଼କୁ ଚାହିଁ ହସୁଥିଲା । ନା, ସେ ଏ ମାୟା ଭିତରେ ପଡ଼ିବ ନାହିଁ । ତା'ର ନିଜର ମଧ୍ୟ ଅଛନ୍ତି । ଏମାନେ ସବୁ ପର ପିଲା । ହାତ ଛିଞ୍ଚାଡ଼ି ଦୌଡ଼ୁଥିଲା ସେ । କିନ୍ତୁ ସେ ଧାଇଁ ପାରୁନଥିଲା । ପଛରୁ ଡାକ ଶୁଭୁଥିଲା, ମା... ମା... ଆମକୁ ଛାଡ଼ି ଯାଅନା ! ହଠାତ ତା'ର ଗୋଡ଼ ଛନ୍ଦି ହୋଇଗଲା, ସେ ସେଇ ଆକାଶ ରାଜ୍ୟରୁ ତଳକୁ ଖସି ପଡ଼ିଲା । ତା'ର ଅଣ୍ଟାରେ ଭୀଷଣ କଷ୍ଟ ଅନୁଭବ କଲା । ଚିତ୍କାର କରି ସଜ୍ଞାହୀନ ହୋଇ ପଡୁଥିଲା ସେ ।

To read the complete magazine, Download it for FREE from www.aahwaan.com

- ଆଃ !......... ମରିଗଲି ।

ହଠାତ ଚିତ୍କାର ଶୁଣି ହିରଣ୍ୟମୟୀଙ୍କ ନିଦ ଭାଙ୍ଗିଗଲା । ଏ ଶବ୍ଦ ବୋହୁର ଭଳି ଶୁଭୁଛି । ଏତେ ରାତିରେ ହଠାତ ଏପରି ଚିତ୍କାର । ଅସ୍ୱାଭାବିକ ଲାଗିଲା । ବିଶ୍ୱଭୂଷଣ ମଧ୍ୟ ଉଠିପଡ଼ିଥିଲେ । ଉଠି ଦୌଡ଼ିଗଲେ ମଝିଘର ଆଡ଼େ ।

କବାଟ ଖୋଲି ଅନିରୁଦ୍ଧ ବାହାରୁଥିଲା । ହାତରେ ତା'ର ରକ୍ତ...............

- ବାପା ! ଶୀଘ୍ର ଗାଡ଼ିଟିଏ ବ୍ୟବସ୍ଥା କରିବାକୁ ପଡ଼ିବ ।

- କଣ ହେଲା ?

- ଫ୍ୟାନ୍‌ଟା ଖସିପଡ଼ିଲା ଯ୍ଵା ଉପରେ ।

"ଓଃ ......ହୋ !"  ସତେ ଯେପରି ମୁଣ୍ଡରେ ବଜ୍ର ପଡ଼ିଲା ତାଙ୍କର ।

- ଅଧୈର୍ଯ୍ୟ ହେଲେ ହବନି, ଶୀଘ୍ର ଯ୍ଵାକୁ ଡାକ୍ତରଖାନାକୁ ନେବାକୁ ପଡ଼ିବ । ମୁଁ ଅବଶ୍ୟ କପଡ଼ା ବାନ୍ଧି ଦେଇଛି ।

ଘରେ ପ୍ରାୟ ସମସ୍ତେ ଉଠିପଡ଼ିଥିଲେ । ସମସ୍ତେ ବ୍ୟସ୍ତ ହୋଇ ପଡ଼ିଥିଲେ । ଖୁସିର ବାତାବରଣ ହଠାତ ଦୁଃଖରେ ନିଝୁମ ହୋଇ ଯାଇଥିଲା ।

ଡାକ୍ତର ପରୀକ୍ଷା କରି ଦେଖୁଥିଲେ ଅନୁକୁ । ଅଣ୍ଟା ପାଖରେ ଫ୍ୟାନଟା ବାଜିଥିଲା । ଅବଶ୍ୟ ପୁରା ଯୋରରେ ପଡ଼ି ନଥିଲା । ମଶାରୀ ବାଡ଼ରେ ବାଜି, ତାର ଯୋର ଅଧା କମି ଯାଇଥିଲା । ତଥାପି କ୍ଷତ ଗଭୀର ଥିଲା । ଫ୍ରାକ୍‌ଚର ମଧ୍ୟ ହେଇଥିଲା ।

ଅଧଘଣ୍ଟା ପରେ ଡାକ୍ତର କହିଲେ ଅପରେସନ ଦରକାର । ତେଣୁ ରକ୍ତ ଦରକାର । ବର୍ତ୍ତମାନର ଅବସ୍ଥା ଉପରେ କିଛି କହିହେବ ନାହିଁ । ଅପରେସନ ସରିଲେ ଯାଇ ଯାହା ହେବ । ଧୈର୍ଯ୍ୟ ହରାନ୍ତୁ ନାହିଁ । ଭଗବାନଙ୍କ ଉପରେ ଭରସା ରଖନ୍ତୁ । ମୁଁ ମୋର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବି ।

କ୍ରମଶଃ...

To read the complete magazine, Download it for FREE from www.aahwaan.com

# ମହାନଦୀ ଓ ଓଡ଼ିଶା



ସୁଶାନ୍ତ ପୁରୋହିତ

ସାଂପ୍ରତିକ ନଦୀ ଜଳ ବିବାଦ କାରଣରୁ ବହୁଳ ଚର୍ଚ୍ଚିତ ହୋଇ ଉଠିଥିବା ନଦୀ ମହାନଦୀ ମଧ୍ୟ-ପୂର୍ବ ଭାରତର ଏକ ମୁଖ୍ୟ ନଦୀ ଭାବରେ ପରିଗଣିତ । ମହାନଦୀ ଛତିଶଗଡ଼ର ସିହାବା, ଦଣ୍ଡକାରଣ୍ୟରୁ ବାହାରି ଓଡ଼ିଶାର ଜଗତସିଂହପୁର ପାଖରେ ପାରାଦ୍ୱୀପ ନିକଟ ତ୍ରିକୋଣଭୂମି ଅଞ୍ଚଳରେ ବଙ୍ଗୋପସାଗର ସହ ସଂଗମ ଲାଭ କରିବା ଆଗରୁ ଦୀର୍ଘ ୮୫୮ କିଲୋମିଟର ପଥ ଅତିକ୍ରମ କରିଥାଏ । ଏହି ନଦୀର ତଟବର୍ତ୍ତୀ ସହର ଗୁଡ଼ିକ ମଧ୍ୟରେ ଛତିଶଗଡ଼ର ବେତୁଲ, ରାୟପୁର, ଜାଙ୍ଗିର, ବିଳାସପୁର ତଥା ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ, କଟକ, ବାଙ୍କି ଓ କେନ୍ଦ୍ରପଡ଼ା ହେଲା ପ୍ରମୁଖ । ଏହି ନଦୀର ୮୫୮ କିଲୋମିଟର ଗତିପଥ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଭାଗ ଛତିଶଗଡ଼, କିଛି ଅଂଶ ମଧ୍ୟ ପ୍ରଦେଶ ଓ ବାକି ଅଂଶ ଓଡ଼ିଶା ଦେଇ ପ୍ରବାହିତ ହୁଏ । ୧୯୫୭ ମସିହାରେ ହୀରାକୁଦ ଜଳଭଣ୍ଡାର ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଏହି ମହାନଦୀ ଭାରତର ଏକ ସବୁଠାରୁ ବିଧ୍ୱଂସକାରୀ ନଦୀ ହିସାବରେ ଜଣା ଶୁଣା ଥିଲା । ମହାନଦୀର ଉପତ୍ୟକା ବା

To read the complete magazine, Download it for FREE from www.aahwaan.com

ଜଳ ନିଷ୍କାସନ କରୁଥିବା ଅଞ୍ଚଳ ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ପ୍ରାୟ ୧୪୧,୬୦୦ ବର୍ଗ କିଲୋମିଟର । ଏଠି ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଅଧୁନା ଛତିଶଗଡ଼ ଓ କିଛି ଅଂଶ ମଧ୍ୟପ୍ରଦେଶରେ ଅବସ୍ଥିତ ।ଏହି ନଦୀରେ ଉତ୍ପତ୍ତି ସ୍ଥଳରୁ ବାହାରିବା ପରେ ଏଥିରେ ଜଙ୍କ, ହାସଦା, ତେଲ, ଅଙ୍ଗ ପରି ଛୋଟ ବଡ଼ ଉପନଦୀ ମିଳିତ ହୁଏ ଏବଂ ହୀରାକୁଦ ବନ୍ଧର ପ୍ରାୟ ୫୦ କିଲୋମିଟର ଦୂର ଛତିଶଗଡ଼ - ସମ୍ବଲପୁର ସୀମାରେ ଓଡ଼ିଶାକୁ ପ୍ରବେଶ କରେ । ହୀରାକୁଦ ଜଳ ଭଣ୍ଡାରରୁ ନିର୍ଗତ ହୋଇ ମହାନଦୀ ପୂର୍ବଘାଟ ପର୍ବତମାଳା ଦେଇ ଗଲା ବେଳେ ପ୍ରସିଦ୍ଧ ସାତକୋଶିଆ ଗଣ୍ଡ ସୃଷ୍ଟି କରେ । ବଙ୍ଗୋପସାଗରକୁ ଆସିବା ଆଗରୁ ଏହା କାଠଯୋଡ଼ି, କୂଆଖାଇ, ପାଇକା, ବିରୂପା ଓ ଚିତ୍ରୋତ୍ପଳା ଆଦି ଶାଖା ନଦୀ ସୃଷ୍ଟି କରେ । ଏହି ଶାଖା ନଦୀ ଗୁଡ଼ିକ ମଧ୍ୟରୁ କାଠଯୋଡ଼ି, ମୂଳ ମହାନଦୀ ଆଦି ସମୁଦ୍ରରେ ବିଲୀନ ହେଲା ବେଳେ ବିରୂପା ନଦୀ କିନ୍ତୁ ବ୍ରାହ୍ମଣୀ ନଦୀ ସହ ବିଲୀନ ହୁଏ ।

'ଓଡ଼ିଶାର ଦୁଃଖ' ନାମରେ ଜଣାଶୁଣା ହୋଇଥିବା ଏହି ମହାନଦୀ ହୀରାକୁଦ ନଦୀ ବନ୍ଧ ନିର୍ମାଣ ହେବାର ଆଗରୁ ବହୁ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟିକରି ଆତଙ୍କର କାରଣ ହେଉଥିଲା । ମୁଖ୍ୟତଃ ବର୍ଷାଋତୁରେ ଏହି ନଦୀ ଦେଇ ଏହାର ଜଳ ଗ୍ରହଣ ଅଞ୍ଚଳରୁ ବାର୍ଷିକ ପ୍ରାୟ ୬୬.୯ ଘନ କିଲୋମିଟର ଜଳ ଆସୁଥିବାର ହିସାବ ବିଶେଷଜ୍ଞମାନେ ଦେଇଥାନ୍ତି । ୧୯୪୭ ମସିହାରେ ହୀରାକୁଦ ନଦୀବନ୍ଧର ନିର୍ମାଣ ଆରମ୍ଭ ହୋଇ ୧୯୫୭ରେ ତାହା ସମ୍ପୂର୍ଣ୍ଣ ହେଲା । ୭୪୩ ବର୍ଗ କିଲୋମିଟର ଆକାରର ଏହି ଜଳଭଣ୍ଡାରର ଜଳଧାରଣ କ୍ଷମତା ଭାବେ ୫୮୯୬ ଲକ୍ଷ୍ୟ ଘନମିଟର ଜଳ ଏହି ଜଳଭଣ୍ଡାରରେ ରହିବା ପାଇଁ ଏହାର ଅଟକଳ ହେଇଥିଲା । ସାଂପ୍ରତିକ ଛତିଶଗଡ଼ରେ ବିଭିନ୍ନ ବ୍ୟାରେଜ ନିର୍ମାଣ ହେଲାପରେ, ମହାନଦୀ ଉପତ୍ୟାକାରୁ ପ୍ରବାହିତ ୬୬.୯ ଘନ କିଲୋମିଟର ଜଳ ମଧ୍ୟରୁ ପ୍ରାୟ ୧୭.୩ ଘନ କିଲୋମିଟର ( ପ୍ରାୟ ୨୩ ପ୍ରତିଶତ ) ଜଳ ସଂଗୃହୀତ ହୋଇପାରୁଥିବାର ହିସାବ

To read the complete magazine, Download it for FREE from www.aahwaan.com

ଦିଆଯାଏ ।

ବର୍ତ୍ତମାନ ଛାତିଶଗଡ଼ରେ ମହାନଦୀର ଜଳକୁ ରଖିବା ପାଇଁ ନିର୍ମିତ ହେଉଥିବା କେତେକ ବ୍ୟାରେଜ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ତର୍କ ବିତର୍କ ଓ ବିବାଦ ସମସ୍ତେ ଜାଣିଥିବେ । ତେବେ ହୀରାକୁଦ ବନ୍ଧ ନିର୍ମାଣ ହେଲା ପରେ ଓଡ଼ିଶାର ବନ୍ୟା ବିପତ୍ତି ଅନେକାଂଶରେ ଆୟତ୍ତକୁ ଅଣାଯାଇ ପାରିଛି । ହୀରାକୁଦ ଜଳଭଣ୍ଡାରର ଜଳଧାରଣର ସର୍ବୋଚ୍ଚ ସୀମା (୬୩୦ ଫୁଟ) ପହଞ୍ଚିଲା ଆଗରୁ ଅତିରିକ୍ତ ଜଳ ମହାନଦୀରେ ଛାଡ଼ିବାକୁ ହୁଏ । ଏହା ସାଧାରଣତଃ ଜୁଲାଇ ମାସ ଶେଷ ଭିତରେ ହୁଏ । ଯଦିବା କୌଣସି ବର୍ଷ କମ ବୃଷ୍ଟିପାତ ହୁଏ ତାହା ଅଗଷ୍ଟ ପ୍ରଥମ ସପ୍ତାହ ଯାଏ ପୂର୍ଣ୍ଣ ହୋଇଯାଏ । ହୀରାକୁଦ ବନ୍ଧର ତଳ ମୁଣ୍ଡରେ ନାରାଜ ଆନିକଟ ବ୍ୟତୀତ ଅନ୍ୟ ବୃହତ ଜଳଧାରଣ ବ୍ୟାରେଜ ନଥିବା କାରଣରୁ ମହାନଦୀ ଜଳର ପ୍ରାୟ ତିନି ଚତୁର୍ଥାଂଶ ଜଳ ବଙ୍ଗୋପସାଗରକୁ ଚାଲିଯାଏ । ତାହା ବାଦ ଅଣ ମୌସୁମୀ ବର୍ଷା ଜଳ ମଧ୍ୟ ସାଗର ଗର୍ଭକୁ ଯାଏ ।

ଏବେ ଛତିଶଗଡ଼ ସରକାର ତାଙ୍କ ରାଜ୍ୟରେ ଜଳସେଚନ ଓ ପାନୀୟ ଜଳ ପାଇଁ ବ୍ୟାରେଜମାନ ନିର୍ମାଣ କରୁଛନ୍ତି । ସେ ଗୁଡ଼ିକ କାର୍ଯ୍ୟକାରୀ ହେଲେ ଅଣ ମୌସୁମୀ ସମୟର ବର୍ଷାଜଳ ହୀରାକୁଦ ଜଳଭଣ୍ଡାରକୁ ଆସିବାର ହୁଏତ କମ ହେବ, ତେବେ ବର୍ଷାଋତୁରେ ନିଶ୍ଚିତ ଭାବରେ ହୀରାକୁଦ ବନ୍ଧର ସର୍ବୋଚ୍ଚ ଜଳଧାରଣ ସୀମା ପୂର୍ଣ୍ଣ ହେବ । ହୁଏତ ବର୍ଷାଋତୁରେ ଏବେ ମଧ୍ୟ ହେଉଥିବା ବନ୍ୟା ଆହୁରି କିଛି ମାତ୍ରାରେ ନିୟନ୍ତ୍ରଣ ହେବ । ମହାନଦୀକୁ ଜଳ ନିଷ୍କାସନ କରୁଥିବା ଅଞ୍ଚଳରୁ ୮୩% ଅଞ୍ଚଳ ଥିବା ଛତିଶଗଡ଼ ରାଜ୍ୟର ଏହି ଜଳରୁ ଅନ୍ତତଃ ୫୦% ରଖିବାର ଅଧିକାର ନିଶ୍ଚିତ ଭାବରେ ଅଛି, ଏଥିରେ ଦ୍ୱିମତ କାହିଁକି ହେବା ? ବର୍ତ୍ତମାନ ନିର୍ମିତ ହେଉଥିବା ସମସ୍ତ ବ୍ୟାରେଜ ପୂର୍ଣ୍ଣ କାର୍ଯ୍ୟକାରୀ

To read the complete magazine, Download it for FREE from www.aahwaan.com

ହେଲେ ମଧ୍ୟ ସେଠାରେ ୨୫% ପ୍ରତିଶତ ଯାଏ ଜଳ ବ୍ୟବହାର ହେବ ବୋଲି ସଂବାଦପତ୍ର ରିପୋର୍ଟରୁ ଜଣାପଡ଼େ । ତେବେ ବର୍ଷାଦିନେ ବଙ୍ଗୋପସାଗରକୁ ଚାଲି ଯାଉଥିବା ଅପରିସୀମ ଜଳରାଶିକୁ ରଖିବାପାଇଁ ଓଡ଼ିଶା ବହୁ ଆଗରୁ ବ୍ୟାରେଜ ବା ମଧ୍ୟମ ଜଳଭଣ୍ଡାର ସବୁ ନିର୍ମାଣ ଦିଗରେ ଧ୍ୟାନ ଦେବାର ଥିଲା । ଏବେ ମଧ୍ୟ ସମୟ ଅଛି, ଏହି ଦିଗରେ ପ୍ରକୃତ ନିଷ୍ଠାର ସହ ଉଦ୍ୟମ କରି ମହାନଦୀର ମଧ୍ୟ ଅଞ୍ଚଳ, ଏବଂ ତଳ ଅଞ୍ଚଳରେ ତଥା ତାହାର ଶାଖା ନଦୀ ଗୁଡ଼ିକରେ କ୍ଷୁଦ୍ର ତଥା ମଧ୍ୟମ ଆକୃତିର ଜଳଭଣ୍ଡାର ନିର୍ମାଣ କରାଯାଉ । ଭଲ ଭାବରେ ସର୍ଭେ କଲେ ବେଶୀ ଚାଷଜମି ନଷ୍ଟ ନ ହେଉଥିବା ଜାଗା ଚିହ୍ନଟ କରା ଯାଇପାରିବ । ଓଡ଼ିଶା ସରକାର ଏଥି ପାଇଁ କେନ୍ଦ୍ରରୁ ସହାୟତା ଦାବୀ କରିପାରିବେ । ବିଶ୍ୱ ବ୍ୟାଙ୍କ ମଧ୍ୟ ଏଥିପାଇଁ ଋଣ ଯୋଗେଇ ପାରିବେ । ତେବେ ଏଥି ପାଇଁ ଜନଜାଗରଣ ଓ ରାଜନୈତିକ ଇଚ୍ଛାଶକ୍ତି ଦରକାର । ଏସବୁ ନ କରି ଅଯଥା ବାଦ ବିସମ୍ବାଦ ଓ ବିଚରାଳୟ ପରିସର ଗଲେ କେବଳ ସମୟ ନଷ୍ଟ ହେଇଚାଲିବ, ସମାଧାନ ହେଇପାରିବ ନାହିଁ ।

(ଏଥିରେ ଦିଆ ଯାଇଥିବା ତଥ୍ୟ ସମୂହ ସାଧାରଣ ଭାବରେ ଉପଲବ୍ଧ ତଥ୍ୟ, ଏହାର ସତ୍ୟ ସତ୍ୟ ନେଇ ଲେଖକ ଦାୟୀ ନୁହନ୍ତି । ଏଥିରେ ଦିଆ ଯାଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ।)

ସୁଶାନ୍ତ ପୁରୋହିତ

ଅବସରପ୍ରାପ୍ତ ଅଧ୍ୟକ୍ଷ , ସମ୍ବଲପୁର

To read the complete magazine, Download it for FREE from www.aahwaan.com

# ତୃତୀୟ ଲିଙ୍ଗ



ସୁବଳ ମହାପାତ୍ର

ଏ ଶାହରୁଖ ଦେ.. ନା..

ଏ ଚିକନେ, ଏ ସଲମାନ ଦେ.. ନା ..

ଏ ହିରୋ .. ଦେ.. ନା..

ହାତରେ ମେଞ୍ଚେ ଦଶ ଟଙ୍କିଆ ଧରି ତାଳି ବଜେଇ ବଜେଇ ଟ୍ରେନର ବଗି ଭିତରକୁ ପଶିଲା ସେ । ବୟସ ୨୮-୩୦ ହେବ । ମଝିରୁ ଭଙ୍ଗା ଯାଇଥିବା ଦଶ ଟଙ୍କିଆ ଗୁଡ଼ିଏ ତା' ବିଶି ଆଙ୍ଗୁଠି ଓ ମଝି ଆଙ୍ଗୁଠି ମଝିରେ ପଶି ରହିଥାନ୍ତି । ଏମିତି ଭାବରେ ଧରି ରଖିଥାଏ ଯେ ଗୋଟେ ହେଲେ ବି ତଳେ ପଡ଼ିବନି । ଦୁଇ ହାତରେ ଜୋରରେ ତାଳି ବଜେଇ ବଜେଇ ଆଗକୁ ମାଡ଼ି ଚାଲିଥାଏ ସେ ଆଉ କାହାଠୁ ପାଞ୍ଚ କାହାଠୁ ଦଶ ଅବା କାହାଠୁ ପଚାଶ ପାଇ ସେ ଚାଲି ଯାଉଥାଏ ଆଗକୁ ଆଗକୁ । ପ୍ରତି ବର୍ଥ ଭିତରେ ପଶି ସେ ଦେଖୁଥାଏ କିଏ କିଏ ସବୁ ଗଜା ଟୋକା ଅଛନ୍ତି । ଭଲ ମିଳିବ ସେମାନଙ୍କଠୁ । ଏ ବୁଢ଼ା ଗୁଡ଼ା ପଇସା ଦିଅନ୍ତିନି । କିଏ କିଏ ଛେଇ ଛେଇ ମାର ମାର କରନ୍ତି ଆଉ କିଏ କିଏ ମୁହଁ ଏପରି ମୋଡ଼ି ଅନ୍ୟ ଆଡ଼େ ଚାହାନ୍ତି ଯେପରି ସେମାନେ ପୃଥିବୀର ସବୁଠୁ ଘୃଣ୍ୟ ବସ୍ତୁଟିଏ ଦେଖୁଛନ୍ତି ।

To read the complete magazine, Download it for FREE from www.aahwaan.com

ଅବଶୋଷ ନଥାଏ ତା'ର । ଯିଏ ଯାହା ଦେଲା । କାହାକୁ ନା ନାହିଁ । କିଏ କିଏ ଅବା ଟଙ୍କାକିଆ କିମ୍ବା ଦି ଟଙ୍କିଆ କଏନ ଗୋଟେ ଯୋଡ଼େ ଦିଅନ୍ତି । ସେ କାହାକୁ ଜୁଲୁମ କରୁ ନଥାଏ ଅବା କାହାକୁ ଅସଭ୍ୟ ଭାଷାରେ ଗାଳି କରୁନଥାଏ । ଅନ୍ୟମାନଙ୍କ ପରି ସେ ଜୋର ଜବରଦସ୍ତି କରୁ ନଥାଏ ଅବା ଦେ.. ଦେ.. କହି ଲୁଗା ଉଠାଉ ନଥାଏ । ଶାନ୍ତ ସରଳ ଭାବରେ ଚିରାଚରିତ ଢଙ୍ଗରେ ଏ ଶାହରୁଖ ଦେ.. ନା.. ଏ ଚିକନେ, ଏ ସଲମାନ ଦେ.. ନା .. କହି କହି ହାତ ପତଉଥାଏ ବଗି ଭିତରେ ବସିଥିବା ପ୍ରତିଟି ମଣିଷଙ୍କ ପାଖରେ ଆଉ ଯିଏ ଯାହା ଦେଲା ତାକୁ ମଝିରୁ ଭାଙ୍ଗି ନିଜ ବାମ ହାତରେ ଧରୁଥାଏ । ତାକୁ ଦେଖି କିଏ କିଏ ନିଜ ଜାଗା ଛାଡ଼ି ଚାଲି ଚାଲି କବାଟ ପାଖକୁ ଯାଉଥାନ୍ତି ଯେମିତି ସେ ଏମାନଙ୍କୁ ପଇସା ମାଗିବନି କିମ୍ବା ସେ ଆସିଲା ବେଳକୁ ପଶି ଯାଇ ହେବ ଶୌଚାଳୟ ଭିତରେ ।

ଟ୍ରେନ ଚାଲିଥାଏ ତା'ଗତିରେ ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ । ମଝିରେ ମଝିରେ କୌଣସି ଷ୍ଟେସନ ଅବା ସିଗ୍ନାଲ ନ ମିଳିଲେ ଠିଆ ହୋଇ ଯାଉଥାଏ ଘଡ଼ିଏ, ପୁଣି ଚାଲିବାକୁ ଆରମ୍ଭ କରୁଥାଏ ହ୍ୱିସିଲ ବଜେଇ । ତାକୁ କିନ୍ତୁ କିଛି ଫରକ ପଡୁ ନଥାଏ । ପଛ ଷ୍ଟେସନ ଗଲା ବ୍ରହ୍ମପୁର । ଟ୍ରେନ ଚାଲୁଥାଏ ଭୁବନେଶ୍ୱରରୁ ବାଙ୍ଗାଲୋର । ଯାତ୍ରୀମାନେ ସକାଳ ୬ଟାରୁ ଟ୍ରେନରେ ବସିଛନ୍ତି । କିଏ କିଏ ଅବା ଅପର ବର୍ଥରେ ଶୋଇଛନ୍ତି । କିଏ ଢୁଳାଉଥାଏ ତ କିଏ ତାସ ଖେଳରେ ମଗ୍ନ । କିଏ ଅବା ଖବରକାଗଜ କିମ୍ବା ଗପ ବହିଟିଏ ଧରି ପଢୁଥାନ୍ତି । ଆଉ କିଏ କିଏ ନିଜ ପାଖ ପଡ଼ୋଶୀର ଘର କେଉଁଠି, ସମ୍ପର୍କର ଅତୁଆ ସୁତା ଭିତରୁ ସେ କାହାର ସାଙ୍ଗ ଅବା ସେ କେମିତି ତା'ର ଚିହ୍ନା, କେବେ ଯାଇଥିଲା ତାଙ୍କ ଗାଁ ଆଡ଼େ, କି ତାଙ୍କ ଗାଁ ପାଖରେ ତା'ର କେଉଁ ସାଙ୍ଗର ଘର, ଏଭଳି ଗପରେ ମଗ୍ନ । ଛୁଆମାନେ ସବୁ ବିସ୍କୁଟ କିମ୍ବା କୁରକୁରେ ପ୍ୟାକେଟଟିଏ ଧରି ଖାଇବାରେ ବ୍ୟସ୍ତ କିମ୍ବା ଖେଳିବାରେ ବ୍ୟସ୍ତ । ଛୋଟ ପିଲା କିଏ ଭେଁ ଭାଁ ରଡ଼ି ଛାଡୁଛି । କିଏ ଅବା ସିଟଟି ତା'ର

To read the complete magazine, Download it for FREE from www.aahwaan.com

କିନ୍ତୁ ୱେଟିଂ ଲିଷ୍ଟବାଲା ଜଣେ ସେ ସିଟରେ ବସିଥିବାରୁ ତାକୁ ଉଠେଇବାରେ ବ୍ୟସ୍ତ । ଏହିପରି ଏକ ସମୟ ଭିତରେ ପଶିଲା ସେ । କିଏ କଣ କରୁଛି କିମ୍ବା କିଏ କଣ ଭାବିବ ଏ କଥା ବୁଝିବାକୁ ସମୟ ନାହିଁ ତା'ର । ବଗି ଭିତରେ ପଶିଲା ପରଠୁ ସେ ହାତ ପତେଇ କୁହାଟ ଛାଡ଼ି ତାଳି ବାଡ଼େଇ ନେଇ ଯାଉଥାଏ ଦଶ ଟଙ୍କା ଲେଖାଏଁ । ତା ହାତରେ ଥିବା ଦଶ ଟଙ୍କିଆ ମାନଙ୍କର କଳେବର ବଢ଼େଇ ବଢ଼େଇ ଗୋଟେ ପରେ ଗୋଟେ ବର୍ଥ ସେ ଅତିକ୍ରମ କରି ଚାଲିଥାଏ ।

ହଠାତ କାହାର ମୁହଁ ଦେଖି ଅଟକି ଗଲା ସେ । ବର୍ଥ ଭିତରେ ତଳ ସିଟରେ ଶୋଇଥାନ୍ତି ୫୫-୭୦ ବର୍ଷ ବୟସର ବ୍ୟକ୍ତି ଜଣେ । ପାଖରେ ୫୦- ୫୫ ବର୍ଷ ବୟସ୍କା ସ୍ତ୍ରୀ ଲୋକ । ତାଙ୍କ ସ୍ତ୍ରୀ ହେବେ ବୋଧେ । ଆର ପଟ ସିଟରେ ୩୦ ବର୍ଷ ବୟସ୍କା ଆଉ ଜଣେ ସ୍ତ୍ରୀ ଲୋକ । କଡ଼ରେ ୩୫ ବର୍ଷର ଜଣେ ଲୋକ ହାତରେ ୨-୩ ବର୍ଷର ଛୋଟ ଛୁଆ । ୩୦ ବର୍ଷ ବୟସ୍କା ସ୍ତ୍ରୀ ଲୋକ ଜଣଙ୍କ ଛୁଆକୁ ପେଣ୍ଟ ପିନ୍ଧଉଥାନ୍ତି ଆଉ ବୁଢ଼ା ଜଣଙ୍କ ସେ ଛୁଆ ସହ ଖେଳୁଥାନ୍ତି । ମନରେ କିନ୍ତୁ ହରଷ ନଥାଏ । କୌଣସି ଏକ ରୋଗରେ ପଡ଼ି ଦେଖା ଯାଉଥାନ୍ତି ୭୦-୮୦ ବର୍ଷ ବୁଢ଼ା ପରିକା । ମଝିରେ ମଝିରେ ଉଃ.. ଆଃ.. ଆହୁରି କରୁଣ କରି ଦେଉଥାଏ ତାଙ୍କ ମୁହଁକୁ । ୫୦ - ୫୫ ବର୍ଷିଆ ବୁଢ଼ୀ ଜଣଙ୍କ ବ୍ୟସ୍ତ ହୋଇ ପଡୁଥାନ୍ତି ତାଙ୍କ ଉଃ.. ଆଃ.. ଶୁଣି ।

ସେ ବର୍ଥ ଭିତରେ ପଶୁ ପଶୁ ଅଟକିଗଲା । ଅତର୍କ୍ତା ବାହାରି ଆସିଲା ସେ ବର୍ଥ ଭିତରୁ । ଏତେ ବର୍ଷ ପରେ ବି ସେ ଠିକ ଚିହ୍ନି ପାରୁଥିଲା ଏ ଚେହେରା ଦୁଇଟିକୁ । ନିଜ ଜନ୍ମ କଲା ବାପାମାଙ୍କୁ କ'ଣ କିଏ କେବେ ଭୁଲିପାରେ ? ଆଉ ଗୋଟେ ବର୍ଥ ପରେ ଶୌଚାଳୟ । କିନ୍ତୁ ଆଗ ବର୍ଥଟିକୁ ଛାଡ଼ି ସେ ଚାଲିଗଲା ଆର ବଗିକୁ । ଆଉ କାହାକୁ ଟଙ୍କା ମାଗିବାକୁ ଇଛା ନଥିଲା ତା'ର । କାନ୍ଦିବାକୁ ବହୁତ ଇଛା ହେଉଥିଲା ତା'ର । ଆଗ ବଗିର

To read the complete magazine, Download it for FREE from www.aahwaan.com

କବାଟ ପାଖରେ ଠିଆ ହୋଇ ସେ ବାହାରକୁ ଅନେଇଲା । ଆଖି ଲୁହରେ ଉବୁଟୁବୁ । ଲୁହ, ଦି ଧାର ହୋଇ ବୋହିଯିବା ଆଗରୁ ସେ ଶାଢ଼ୀ କାନିରେ ଲୁହ ପୋଛିଲା । ଏଠି ଏତେ ଲୋକଙ୍କ ଆଗରେ ସେ କଣ କାନ୍ଦିପାରିବ ? ନା । ଆଉ କେହି ଦେଖିବା ପୂର୍ବରୁ ସେ ପଶିଗଲା ସେ ବଗିରେ ଥିବା ଶୌଚାଳୟ ଭିତରେ । ଗଳା ଫଟେଇ ଚିତ୍କାର କଲେ ବି ସେ ଚିତ୍କାର ଶୁଣାଯାଉ ନଥିଲା ବାହାରକୁ । ଟ୍ରେନଟି ସେତେବେଳେ କୌଣସି ଏକ ବ୍ରିଜ ଉପରେ ଯାଉଥାଏ । ତା କାନ୍ଦ ଅପେକ୍ଷା ଟ୍ରେନ ବ୍ରିଜ ଉପରେ ଯାଉଥିବାରୁ ଖଡ଼ ଖାଡ଼, ଧଡ଼ ଧାଡ଼ ଶବ୍ଦ ବେଶୀ ଶୁଭୁଥାଏ । କିଛି ସମୟ ଜୋର ପାଟିରେ କାନ୍ଦିଲା ପରେ ଆସ୍ତେ ଆସ୍ତେ ନିଜକୁ ନିଜେ ଶାନ୍ତ କଲା ସେ । ଶୌଚାଳୟ ଭିତରେ ଥିବା ବେସିନରେ ମୁହଁ ଧୋଇ ଶାଢ଼ୀ କାନିରେ ମୁହଁ ପୋଛି ବାହାରକୁ ଆସିଲା ସେ । କବାଟ ତଳେ ଥିବା ସ୍ଥାନରେ ବସି ପଡ଼ିଲା ଆଉ ବାହାରକୁ ଚାହିଁଲା । ମନେ ପଡ଼ି ଯାଉଥିଲେ ସେ ପୁରୁଣା କଥା ଗୁଡ଼ିକ । ଆଜିକୁ କୋଡ଼ିଏ ବର୍ଷ ତଳର ଘଟଣା ।

ଝିଅ ମାନଙ୍କ ଡ୍ରେସ ପିନ୍ଧିବାକୁ ସେ ଭଲ ପାଏ ଛୁଆ ବେଳୁ । ପ୍ରଥମେ ପ୍ରଥମେ ଛୋଟ ପିଲା ଖେଳୁଛି ବୋଲି ଭାବି ତା ଘର ଲୋକ ଏତେ ଧ୍ୟାନ ଦେଉ ନଥିଲେ । କିନ୍ତୁ ସେ ତୃତୀୟ ଚତୁର୍ଥ ପଢ଼ିଲା ବେଳକୁ ଜିଦ କଲା ଝିଅ ମାନଙ୍କ ଡ୍ରେସ ପିନ୍ଧିବାକୁ । ନାନୀର ଡ୍ରେସ ସବୁ ଲୁଚେଇ ଲୁଚେଇ ପିନ୍ଧିବାକୁ ଲାଗିଲା । କିଛି ଦିନ ପରେ ପରେ ଘରେ ଜାଣିବାକୁ ପାଇଲେ ତା କାରନାମା ସବୁ । ସେ ଗାଁରେ ଚୋରି କରୁଥିଲା ଝିଅମାନଙ୍କ ପିନ୍ଧା ବସ୍ତ୍ର । ଘରେ କବାଟ ବନ୍ଦ କରି ସେ ପିନ୍ଧୁଥିଲା ମା'ର ଶାଢ଼ୀ, ବ୍ଲାଉଜ । ଛାତିରେ ପକାଉଥିଲା ଚୋରି କରି ଆଣିଥିବା ଓଢ଼ଣୀ । ପୁଅପିଲା ହେଲେ ବି ସେ ଭଲ ପାଉଥିଲା ଝିଅମାନଙ୍କ ପରି ସଜେଇ ହେବାକୁ । ଆଖିରେ କଜଳ, ଓଠରେ ଲିପିସ୍ଟିକ, ଚୁଟିରେ ରବର ଆଉ ନାନୀର ଚୁଡ଼ି ସବୁ ପିନ୍ଧି ଏକା ଏକା ବସି ରହୁଥିଲା ଦର୍ପଣ ପାଖରେ । ଭଲ ଲାଗୁଥିଲା ତାକୁ

To read the complete magazine, Download it for FREE from www.aahwaan.com

ଝିଅଙ୍କ ପରି ଡ୍ରେସ ପିନ୍ଧିବାକୁ ଆଉ ଅଣ୍ଟା ହଲେଇ ଚାଲିବାକୁ । ପ୍ରଥମେ ପ୍ରଥମେ ଭାଇ ଏ ସବୁ ଦେଖି ମା' କୁ କହିଲା । ନାନୀ, ତା' ଚୁଡ଼ି ଭାଙ୍ଗି ଯିବାରୁ ଓ କଳା ଓ ଲିପସ୍ଟିକ ଅସମୟରେ ସରୁଥିବାରୁ ଅଭିଯୋଗ କଲା । ଗାଁରେ ଜାଣିଲେ ଅସୁବିଧା ହେବ ବୋଲି ମା' ଲୁଚେଇ ରଖିଥିଲା ଏ କଥା ସମସ୍ତଙ୍କଠୁ ଓ ବେଳେ ବେଳେ ପିଟୁଥିଲା ନିର୍ଦ୍ଦୁମ ଏ ପରି ବ୍ୟବହାର ଦେଖିଲେ । କିଛି ଦିନ ପରେ ସ୍କୁଲ ପିଲା ଜାଣିଗଲେ ଯାର ଏ ପ୍ରକୃତି । କିଏ ଡାକିଲା ନାନୀ, କିଏ ଡାକିଲା ହିଞ୍ଜିଡ଼ା, କିଏ ଛକା କିଏ ଅବା ଖାଲି ଛ'ଅ ଆଉ କିଏ କିଏ ତା ଦେହରେ ମୁଣ୍ଡରେ ହାତ ବୁଲେଇ ଆଣୁଥିଲେ । ଆସ୍ତେ ଆସ୍ତେ କଥା ସବୁ ବାପାଙ୍କ କାନକୁ ଗଲା । ବାପା ଖୁବ ରାଗିଲେ ବି କଣ କରିବେ କିଛି ବୁଦ୍ଧି ପଶୁନଥିଲା ତାଙ୍କ ମୁଣ୍ଡରେ । ଏପଟେ ସାଇ ଭାଇଙ୍କ ଛି.. ଛାକର.. କୁ ସେପଟେ ଏକମାତ୍ର ଭଉଣୀର ବାହାଘର ଚିନ୍ତା ପଶୁଥିଲା ତାଙ୍କ ମୁଣ୍ଡରେ । ଭାଇ ଜଣେ ହିଞ୍ଜିଡ଼ା ବୋଲି ଜାଣିଲେ କେହି ବାହା ହେବେନି ଭଉଣୀକୁ । ସେଇ ଚିନ୍ତାରେ ଶେଷ ନିଷ୍ପତି ନେଲେ ଯାକୁ ଘରୁ ବାହାର କରିବାକୁ । ମା' କାନ୍ଦି କାନ୍ଦି ମନାକଲେ ବି ବାପା ଶୁଣି ନଥିଲେ ମା' କଥା । ରଥଯାତ୍ରା ଦେଖି ଯିବା କହି ଘରର ସବୁ ସଦସ୍ୟ ବାପା, ମା, ଭାଇ, ନାନୀ ଆଉ ସେ ଆସିଲେ ପୁରୀ ବୁଲିବାକୁ । କୌଣସି ଏକା ଧର୍ମଶାଳାରେ ରହିଲେ ୫ ଦିନ ଆଉ ଗଲା ଦିନ ଯାକୁ ପୁରୀରେ ଛାଡ଼ି ଦେଇ ସମସ୍ତେ ଫେରିଗଲେ ଗାଁକୁ ।

ବୟସ ୯-୧୦ ବର୍ଷ ହେବ ଯାକୁ ସେତେବେଳେ । ଧର୍ମଶାଳାରେ ଏକା ଏକା ଶୋଇଥାଏ ସେ । ଉଠିଲା ବେଳକୁ କେହି ନଥାନ୍ତି ପାଖରେ । ଖୋଜି ଖୋଜି ଧର୍ମଶାଳାର ମାଲିକକୁ ବାପା ମା କଥା ପଚାରିଲା ବେଳକୁ ସେମାନେ ଯାଇ ସାରିଥିଲେ ତିନି ଘଣ୍ଟା ପୂର୍ବରୁ । ଏକୁଟିଆ ପିଲା କଣ କରିବ ? ପାଖରେ ପଇସା ନାହିଁ । ଲୁଗାପଟା ନାହିଁ । ଖାଇବାକୁ କିଛି ନାହିଁ । ଆଖିରେ ଭାସି ଯାଉଥିଲା ସେ ଶୋଇବା ପୂର୍ବର କଥା ।

To read the complete magazine, Download it for FREE from www.aahwaan.com

ଧର୍ମଶାଳାର ରୁମ ବାହାରେ ବସି ମା' ତା'ର ଲୁହଭିଜା ଆଖିରେ ବାପାଙ୍କ ଆଗରେ ଗୁହାରି କରୁଥିଲା । କେମିତି ତାକୁ ଏକେଲା ଛାଡ଼ି ଦେବା ? ଯାହା ହେଲେ ବି ଆମ ରକ୍ତ ନା । ସେତେବେଳେ କିଛି ବୁଝି ନ ଥିଲା ସେ, କିନ୍ତୁ ଏବେ ସେ ବୁଝି ପାରୁଥିଲା ବାପା ମାଙ୍କ କଥୋପକଥନର ସାରାଂଶ । କିନ୍ତୁ ମା ବି କ'ଣ କରିଥାନ୍ତା ? କେମିତି ଯାଇଥାନ୍ତା ସେ ବାପାଙ୍କ ବିରୁଦ୍ଧରେ ? ଯାହାର ପାଟି ଖୋଲିବା ସେ ଦେଖିନି କେବେ । ବାପା ଯାହା କହିବେ ସେଇଟା ହିଁ ଫାଇନାଲ । ଏଇଥି ହିଁ ତ ଚାଲି ଆସିଛି ତାଙ୍କ ଘରେ, ଦେଖି ଆସିଛି ସେ ତା'ର ହେତୁ ହେବା ପରଠୁ । ଭୋକରେ ପେଟ କଁ କଁ କରୁଥାଏ । ପାଖରେ କିଛି ଖାଇବା ନାହିଁ, ନା ଅଛି ପଇସା । ଶୁଣିଛି ପୁରୀରେ କେହି କେବେ ରାତିରେ ଭୋକରେ ଶୁଏନି । କିନ୍ତୁ ସେ ଏବେ କରିବ କଣ ? କାହାକୁ କହିବ ଖାଇବା କଥା ? ନା ଭିକ ମାଗିବ ? ନା ନା ଏତେ ବଡ଼ ଘର ତାଙ୍କର । ଗାଁରେ ପାଞ୍ଚ ଲୋକ ବାପାଙ୍କୁ ମୁଣ୍ଡିଆ ମାରନ୍ତି । ଜମି ୨୦ ଏକର ଉପରେ । ଅମଳ ବର୍ଷ ସାରା ଖାଇ ପିଇ ବଳେ । ସମୟ ଅସମୟରେ ଲୋକ ଧାର ଉଧାର ନିଅନ୍ତି । ସେଭଳି ଘରର ବଂଶଧର ହୋଇ ସେ ଭିକ ମାଗିବ ? କିନ୍ତୁ ଏପଟେ ପେଟ ପୋଡ଼ି ଯାଉଛି । ଏବେ ନା ଅଛି ବଂଶ ନା ସେ କାହାର ବଂଶଧର । ସମ୍ପର୍କର ସୁତା ଖିଅକୁ ତ ଛିଡ଼େଇ ଦେଇ ସମସ୍ତେ ଫେରିଗଲେ ଗାଁ କୁ, ଯାକୁ ଏକା ଏଠି ମରିବାକୁ ଛାଡ଼ି ଦେଇ ।

କେମିତି କେଜାଣି ବାପା ଏମିତି କରି ପାରିଲେ ? ନିଜ ରକ୍ତକୁ କେମିତି ଅଲଗା କରି ପାରିଲେ ନିଜ ପାଖରୁ । ଏମିତି ହେଇ ଜନ୍ମ ହେବା କଣ ତା'ର ଭୁଲ ଥିଲା ନା ଥିଲା ନିୟତିର ନିର୍ଦ୍ଦେଶ ? ବଡ଼ ଭାଇ କୁଳ ରକ୍ଷା କରିବ । କନ୍ୟାଦାନ କରିବାକୁ ନାନୀ ଅଛି । ଯଦି ମୋ ପ୍ରତି ଏତେ ନିଷ୍ଠୁର ହେବାର ଥିଲା ତେବେ ଜନ୍ମ ଦେଉଥିଲ କଣ ପାଇଁ ? ଘରକୁ ଫେରିଗଲା ବେଳକୁ ଭାଇ କି ନାନୀ କେହିବି କେମିତି ପଚାରିଲେନି ଜିଲୁ କୁଆଡ଼େ ଗଲା ? ସେ ଆମ ସହ ଗାଁକୁ ଯିବନି କି ? କେହି ତ ହେଲେ ଉଠେଇଥାନ୍ତେ ତାକୁ ? ନା, ଭାଇ ସବୁ

To read the complete magazine, Download it for FREE from www.aahwaan.com

ବେଳେ କଳିକରେ ତା' ସହ । ନାନୀର ଲିପସ୍ଟିକ ସାରିଦିଏ, ଚୁଡ଼ି ଭାଙ୍ଗିଦିଏ ବୋଲି ତା'ର ବି ରାଗ ମୋ ଉପରେ । କିନ୍ତୁ ଯାହାହେଲେ ବି ମୁଁ ତ ତାଙ୍କ ସାନଭାଇ ନା ? ସେମାନେ କଣ ଥରେ ବି ଭାବିଲେନି ମୋ କଥା ? ଥରେ ବି ଭାବିଲେନି ମୁଁ ଖାଇବି କଣ ? କେଉଁଠି ରହିବି ? କେମିତି ରହିବି ? ସମସ୍ତେ ଜାଣିଛନ୍ତି ମୁଁ ଭୋକ ସମ୍ଭାଳି ପାରେନି । କିନ୍ତୁ ଏଠି ଏକୁଟିଆ ଛାଡ଼ି ଦେଇ ପଳେଇଲେ । କିଛି ବି ନାହିଁ ଖାଇବାକୁ । ଭୋକରେ ପେଟଟା ମୋଡ଼ି ହୋଇଗଲା ପରି ଲାଗୁଥିଲା । ମୁଣ୍ଡ ବି ବୁଲାଉ ଥିଲା । କଣ କରିବି ଏବେ ? ନା, ମୁଁ ବଞ୍ଚିବି ଯାହା ବି ହେଉ । ଯେମିତି ବି ହେଉ । କିନ୍ତୁ ଏ ନିଆଁ ଲଗା ପେଟ ? ଆଗ କିଛି ଖାଇବି । କିନ୍ତୁ କ'ଣ ?

ମନେ ପଡ଼ିଗଲା ଦିନ ବେଳେ ଅବଢ଼ା ଖାଇବାର ଦୃଶ୍ୟ । ଅବଢ଼ା ଆଣି ସାରିଲା ପରେ ବାପା କହିଥିଲେ ସମସ୍ତେ ଗୋଲେଇ ହେଇ କି ବସ ନହେଲେ ଏଠି ବୁଲୁଥିବା ଭିକାରୀ ଆଉ ପାଗଳମାନେ ଆସି ତମ ପାଖରେ ବସି କୁଡୁଆରୁ ନିଜେ ନିଜେ ନେଇ ଖାଇଦେବେ । ଏଠି କାହାକୁ ମନା କରନ୍ତିନି କି ଏଠି ବାଢ଼ି କି ଖିଆଯାଏନି । କିଛି ଲୋକ ସେଠି ବୁଲୁ ଥିବାର ବି ସେ ଦେଖିଥିଲା ଆଉ କିଛି ଛାଡ଼ି ଯାଇଥିବା କୁଡୁଆରୁ ଭାତ ସାଉଣ୍ଟୁ ଥିବାର ବି ସେ ଦେଖିଥିଲା । ଭୋକରେ ଆଉଟୁ ପାଉଟୁ ୧୦ ବର୍ଷର ପିଲାଟା, କେତେ ବେଳେ ଯେ ଆନନ୍ଦ ବଜାର ଭିତରେ ପହଞ୍ଚି ସାରିଥିଲା ଏ କଥା ହୋସ ନଥିଲା ତା'ର । ଆନନ୍ଦ ବଜାରରେ ପହଞ୍ଚିବା ପରେ ତା' ଭୋକ ଆହୁରି ବଢ଼ିଯାଇଥିଲା ଅବଢ଼ାର ବାସ୍ନାରେ । କିଛି ଲୋକ ଛାଡ଼ି ଯାଇଥିବା ଖାଦ୍ୟକୁ ପାଟିରେ ପୁରାଉ ପୁରାଉ ତର ନଥିଲା ତାକୁ । କେହି ଜଣେ ସହୃଦୟ ବ୍ୟକ୍ତି ବଳି ଯାଇଥିବା କିଛି ଅବଢ଼ା ତାକୁ ଦେଇଥିଲେ ଆଉ ସେଥିରେ ପେଟ ଭରିଗଲା ପରେ ସେ ଗୋଟେ କୋଣରେ ଢୁଳେଇ ପଡ଼ିଥିଲା ସେଦିନ । ପ୍ରଥମ ଦିନ ଯାହିତାହି କଟି ଯାଇଥିଲା । ହେଲେ ଦ୍ୱିତୀୟ ଦିନ ପୁଣି ତାକୁ ଖାଇବା ପାଇଁ

To read the complete magazine, Download it for FREE from www.aahwaan.com

ସଂଘର୍ଷ କରିବାକୁ ପଡ଼ିଥିଲା । ହାତ ପତେଇ ଭିକ ନ ମାଗିଲେ ବି କାହାର ହାତ ଟେକାକୁ ଚାହିଁ ରହୁଥିଲା । ଦୁଇଦିନ, ତିନିଦିନ, ଚାରିଦିନ, ପାଞ୍ଚଦିନ ବିତି ସାରିଥିଲା ଏ ଭିତରେ । ପିନ୍ଧା ପେଣ୍ଟ ଆଉ ସାର୍ଟ ବ୍ୟତୀତ ଆଉ କିଛି ବି ନଥିଲା ତା ପାଖେ । ମଇଳା କୋଚଟା ଧରି ଆସୁଥିଲା ଆସ୍ତେ ଆସ୍ତେ ସାର୍ଟ ପେଣ୍ଟ ଦି'ଟା ଯାକ । ଦେହ ମଳି ହୋଇଗଲେ ପାଖରେ ଥିବା ଟ୍ୟାପ ତଳେ ଠିଆ ହୋଇ ଯାଉଥିଲା ଆଉ ଦେହରେ ଦେହରେ ହିଁ ଶୁଖୁଥିଲେ ଓଦା ପେଣ୍ଟ ସାର୍ଟ ।

ସେଦିନ କିଛି ହିଞ୍ଜଡ଼ା ଆସିଥିଲେ ମନ୍ଦିର ବୁଲିବାକୁ । ବୁଲି ସାରି ସେମାନେ ଅବଢ଼ା ଖାଇବାକୁ ବସିଲା ବେଳେ ଯେ଼ ଠିଆ ହୋଇଥିଲା ତାଙ୍କୁ ଚାହିଁ ବଡ଼ କାକୁସ୍ଥ ଭାବରେ କିଛି ଖାଦ୍ୟପାଇଁ । ସେମାନେ ଡାକି ପାଖରେ ବସେଇଲେ ଆଉ ପଚାରିଲେ ଘର କଥା, ଗାଁ କଥା, ବାପା ମା'ଙ୍କ କଥା ଆଉ ସବୁ ଶୁଣି ସରିଲା ପରେ ନେଇଗଲେ ନିଜ ସାଙ୍ଗରେ । ତାଙ୍କ ଭିତରେ ଥିବା କାଜୋଲ ମାଉସୀ ୟାକୁ ଆପଣେଇ ନେଇଥିଲେ । ଭୁବନେଶ୍ୱରରେ ରୁହନ୍ତି ସେମାନେ ବସ୍ତିରେ । ତା'ପରଠୁ ୟା ନାଁ ହୋଇଗଲା ପାୟଲ । ସେ ମିଶିଗଲା ହିଞ୍ଜିଡ଼ା ଗୋଷ୍ଠୀରେ, ଗଣା ହେଲା ହିଞ୍ଜିଡ଼ା ଭାବରେ । ପଇସା ମାଗେ ଟ୍ରେନରେ ଆଉ ରୁହେ ବସ୍ତିରେ । ସକାଳୁ ଉଠି, ନିତ୍ୟକର୍ମ ସାରି, ସଜେଇ ହୋଇ ପଇସା ମାଗିବା ଏମାନଙ୍କ କାମ । କେବେ କେମିତି ବାହାଘର ଆଉ ପୁଅ ଏକୋଇଶିଆ ବେଳେ ଖୋଜାଯାଏ ଏମାନଙ୍କୁ । ପରିବାର ଥାଇ ମଧ୍ୟ ଏମାନେ ମିଶି ପାରନ୍ତିନି ପରିବାର ସହ । ଥରେ ହିଞ୍ଜିଡ଼ା ଭାବରେ ଗଣାହେଲା ପରେ ସବୁ ଦୁଆର ବନ୍ଦ ହୋଇଯାଏ ଏମାନଙ୍କ ପାଇଁ । ବସ୍ତି ଆଉ ଟ୍ରେନ ପାଲଟି ଯାଏ ଏମାନଙ୍କ ଦୁନିଆଁ । ଗୋଟିଏ ବେଳା ଖାଇବା ଏଠି ଖାଇଲେ ଆର ବେଳା କେଉଁଠି ଖାଇବେ ତା'ର କିଛି ଠିକ ଠିକଣା ନଥାଏ । ସେଇଠି ରୁହନ୍ତି, ଖାଆନ୍ତି, ପିଅନ୍ତି, ଶୁଅନ୍ତି ଆଉ ସେଇଠି ହିଁ ଶେଷ ନିଶ୍ୱାସ ତ୍ୟାଗ କରନ୍ତି ।

To read the complete magazine, Download it for FREE from www.aahwaan.com

ଟ୍ରେନ ରହିବାର ଶବ୍ଦ ଶୁଣି ଭାବନା ରାଇଜରୁ ଫେରି ଆସିଲା ପାୟଲ । ନାଁ, ଏତେ ବର୍ଷ ପରେ ତାକୁ କେହି ବି ଚିହ୍ନି ପାରିବେନି । ତା ବେଶଭୁଷା ଦେଖି କେହି ବି ଠଉରେଇ ପାରିବେନି ଯେ ସେ ଏ ପରିବାରର ଗୋଟେ ଅଂଶ । କାହିଁକି ବା ସେ ଏତେ ଭାବିବ ଏମାନଙ୍କ ବିଷୟରେ । କାହିଁକି ସେ ଲୁହ ଗଡ଼େଇବ ଏମାନଙ୍କ ପାଇଁ । ଯେଉଁ ପରିବାରରେ ୟାକୁ ରହିବାକୁ ଜାଗା ଟିକେ ମିଳିଲାନି, ଯେଉଁ ପରିବାର ଆଜିକୁ କୋଡ଼ିଏ ବର୍ଷ ତଳେ ସେ ମରିଗଲା ବୋଲି ଧରି ନେଇଛନ୍ତି । ଯେଉଁ ପରିବାର ଚିନ୍ତା ବି କଲେନି ୯-୧୦ ବର୍ଷ ପିଲାଟି ଖାଇବ କ'ଣ ? ବଞ୍ଚିବ କେମିତି ? ସେମାନଙ୍କ ସହ ୟାର ଆଉ ସମ୍ପର୍କ କଣ ? ସେ ଝାଡ଼ି ଝୁଡ଼ି ହୋଇ ଉଠିଲା । ମୁହଁକୁ ଆଉ ଥରେ ବେସିନରେ ଧୋଇ ସାଙ୍ଗରେ ଆଣିଥିବା କଳା ଆଉ ଲିପିସ୍ଟିକ ଲଗେଇଲା । ପାଉଡ଼ରରୁ ମେଞ୍ଚେ ବୋଳି ହେଲା ଆଉ ପୁଣି ଥରେ ସେଇ ବର୍ଥରୁ ମାଗିବା ଆରମ୍ଭ କରିବ ବୋଲି ନିଷ୍ପତି ନେଲା ।

ବର୍ଥ ପାଖରେ ପହଞ୍ଚୁ ପହଞ୍ଚୁ ସେ ଶୁଣି ପାରିଲା କିଛି କଥାବାର୍ତା । ୩୫ ବର୍ଷର ଲୋକଟା, ସମ୍ଭବତଃ ତା'ର ବଡ଼ଭାଇ । ମୁହଁ ବଦଳି ଯାଇଥିଲେ ବି କଥାବାର୍ତ୍ତା କିନ୍ତୁ ଥିଲା ଠିକ ଆଗ ପରି । ସେ ଛିଞ୍ଚାଡ଼ି ହୋଇ କଥାବାର୍ତ୍ତା କରୁଥାଏ, "ଡାକ୍ତର କହିଲା କୋଡ଼ିଏ ହଜାର ନେବ, ୟେ ଆଉ କେତେ ଦିନ ବଞ୍ଚିବେ ଯେ ୟାଙ୍କ ପାଇଁ ଏବେ କୋଡ଼ିଏ ହଜାର ଖର୍ଚ୍ଚ କରିବି । ଏପଟେ ମୋ ସ୍ତ୍ରୀ ପିଲା ଛୁଆ ଅଛନ୍ତି ନା ନାହିଁ । ମୋର ସବୁ ପଇସା ୟାଙ୍କ ପଛରେ ସାରିଲେ ସେମାନେ ଖାଇବେ କଣ ?" ଅଟକି ଗଲା ସେ । ତିରିଶ ସେକେଣ୍ଡ ଶାନ୍ତ ଭାବରେ ଠିଆହେଲା ପରେ ସେ ଚାଲିଗଲା ପଛ ବଗି ଆଡ଼କୁ ଆଉ କିଛି ସମୟ ପରେ ପୁଣି ଫେରିଆସିଲା ପୂର୍ବ ବଗିକୁ । ଏତିକି ସମୟ ଭିତରେ ବୋଧେ ସେ ଯାଇଥିଲା ତା' ସାଙ୍ଗମାନଙ୍କ ପାଖକୁ ଯେଉଁମାନେ ଅନ୍ୟ ବଗିରେ ପଇସା ମାଗୁଥିଲେ ।

ଏଥର ସେ ଆରମ୍ଭ କଲା ପୁଣି ତା' ଢଙ୍ଗରେ ପଇସା ମାଗିବା । ଏ ହିରୋ.. ଏ

To read the complete magazine, Download it for FREE from www.aahwaan.com

ସଲମାନ.. ଦେ.. ନା... କହି ବଡ଼ ଭାଇ ପାଖରେ ହାତ ପତେଇଲା ବେଳକୁ ହାତ କମ୍ପି ଉଠିଲା ତା'ର । ଉତ୍ତର ଆସିଲା ହେଃ.. ଯା ଏଠୁ.. । ମୁହଁ ମୋଡ଼ିଦେଇ ଜାଣି ଜାଣି ରୁମାଲ କୁ ମା' ଗୋଡ଼ ପାଖରେ ପକେଇ, ଉଠେଇବା ବାହାନାରେ ମା'ର ପାଦ ଛୁଇଁଲା ସେ । ଚମକି ପଡ଼ିଲା ମା'ର ହାତକୁ ନିଜ ମୁଣ୍ଡ ଉପରେ ଆଶୀର୍ବାଦ ଭଙ୍ଗୀରେ ଦେଖି । ନିଜ ଆଖିର ଲୁହକୁ ଲୁଚେଇବା ପାଇଁ ମୁହଁ ବୁଲେଇ ସେ ଆଗେଇ ଗଲା ଆଉ ବର୍ଥକୁ ଏ ସଲମାନ ଦେ.. ନା.. ଏ ଶାହରୁଖ ଦେ.. ନା... କହି କହି ।

କିଛି ସମୟ ପରେ ବୁଢ଼ୀ ଜଣଙ୍କ ଗୋଡ଼ରେ କିଛି ବାଜିଲା ପରି ଅନୁଭବ କଲେ । ହାତରେ ଉଠେଇ ଦେଖିଲା ବେଳକୁ ଗୋଟେ ପୁଡ଼ିଆ, ଆଉ ପୁଡ଼ିଆ ଭିତରେ ଥିଲା ପଚିଶ ହଜାର ଟଙ୍କା ସହ ହାତ ଲେଖା ଖଣ୍ଡେ କାଗଜ ।

ସେଥିରେ ଲେଖାଥିଲା, "ବାପାଙ୍କୁ ଡାକ୍ତରଖାନା ନେଇ କି ଯାଅ --ଜିଲୁ ।"

ସିଗ୍ନାଲ ନ ମିଳିବାରୁ ଟ୍ରେନଟି ସେତେବେଳକୁ କୌଣସି ଏକ ପଡ଼ିଆ ମଝିରେ ଅଟକି ଥାଏ । ବୁଢ଼ା ଆଖିରୁ ଲୁହ ବୋହି କଣ୍ଠରୁଦ୍ଧ ହୋଇ ଆସୁଥାଏ । ବୁଢ଼ୀ, ମୋ ଜିଲୁ ମୋ ଜିଲୁ କହି ବଗିର କବାଟ ଆଡ଼କୁ ଦୌଡ଼ି ଆସିଲା ବେଳକୁ ଟ୍ରେନ ହର୍ଣ୍ଣମାରି ଚାଲିବା ଆରମ୍ଭ କରି ସାରିଥାଏ । ପଛରେ ଛାଡ଼ି ଯାଉଥାଏ କିଛି ହିଞ୍ଜିଡ଼ା ମାନଙ୍କୁ, ଯେଉଁମାନେ କିଛି ସମୟ ପୂର୍ବରୁ ଓହ୍ଲେଇ ଯାଇଥିଲେ ଟ୍ରେନରୁ .. .. ..

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

To read the complete magazine, Download it for FREE from www.aahwaan.com

# ପିସି



ରାଧାକାନ୍ତ ଦାଶ

ଏ ଘଟଣା କିଛି ବର୍ଷ ତଳର ଘଟଣା । 'ଦାମ ମହାକୁଡ଼', ଜଣେ ନିପଟ ଗାଉଁଲି ଲୋକ । ବହୁତ ଦୁଃଖ କଷ୍ଟରେ ସମୟ କାଟୁଥିବା ଦାମ ପାଖରେ ଆହା କହିବା ପାଇଁ କେହି ନାହିଁ । ଘରେ ଆଉ ଜଣେ ପ୍ରାଣୀ, ତା ରୋଗୀଣା ସ୍ତ୍ରୀ 'ସର' । ପକ୍ଷାଘାତ ରୋଗରେ ପଡ଼ିଛି ଯେ ଦଶବର୍ଷ ହୋଇଗଲାଣି, ଭଲ ହେବାର ନାଁ ଧରୁନି । ବଡ଼ପୁଅ ଟୁକୁନା କାମଧନ୍ଦା ଖୋଜି ଖୋଜି ରାଜ୍ୟ ବାହାରକୁ ଯାଇଛି ଯେ ତା'ର ଖୋଜଖବର କିଛି ନାହିଁ । ଯାଇଛି ତ ଯାଇଛି । ଚାରିବର୍ଷ ହେଲାଣି ବୋପା ମା' ବଞ୍ଚିଛନ୍ତି କି ମରିଗଲେ ସେ ଖବର ରଖିବାକୁ ସେ ବେଳ ପାଉନି ବୋଧହୁଏ । ପ୍ରଥମେ ପ୍ରଥମେ କେବେ କେମିତି ଫୋନ କରୁଥିଲା, ଏବେ ଆଉ ସେ ସବୁ କି କରୁନି । ଗାଁରେ ମଜୁରୀ ଲାଗିଲେ ଦାମ ଘରେ ଚୁଲି ଜଳେ । ଜମିବାଡ଼ି ବୋଲି କିଛି ନାହିଁ । ଦୁଇବଖରା ମାଟି କାନ୍ଥର ଘର ଆଉ ତାକୁ ଲାଗି ଛୋଟି ବାଡ଼ିଟିଏ । ଘରର ଛପର କେବେଠୁ ଗଲାଣି, ନଡ଼ାଟିକେ ପାଉନି ସେତକ ସଜାଡ଼ିବାକୁ । ବର୍ଷା ହେଲେ ବାହାରେ ଯେତେ ଘରେ ସେତେ ।

To read the complete magazine, Download it for FREE from www.aahwaan.com

ସନ୍ଧ୍ୟା ବେଳକୁ ବଜାର ଆଡ଼େ ଯାଇଛି ଦାମ । ସଉଦାପତ୍ର ଉଧାରରେ ଆଣିବ । ହେଲେ କିଏ କିଏ କହୁଥିଲେ କାଳେ ବାତ୍ୟା ଆସୁଛି । ସେଇଲାଗି ଦୋକାନରେ ପ୍ରବଳ ଭିଡ଼ । ବେଳ ଥାଉ ଥାଉ ଚାଉଳ, ଡାଲି, ଚୁଡ଼ା, ତେଲ, କିରାସିନି, ଦିଆସିଲି ସବୁ ନେବାପାଇଁ ପ୍ରତିଯୋଗିତା ଚାଲିଛି । ଆଉ ଏହାକୁ ଦେଖି ତେଲି ଦୋକାନି ସବୁ ଜିନିଷରେ ଆଠଣା ଚାରଣା ଅଧିକ ଦାମ ପକେଇ ଦେଉଛି ।

ଘରକୁ ଫେରି ସର ପାଖରେ ବସି କହିଲା ଦାମ, "ବୁଝିଲୁ ସର ! କାଳେ ବାତ୍ୟା ଆସୁଛି ବୋଲି ସବୁ କହୁଛନ୍ତି । ଘରେ ଆଣି ସବୁ ଜିନିଷ ରଖିବାକୁ ପଡ଼ିବ । ବଜାର ଯାଇଥିଲି ଯେ, ଓଃ ଲୋକ ଖାଲି ପଡ଼ାଉଠା ହଉଛନ୍ତି । ଯେତେ ଅଧିକ ପାରିବେ କିଣି ନେଉଛନ୍ତି ।" ସର ବିକଳ ଆଖିରେ ଦାମକୁ ଚାହିଁ ରହିଥିଲା । ସର ଉପରେ ଚଦରଟେ ଘୋଡ଼େଇଦେଇ ଦାମ ଗଲା ରୋଷେଇ କରିବାକୁ । ଯେବେଠୁ ସର ଶେଯ ଧରିଛି, ସେବେଠୁ ଘର ବାହାର ସବୁ କାମ ଦାମର । ଆଉ କିଏ ଅଛି ଯେ କରିବ !

ରନ୍ଧା ସାରିଦେଇ କିଶୋର ଭାଇନା ଘର ଆଡ଼େ ବୁଲି ଗଲା ଦାମ । ବାହାରେ ପାଗ କୋହଲା ଅଛି । ଟିକେ ଟିକେ ଝିପି ଝିପି ବର୍ଷା ହେଉଛି । ହଠାତ୍ ପବନଟାଏ ସାଏଁ କିନା ମାରି ଦେଉଛି । ଏମିତି ହୁଏ, ଅନେକ ସମୟରେ । ମୁଣ୍ଡରେ ଗାମୁଛା ବାନ୍ଧିଦେଇ କିଶୋର ଭାଇନା ଘର ଆଗରେ ପହଞ୍ଚିଲା । ଅନେକ ଲୋକ ପିଣ୍ଡାମାଡ଼ି ବସିଛନ୍ତି । ଟିଭି କେବଳ ଭାଇନାଙ୍କ ଘରେ ଅଛି । ଘଡ଼ିକୁ ଘଡ଼ି ସିଏ କହୁଛନ୍ତି, ସାବଧାନ ହେଇଥିବ । ପବନ ମାରିବ ଦେଢ଼ଶ କିଲୋମିଟର୍ ବେଗରେ । ଫାଇଲିନ୍ ବାତ୍ୟା ଆସୁଛି । ରାତି ଅଧ ବେଳକୁ ପବନ ବଢ଼ିବ । ବାତ୍ୟା କୂଳ ଛୁଇଁଲେ ପବନ ବେଗ ଆହୁରି ବଢ଼ିପାରେ ।

To read the complete magazine, Download it for FREE from www.aahwaan.com

ଦାମ ସଂଶୟରେ ପଚାରିଲା, "ଭାଇନା, ଲୋକବାକ, ଦୋକାନ ବଜାରର ନାଁ ଥାଏ ବୋଲି ଆମେ ଜାଣିଛୁ, ହେଲେ ଏବେ ବାତ୍ୟାପବନର ବି ନାଁ ହେଲାଣି ? ଏ ସବୁ ନାଁ କିଏ ଦେଉଛି ?" କିଶୋର ପାଖରେ ବି ଏ ପ୍ରଶ୍ନର କୌଣସି ଉତ୍ତର ନଥିଲା । ସେ କହିଲା, "କେଜାଣି, ସରକାର ଲୋକ ଲଗେଇଥିବେ ଏ ସବୁ ନାଁ ଦେବାପାଇଁ ପରା !" ସେତେବେଳକୁ ବର୍ଷା ଆଉ ପବନର ବେଗ ବଢ଼ିବାକୁ ଲାଗିଲାଣି । ପବନ ଟିକେ ହେଉ ହେଉ ବିଜୁଳୀଟା ଚାଲିଗଲା । ଅଗତ୍ୟା ଟିଭି ବନ୍ଦ ହୋଇଯିବାପରେ ସବୁ ଲୋକବାକ ନିଜ ନିଜ ଘରକୁ ଚାଲିଲେ । ବେଳସୁ ଖିଆପିଆ ସାରିଦେଇ ଦାମ ସରକୁ ପାଖରେ ଧରି ଶୋଇପଡ଼ିଲା । ଧିରେ ଧିରେ ପବନର ବେଗ ବଢ଼ିବାକୁ ଲାଗିଲାଣି । ଘର ବାଡ଼ିର ସଜନାଛୁଇଁ ଗଛଟା କଟମଟ ଶବ୍ଦ କରି ଭାଙ୍ଗିପଡ଼ିଲାକି କଣ । ଅମୃତଭଣ୍ଡା ଗଛ କଣ ଆଉ ଥିବ ? ଦାମ ଆଖିରେ ନିଦ ନାହିଁ । ଛପର ଉପରୁ ଛଣ ଉଡ଼ିଯାଇ ଘର ଭିତରେ ବର୍ଷା ବଢ଼ିଲାଣି । ଦେଖୁ ଦେଖୁ ଗୋଟାଏ ଘୁ ଘୁ ଶବ୍ଦରେ ତା ଘରର ଛପରଟା ଉଡ଼ି ଚାଲିଗଲା । ଚାରିଆଡ଼େ ଅନ୍ଧକାର । ଝରକା ଦେଇ ବାହାରକୁ ଦେଖୁଥିଲା, ଗାଁ ଲୋକେ ହୋହଲ୍ଲା କରି ସବୁ ସ୍କୁଲ୍ ଘର ଆଡ଼କୁ ଚାଲ ବୋଲି କୁହାକୁହି ହୋଇ ଯାଉଥିଲେ । ପୁରା ଗାଁ ଲୋକ ଚାଲିଛନ୍ତି । ପଡ଼ିଶାଘର ଦିନା ଆସି କବାଟକୁ ଧଡ଼ ଧଡ଼ କରି ମାରିଦେଇ କହିଲା, "ଦାମ'ନା ! ଆଉ ରହିହେବନି ଏଇ ବର୍ଷାରେ । କାନ୍ଥ ମାଡ଼ିପଡ଼ିବ । ଚାଲ ଶୀଘ୍ର ଇସ୍କୁଲ୍ ଘରକୁ ଯିବା ।" ଦାମ ବିକଳ ହୋଇ କହୁଥିଲା, "ମୋ ସର, ମୋ ସର ତ ଚାଲିପାରିବନି ?"

କିଛି ସମୟପରେ ଦିନା ଆଉ ଦିଜଣ ଭେଣ୍ଡିଆ ପିଲା ଧରି ଆସିଲା, ଖଟିଆ ସହିତ ସରକୁ ଟେକି ଟେକି ସେମାନେ ସ୍କୁଲ୍ ପିଣ୍ଡାକୁ ନେଇଗଲେ । ସ୍କୁଲ ଘର ସବୁ ଭର୍ତ୍ତି । ସବୁଠି ଖାଲି ଲୋକ, ପଶୁପକ୍ଷୀ, ଗାଇଗୋରୁ, ଛେଳି ମେଣ୍ଢା । ସ୍କୁଲ୍ ଘର ସିମେଣ୍ଟ ତିଆରି । ଗାଁରୁ ଟିକେ ଦୂରରେ ଅଛି । ଉଚ୍ଚ ଜାଗା ବୋଲି ପୁରା ଗାଁ ଦେଖାଯାଉଛି । ଅନ୍ଧାରରେ ହେଲେ

To read the complete magazine, Download it for FREE from www.aahwaan.com

ସୁଦ୍ଧା ଗାଁର ବଡ଼ ବଡ଼ ଗଛ ସବୁ ମୁହଁମୋଡ଼ି ତଳେ ପଡୁଥିବାର ଦୃଶ୍ୟ ଦେଖି ଛାତି ଥରି ଯାଉଥିଲା । ବର୍ଷା ପବନ କମ ହେବାର ନାଁ ନେଉନି । ସେଇମିତି ବର୍ଷା କାକରରେ ସ୍କୁଲ ପିଣ୍ଡାରେ ଠିଆ ଠିଆ ରାତି ବିତିଗଲା । ସକାଳ ପହର ବେଳକୁ ପବନ କମ ହୋଇଗଲା । ବର୍ଷା ବି କିଛି ମାତ୍ରାରେ କମ ହୋଇଯାଇଥିଲା । ଗାଁ ଆଉ ନଥିଲା ସହ ସମାନ । ସବୁ ବଡ଼ ଘର ଆଉ ଗଛ ମାଟିରେ ପଡ଼ିଥିଲେ ।

ନିଜ ଘର ଡ଼ିହ ଦେଖିବା ପାଇଁ ବି ଯିବା ବାଟ ବନ୍ଦ । କିଛି ସମୟପରେ ସେଇ ସ୍କୁଲ ବାରଣ୍ଡାରେ ଚୁଡ଼ା ଆଉ ଗୁଡ଼ ଧରି କିଛି ଲୋକ ଆସି ପହଞ୍ଚିଲେ, ଦେଖୁ ଦେଖୁ ଦିନ ହୋଇଗଲା । ଡାଲମାଭାତ ଦିଆଗଲା । ସର ମୁହଁରେ ଦି ଚାରିଗୁଣ୍ଡା ଡାଲମା ଭାତ ଦେଇ ନିଜେ ଖାଇଲା ଦାମ । ଗାଁ ସରପଞ୍ଚ ସମସ୍ତଙ୍କୁ ଜରିପାଲ ଖଣ୍ଡେ ଖଣ୍ଡେ ଦେଇ କହିଲେ ନିଜ ଘର ଉପରେ ପକେଇଦିଅ । ସରକାର ସହାୟତା ଦେଲେ ଘର ତୋଳିବ ।

ବାତ୍ୟାକୁ ବର୍ଷେ ହୋଇଗଲାଣି । ସେଇ ଭଙ୍ଗାଘର ସାହା ଦାମର । ଛପର ପକାଇବାଭଳି ସାହାସ ନାହିଁ, ତେଣୁ ସରପଞ୍ଚ ଦେଇଥିଲା ଜରିପାଲ ପକେଇ ଦେଇଛି । ଦିନବେଳେ ଅଧିକ ଗରମ ହେଉଛି, ସତ କିନ୍ତୁ କାମ ଚଳିଯାଉଛି । ସ୍ଥାନେ ସ୍ଥାନେ ଫାଟି ଆଁ କଲାଣି । ଦିନେ ସରପଞ୍ଚ ଘୋଷଣା କରିଲେ ଯେଉଁମାନଙ୍କର ଘର ବାତ୍ୟାରେ ଭାଙ୍ଗିଛି ସେମାନଙ୍କୁ ସରକାର ମାଗଣାରେ ନୂଆ ଘର ଯୋଗେଇ ଦେବେ । ଦାମର ଘରର ଫଟୋ ଉଠେଇ, କାଗଜରେ ତାର ଦସ୍ତଖତ ନେଇ ବାବୁମାନେ ଚାଲିଗଲେ । ନୂଆ ଘରର ସ୍ୱପ୍ନକୁ ଆଖିରେ ସଜେଇ ଦାମ ଅପେକ୍ଷା କରିରହିଲା । ନୂଆ ଘର ହେଲେ ପାଣି ଗଳିବ ନାହିଁ, କି ସାପବିଛାକୁ ଭୟ ରହିବ ନାହିଁ । ଦିନେ ୱାର୍ଡ୍ ମେମ୍ବର ଆସି କହିଲା, ଯେ ଦାମ ନାଁରେ ଇନ୍ଦିରା ଆବାସ ଆସିଛି । ବ୍ଲକକୁ ଗଲେ ବାକି କଥା ।

To read the complete magazine, Download it for FREE from www.aahwaan.com

ଗାଁରୁ ବ୍ଲକ୍ ଅଫିସ ଦଶ କିଲୋମିଟର ବାଟ ପାହାନ୍ତି ପହରୁ ବାହାରି ଚାଲି ଚାଲି ଯାଇ ପହଞ୍ଚି ଯାଇଥିଲା ଦାମ । ବ୍ଲକ୍ ଆଗରେ ବହୁତ ଭିଡ଼ । ସମସ୍ତେ ନିଜ ନିଜ ଦୁଃଖକଷ୍ଟ ବିଡ଼ିଓ ଆଜ୍ଞାଙ୍କୁ କହିବା ପାଇଁ ଜଗି ବସିଛନ୍ତି । କିଏ ଭତ୍ତା ପାଉନି, କାହାର ଘର ନାହିଁ, କେଉଁଠି ପାଣି ନାହିଁ, ତ ଆଉ କାହାର ଅନ୍ୟ କିଛି ସମସ୍ୟା ଅଛି । ଦାମ ବି ସେଇ ଗହଳି ଭିତରେ ହଜିଗଲା । ଜଣେ ଜଣେ କରି ଭିତରକୁ ଯାଉଛନ୍ତି ଆଉ ବାହାରକୁ ଆସୁଛନ୍ତି । କିଛି ସମୟପରେ ଦାମକୁ ବି ଭିତରକୁ ଡ଼କାଗଲା । ସେ ଅଫିସ ଭିତରକୁ ଯାଇ ଦଣ୍ଡବତ ହୋଇ ଠିଆ ହୋଇଥିଲା ।

ବିଡ଼ିଓ ଆଜ୍ଞା, କାଗଜପତ୍ର ଦେଖି କହିଲେ, "ହୁଁ, ତୋର ଇନ୍ଦିରା ଆବାସ ଆସିଛି । ହେଇଯିବ । ହେଲେ ପିସି ଦେବାକୁ ପଡ଼ିବ ।" ଦାମ ଥତମତ ହୋଇକହିଲା, "ଗାଉଁଲି ଲୋକ ଆଜ୍ଞା, ଏତେ ଜ୍ଞାନ ମୋର କାହିଁ ? କଣ କରିବାକୁ ପଡ଼ିବ ବୁଝେଇ କହିଦେଲେ ବୁଝି ଯାଆନ୍ତି ।" ବିଡ଼ିଓ ଆଜ୍ଞା ଗମ୍ଭୀର ଭାବରେ ଥାଉ ଥାଉ ସାମାନ୍ୟ ହସିଦେଇ କହିଲେ, "ଆରେ ବାବୁ, ତୋ ଇନ୍ଦିରା ଆବାସ ପାଇଁ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପିଉନ ଯାଏଁ, ସମସ୍ତେ କାମ କରିଛନ୍ତି, ସେଇଥିପାଇଁ ସେମାନଙ୍କୁ କିଛି ହାତଗୁଞ୍ଜା ଦେବାକୁ ପଡ଼ିବ ।"

ଦାମ ଏ କଥା ଶୁଣି କହିଲା, "ବାବୁ ! ମୁଁ ତ ଗରୀବ ଲୋକ ଆପଣଙ୍କୁ କଣ ଦେଇପାରିବି ?" ଚଷମାକୁ ଓହ୍ଲେଇଦେଇ ଟେବୁଲ୍ ଉପରେ ଥୋଇ ବିଡ଼ିଓ ଆଜ୍ଞା କହିଲେ, "ସମସ୍ତେ ଦଶ ହଜାର ଦେଉଛନ୍ତି । ତୁ ଗରିବ ଲୋକ ଏକାଥରେ ଯଦି ଦେଇ ପାଇବୁନି ତ ଏବେ ପାଞ୍ଚ ହଜାର ଦେଇ ତୋ ଚେକ୍ ନେଇ ଯା, ଘର କାମ ଆରମ୍ଭ କରିବୁ । ଆର ଥରକୁ ଆଉ ପାଞ୍ଚହଜାର ଦେଇ ଦ୍ୱିତୀୟ ଚେକ୍ ନେଇଯିବୁ ।"

To read the complete magazine, Download it for FREE from www.aahwaan.com

"ପାଞ୍ଚ ହଜାର ଟଙ୍କା ? ଏତେ ଟଙ୍କା କୋଉଠୁ ଆଣିବି ଆଜ୍ଞା ? ମୋ ଜୀବନ କାଳରେ କେବେ ଏତେ ଟଙ୍କା ମୁଁ ଦେଖିନି ।" ଦାମ ନେହୁରା ହୋଇ କହିଲା । ବିରକ୍ତ ଭାବ ଦେଖାଇ ବିଡ଼ିଓ ଆଜ୍ଞା କହିଲେ, "ହେ ଯା । ପିସି ନ ଦେଲେ ତୋ ଇନ୍ଦିରା ଆବାସ ଟଙ୍କା ପାଇବୁନି । ପରେ ଆଉ କହିବନି ଘର ମିଳିଲାନି ବୋଲି । ଆର ସୋମବାର ଦିନ ପାଞ୍ଚହଜାର ଧରି ଆ, ଘରର କାଗଜ ଆଉ ଟଙ୍କାର ଚେକ୍ ପାଇବୁ ।" ସେ ଆଉ କିଛି କହିବାକୁ ଚାହୁଁଥିଲା, ହେଲେ ଅଫିସର ପିଉନ ତା ହାତଧରି ବାହାରେ ଆଣି ଛାଡ଼ିଦେଇଗଲା । ଦାମର ହାତପାଦ ଥଣ୍ଡା ପଡ଼ିଯାଇଥିଲା । ପାଟି ଶୁଖିଯାଇଥିଲା ।

ଘରକୁ ଫେରିବା ବାଟରେ ମନେ ମନେ ଭାବୁଥିଲା, ଚାକିରୀ କରିବାକୁ ସରକାର ଏମାନଙ୍କୁ ଦରମା ଦେଉନାହାନ୍ତି କି ? ଆମ ଗରିବଲୋକଙ୍କ ପାଖରୁ ଟଙ୍କା ନେଇ ଏମାନେ ଚଳୁଛନ୍ତି ନା କଣ ? ଘରେ ପହଞ୍ଚିବାପରେ ସରକୁ କଣ କହିବ ବୁଝିପାରୁ ନଥିଲା । ତଥାପି ତାକୁ ସବୁ ବୁଝେଇ କହିଲା । ସରର ଆଖିରୁ ଲୁହ ଧାରେ ବୋହିଗଲା । ନୂଆ ଘରର ସ୍ୱପ୍ନ ସେଇ ଲୁହରେ ଧୋଇଗଲା ଭଳି ମନେ ହେଉଥିଲା । ଦାମ ମନେ ମନେ ଭାବୁଥିଲା, ଧିକ୍ ଏ ଜୀବନ । ଘର ଖଣ୍ଡିଏ ବି କରିବା ସମ୍ଭବ ହେଉନି ? ଅଗତ୍ୟା ବାଡ଼ିପଟର ଜାଗାକୁ ସେ ବିକ୍ରୀ କରିଦେଲା ।

ବାଡ଼ି ବିକା ହେବା ଶୁଣି ସର କାନ୍ଦିପକାଇଥିଲା । "ଆମର ଆଉ ବାଡ଼ି ନାହିଁ ଲୋ ସର । ଆମର ସେଇ ଗୋଟିଏ ଦାଣ୍ଡ ଆଉ ବାଡ଼ି ।" କହି କାନ୍ଦିପକାଇଲା ଦାମ । ରାତି ସାରା ନିଦ ହୋଇନି ଦାମକୁ । ସକାଳ ପାଇଲେ ବ୍ଲକ୍ ଅଫିସ ଯିବ । ଟଙ୍କା ଆଣିଲେ ଘର କରିବ । ଟଙ୍କାକୁ ଗାମୁଛାରେ ଭଲକରି ବାନ୍ଧିଦେଇ ସେ ପାହାନ୍ତିପହରୁ ବ୍ଲକ୍ ଅଫିସକୁ ଚାଲିଲା ।

To read the complete magazine, Download it for FREE from www.aahwaan.com

ତାକୁ ଯେତେବେଳେ ଭିତରକୁ ଡ଼କାଗଲା, ସେ ଭିତରକୁ ଯାଉଥିଲା । ମନରେ ଏକ ଅଜଣା ଭୟ ଥିଲା । ସେଇ ଅଫିସର ମାନଙ୍କୁ ଦେଖିଲେ ତା ମନରେ କାହିଁକି କେଜାଣି ଘୃଣା ଆଉ କ୍ରୋଧ ଜାତ ହେଉଥିଲା । ତଥାପି ନିଜ ମନକୁ ମାରିଦେଇ ସେ ନିରବରେ ସେଠି ଠିଆ ହେଲା ।

"କେତେ ଆଣିଛୁ ?" ବିଡ଼ିଓ ପଚାରୁଥିଲେ ।

ଗାମୁଛା ଖୋଲିଦେଇ ପାଞ୍ଚହଜାର ଟଙ୍କା ଟେବୁଲ୍ ଉପରେ ଥୋଇଦେଇ କହିଲା, "ଆଜ୍ଞା ପାଞ୍ଚ ହଜାର ଆଣିଛି । ଘରର ବାଡ଼ିଟା ବିକିଲା ପରେ ଏଇ ଟଙ୍କା..." ସେ କିଛି କହୁଥିଲା ତାକୁ ଅଧାରେ ଆକଟ କରିଦେଇ ବିଡ଼ିଓ କହିଲେ, "ହୁଁ, ହଉ କଣ ହେଲା ସେଇଠୁ ? ନିଜ ଘର ପାଇବୁ । ଶୁଣ୍ ତୋ ଟଙ୍କାର ଚେକ୍ ଏବେ ଦେଇ ଦେବୁ, ହେଲେ ବ୍ୟାଙ୍କରୁ ଟଙ୍କା ବାହାର କରିବାପରେ ତିନିହଜାର ଟଙ୍କା ତମ ଗାଁ ସରପଞ୍ଚଙ୍କୁ ଦେଇଦେବୁ, ନହେଲେ ସେ ତୋ ଘରକୁ ବନ୍ଦ କରିଦେବେ । ହେଇ ନେ, ତୋ ନାଁରେ ପଚାଶ ହଜାର ଟଙ୍କାର ଚେକ୍ ଆସିଥିଲା । ଦଶ କାଟିକି ଚାଳିଶି ହଜାର ଦେଇଛି । ଯା' ଘର କରିବୁ । ଆରେ ଆମ ବ୍ଲକ୍ ଅଫିସ ପାଇଁ ସେଇଟା କାଟିଦେଇଛି । ହେ ହେ ହେ..." ପାନ ଖିଆ ପାଟିରେ ଦାନ୍ତ ନିକୁଟି ବିଡ଼ିଓ ଆଜ୍ଞା ଏହି କଥା କହୁଥିଲେ ।

ପାଖରେ ଠିଆ ହେଇଥିବା ପିଉନଟା ଦାମର ଆଙ୍ଗୁଠିକୁ ଟାଣିନେଇ କାଳି ଲଗେଇ କାଗଜ ଉପରେ ଚିପି ଦେଉଥିଲା । ହାତରେ ଚେକ୍ ଖଣ୍ଡେ ଧରି ଦାମ ସମସ୍ତଙ୍କୁ ଜଳ ଜଳ ହେଇ ଚାହୁଁଥିଲା । ତା କାମ ସରିଯାଇଥିଲା । ବିଡ଼ିଓ ଆଜ୍ଞା ତାକୁ ଚାହିଁ ପଚାରୁଥିଲେ, "କଣ ହେଲା ? ଆଉ କିଛି କହିବ ?"

To read the complete magazine, Download it for FREE from www.aahwaan.com

ଦାମ ଚେକ୍ କାଗଜକୁ ଗାମୁଛାରେ ବାନ୍ଧିଦେଇ ଅଣ୍ଟାରେ ଭିଡ଼କରି ବାନ୍ଧିଦେଇ କହିଲା, "ଆଜ୍ଞା, ଗୋଟେ କଥା କହିବି, ରାଗିବେନି । ମୁଁ ଦେଇଥିବା ପିସିକୁ ନିଜ ଘର ଲୋକଙ୍କ ପାଇଁ ଖରଚିବେନି । କେତେ କଷ୍ଟରେ ଆଖିରୁ ରକ୍ତ ଝରେଇ ମୋ ବାଡ଼ି ବିକି ସେ ଟଙ୍କା ଦେଇଛି ଆଜ୍ଞା । ଗରିବର ଲୁହ ଆଉ ରକ୍ତର ଅଭିଶାପ ପଡ଼ିଯିବ । ଆପଣଙ୍କର କିଛି ଭଲ ହେବନି ।" ସେ ଆଉ କିଛି କହିଥାନ୍ତା କି କଣ, ଅଫିସର ପିଉନ୍ ତା ହାତ ଧରି ବାହାରକୁ ଟାଣି ଆଣି ଛାଡ଼ିଦେଲା ।

ଜଗନ୍ନାଥପୁର ଶାସନ

କୁହୁଡ଼ି, ଖୋର୍ଦ୍ଧା, ୭୫୨୦୨୭

ଭ୍ରାମ୍ୟଭାଷ : ୮୯୦୮୮୫୯୭୯୭

To read the complete magazine, Download it for FREE from www.aahwaan.com

# ନାମ ଫଳକ



ନୃସିଂହ ଚରଣ ବେହେରା

ସେଦିନ ଖୁବ୍ ଜୋରରେ ବର୍ଷା ହୋଇଥିଲା । ବାଣୀବିହାରର ଚର୍ତୁଃପାର୍ଶ୍ୱ ଜଳମଗ୍ନ ହୋଇ ସାରିଥିଲ । ପାଣିର ସ୍ରୋତ ଲହଡ଼ି ମାରୁଥିଲା । ତା'ସହିତ ବୋହୁଥିବା କୋହଲା ପବନ ଦେହକୁ ଥରାଇ ଦେଇଥାଏ । ସାବଧାନତାର ସହିତ ନ ଚାଲିଲେ କେତେବେଳେ ଯେ ଗୋଡ଼ ଖସିଯିବ କହିହେବ ନାହିଁ । ତା' ସହିତ ବାଣୀବିହାର କ୍ୟାମ୍ପସରେ ଯେଉଁ ଗଛବୁଦା ଅଛି ତା' ଭିତରେ ରହୁଥିବା ସାପ କେତେବେଳେ ଯେ ବାହାରି ପଡ଼ିବେ ସେ କଥା କିଏ କହିପାରିବ ।

ସକାଳେ ଯେତେବେଳେ ସ୍ୱପ୍ନା ସହିତ ରମାଦେବୀ କଲେଜ ଆଗରେ ଦେଖା ହୋଇଥିଲା ସେତେବେଳେ ଆକାଶ ପୁରା ସଫା ଥିଲା । ବର୍ଷାର ଟିକିଏ ହେଲେ ଚିହ୍ନ ବର୍ଣ୍ଣ ନ ଥିଲା । ସେଥିପାଇଁ ତ ସ୍ୱପ୍ନା ତାକୁ କହିଥିଲା, ଦିନ ନଇଁଲା ପରେ ସେ ଆମ ଘରକୁ ଆସିବ । ଆଉ ସେ ତରତର ହୋଇ ଘରକୁ ବାହାରିଲା ବେଳକୁ କେଉଁଠି ଏ ବର୍ଷା ଥିଲା କେଜାଣି ଆସି ପାଣି ଅଜାଡ଼ି ଚାଲିଛି । ଘନ ଘନ ତୁହାକୁ ତୁହା ବର୍ଷା ଥମିବାର ନାଁ ଧରୁନାହିଁ । ଏମିତି ସବୁ

To read the complete magazine, Download it for FREE from www.aahwaan.com

କଥାକୁ ଭାବି ଭାବି ଚିନ୍ତାମଗ୍ନ ଥିଲାବେଳେ ବର୍ଷା ଟିକିଏ କମିଲା । ସମୟ ସେତେବେଳକୁ ଚାରିଟା ହେବ । କଷ୍ଟେ ମଷ୍ଟେ କ୍ୟାମ୍ପସରୁ ବାହାରି ମୁଖ୍ୟ ରାସ୍ତାକୁ ଆସି ସାଇକେଲରେ ଦୃତ ଗତିରେ ଯାଇ ଘରେ ପହଞ୍ଚିଗଲା ସୁରେନ୍ଦ୍ର । ଘରର ତାଲା ଖୋଲି ଭିତରକୁ ଯାଇ ପ୍ରଥମେ ଦେହକୁ ତଉଲିଆରେ ପୋଛି ଓଦା ଲୁଗାକୁ ବଦଳାଇ ନେଲା ।

ସୁରେନ୍ଦ୍ର ତା'ପରେ ଗରମ ଗରମ ଅଦା ପକା ଚା' ତିଆରି କରି ଆଣି ଚୌକିରେ ଟିକିଏ ବସି ପଡ଼ିଲା । ଘରେ ତ କେହି ନଥାନ୍ତି ବର୍ଷାର ମହକ ତାକୁ ବିମୋହିତ କରୁଥାଏ । ଖାଲି ଘରର ନିଃସ୍ତବ୍ଧତା ତାକୁ ଭଲଲାଗୁ ନଥାଏ । ଘରେ ଯଦି ମା' ଥା'ନ୍ତା ତେବେ ଏତିକି ବେଳକୁ ଚା' ସହିତ ଗରମ ଗରମ ପକୁଡ଼ି ଛାଣି ଆଣି ଦେଇଥାନ୍ତା । ସେ ଆଉ ତା' ସାନ ଭଉଣୀ ପ୍ରକୃତି ଆଉ ପ୍ରଜ୍ଞା ପକୁଡ଼ି ଖାଇବା ପାଇଁ କମ୍ପିଟେସନ୍ କରୁଥାନ୍ତେ । ହେଲେ ଘରେ ତ ଆଜି ତାକୁ ଛାଡ଼ିଦେଲେ ଆଉ କେହି ନାହାନ୍ତି । କାରଣ ବାପାମା, ସାନ ଭଉଣୀ ଦୁଇଜଣ ଦୁଇଦିନ ହେଲା ମାମୁଁ ଘରକୁ ଯାଇଛନ୍ତି । ମାମୁଁଙ୍କ ଝିଅର ବିବାହ ଉତ୍ସବରେ ଯୋଗ ଦେବାକୁ । ଅଷ୍ଟମଙ୍ଗଳା ପରେ ସେମାନେ ଫେରିବେ । ତେଣୁ ନିଜ ପାଠ ପଢ଼ା ସହିତ ଘରକୁ ଜଗିବା ହେଉଛି ସୁରେନ୍ଦ୍ରର କାମ ।

ସୁରେନ୍ଦ୍ର ଜାଣିଥିଲା ସ୍ୱପ୍ନା ନିଶ୍ଚୟ ଆସିବ । ସେ ଜାଣିଛି ସୁରେନ୍ଦ୍ର ଘରେ ଏବେ ଏକୁଟିଆ । ସ୍ୱପ୍ନାର ବାପା ଜଣେ ଡାକ୍ତର, ଏବେ ସେ ତାଙ୍କ କ୍ଲିନିକରେ ଥିବେ । ରାତି ଦଶଟାରେ ଘରକୁ ଫେରିବେ । ସ୍ୱପ୍ନା କିଛି ନା କିଛି ବାହାନା କରି ତା' ମା'ଙ୍କୁ ବୁଝାଇ ନିଶ୍ଚେ ଆସିବ । ସୁରେନ୍ଦ୍ର ଅପେକ୍ଷା କରିଥାଏ । ଯଦି ସେ ଆସିଲା ବେଳେ ବର୍ଷା ହୁଏ ଆଉ ସେ ଭିଜିଯାଏ ! କିଛି ଚିନ୍ତା ନାହିଁ । ସ୍ୱପ୍ନା ପହଞ୍ଚିଲେ ଆଲଣାରୁ ତଉଲିଆ ନେଇ ତାକୁ ପୋଛି ହେବାକୁ ଦେବ । ସେ ଯଦି ଓଦା ହୋଇଯାଇଥିବ ମା'ର ଶାଢୀଟିଏ ତାକୁ ପିନ୍ଧିବାକୁ

To read the complete magazine, Download it for FREE from www.aahwaan.com

ଦେବି । ମୁଁ ସେତେବେଳେ ତାକୁ ମିଛି ମିଛିକା ଅଭିମାନ କରି କହିବି, "ବର୍ଷାରେ ଭିଜି ଭିଜି ଆସିବା କ'ଣ ଦରକାର ଥିଲା ! ନ ଆସିଥିଲେ କ'ଣ ପୃଥିବୀ ପ୍ରଳୟ ହୋଇଯାଇଥାନ୍ତା ?" ଆଉ ସେ କହିବ କଥା ଦେଇଥିଲି ଯେତେବେଳେ, ନ ଆସିଥାନ୍ତି କେମିତି ? ନ ଆସିଥିଲେ ତୁମକୁ ଖରାପ ଲାଗିଥାନ୍ତା । ତା'ଛଡ଼ା ତୁମ ସହିତ ଦେଖା ନ ହୋଇଥିଲେ ଏଇ ବର୍ଷା ବି ରୌଦ୍ରତାପ ପରି ଲାଗିଥାନ୍ତା । ଆମର ପ୍ରେମ ତ ଅମର । ଆମେ ଦୁହେଁ କେବେ ହେଲେ ଅଲଗା ହୋଇ ପାରିବାନି । ଏମିତି କେତେ କ'ଣ କଥା ସୁରେନ୍ଦ୍ର ତା ମନେ ମନେ ଭାବି ଚାଲିଥାଏ ।

ସ୍ୱପ୍ନା ତ ଆସିଲା ନାହିଁ । ହେଲେ ସ୍ୱପ୍ନାର ବାଟକୁ ଚାହିଁ ଚାହିଁ ସୁରେନ୍ଦ୍ରର ପଛକଥା ସବୁ ମନେ ପଡ଼ିଗଲା । ଯେଉଁଦିନ ସୁରେନ୍ଦ୍ର ସ୍ୱପ୍ନାକୁ ପ୍ରଥମଥର ଦେଖିଲା, ତାକୁ ଲାଗିଲା ସମୟ ଯେମିତି ଅଟକି ଗଲା । ପୃଥିବୀଟା ଘୁରିବା ବନ୍ଦ କରିଦେଲା । ସେ ସ୍ୱପ୍ନା ପାଖରୁ ନିଜ ଆଖିକୁ ହଟାଇ ପାରିଲା ନାହିଁ । ପ୍ରଥମ ଦେଖାରୁ ହିଁ ସେ ସ୍ୱପ୍ନାକୁ ଭଲ ପାଇବସିଲା । ସ୍ୱପ୍ନାର ଗୋରା ତକ୍ ତକ୍ ପତଳା ଚେହେରା, ସୁନ୍ଦର ମୁହଁ, କଳା କଳା ଘୁମନ୍ତ ଢଳ ଢଳ ଆଖି, ଆଉ ଜବା ଅଧର । ଘନ କେଶର ସୁଦୀର୍ଘ ବେଣୀ । ଆପଦ ମସ୍ତକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ତା'ର ସେ ଆକର୍ଷଣୀୟ ରୂପରେ ମୋହିତ ହୋଇ ତାର ଗୋଟିଏ ଝଲକ ପାଇବା ପାଇଁ ସୁରେନ୍ଦ୍ର ବାରମ୍ବାର କଲେଜ ପାଖରେ ଏପଟ ସେପଟ ହୁଏ । କେଉଁ ଦିନ ସ୍ୱପ୍ନାର ଦେଖା ମିଳେ ତ କେଉଁ ଦିନ ନାହିଁ । ଅନେକ ଥର ସୁରେନ୍ଦ୍ର ଭାବିଛି ନିଜର ମନକଥା ସ୍ୱପ୍ନାକୁ ଖୋଲି କହିବାକୁ, ହେଲେ କାଳେ ମନା କରିଦେବ ସେହି ଡ଼ରରେ ସେ କିଛିବି କହିପାରେ ନାହିଁ ।

To read the complete magazine, Download it for FREE from www.aahwaan.com

ଦିନେ ସୁରେନ୍ଦ୍ର ତା' ଭଉଣୀ ପ୍ରକୃତିକୁ ନେଇ ଦି ଆଇ କ୍ଲିନିକର ଡାକ୍ତରଙ୍କ ପାଖକୁ ଯାଇଥିଲା । ତା'ର ଆଖି ପରୀକ୍ଷା କରିବା ପାଇଁ । ସେ ବାହାରେ ଅପେକ୍ଷା କରିଥାଏ । ଏଇ ସମୟରେ ସ୍ୱପ୍ନା ଆସି ଡାକ୍ତରଙ୍କ ଚାମ୍ବରକୁ ସିଧା ପଶିଯାଇ ପୁଣି ସାଙ୍ଗେ ସାଙ୍ଗେ ବାହାରିଗଲା । ସୁରେନ୍ଦ୍ର କିଛି ବୁଝି ପାରିଲାନାହିଁ । ସେ ଭାବୁଥାଏ ଡାକ୍ତରଙ୍କ ସହିତ ସ୍ୱପ୍ନାର ସମ୍ପର୍କ କଣ ? ଅଳ୍ପ ସମୟପରେ ତାର ପାଳି ପଡ଼ିଲା । ସେ ଭଉଣୀକୁ ନେଇ ଡାକ୍ତରଙ୍କ ଚାମ୍ବରକୁ ଗଲା । ଡାକ୍ତର ଆଖି ପରୀକ୍ଷା କରି ଔଷଧ ଲେଖିଦେଲେ । ସେ ଡାକ୍ତରଙ୍କ ଫିସ୍ ଦେଇ ଘରକୁ ଫେରିଲା, କିନ୍ତୁ ତା' ମନରେ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତର ମିଳୁ ନ ଥାଏ ।

ତା'ପରଦିନ ଦୈବଯୋଗକୁ ବାଣୀବିହାର ଯିବା ରାସ୍ତାରେ ତାର ସ୍ୱପ୍ନା ସହିତ ଦେଖା ହୋଇଗଲା । ସେ ସ୍ୱପ୍ନାକୁ ଏକୁଟିଆ ଦେଖି ସାହାସ ସଞ୍ଚୟ କରି ପଚାରିଲା, "ତୁମେ କାଲି 'ଦି ଆଇ କ୍ଲିନିକ୍' ଯାଇଥିଲ ନା ?" ସେ ହଁ କହିଲା । ହେଲେ ତୁମେ କାହିଁକି ପଚାରୁଛ ? ନାଇଁ କଥା କଣ କି କାଲି ମୁଁ ମୋ ଭଉଣୀକୁ ନେଇ କ୍ଲିନିକ ଯାଇଥିଲି । ସେଠାରେ ମୁଁ ମୋ ପାଳି ଆସିବା ପାଇଁ ଅପେକ୍ଷା କରିଥାଏ । ଦେଖିଲି ତୁମେ ହଠାତ୍ ଡାକ୍ତରଙ୍କ ଚାମ୍ବରକୁ ଯାଇ ସଙ୍ଗେ ସଙ୍ଗେ ଫେରିଗଲ, ସେଥିପାଇଁ ପଚାରିଦେଲି । ମୁଁ ଯାଇଥିଲି ବାପାଙ୍କୁ ତାଙ୍କର କିଛି ଦରକାରୀ କାଗଜପତ୍ର ଦେବାକୁ । ତାଙ୍କୁ ଲଫାପାଟି ବଢ଼େଇ ଦେଇ ମୁଁ ଘରକୁ ଫେରି ଆସିଲି, ବୋଲି ସ୍ୱପ୍ନା କହିଲା ।

ଓହୋ ! ମୁଁ ଜାଣି ନଥିଲି ଡାକ୍ତର ବାବୁ ତୁମ ବାପା ବୋଲି । ପଚାରିଦେଲି ବୋଲି କିଛି ଖରାପ ଭାବିବନି ! ଏଥିରେ ଖରାପ ଭାବିବାର କ'ଣ ଅଛି ? ହଉ ମୋର ଯିବା ସମୟ ହୋଇଗଲାଣି, କହି ସ୍ୱପ୍ନା ତା' ପାଖରୁ ବିଦାୟ ନେଇ ଚାଲିଗଲା ସିନା ଗଲା ବେଳେ ସୁରେନ୍ଦ୍ରର ମନକୁ ଚୋରୀ କରି ନେଇଗଲା । ତା' ପରଠୁଁ ସୁରେନ୍ଦ୍ରର ଦୁନିଆ କେବଳ ସ୍ୱପ୍ନା

To read the complete magazine, Download it for FREE from www.aahwaan.com

ଚାରିପାଖରେ ଘୁରି ବୁଲିଲା । ସେ ବସିଲେ, ଉଠିଲେ ତାକୁ ଖାଲି ଦେଖାଗଲା । ସେ ସ୍ୱପ୍ନାକୁ ନେଇ ସୁନେଲି ସଂସାର ଗଢ଼ିବାର ସ୍ୱପ୍ନ ଦେଖିବାକୁ ଲାଗିଲା । ମଝିରେ ମଝିରେ ତା'ର ସ୍ୱପ୍ନା ସହିତ କେତେବେଳେ କେମିତି ଦେଖା ସାକ୍ଷାତ ହୁଏ, ହେଲେ କଥାବାର୍ତ୍ତାର ସୁଯୋଗ ମିଳେନି ।

ବାଣୀବିହାର ବାର୍ଷିକ ଉତ୍ସବ ପାଳନ ହେଉଥାଏ, ସ୍ୱପ୍ନା ତା'ର ସାଙ୍ଗ ମମତା ସହିତ ବାର୍ଷିକ ଉତ୍ସବର କାର୍ଯ୍ୟକ୍ରମ ଦେଖିବାକୁ ଆସିଥାଏ । ସେଠାରେ ସୁରେନ୍ଦ୍ରର ସ୍ୱପ୍ନା ସହିତ ଦେଖାହେଲା । ଉତ୍ସବ ଶେଷରେ ସୁରେନ୍ଦ୍ରର ଅନୁରୋଧରେ ସେ ଦୁହେଁ କ୍ୟାଣ୍ଟିନ୍‌କୁ ଯାଇ କିଛି ଜଳଖିଆ ଖାଇଲେ । ସେଦିନ ଦୁଇଜଣ ବସି ମନଖୋଲି କଥାବାର୍ତ୍ତା ହେଲେ । ସ୍ୱପ୍ନାକୁ ସୁରେନ୍ଦ୍ରର କଥା ବାର୍ତ୍ତା, ଶାଳୀନ ବ୍ୟବହାର ବହୁତ ଭଲ ଲାଗିଲା । ବାଣୀବିହାର କ୍ୟାଣ୍ଟିନରୁ ଫେରିଲା ବେଳକୁ ସ୍ୱପ୍ନାକୁ ଲାଗିଲା ସେ ଯେମିତି ସୁରେନ୍ଦ୍ରକୁ ଭଲପାଇ ବସିଛି । ତା'ପରଠୁ ସେ ରମାଦେବୀ କଲେଜ ପାଖରେ ସୁରେନ୍ଦ୍ରକୁ ଭେଟିବାପାଇଁ ଅପେକ୍ଷା କରିଥାଏ । ଧିରେ ଧିରେ ଦୁହେଁ ଦୁହିଁଙ୍କୁ ଭଲପାଇ ବସିଲେ । କେତେବେଳେ କଲେଜ, କିମ୍ବା ପାର୍କରେ ଦେଖା ସାକ୍ଷାତ ହୁଅନ୍ତି । କିନ୍ତୁ ସେମାନେ କେବେ ନିଜ ପଢ଼ା ପ୍ରତି ଅବହେଳା କରନ୍ତି ନାହିଁ । ସୁରେନ୍ଦ୍ରର ପିଜି ଫାଇନାଲ ପରୀକ୍ଷା ପାଇଁ ସୁରେନ୍ଦ୍ର ବହୁତ ପରିଶ୍ରମ କରୁଥାଏ ।

ବାଣୀବିହାରରୁ ପାଠ ପଢ଼ା ଶେଷକରି ସୁରେନ୍ଦ୍ର 'ଦି ଆଇ କ୍ଲିନିକ' ପାଖରେ ନିଜର ଗୋଟେ ଚଷମା ଦୋକାନ କଲା । ଦୋକାନ କରିବାର ତିନିମାସ ମଧ୍ୟରେ ଡାକ୍ତରଙ୍କ ସହିତ ଭଲ ସମ୍ପର୍କ ବି ଗଢ଼ି ଉଠିଲା । ଡାକ୍ତରଙ୍କ ସହିତ ସମ୍ପର୍କ ବଢ଼ିବାରୁ ସ୍ୱପ୍ନା ସହିତ ମଧ୍ୟ ସମ୍ପର୍କ ଦୃଢ଼ ହେବାକୁ ଲାଗିଲା । କିଛି ଦିନ ପରେ ଦୁହେଁ ସ୍ଥିର କଲେ ସ୍ୱପ୍ନାର

To read the complete magazine, Download it for FREE from www.aahwaan.com

ବି.ଏସ.ସି ପରୀକ୍ଷା ସରିବା ପରେ ବିବାହ କରିବେ । ହେଲେ ଦୁହିଁଙ୍କ ବିବାହ ମଧ୍ୟରେ ଜାତିଗତ ପାର୍ଥକ୍ୟ ପାଚେରୀ ହୋଇ ଠିଆ ହୋଇଥିଲା । କାରଣ ସ୍ୱପ୍ନା ଖଣ୍ଡାୟତ ଘରର ଝିଅ ହୋଇଥିଲା ବେଳେ ସୁରେନ୍ଦ୍ର ବ୍ରାହ୍ମଣ ଘରର ପୁଅ । ସୁରେନ୍ଦ୍ର ବାପା କିନ୍ତୁ ଜାତିଗତ ପାର୍ଥକ୍ୟକୁ ଭୂଲି ବିବାହ କରାଇଲେ ଆଉ ଖୋଲା ମନରେ ଦୁହିଙ୍କ ନିଜ ଘରେ ସ୍ୱାଗତ କଲେ । ଏହି ବିବାହରେ ସ୍ୱପ୍ନାର ବାପା ବିରୋଧ କଲେ ନାହିଁ କି ଝିଅ ଜୋଇଁଙ୍କୁ ଗ୍ରହଣ କଲେ ନାହିଁ । ସେ ନା ତ ଝିଅ ଜୋଇଁଙ୍କୁ ନିଜ ଘରକୁ ଡାକିଲେ ନା ନିଜେ ସୁରେନ୍ଦ୍ର ଘରକୁ ଗଲେ ।

ବି.ଏସ.ସି ପରୀକ୍ଷା ଫଳ କିଛି ଦିନ ପରେ ବାହାରିଲା । ସ୍ୱପ୍ନା ପ୍ରଥମ ଶ୍ରେଣୀରେ ପରୀକ୍ଷାରେ ପାଶ୍ ହୋଇଥିଲା । ସେ ଆଉ ଆଗକୁ ନ ପଢ଼ି ଘର ସଂସାରରେ ମନ ଦେବାକୁ ଚାହୁଁଥିଲା । ହେଲେ ସୁରେନ୍ଦ୍ର ତାକୁ ବୁଝେଇବାରୁ ସେ ଏମ୍.ଏସ୍.ସି କରିବାକୁ ରାଜିହେଲା । ତା'ର ପାଠ ପଢ଼ା ସମସ୍ତ ଖର୍ଚ୍ଚ ସୁରେନ୍ଦ୍ର ବହନ କଲା । ଯେହେତୁ ସ୍ୱପ୍ନା ଭଲ ଛାତ୍ରୀ ଥିଲା ସେ ପ୍ରଥମ ଶ୍ରେଣୀରେ ଏମ୍.ଏସ୍.ସି ପାଶ୍ କଲା । ସ୍ୱପ୍ନା ଚାକିରୀ କରିବାକୁ ଚାହିଁବାରୁ ସୁରେନ୍ଦ୍ର ତାକୁ ଉତ୍ସାହିତ କଲା । ସୁରେନ୍ଦ୍ର ବାପା ମା' ମଧ୍ୟ ସ୍ୱପ୍ନାକୁ ସହଯୋଗ କଲେ । ତା'ପରେ ସ୍ୱପ୍ନା ବି.ଏସ.ଏନ.ଏଲରେ ଚାକିରୀ ପାଇଲା । ଇତ୍ୟବସରରେ ସେମାନଙ୍କର ପୁଅଟିଏ ଜନ୍ମହେଲା । ପୁଅ ଜନ୍ମ ହେବାର ଦୁଇ ମାସ ପରେ ସ୍ୱପ୍ନାକୁ ୯ ମାସ ପାଇଁ ଟ୍ରେନିଂରେ ଯିବା ପାଇଁ ଆଦେଶ ଆସିଲା । ସ୍ୱପ୍ନା କିନ୍ତୁ ଛୋଟ ପୁଅକୁ ଛାଡ଼ି ଟ୍ରେନିଂରେ ଯିବାକୁ ଅମଙ୍ଗ ହେଲା, ହେଲେ ସୁରେନ୍ଦ୍ର ଓ ତା ମା' ତାକୁ ସାହସ ଦେଲେ । ପୁଅର ସବୁ ଦାୟିତ୍ୱ ସୁରେନ୍ଦ୍ରର ମା' ବୁଝିବେ ବୋଲି କହିବାରୁ ସ୍ୱପ୍ନା ଟ୍ରେନିଂ ପାଇଁ ଗଲା । ଟ୍ରେନିଂ ଶେଷକରି ସେ ନ'ମାସ ପରେ ଘରକୁ ଫେରିଲା ।

To read the complete magazine, Download it for FREE from www.aahwaan.com

ଚାକିରୀ ଓ ବ୍ୟବସାୟ ଠିକ୍ ଠାକ୍ ଚାଲିଥାଏ । ଏହା ଭିତରେ ଛଅ ସାତବର୍ଷ ବିତିଗଲା । ତା’ ଭିତରେ ତାଙ୍କର ଝିଅଟିଏ ଜନ୍ମ ହେଲା । ଦୁହେଁ ନିଜ ସୁଖୀ ପରିବାରରେ ପୁରା ବ୍ୟସ୍ତ, ଏବେ ସ୍ୱପ୍ନାକୁ ଭୁବନେଶ୍ୱରରୁ କଟକ ପ୍ରତିଦିନ ଯିବା ଆସିବା କରିବାକୁ ପଡୁଛି । ପ୍ରତିଦିନ ସ୍ୱପ୍ନାକୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବା ଓ ତାକୁ ବସ୍‌ଷ୍ଟାଣ୍ଡରୁ ନେବା ଦାୟିତ୍ୱ ସୁରେନ୍ଦ୍ରର । ସୁରେନ୍ଦ୍ର ନିଜ ଦୋକାନ ସହିତ ପିଲାମାନଙ୍କୁ ସ୍କୁଲ ନେବା ଆଣିବା ଦାୟିତ୍ୱ ମଧ୍ୟ ସୁଚାରୁ ରୂପେ ତୁଲାଉଛି । ଦୁହେଁ ନିଜ ସଂସାରରେ ସୁଖୀ ।

ଏବେ ସ୍ୱପ୍ନା ଆଉ ସୁରେନ୍ଦ୍ର ନିଜର ଗୋଟିଏ ଘର ଭୁବନେଶ୍ୱରରେ କିଣିଛନ୍ତି । ସେ ଘରେ ସେମାନେ ଦୁଇଟି ନାମ ଫଳକ ଲଗାଇଛନ୍ତି । ଗୋଟିଏ ହେଲା ସ୍ୱପ୍ନା ମିଶ୍ର, ଚିଫ୍ ଆଡ଼ମିନିଷ୍ଟ୍ରେଟର୍ ଅଫିସର, ବି.ଏସ.ଏନ.ଏଲ ଆଉ ଗୋଟିଏ ହେଲା ସୁରେନ୍ଦ୍ର ମିଶ୍ର । ସେମାନେ ଖୁସିରେ ଦୁଇଟି ଯାକ ନାମ ଫଳକ ଲଗେଇଥିଲେ ।

ଦିନେ ସ୍ୱପ୍ନାର କିଛି ସାଙ୍ଗ ଘରକୁ ବୁଲି ଆସିଥିଲେ, ସେମାନେ ଦୁଇଟି ଫଳକ ଦେଖି ସ୍ୱପ୍ନାକୁ ସୁରେନ୍ଦ୍ର ବିଷୟରେ କଟାକ୍ଷ କଲେ । ସେମାନେ ସ୍ୱପ୍ନାକୁ କହିଲେ ଏତେ ବଡ଼ ପୋଷ୍ଟରେ ରହି ସେ ଗୋଟିଏ ଚଷମା ଦୋକାନୀକୁ ବିବାହ କଲା । ସେମାନେ ନାନା ପ୍ରକାରର ରହସ୍ୟ କଲେ, ଏହା ଶୁଣି ସ୍ୱପ୍ନାକୁ ବହୁତ ଦୁଃଖ ହେଲା । ହେଲେ ସେ ସାଙ୍ଗମାନଙ୍କ ଆଗରେ କିଛି କହିପାରିଲା ନାହିଁ । ରାତିରେ ଯେତେବେଳେ ସୁରେନ୍ଦ୍ର ଘରକୁ ଫେରିଲା ସେ ସ୍ୱପ୍ନାର ଶୁଖିଲା ମୁହଁକୁ ଦେଖି ଜାଣିପାରିଲା ଯେ କିଛି ଅଘଟଣ ଘଟିଛି । ସେ ସ୍ୱପ୍ନାକୁ ଯେତେ ପଚାରିଲେ ମଧ୍ୟ ସେ କିଛି କହିଲା ନାହିଁ । ଖାଇ ସାରିବା ପରେ ସୁରେନ୍ଦ୍ରର ମା’ ସୁରେନ୍ଦ୍ରକୁ ସବୁ ଖୋଲି କହିଲେ । ଏହା ଶୁଣି ସୁରେନ୍ଦ୍ର କିଛି ନ କହି ଚୁପ୍ ଚାପ୍ ନାମ ଫଳକ ଦୁଇଟି କାଢ଼ି ଆଣିଲା ।

To read the complete magazine, Download it for FREE from www.aahwaan.com

ତା' ପରଦିନ ସକାଳେ ସ୍ୱପ୍ନା ଯେତେବେଳେ ଅଫିସ ଯିବାକୁ ବାହାରିଲା ନାମଫଳକ ଦୁଇଟି ନାହିଁ । ସେ ଏ ବିଷୟରେ ସୁରେନ୍ଦ୍ରକୁ ପଚାରିବାରୁ ସେ ସ୍ୱୀକାର କଲା ଯେ, ସେ ନାମ ଫଳକକୁ କାଢ଼ି ଦେଇଛି । ଏହା ଶୁଣି ସ୍ୱପ୍ନା କହିଲା, ମୁଁ ଆଜି ଯଦି ଏହି ପଦବୀରେ କାର୍ଯ୍ୟରତ ତାହା କେବଳ ତୁମରି ପାଇଁ । ଯେମିତି ଜଣେ ସଫଳ ପୁରୁଷ ପଛରେ କୌଣସି ନାରୀର ହାତଥାଏ, ସେହିପରି ମୋ ସଫଳତା ପଛରେ ଜଣେ ପୁରୁଷର ହାତ ଅଛି । ଆଉ ସେ ପୁରୁଷ ଜଣକ ହେଉଛ ତମେ । କିଏ କଣ କହୁଛି ସେ ବିଷୟରେ ଆମର ଚିନ୍ତା କରିବାର କିଛି ଆବଶ୍ୟକତା ନାହିଁ । ଯେ ପର୍ଯ୍ୟନ୍ତ ଆମର ପ୍ରେମ ଓ ବିଶ୍ୱାସ ପରସ୍ପର ପ୍ରତି ଅତୁଟ ଅଛି ସେ ପର୍ଯ୍ୟନ୍ତ ଆମ ଘରେ ଦୁଇଟି ନାମ ଫଳକ ଲାଗିବ । ଏହା ଶୁଣି ଖୁସିରେ ସୁରେନ୍ଦ୍ର ସ୍ୱପ୍ନାକୁ କୁଣ୍ଢାଇ ପକାଇଲା । ଆଉ ତା'ପରେ ଦୁଇଟିଯାକ ନାମ ଫଳକକୁ ଆଣି ଯଥା ସ୍ଥାନରେ ଲଗାଇଦେଲା ।

ଶ୍ରୀ ନୃସିଂହ ଚରଣ ବେହେରା

ଭୋଇ ନଗର,ଭୁବନେଶ୍ୱର-୨୨

ଦୂରଭାଷ ନଂ-୯୦୯୦୪୫୯୭୪୫

To read the complete magazine, Download it for FREE from www.aahwaan.com

# ମା ଓ ମମତା



ବିଜୟିନୀ ପଣ୍ଡା

କେଜାଣି କାହିଁକି ତା'ର 'ମା' ଡାକ ଶୁଣି ଦେଲେ ମନଟା ଚହଲି ଯାଏ, ଡ଼ହକ ବିକଳ ହୋଇଯାଏ । ବ୍ୟତିବ୍ୟସ୍ତ ହୋଇପଡ଼େ ମୁଁ । ସତେ ଯେମିତି ଏ ମା ଡାକଟା ମୁଁ ପୂର୍ବରୁ କେବେ ଶୁଣିନି । ଘରେ ସବୁବେଳେ ଝିଅ ମା ମା ଚିଲ୍ଲାଉଛି, ପାଖ ଘର ଦେଢ଼ ବର୍ଷର ଟୋକାଟା ବି ମା ଡାକେ । ଗୋଟେ ସ୍ନେହ ମମତାର ଡୋରରେ ବନ୍ଧା ମୁଁ ଆଉ 'ରିଜୁଲ' । ମୋ ଝିଅ ଆଉ ରିଜୁଲ ଏ ଦୁହିଁଙ୍କୁ ଛାଡ଼ିଦେଲେ ମଧ୍ୟ ଆଉ ଏକ ଡାକ କିଛି ଦିନ ହେବ ବାରମ୍ବାର କାନରେ ବାଜୁଛି । ମା ... ଏ ମା ।... ମା... ଏ ମା...

ସକାଳୁ ସକାଳୁ ଏମା... ମା... ଡାକରେ ନିଦ ଭାଂଗିଗଲା । ଝରକା ସେପାଖେ ଡାଳିମ୍ବ ଗଛରେ ଦେଖିଲି ଶୁଆଟିଏ ବସିଛି ଆଉ ସେ ଏମିତି ପାଟି କରୁଛି । ରେଲିଂଗର କବାଟଟା ଖୋଲି ଦେଖିଲି ଶୁଆଟା ଆସି ପାଖରେ ବସିଛି । ସାଙ୍ଗେ ସାଙ୍ଗେ ଘରେ ଯାହାଥିଲା ତାହା ତାକୁ ଦେଲି । ଗୋଟେ ଲଙ୍କା ମରିଚ ଆଉ ଖଣ୍ଡେ ଟମାଟୋ । ବାସ ସେତିକି... ସେ ଆଉ ଗଲାନାହିଁ । କିନ୍ତୁ ସମୟର ଅଭାବ ଶୀଘ୍ର ରୋଷେଇ ସାରିଲେ ପୁଣି ସ୍କୁଲ ଯିବି । ଏଣୁ ତାକୁ ଛାଡ଼ି ରୋଷେଇ ଘରକୁ ଚାଲିଆସିଲି

To read the complete magazine, Download it for FREE from www.aahwaan.com

ହେଲେ ସେ କଣ ରହି ବସି ଦେଉଛି... ଖାଲି ମା... ଏମା...ମା... । ଭାବିଲି ସ୍କୁଲ ତ ଯିବି ରୋଷେଇ ବି ସାରିଗଲାଣି, ଗୋଟେ ଗିନାରେ କିଛି ଭାତ ଓ ଡାଲି ରେଲିଂ ରେ ଥୋଇଦେଇ ଆସିଲି । ଯେତେବେଳେ ୪ଟାରେ ସ୍କୁଲରୁ ଫେରିଲି, ଦେଖିଲି ସେ ପୁରା ଭାତଟା ଖାଇଦେଇଛି । ଇତି ମଧ୍ୟରେ ସେ ମୋ ମନର ସାମ୍ରାଜ୍ୟର ଏକମାତ୍ର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି ।

ଏମିତି ତିନି ଚାରିଦିନ ଗଲା । ଡାଳିମ୍ବ ଗଛରେ ଶୁଆଟି ରହେ । ମା ମା ଡାକ ଛାଡ଼ି ରେଲିଂକୁ ଆସେ, ମୁଁ ଯାହା ଦିଏ ଖାଏ । ଆଉ ଆସ୍ତେ ଆସ୍ତେ ଆମ ଦି'ଜଣଙ୍କ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ସ୍ଥାପନ ହୁଏ । ଇତିମଧ୍ୟରେ ମୋ ସ୍ୱାମୀ ଓ ଝିଅ ବି ତା ଡୋରୀରେ ବନ୍ଧା ହୋଇଗଲେଣି । ଶୁଆଟା ଏତେ ଜୋରସେ ଡାକେ ଯେ ପାଖ ପଡ଼ିଶା ସମସ୍ତଙ୍କର ଲୋଲୁପ ଦୃଷ୍ଟି ତା ପ୍ରତି । କାରଣ ନିର୍ଭୟରେ ଆସୁଛି । ଖାଇ ଦେଇକି ଟିକେ ଗେଲ ହୋଇ ସମ୍ପୂର୍ଣ୍ଣ ସ୍ୱାଧୀନତାର ସହ ଚାଲିଯାଉଛି । ତା'ପରେ ଆଉ ଦୁଇଟି ଆଖି ମଧ୍ୟ ତା ଉପରେ.... ପାଖ ଘର ଛାତରେ ଶୋଇଥିବା ବିଲେଇ । ସେବି ଶୁଆକୁ ତୀକ୍ଷ୍ଣ ନଜରରେ ଦେଖେ । ମୋ ସ୍ୱାମୀ ମୋର ଅଲକ୍ଷ୍ୟରେ ଏ ସବୁକୁ ଲକ୍ଷ୍ୟ କରୁଥିଲେ । ସେ ଚିନ୍ତା କଲେ, ବିଲେଇ ଏହାକୁ ଖାଇଗଲେ କିମ୍ବା ଅନ୍ୟ କେହି ଏହାକୁ ବନ୍ଧନରେ ରଖିଲେ ମୋର ଚିନ୍ତା ବଢ଼ିଯିବ, ଏ ହେତୁ ସେ ଶୁଆଟାକୁ ଧରି ପକାଇଲେ । ସେ ଦୂରରେ ଥାଇ ଗେଲ ହେଉଥିଲା କିନ୍ତୁ ସ୍ୱାମୀଙ୍କ ହାତକୁ ଜୋରରେ କାମୁଡ଼ି ଦେଲା । ତାପରେ ଚାରିଆଡ଼େ ରକ୍ତ ସରସର । ତଥାପି ସେ ଗୋଟେ ପଞ୍ଜୁରୀର ବ୍ୟବସ୍ଥା କରି ତାକୁ ପଞ୍ଜୁରୀରେ ରଖିଦେଲେ । ମାତ୍ର ଶୁଆଟା ନିର୍ବାକ । ଖାଲି ପଞ୍ଜୁରୀ ଭିତରେ ଫଡ଼ ଫଡ଼ ହେଲା ।

ମୁଁ ଯେତେ ସ୍ନେହଭରା ସ୍ୱରରେ ଡାକିଲେ ମଧ୍ୟ ଖାଲି ଶୁଣିଲା ଉତ୍ତର ଦେଲା ନାହିଁ । ଯେତେ ଲଙ୍କାମରିଚ ଓ ଟମାଟୋ ଦେଲେ ବି କିଛି ଛୁଇଁଲାନି । ଖାଲି ପଞ୍ଜୁରୀ ଭିତରେ ତଳୁ ଉପର ଓ ଉପରୁ ତଳ ହେଉଥାଏ ଆଉ ମୁଁ ଯେତେବେଳେ ତା ପାଖକୁ ଆସେ ତାକୁ ଡାକେ,

To read the complete magazine, Download it for FREE from www.aahwaan.com

ପାଟିରେ ବିଭିନ୍ନ ଶବ୍ଦ କରେ ସେ ଖାଲି ମତେ ବଲବଲ ହୋଇ ଚାହେଁ । ପକ୍ଷୀ ହେଲେ ବି କିଛି କୋହ ତା ଭିତରେ ଉଠୁଥିଲା । ସେ ବି ଚିନ୍ତା କରୁଥାଇପରେ ଯେ କେତେ ବେଇମାନ ଏ ମଣିଷ ଜାତି... । ମା' ବୋଲି ଯାହାକୁ ଡାକିଲି ସେ ମୋର ସ୍ୱାଧୀନତାକୁ ଚୋରାଇ ନେଲା ? ମତେ ବି ଭାରି ଖରାପ ଲାଗୁଥାଏ । ମୁଁ ରୋଷେଇ କରି, ପୂଜା ସାରି ସବୁଦିନ ପରି ସ୍କୁଲ ବାହାରିବା ପାଇଁ ସଜବାଜ ହେଲି ... କିନ୍ତୁ ମୋ ମନଟା କେମିତି ଗୋଳାଇ ଘାଣ୍ଟି ହେଉଥାଏ । ଇତି ମଧ୍ୟରେ ଦୁଇଘଣ୍ଟା ବିତିଗଲାଣି । ସକାଳ ୭ଟାରୁ ଶୁଆଟି ଧରା ହୋଇଅଛି, ଏବେ ୯ଟା ବାଜିଲାଣି । ସ୍ୱାମୀ ଚା' କପେ ମାଗିଲେ । ଚା' ଟା ନେଇ ଯେତେବେଳେ ତାଙ୍କ ପାଖକୁ ଗଲି, ଦେଖିଲି ସେ କଣ ଫୁସଫୁସ ହୋଇ ଶୁଆକୁ କହୁଛନ୍ତି । କାନ ଦେଲି... ସେ କଣ କଥାବାର୍ତ୍ତା କରୁଥିଲେ ଶୁଆ ସାଥିରେ । ସେ କହୁଥିଲେ ମୁଁ ଜାଣେ ମିଟୁ (ଶୁଆ) ତୁ ପଞ୍ଜୁରୀ ଭିତରେ ଯେଉଁ ତଳ ଉପର ହେଉଛୁ ତୁ ବୋଧହୁଏ ତୋର ସ୍ୱାଧୀନତାର ବାଟ ଖୋଜୁଛୁ । ହଁ ତତେ ବନ୍ଧନରେ ବାନ୍ଧି ଅପରାଧ କରିଛି ହେଲେ ଏଇ ଚାରି ପାଞ୍ଚଦିନରେ ମୁଁ ତୋର ମମତାରେ ଏଭଳି ଅନ୍ଧ ହୋଇ ଯାଇଛି ଯେ ଆଉ କାହା ଦୃଷ୍ଟି ତୋ ଉପରେ ପଡ଼ିଲେ ମତେ କାହିଁକି ଭୟ ଲଗୁଛି । ତୋର ମା' ଆଜି ସ୍କୁଲରୁ ଆସିଲେ ମୁଁ ତତେ ନିଶ୍ଚୟ ଛାଡ଼ି ଦେବି । ମତେ କ୍ଷମା କରିଦେ ମିଟୁ । ଟିକେ କଥା କହ....ମା'କୁ ଡାକ । ହେଲେ ଶୁଆ ନିସ୍ତବ୍ଧ । କାନ ଦେଇ ସବୁ ସେ ଶୁଣୁଛି ସତେ ଯେମିତି ବାପା କଣ କହୁଛନ୍ତି ସବୁ ସେ ବୁଝୁଛି । ଅଜାଣତରେ ଲୁହ ଦୁଇଟୋପା ମୋ ଆଖିରେ ଜକେଇ ହୋଇ ଆସିଲା । ମୁଁ କିଛି ନ ଶୁଣିଲା ଭଳି ଅଭିନୟ କଲି । ତାପରେ ଚିରାଚରିତ ପ୍ରଥା ପରି ସ୍କୁଲକୁ ଗଲି । ହେଲେ ମୋ ମନ ଶୁଆ ପାଖରେ । ସତେ କଣ ସ୍ୱାମୀ ୪ଟାରେ ଶୁଆକୁ ଛାଡ଼ିଦେବେ ।

ସ୍କୁଲରୁ ଫେରିଲି । କବାଟରୁ ତାଲା ଖୋଲି ଦେଖିଲି ଶୁଆଟା ପୂର୍ବବତ ଚୁପଚାପ ବସିଛି । ଭାତ ଡାଲି ଟିକେ ଦେଇକି ଯାଇଥିଲି । ସେ ଖାଇନି । ଡାକିଲି... ସେ ଶୁଣିଲାଣି । ଭାବିଲି ଯଦି ସ୍ୱାମୀ ଏଇନେ ଏହାକୁ ଛାଡ଼ି ଦିଅନ୍ତି ଯେ୍‌ ବୋଧହୁଏ ଯେତେ ଆଘାତ

To read the complete magazine, Download it for FREE from www.aahwaan.com

ପାଇଛି.... ଆଉ କେବେ ମା' ବୋଲି ଡାକିବନି କି ମୋ ପାଖକୁ ଆସିବନି । ମୋ ପଛେ ପଛେ ସ୍ୱାମୀ ବି ଆସିଲେ । ତାଙ୍କର ମନ ବି ବ୍ୟତିବ୍ୟସ୍ତ ନିଶ୍ଚୟ । ତା'ପରେ ମତେ କହିଲେ ଆ ଶୁଆକୁ ଛାଡ଼ିଦେବା । କେଜାଣି ମୋ ମନଟା ମଧ୍ୟ ଆନନ୍ଦରେ ପୁରି ଉଠିଲା । ଆଗରୁ ଝିଅଟା ସବୁବେଳେ ଜିଦ କରୁଥିଲା ଯେ ସେ ଏକ କଥାକୁହା ଶୁଆ ଘରେ ରଖିବ । ମାତ୍ର ଯାହାକୁ ଏତେ ପରିଶ୍ରମରେ ଧରା ଯାଇଛି, ତାକୁ ଛାଡ଼ିଦେବାରେ ଝିଅ ବି ବେଶ ଖୁସି । ତା'ପରେ ଆମେ ତିନିଜଣ ରେଲିଂକୁ ଗଲୁ । ପଞ୍ଜୁରୀର ଦ୍ୱାର ଖୋଲି ଦିଆଗଲା । ହେଲେ ଶୁଆଟି ଉଡ଼ିଲା ନାହିଁ । ଆମେ ଆଶ୍ଚର୍ଯ୍ୟ ! ସେ କହିଲେ.. ଯା'ତତେ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଗଲା । ମୁକ୍ତିର ପଥ ତୋ ସାମ୍ନାରେ.... ଅପରାଧୀ ମୁଁ ମତେ କ୍ଷମା କରିଦେ । ଶୁଆଟି ସବୁ ଶୁଣିଲା ତା'ପରେ ଫୁ....ର....ର..... । ଆମେ ଦେଖିଲୁ ଡାଳିମ୍ବ ଗଛରେ ସେ ପୁଣି ବସିଛି । ନିସ୍ତବ୍ଧ ପାଲଟି ଯାଇଛି... ତା ସାଥିରେ କଣ ହେଲା ସେ ନିଜେ ବୋଧହୁଏ ଜାଣିପାରୁନି । ତାପରେ ଆମେ ରେଲିଂର କବାଟ ଦେଇଦେଲୁ । ଆମ ତିନି ଜଣଙ୍କ ଆଖିରେ ଖୁସିର ଝଲକ । ମୁଁ କହିଲି ସେ ଆଉ କେବେ ଏଇ ରେଲିଂକୁ ଆସିବନି । କି ମୁଁ ତା ପାଖରୁ ମା ଡାକ ଶୁଣିବିନି । ବୋଧହୁଏ କା'ଘରର ପୋଷା ହୋଇଥିବ, ଏଥିପାଇଁ ମା ଡାକରେ ସେ ଅଭ୍ୟସ୍ଥ ।

କିଛି ସମୟ ଗଲା ୟେ ଚାଲିଗଲେ ତାଙ୍କ କାମରେ, ଝିଅ ଚାଲିଗଲା କୋଚିଂ । ମୁଁ ଟିକେ ଶାନ୍ତିରେ ସୋଫାରେ ବସିଲି । ଆଜିର ଖବରକାଗଜର ପୃଷ୍ଠା ଟିକେ ଓଲଟାଉ ଓଲଟାଉ ପୁଣି ଶୁଣିଲି ମା...ଏମା...ମା...ଏମା... । ମା ମନ ମୋର ବ୍ୟତିବ୍ୟସ୍ତ ହୋଇ ପଡ଼ିଲା, ସାଙ୍ଗେ ସାଙ୍ଗେ ଯାଇ ରେଲିଂର କବାଟ ଖୋଲିଲି, ଦେଖିଲି ସେ ପୁଣି ଆସିଛି । ତା ହୃଦୟ ବି ବୋଧହୁଏ ଖୋଜୁଥିଲା ମା'ର ମମତା ଟିକେ...........

ବିଜୟିନୀ ପଣ୍ଡା

To read the complete magazine, Download it for FREE from www.aahwaan.com

# ମାଆର ଚିଠି



ସୁବ୍ରତ କୁମାର ସେନାପତି

ହେ ସର୍ଜନାର ଉତ୍ସ, ବିବୁଧ ଚତୁରାନନଙ୍କ ଅପୂର୍ବ ସୃଷ୍ଟି, ପାଳନ ପୋଷଣ ବର୍ଦ୍ଧନର ଜୀବନ୍ତ ପ୍ରତିମୂର୍ତ୍ତି ...........

ସୃଷ୍ଟିର ଆରମ୍ଭରୁ ତୋତେ କହି ଆସିଛି ଆଉ ଆଜି ବି କହୁଛି ଝିଅ ମୋର ତନୟା ମୋର, ତୁ ମୋର ହିଁ ସ୍ୱରୂପ, ମୋର ହିଁ ଅସ୍ତିତ୍ୱ । ମୁଁ ଯେ ବିରାଜିତ । ତୋ ଚେତନାର ଅନ୍ତଃସ୍ଥଳରେ, ତୋ ରକ୍ତ ମାଂସ ଅସ୍ଥିର ଶ୍ରବଣ ସଂବେଗରେ । ମୁଁ ଯେ ପ୍ରବିଷ୍ଟ ତୋ ସତ୍ତା ଗହ୍ୱର ଭିତରେ ଉର୍ଜ୍ଜନାଶୀଳ ତତ୍ପରତା ନେଇ । କେବେ ବି ଭାବିବୁନି ଝିଅ ମୋର ତୁ ଅବଳା ଦୁର୍ବଳା ବୋଲି, ତୁ ଶକ୍ତିର ତନୟା । ତୋ ଶକ୍ତିସାମର୍ଥ୍ୟକୁ ମୁଁ ବୁଝି ଅନୁଭବ କରି ହିଁ ମୁଁ ଏ ସଂସାରର ସକଳ ଦାୟିତ୍ୱ ନ୍ୟସ୍ତ କରିଛି କେବଳ ତୋରି ଉପରେ ଏକ ଅଦମ୍ୟ ବିଶ୍ୱାସରେ । ଆତ୍ମ ସୁଖ ସ୍ୱେରିଣି ପ୍ରବୃତ୍ତିକୁ ପରିହାର କରି ଜୀବନର ପ୍ରତିଟି ମୁହୂର୍ତ୍ତେ ତୁ ଆଗେଇ ଆସିବୁ ସକଳ ଜାଗତିକତାର ମଙ୍ଗଳ ଉଦ୍ଦେଶ୍ୟରେ । ଶ୍ରଦ୍ଧାର ଅବିରତ ବର୍ଷଣେ ଧୋଇପୋଛି ଦେବୁ ସମଗ୍ର ବିକାର ବିମ୍ଯୁଷ୍ଟତା ଆଉ କଳୁଷର ପାଦ ଚିହ୍ନକୁ । ମୁଁ ଜାଣେ ମା, ତୋର ଏ ଚଲାପଥ ଗୋଲାପ ପ୍ରସୁନର ସୁସଜ୍ଜିତ ଶଯ୍ୟା ନୁହଁ, ତୋର ଏ ଚଲାପଥ ଏକ କଣ୍ଟକିତ ପଥ, ଯେଉଁଠି ପ୍ରତିଟି ଗଳିରେ, ପ୍ରତିଟି ଛକରେ, ପ୍ରତିଟି ମୋଡ଼ରେ ଲୁଚି

To read the complete magazine, Download it for FREE from www.aahwaan.com

ରହି ରହିଛନ୍ତି ତୋ ପଥ ଓଗାଳିବା ପାଇଁ ମୁଖା ପିନ୍ଧା ମହିଷାସୁର ସବୁ, ଯେଉଁମାନେ ତୋତେ ଆଜି ହାତଠାରି ଡାକୁଛନ୍ତି ଖାସ୍ ତୋତେ ବିଜ୍ଞତାର ପ୍ରଲୁବ୍ଧ ଖୋଳପା ଭିତରେ ଆବଦ୍ଧ କରିରଖିବା ପାଇ ଅବା ସେମାନଙ୍କ ଆସୁରିକ ପ୍ରବୃତ୍ତିର ଲାଂଫଟ ଅଭିଯାନରେ ସହଯାତ୍ରୀ କରାଇବା ପାଇ । ଖାସ୍ ସେଥିପାଇଁ ତ ଗଲାବେଳେ ତୋତେ ପୁଣି ଥରେ ଚେତେଇ ଦେଉଛି - "ଝିଅ ମୋର, ପ୍ରାଣର ତନୟା ମୋର, ତୋ ଚାରିପାଖେ ଆଜି ଖାଲି କାମନାର ଲମ୍ବା ଇସ୍ତାହାର । ଭାସିଯାଅନାହିଁ କିମ୍ବା ଉଦଗ୍ରୀବ ହୋଇ ଉଠନା ସେ ଶଇତାନମାନଙ୍କ ଇଙ୍ଗିତରେ, ବରଂ ଯେବେ ବି ଅନୁଭବ କରୁଛୁ ସେ ଯାତୁଧାନ ମାନଙ୍କର ହାତଠାର, ଇଙ୍ଗିତ ତୋତେ ପ୍ରଲୁବ୍ଧ କରି ତୋଳୁଚି, ତୋ ଭିତରେ ଏକ ବିଶେଷ ଗୁପ୍ତ ବ୍ୟତିକ୍ରମ ସୃଷ୍ଟ କରୁଛି ଆଉ ତୋ ପରିମାପିତ ଚଳନରେ ବ୍ୟାଘାତ ଆଣୁଚି ଠିକ୍ ସେତିକିବେଳେ ତୁ ତୋ ଅଂତଚେତନା ଭିତରେ ବିରାଜିତା ଦେବୀତ୍ୱକୁ ଜାଗ୍ରତ କରିତୋଳ । ଦେଖିବୁ, ତୋର ଏ ମଂଗଳ ଚଣ୍ଡୀ, ଖଣ୍ଡା ଖର୍ପରଧାରିଣୀ ବେଶକୁ ବିକ୍ଷଣ କରି ପଛଘୁଂଚା ଦେବେ ଏଇ ବିକେଂଦ୍ରିକ ମଣିଷ ଗୁଡ଼ାକ ।

କିନ୍ତୁ ସାବଧାନ, ତୁ ବି ଯଦି ପ୍ରବୃତ୍ତି ଅନ୍ତରାସୀ, ଅଶ୍ରେୟଚର୍ଜି ହୋଇ ତୋ ଭିତରେ ଥିବା ଦେବୀତ୍ୱକୁ ପଦାଘାତ କରି ଯେତେ ସବୁ ମ୍ଳେଛତ୍ୱକୁ ପ୍ରଶ୍ରୟ ଦେଉ ଆଉ ନିଜେ ହିଁ ନିଜ ନୀରୟ ଗମନର ପଥକୁ ଆବିଷ୍କାର କରୁ ତେବେ ରକ୍ଷାକରିପାରିବିନି ମୁଁ ତୋତେ । ଭୁଲିଯିବି ତୁ ମୋର ଚଳନ୍ତି ରୁପବୋଲି, ମୋ ପ୍ରାଣର ଟୁକଡା ବୋଲି, ମୋର ଆଦରଣୀୟା ତନୟା ବୋଲି ।

କଲମ ଗାରରେ, ସମ୍ବାଦ ପୃଷ୍ଠାରେ ବିଚାରି, ନିରିହା ଆଖ୍ୟାରେ ଆଖ୍ୟାୟିତା ହେବୁ ସିନା କିନ୍ତୁ ମୋ ବିଚାରରେ ନୁହଁ ।

ଇତି

ତୋ ହିତାକାଂକ୍ଷୀ ମା ଦୁର୍ଗା । ।

କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର, ମୋବାଇଲ ନମ୍ବର..୯୭୭୮୯୭୨୩୯୩

To read the complete magazine, Download it for FREE from www.aahwaan.com

# ବନ୍ଧୁତା



ସଂଗ୍ରାମକେଶରୀ ସେନାପତି

ସମୀର ଆଖି ଆଖି ଖୋଲିଲା ବେଳକୁ ସାମ୍ନାରେ ଛିଡ଼ା ହୋଇଥିଲେ ଡକ୍ଟର ସୁଧାଂଶୁ । ସମୀରର ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରେ ସବୁଠାରୁ ବେଶି ଖୁସି ଥିଲେ ସୁଧାଂଶୁ । ସେ ଖୁସିଭରା ଆଖିରେ ସମୀରକୁ ଅଭିନନ୍ଦନ ଜଣାଇବାକୁ ମୁହଁ ଖୋଲିବା ଆଗରୁ ସମୀର ତାଙ୍କୁ ପଚାରିଲା, "ଶ୍ୟାମ୍ କେମିତି ଅଛି ?"

ଶ୍ୟାମ୍ ଆଉ ସମୀର ଉଭୟ ଛୋଟବେଳରୁ ସାଙ୍ଗ । ଦୁଇଜଣଙ୍କର ପରିବାର ଗୋଟିଏ ଆପାର୍ଟମେଣ୍ଟରେ ରୁହନ୍ତି । ଆଉ ଉଭୟ ଗୋଟିଏ ଦିନରେ ଗୋଟିଏ ହସ୍ପାତାଳରେ ଜନ୍ମଗ୍ରହଣ କରିଥିଲେ । କହିଲାଭଳି ସେମାନେ ଉପରୁ ସେମାନଙ୍କର ବନ୍ଧୁତା ସ୍ଥାପନ କରିକି ଆସିଥିଲେ । ଛୋଟବେଳୁ ଉଭୟଙ୍କର ବନ୍ଧୁତା ଆଜିଯାଏଁ ସେମିତି ଅଛି । ଦୁଇଜଣ ସବୁବେଳେ ସାଙ୍ଗ ନୁହେଁ ଭାଇ ଭଳି ଚଳି ଆସିଛନ୍ତି । ଉଭୟ ସାଙ୍ଗରେ ସ୍କୁଲ, ଟିଉସନ ଆଉ ଘରେ ବି ସବୁବେଳେ ସାଙ୍ଗରେ ରୁହନ୍ତି । ଏମିତିକି ଦୁଇଜଣଙ୍କ ମଧ୍ୟରୁ ଯଦି ଜଣେ କେବେ ବନ୍ଧୁଘରକୁ ଯିବାକୁ

To read the complete magazine, Download it for FREE from www.aahwaan.com

ବାହାରେ, ଉଭୟ ସାଥିହୋଇ ଯାଇଥାନ୍ତି । ସ୍କୁଲ ପରେ, କଲେଜ ସରିଲା । ଆଉ ଏବେ ଉଭୟ ଗୋଟିଏ କମ୍ପାନୀରେ ମଧ୍ୟ ସାଙ୍ଗରେ ଚାକିରୀ କରିଛନ୍ତି ।

ସେଦିନ ସମୀର ଆଉ ଶ୍ୟାମ୍ ବହୁତ ଖୁସି ଥିଲେ, ଘରଛାଡ଼ି ଚାକରୀରେ ଯୋଗଦେବା ପରଠାରୁ ଛଅ ମାସ ପରେ ସେମାନେ ଘରକୁ ଯାଉଥିଲେ । ସମୀର ନୂଆ ଗାଡ଼ି କିଣିଥିଲା, ତାକୁ ନେଇ ଉଭୟ ବହୁତ ଉତ୍ସାହ ସହ ବାହାରିଲେ ଘରକୁ । ମାତ୍ର ୧୧ ଘଣ୍ଟାର ରାସ୍ତା ଘରକୁ, ଆଉ ସେତିକି ସମୟ କେମିତି ଶୀଘ୍ର ସରିଯାଆନ୍ତା କି' ଏହା ଭାବି ଭାବି ଶ୍ୟାମ ଘୁମେଇ ପଡ଼ିଥିଲା । ସମୀର ଅତି ଉତ୍ସାହର ସହ ଗାଡ଼ି ଚଲାଉଥିଲା । କିନ୍ତୁ ସେମାନଙ୍କର ସେହି ଖୁସି ବେଶି ସମୟ ଯାଏଁ ରହିପାରିଲାନି । ହଠାତ୍ ସମୀରର ନଜର ପଡ଼ିଲା ସାମ୍ନାପଟରୁ ଦ୍ରୁତ ଗତିରେ ମାଡ଼ିଆସୁଥିବା ଗୋଟିଏ ଟ୍ରକ ଉପରେ । ବୋଧହୁଏ ଟ୍ରକଟିର ବ୍ରେକ କିମ୍ବା ସ୍ଟିଅରିଂ ଫେଲ ହୋଇଯାଇଥିଲା ଆଉ ସେ ଗଡ଼ାଣିଆ ରାସ୍ତାରେ ଟ୍ରକଟିକୁ ସମ୍ଭାଳିବାକୁ ଆପ୍ରାଣ ଉଦ୍ୟମ କରୁଥିଲା ତା'ର ଚାଳକଟି । ସମୀର କିଛି ଭାବିବା ଆଗରୁ ଟ୍ରକଟି ସିଧା ଆସି ଧକ୍କା ଦେଇଥିଲା ସମୀରର ଗାଡ଼ିକୁ ।

ତା' ପରେ କ'ଣ ହୋଇଥିଲା ସମୀରକୁ ଜଣା ନ ଥିଲା । ଦୁଇଦିନପରେ ଆଜି ତା'ର ଚେତା ଆସିଲା । ଶ୍ୟାମ୍‌ର ମଧ୍ୟ ଏବେଯାଏଁ ଚେତା ଆସିନଥିଲା । ସେ ଶ୍ୟାମ୍‌କୁ ଦେଖିବାକୁ ଇଚ୍ଛା କଲା, କିନ୍ତୁ ସୁଧାଂଶୁ ତାଙ୍କୁ ଶ୍ୟାମ୍‌ର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜଣାଇଲେ । ଏହାପରେ ସେ ସୁଧାଂଶୁଙ୍କୁ ଶ୍ୟାମ୍‌କୁ ଯେମିତି ହେଲେ ଭଲ କରିବାକୁ ଅନୁରୋଧ କଲେ । ଆଉ ଏହି ସବୁ କଥାବିଷୟରେ ଶ୍ୟାମକୁ ଜଣାଇବାକୁ ମନାକଲେ । ସମୀର ତା'ର ଆଖି ଦେଇ ଶ୍ୟାମ୍‌କୁ ଠିକ୍ କଲା । ଉଭୟ ଧିରେ ଧିରେ ଠିକ୍ ହୋଇଗଲେ । କିନ୍ତୁ ଶ୍ୟାମ୍ ଏବେ

To read the complete magazine, Download it for FREE from www.aahwaan.com

ସମୀର ସହ ମିଳାମିଶା ବନ୍ଦ କରିଦେଲା । କିଛି ଦେଖିପାରୁନଥିବା ସମୀର ସହ ଶ୍ୟାମ କେମିତି ବା ମିଶିବ, ସେଥିପାଇଁ ସେ ଧିରେ ଧିରେ ତା' ଠାରୁ ଦୂରେଇ ଗଲା ।

ତେଣେ ଶ୍ୟାମ୍‌ସମୀରଠାରୁ ଦୂରେଇ ଯିବାରୁ ସେ ନିଃସଙ୍ଗତା ଅନୁଭବ କରିବାକୁ ଲାଗିଲା, କିନ୍ତୁ ସମୀର ବୁଝିପାରୁନଥିଲା କି ଶ୍ୟାମ୍ କାହିଁକି ତା'ଠାରୁ ଦୂରେଇ ଯାଇଛି । ତଥାପି ସେ ଶ୍ୟାମ୍ ସହ ମିଶିବାକୁ ପ୍ରୟାସ କରିନାହିଁ । ସମୀରର କେବେଳ ଗୋଟିଏ ସାଙ୍ଗ ଥିଲା, ସେ ହେଉଛି ଶ୍ୟାମ୍ ଆଉ ଶ୍ୟାମ୍ ଦୂରେଇ ଯିବାପରେ ସମୀର ଧିରେ ଧିରେ ମାନସିକ ସ୍ତରରେ ଦୁର୍ବଳ ହେବାକୁ ଲାଗିଲା । ଏହି ସବୁ ବିଷୟରେ କେବଳ ସୁଧାଂଶୁଙ୍କୁ ହିଁ ଜଣା ଥିଲା । ମାତ୍ର ସେ ସମୀର ସହ କରିଥିବା ପ୍ରତିଜ୍ଞା ପାଇଁ କେବେ ଶ୍ୟାମ୍‌କୁ ସେ ବିଷୟରେ କହିନଥିଲେ । ଆଖି ହରାଇ ଏବେ ସମୀର ଜଣେ ଅସହାୟ ବ୍ୟକ୍ତି ପାଲଟି ଯାଇଥିଲା । ଆଉ ଏବେ ତା'ର ସବୁ ଆଶା ଆଉ ଆକାଂକ୍ଷା ଶ୍ୟାମ୍ ମଧ୍ୟ ଦୂରେଇ ଗଲା । ସମୀର ପାଖରୁ ସତରେ ଯେମିତି ତା'ର ପ୍ରାଣ ଚାଲିଯାଇଥିଲା । ଶେଷରେ ସମୀର ଦିନେ ପ୍ରାଣତ୍ୟାଗ କଲା, କିନ୍ତୁ ଯିବା ଆଗରୁ ସେ ଶ୍ୟାମ୍ ପାଇଁ ଡଃ ସୁଧାଂଶୁଙ୍କ ପାଖରେ ଛାଡ଼ିଗଲା ଗୋଟିଏ ପତ୍ର ।

ଦିନେ ଶ୍ୟାମ୍ ତା'ର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସୁଧାଂଶୁଙ୍କ ପାଖକୁ ଯାଇଥିଲା, ସେତେବେଳେ ସୁଧାଂଶୁ ତାକୁ ସମୀର ଶେଷ ଚିଠି ଦେଇଥିଲେ । ସେଥିରେ ସମୀରର ଲେଖା ଦେଖି ଶ୍ୟାମ୍ ହତବାକ୍ ହୋଇଯାଇଥିଲା । ସମୀର ଯେତେବେଳେ ହସ୍ପିଟାଲରେ ଜାଣିବାକୁ ପାଇଲା କି ଶ୍ୟାମ୍ ତା'ର ଆଖି ହରେଇ ଦେଇଛି, ସେତେବେଳେ ସେ ସୁଧାଂଶୁଙ୍କୁ ତା'ର ଆଖି ବଦଳରେ ଶ୍ୟାମ୍‌କୁ ଦୁନିଆ ଦେଖେଇବାକୁ ଅନୁରୋଧ କଲେ । ଆଉ ଏହି ବିଷୟରେ ଯେମିତି ଶ୍ୟାମ୍‌କୁ ଜଣାନପଡ଼େ, ସେ ବିଷୟରେ ସେ ସୁଧାଂଶୁଙ୍କୁ କହିଥିଲା ।

To read the complete magazine, Download it for FREE from www.aahwaan.com

ଛୋଟବେଳୁ ଶ୍ୟାମ୍ ସବୁବେଳେ ସମୀର ଆଖିରେ ଦୁନିଆ ଦେଖିଛି ଆଉ ଆଜି ବି ସେ ପୁଣିଥରେ ସେହି ସମୀର ଆଖିରେ ଦୁନିଆ ଦେଖୁଛି । ସେତେବେଳେ ସମୀର ଆଖିରୁ ଝରି ଗଲା ବୁନ୍ଦା ବୁନ୍ଦା ଲୁହ । ଆଉ ଯେଉଁ ସାଙ୍ଗର ଆଖି ନଷ୍ଟ ହୋଇଯାଇଛି ବୋଲି ସେ ସବୁବେଳେ ଦୁଃଖ ପ୍ରକାଶ କରୁଥିଲା, ଆଉ କେବେ ତାକୁ ସାମ୍ନା କରିବାର ସାହାସ ପାଉନଥିଲା । କେମିତି ବା ସେ ତାକୁ ସାମ୍ନା କରିଥାନ୍ତା, ଯେଉଁ ଆଖି ଛୋଟବେଳେ ତା'ର ଧ୍ୟାନ ରଖିଥିଲା, ସେହି ମରିଯାଇଥିବା ଆଖି ଆଗକୁ କେମିତି ଯିବ ବୋଲି ସେ ସମୀର ସହ ମିଶିବା ବନ୍ଦ କରିଦେଇଥିଲା । ହେଲେ ସେ ସାଙ୍ଗ ସିନା ଆଉ ଏଇ ଦୁନିଆରେ ନାହିଁ, କିନ୍ତୁ ତା'ର ସେହି ଅମୂଲ୍ୟ ଚକ୍ଷୁଦ୍ୱୟ ତା' ପାଖରେ ଛାଡ଼ିଯାଇଛି । ପିଲାଦିନରୁ ଏକ ହୋଇ ବଞ୍ଚିଥିବା ଦୁଇ ସାଙ୍ଗ ଆଜି ପୁଣଥରେ ଏକ ହୋଇଯାଇଛନ୍ତି ।

**ବନ୍ତ, ଭଦ୍ରକ, ଓଡ଼ିଶା**

To read the complete magazine, Download it for FREE from www.aahwaan.com

# ଦୁଇଟି ସର୍ତ୍ତ



ଡା. ସୁବାସ ଚନ୍ଦ୍ର ରାଉତ

ସନ୍ଧ୍ୟା ସମୟ । ସେ ଦିନ ଗ୍ରାଣ୍ଡ ମଲରୁ ବାହାରି ମୋ ରୋଲ୍‌ସ୍ ଗାଡ଼ି ପାଖକୁ ଆସୁଥିଲି । କଳା ମେଘ ଆକାଶକୁ ଢାଙ୍କି ରଖିଥାଏ । ଗୋଟିଏ ଅସରା ବର୍ଷା ହୋଇ ସଦ୍ୟ ଛାଡ଼ିଥାଏ । ଅଳ୍ପ ସମୟ ପରେ ନିଶ୍ଚୟ ଆଉ ଏକ ଅସରା ବର୍ଷା ହେବା ଭଳି ଲାଗୁଥାଏ । ତରତରରେ ଚାଲୁ ଚାଲୁ କେମିତି କେଜାଣି ଝୁଣ୍ଟିକରି ତଳେ ପଡ଼ିଗଲି । “ଆହା ପଡ଼ିଗଲେ”, କହି କେହିଜଣେ ମୋ ପାଖକୁ ଦଉଡ଼ି ଆସି ମୋତେ ଠିଆ କରେଇବାକୁ ଚେଷ୍ଟା କଲେ । ଧୀରେ ଭୁଇଁରେ ଭରା ଦେଇ ଝାଡ଼ି ଝୁଡ଼ି ହୋଇ ଉଠି ଠିଆହେଲି । ଦେଖିଲି, ମୋତେ ଠିଆ କରାଉଥିବା ମଣିଷଟି ଗୋଟିଏ ଝିଅ । ବୟସ ପ୍ରାୟ ୨୨ ବା ୨୩ ବର୍ଷ ହୋଇଥିବ । ମଇଳା ସାଲୱାର କମିଜ ପିନ୍ଧିଥାଏ । ମଇଳା ମୁଣ୍ଡ ବାଳ ଫୁର ଫୁର ହୋଇ ପବନରେ ଉଡୁଥାଏ । କମିଜ ଦୁଇଟି ଜାଗାରେ ଅଳ୍ପ ଚିରି ଯାଇଥାଏ । ଗାଧୋଇ ନ ଥିଲା ଭଳି ଲାଗୁଥିଲା । ମୋର ପ୍ୟାଣ୍ଟ ଓ କୋଟରେ କାଦୁଅ ଲାଗିଥିଲା । ସେ ଝିଅଟି ତାର ଓଢ଼ଣୀ ସାହାଯ୍ୟରେ କାଦୁଅ ପୋଛି ଦେଲା ।

To read the complete magazine, Download it for FREE from www.aahwaan.com

ଏମିତିରେ କୌଣସି ଝିଅ ଆଡ଼କୁ ମୁଁ କେବେ ଅନାଏନି, କିନ୍ତୁ ମୋତେ ଅଯାଚିତ ସାହାଯ୍ୟ କରିଥିବା ସେଇ ଝିଅ ଆଡ଼େ ମୋ ନଜର କେମିତି ସେଦିନ ଚାଲିଗଲା, ମୁଁ ଏବେବି ବୁଝିପାରୁନି । ଦେଖିଲି ତା ରଙ୍ଗ ବେଶ ଗୋରା, ଦେହ ଗଠନ ବେଶ ସୁନ୍ଦର । ସେ ଦିନର ପାଗ, ମେଘ, ତାର ବେଶ ପୋଷାକ ଓ ସର୍ବୋପରି ମୋତେ ସାହାଯ୍ୟ କରିଥିବା ସେଇ ଝିଅ ପ୍ରତି ମୋର ଅନୁକମ୍ପା ଆସିଲା ।

ପ୍ରଶ୍ନ କଲି, "ତୁମ ନାଁ କଅଣ ? ଘର କେଉଁଠି ?"

"ମୋ ନାଁ ଶେଫାଳି ।"

"ଘର କେଉଁଠି ?"

"ମନେ ନାହିଁ ।"

ବାପା, ମାଆ ?

"ମୋ ଘର ଦ୍ୱାର, ବାପା ମାଆଙ୍କ ନାମ କିଛି ମନେ ପଡୁନି ।"

"ଏଠିକି ଆସିଲ କେମିତି ।"

"ଆଜ୍ଞା, ମନେ ନାହିଁ । ମୋର ଭୁଲିବା ବେମାରି ଅଛି ।"

ମୋତେ ଆହୁରି ଦୟା ଲାଗିଲା । କହିଲି, "ମୋ ସାଥିରେ ଆସ, ମୋ ଘରେ ମେଘ ଛାଡ଼ିବା ପର୍ଯ୍ୟନ୍ତ ରହିଯିବ । ପୋଲିସକୁ କହି ବାପା ମାଙ୍କୁ ଖୋଜି ଦେବି ।"

"ନାଇଁ ଆଜ୍ଞା, ମୋତେ ଡ଼ର ମାଡୁଛି । ଏଇ ଦୋକାନ କଡ଼ରେ ଲୁଚିକରି ରାତିରେ ଶୋଇଯିବି । ଆପଣଙ୍କ ସାଥିରେ ଗଲେ କିଏ କଅଣ ଭାବିବ !"

"କେହି କିଛି ଭାବିବେନି, ଆସ । ସହରରେ ଅସାମାଜିକ ଲୋକଙ୍କର ଅଭାବ ନାହିଁ । ଏକୁଟିଆ ଝିଅ ଦେଖିଲେ କଅଣ ନାହିଁ କଅଣ ହେବ ।"

To read the complete magazine, Download it for FREE from www.aahwaan.com

ମୋର ସାମାଜିକ ଦାୟିତ୍ୱ ଭାବନା ତୀବ୍ର ହୋଇଆସିଲା । କେମିତି ଏ ଝିଅକୁ ମୁଁ ଜାଣୁ ଜାଣୁ ବିପଦ ମୁହଁରେ ଛାଡ଼ିଦେଇ ଚାଲିଯିବି !

"ଭାବିଲି, ଥାନାରେ ଛାଡ଼ିଦେବି, କିନ୍ତୁ ସଂଶୟ ଲାଗିଲା ।"

ବେଳେ ବେଳେ ଥାନାରେ ହିଁ ସବୁଠାରୁ ଜଘନ୍ୟ କାଣ୍ଡ ହୁଏ ।

ଆଶ୍ୱାସନା ଦେଇ କହିଲି, "ମୋତେ ବିଶ୍ୱାସ କର, ମୁଁ ତୁମର କୌଣସି ଅନିଷ୍ଟ କରିବିନି ।"

"ହଉ ଚାଲନ୍ତୁ", କହି ଅନିଚ୍ଛା ସତ୍ତ୍ୱେ ମୋ ସାଥେ ସାଥେ ଆସିଲା ।

"ଗାଡ଼ିରେ ବସ ।"

"ଆଜ୍ଞା, ଏଡ଼େ ବଡ଼ ଗାଡ଼ି ଆପଣଙ୍କର ।"

କିଛି ନ କହି ଗାଡ଼ିର ଆଗ ପାଖ କବାଟ ଖୋଲିଦେଇ ବସିବାକୁ କହିଲି ।

ବଡ଼ ବଡ଼ ଅବିଶ୍ୱାସ ଭରା ଆଖିରେ ମୋତେ ଅନେଇ ଧିରେ ଭିତରକୁ ଗଲା ।

ଦରବାନ ଗେଟ ଖୋଲିଦେଲା ପରେ ମୁଁ ମୋ ଘରର ପୋର୍ଟିକୋରେ ଡ୍ରାଇଭର ଗାଡ଼ି ପାର୍କ କଲା । ସେ ଗାଡ଼ିରୁ ଧିରେ ଧିରେ ବାହାରି ଆଶ୍ଚର୍ଯ୍ୟ ନୟନରେ ଘରକୁ ଅନେଇଲା ।

- "ଆପଣଙ୍କର ଏଇ ଘର, ଇଏ ତ ଗୋଟେ ଉଆସ !" ମୁଁ ଟିକିଏ ହସି ହଁ କଲି ।

ପରିଚାରକ ଦଉଡ଼ି ଆସି ସେ ଝିଅକୁ ଅନେଇଲା ।

- "ଆଜ୍ଞା, ଇଏ କିଏ, ଆପଣଙ୍କ କୋଟ ପେଣ୍ଟ ଏମିତି ମଇଳା କାହିଁକି ଦିଶୁଛି ?

- "ପରେ କହିବି, ଆଗ ତା'ପାଇଁ ଗୋଟେ ରୁମ ଖୋଲିଦେ, ସେ ରାତିରେ ଏଠି ରହିବ । ମୋ ଭଉଣୀର ଡ୍ରେସ ଥିବ, ତାକୁ ଦେ । ସଫା ସୁତରା ହେବା ପରେ ଡାଇନିଙ୍ଗ ହଲକୁ ଖାଇବା ବେଳେ ନେଇ ଆସିବୁ ।" ମୋର ଭଉଣୀ ଇହଧାମରେ ନଥିଲା, କଅଣ ହେବ ତା'ଡ୍ରେସ କାହାର ହେଲେ କାମରେ ଆସୁ ।

To read the complete magazine, Download it for FREE from www.aahwaan.com

- ଆଜ୍ଞା, ମୁଁ ଏଇ ବାରଣ୍ଡାରେ ଶୋଇପଡ଼ିବି ।” ମୋ ଭଳି ଗୋଟିଏ ହତଭାଗୀ ଝିଅ ପାଇଁ କାହିଁକି ଏତେ କଷ୍ଟ କରୁଛନ୍ତି ।” ଉତ୍ତର ନଦେଇ ମୋ ବାଥରୁମକୁ ଚାଲିଗଲି ।

ମୋର ମା, ଭାଇ, ଭଉଣୀ ଆଦି କେହି ଜୀବିତ ନଥିଲେ । ଅଳ୍ପ ଦିନତଳେ ବାପା ବି ମୋତେ ଏ ସଂସାରରେ ଏକୁଟିଆ ରଖି ଚାଲିଗଲେ । ମୋ ବାପା ଜଣେ ନାମୀ ଶିଳ୍ପପତି ଥିଲେ । ବହୁତ ଧନସମ୍ପତ୍ତି, ଘର, ବାଗବଗିଚା ଆଦିର ମୁଁ ଏକୁଟିଆ ଉତ୍ତରାଧିକାରୀ । ମୋ ସହରରେ ମୋତେ ବହୁତ ଲୋକ ଜାଣିଥିଲେ । ବିଭିନ୍ନ ଅନୁଷ୍ଠାନ ତରଫରୁ ସଭା ସମିତି ହେଲେ ମୋତେ ନିମନ୍ତ୍ରଣ ମିଳିଲେ ମୁଁ ଯାଏ । ଖବରକାଗଜରେ ସହରର ସର୍ବାଧିକ ଯୋଗ୍ୟତମ ଅବିବାହିତ ଯୁବକ (ମୋଷ୍ଟ ଏଲିଜିବଲ ବ୍ୟାଚେଲର) ବୋଲି ମୋ ନାମ ଛପା ହୁଏ । ବହୁତ ଝିଅ ମୋ ପଛରେ ପଡ଼ିଥାନ୍ତି । କିନ୍ତୁ ମୋ ମନ ଗୋଟେ ଶାନ୍ତ ସୁଶୀଳ ଝିଅ ଖୋଜୁଥାଏ । କାହାକୁ ଧରା ଦିଏନି ।

ରାତି ଦଶଟା ବେଳକୁ ମୁଁ ଡାଇନିଙ୍ଗ ହଲକୁ ଯାଇ ବସିଲି । ଅଳ୍ପ ସମୟ ପରେ ପରିଚାରକ ଶେଫାଳିକୁ ନେଇ ସେଠାକୁ କବାଟ ଖୋଲି ପଶି ଆସିଲା । ଅଦ୍ଭୁତ ପରିବର୍ତ୍ତନ । ସେ ଶେଫାଳି ନଥିଲା, ଗୋଟେ ପୁଷ୍ପ ଗୁଚ୍ଛ ଥିଲା, ଯୋଜନ ଗନ୍ଧା ଥିଲା ଯାହାର ଉପସ୍ଥିତିରେ ପବନରେ ସୁଗନ୍ଧ ହିଁ ସୁଗନ୍ଧ ଖେଳି ଯାଉଥିଲା । ଗୋରା ଦେହ, ସରୁ କଟୀ, ବଳିଲା ବଳିଲା ଶରୀର ଓ ସୁଠାମ ଗଢ଼ଣ । ଧନୁ ଭଳି ଭ୍ରୂଲତା ଓ ବଡ଼ ବଡ଼ ଦୁଇ ଆଖି । ସୁନ୍ଦର ଭାବରେ କୁଣ୍ଡା ହୋଇଥିବା କେଶ ଫ୍ୟାନ ପବନରେ ଧୀରେ ଧୀରେ ଆନ୍ଦୋଳିତ ହେଉଥିଲା । ତାକୁ ମୁଁ ଅନେଇ ରହିଗଲି । ଇଏ କିଏ, କେଉଁ ପରୀ ରାଜ୍ୟରୁ ଆସିଛି ! ମୁଁ ସେତେବେଳେ ମୋ ଭିତରେ ନଥିଲି, କେଉଁ ଅଲଗା ରାଜ୍ୟକୁ ଚାଲିଯାଇଥିଲି ଏବେବି ଭାବି ପାରୁନି । ଅପରୂପ ସୌନ୍ଦର୍ଯ୍ୟର ଦୁନିଆରେ ମୁଁ ହଜିଗଲି । ମୋ ସାମନାରେ ଖାଦ୍ୟ ଥୁଆ ହେବାରୁ ମୋର ଧ୍ୟାନ ଭଗ୍ନ ହେଲା ।

To read the complete magazine, Download it for FREE from www.aahwaan.com

- "ଆରମ୍ଭ କର, ଶେଫାଳି ।" କେତେ ଦିନ ଧରି ନ ଖାଇଥିବା ଭଳି ସେ ଖାଇବାକୁ ଲାଗିଲା ।

- "ଭଲ ଲାଗୁଛି ଖାଦ୍ୟ", ପଚାରିଲି ମୁଁ । "ଆଜ୍ଞା, କଅଣ କହିବି, ମୋ ଭଳି ଗରିବ ଝିଅ ପାଇଁ ଇଏ ଅମୃତ ।" ଟିକିଏ ରହି ପଚାରିଲା, "ଆପଣଙ୍କର ଆଉ କିଏ ଏଠି ଅଛନ୍ତି ? କାହାକୁ ଦେଖିପାରୁନି ।"

"ମୋର କେହିନାହାନ୍ତି, ସଂସାରରେ ମୁଁ ଏକୁଟିଆ । ଯେ ପର୍ଯ୍ୟନ୍ତ ତୁମର କିଛି ଠିକଣା ମିଳିନି, ତୁମେ ଏଠାରେ ରହିଯାଅ ।"

- "ନାହିଁ ଆଜ୍ଞା, ସକାଳୁ ମୁଁ ଚାଲିଯିବି । ମୁଁ ଆପଣଙ୍କ ଉପରେ ବୋଝ ହେବିନି ।"

- "ଶୁଣ, ବୋଝ ମୋଟେ ହେବନି । ତୁମେ ଏଠି ମୋର କାମ କରିବ, ବାସ୍ । ମୋର ଅନେକ କର୍ମଚାରୀ ଭଳି ରୋଜଗାର କରିବ ଓ ରହିବ । ତୁମ ସ୍ୱାଭିମାନ ରହିବ । ମୋ ଘର ସଫା ସୁତରା ରହୁଛି କି ନାହିଁ, ଦେଖିବ । ମୋ ପୋଷାକ ସଫା ହେଲାକି ନାହିଁ, ଇସ୍ତ୍ରୀ ହେଲାକି ନାହିଁ ଦେଖିବ । ସମୟ ବଳିଲେ ଫୁଲ ବଗିଚାରେ ବୁଲି ମାଳିର କାମ ତଦାରଖ କରିବ । ପାରିବ ନା, ଏଇ ସୁପରଭାଇଜର କାମ ?"

ସମୟ ଗଡ଼ି ଚାଲିଲା । କିଛି ଦିନ ପରେ ମୁଁ ଅନୁଭବ କଲି, ସେ ମୋ ଜୀବନର ଏକ ମୂଖ୍ୟ ଅଂଶ ହୋଇଯାଇଛି । ସେ ଡାକିଲେ ସକାଳେ ମୁଁ ନିଦରୁ ଉଠୁଥିଲି । ଦାନ୍ତ ଘଷା ବ୍ରସ ସେ ମୋ ହାତକୁ ବଢ଼େଇଦିଏ । ବାଥ ରୁମ ଜିନିଷ ଆଗରୁ ସେ ସଜାଡ଼ି ଦେଇଥାଏ । ଗାଧୋଇ ଆସିଲା ବେଳକୁ ମୋ ପୋଷାକ ସଜାଡ଼ି ରଖିଥାଏ । ଅଫିସ ଗଲା ପୂର୍ବରୁ ଜୋତା ବ୍ରସ କରି ରଖିଥାଏ । ଏମିତି ଘରେ ଥିବା ସମୟରେ ସେ ଦିନ ରାତି ମୋ ସେବାରେ ଲାଗିଥାଏ । ତା' ଉପରେ ମୁଁ ସଂପୂର୍ଣ୍ଣ ନିର୍ଭରଶୀଳ ହୋଇଯିବା ଅନୁଭବ କଲି । ତା' କଥା ମୁଁ

To read the complete magazine, Download it for FREE from www.aahwaan.com

ମନ୍ତ୍ରମୁଗ୍ଧ ଭଳି ମାନୁଥିଲି । କାହାକୁ ଟଙ୍କା ଦେବାକୁ ଥିଲେ ସେ ଚାବି ମୋଠାରୁ ନେଇ ଲକରରୁ ଟଙ୍କା କାଢ଼ି ମୋତେ ଦେଉଥିଲା । ଅତି ବିଶ୍ୱସ୍ତ ହୋଇଯାଇଥିଲା ।

ପ୍ରାୟ ୨୦/୨୫ ଦିନ ପରେ ମୁଁ ତା ପ୍ରତି ଗୋଟାଏ ତୀବ୍ର ଆକର୍ଷଣ ଅନୁଭବ କଲି । ଲାଗିଲା ଯେମିତି ତା'ବିନା ମୁଁ ରହିପାରିବିନି । ସେ ମୋ ପାଖକୁ ଆସିଲେ ମୋ ଦେହରେ ଏକ ଅଦଭୁତ ଶିହରଣ ଖେଳି ଯାଉଥିଲା । କିନ୍ତୁ ସେ କିଏ ମୁଁ ଜାଣିନି, କେଉଁ ଘରୁ ଆସିଛି ଜାଣିନି । ଭବିଷ୍ୟତ କଅଣ, ଜଣାପଡୁନି । ଧିରେ ଧିରେ ମୋତେ ଅସ୍ୱସ୍ତି ଲାଗିଲା । ଇଏ କଅଣ ହେଇଛି ମୋର ! ମୋର କ୍ଷୁଦ୍ର ଜୀବନରେ କୌଣସି ଝିଅ ପ୍ରତି ଆକର୍ଷଣ ଅନୁଭବ କରିନଥିଲି । ଅବଶ୍ୟ ଏହାର କାରଣ ଥିଲା  । କିନ୍ତୁ ମୁଁ ଯେମିତି ଅକସ୍ମାତ ବଦଳି ଗଲି । ଏମିତି ଆଉ କିଛି ଦିନ ଚାଲିଗଲା । ପ୍ରାୟ ମାସେ ପରେ ମୁଁ ଭାବିଲି ତାକୁ ବିବାହ କଲେ କ୍ଷତି କଅଣ । କିନ୍ତୁ ତା'ପୂର୍ବରୁ ତା ଇଚ୍ଛା ଜାଣିବା ଆବଶ୍ୟକ । ଭାବିଲି ଆଜି ଘରକୁ ଗଲେ ତାକୁ ମୋ ମନ କଥା କହିବି ।

ପୁଣି ଚିନ୍ତା କଲି, କାଳେ ନାହିଁ କରିଦେବ ! ଆଉ କିଛି ଦିନ ଯାଉ । ନା, ଆଉ ଅପେକ୍ଷା କରିହେବନି । ଆଜି ହିଁ ପଚାରିବି । ଦ୍ୱନ୍ଦରେ ରହିଲେ ବେକାର ମୁଣ୍ଡରେ ଚାପ ବଢୁଛି ।

ସନ୍ଧ୍ୟା ହେଲା । ଘରକୁ ଫେରି ଶେଫାଳିକୁ ଦେଖିଲିନି । ସେ ସବୁବେଳେ ଘର ସାମନା ବାରଣ୍ଡାରେ ମୋ ପାଇଁ ଅପେକ୍ଷା କରି ବସିଥାଏ । "ଆରେ କିଏ ଅଛ, ଶେଫାଳି କୁଆଡ଼େ ଗଲା । ତାକୁ ଡାକ" କହି ଗୋଡ଼ ହାତ ଧୋଇବାକୁ ଚାଲିଗଲି । ତା'ପରେ ଡ୍ରଇଂ ରୁମରେ ବସିଲି । ତଥାପି ଶେଫାଳିର ଦେଖା ନାହିଁ । ସନ୍ଧ୍ୟା ପୂର୍ବରୁ ସେ ବାହାରକୁ ଯାଇଥିବା କଥା ପରିଚାରକ କହିଲା । କୁଆଡ଼େ ଗଲା ଏତେବେଳ ଯାଏ । ଦୁନିଆ ଯାହା ହେଇଛି ନା ! ବାହାରେ କିଏ ତାକୁ ଅପହରଣ କରି ନେଲାକି ! ତା ସୌନ୍ଦର୍ଯ୍ୟ ଦେଖି କିଏ

To read the complete magazine, Download it for FREE from www.aahwaan.com

ଟେକି ନେଲା କି ! ଏମିତି ଭାବନାରେ ମୋ ମନ ଗୋଳମାଳ ଧରିଲା । ରାତି ଦଶ ହେଲା, ତଥାପି ଦେଖାନାହିଁ ।

ଖାଇବାକୁ ଇଚ୍ଛା ହେଲାନି । ଏପଟ ସେପଟ ଘର ଭିତରେ ବୁଲିବାକୁ ଲାଗିଲି । କୁଆଡ଼େ ଗଲା ଏତେବେଳ ପର୍ଯ୍ୟନ୍ତ ! ବିଛଣାରେ ପଡ଼ି ଗଡ଼ିଲି । ନିଦ ମୋ ଠାରୁ କୋଶେ ଦୂରରେ ଥିଲା । ଏମିତି ଭାବରେ କେତେବେଳେ ମୋତେ ନିଦ ହୋଇଗଲା, ମୁଁ ଜାଣିନି । ସକାଳେ ଡେରିରେ ନିଦ ଭାଙ୍ଗିଲା । ଡାକ ପକାଇଲି, "ଶେଫାଳି, ଶେଫାଳି । ଏତେ ଡେରି ହେଲାଣି, ମୋତେ ଡାକୁନ !" ପରିଚାରକ କହିଲା, "ଆଜ୍ଞା, ସେ ତ କାଲିଠାରୁ ଆଉ ଫେରିନାହାନ୍ତି ।" ଆରେ, ଅଦ୍ଭୁତ କଥା ! କୁଆଡ଼େ ଗଲା ? ଦିନ ଦଶଟା ବାଜିଲା । ଅଫିସ ଯିବାକୁ ବାହାରିଲି । ଆଲମିରା ଖୋଲିଲି । ଡ୍ରେସ କାଢ଼ି ପିନ୍ଧିଲି । ଲକରରୁ ପଇସା କାଢ଼ିବାକୁ ଯାଇ ଦେଖିଲି ଲକର କବାଟ ଆଉଜା ହୋଇଛି । ଆରେ, ଏଇଟା ଖୋଲା ରହିଲା କେମିତି ! ଭଲରୂପେ ଖୋଲି ଦେଖିଲି ଲକର ଖାଲି ଅଛି, କିଛି ନାହିଁ ତା ଭିତରେ । ଦୁଇ ହଜାରିଆ ୨୫୦ଟି ନୋଟ, ମୋଟ ୫ ଲକ୍ଷ ଟଙ୍କା ଲକରରେ ଥିଲା ।

କିଛି ସମୟ ଚୁପ ରହିଲି । ଭାବିବାକୁ ଲାଗିଲି, କିଏ ନେଇଥିବ । ସିସିଟିଭି ଖୋଲି ଦେଖିଲି ଶେଫାଳି ଲକର ଖୋଲି ଟଙ୍କା ନେଇଛି । ଛାତି ଭିତରେ କଅଣ ଗୋଟାଏ ଚିପି ହୋଇଗଲା । ଘୃଣା ଓ କ୍ରୋଧରେ ମୋ ମନ ଭରିଗଲା । କିଛି ସମୟ ପୂର୍ବରୁ ମୋ ମନରେ ଥିବା ତା'ପ୍ରତି ଥିବା ଅକୃତିମ ସ୍ୱର୍ଗୀୟ ପ୍ରେମ କୁଆଡ଼େ ମିଳେଇ ଧୂଆଁ ହୋଇଗଲା । ତା ଫୋଟୋ ଓ ସିସିଟିଭି ଚିତ୍ରର ପେନ ଡ୍ରାଇଭ ନେଇ ଥାନାକୁ ଚାଲିଲି । ଥାନା ଆଗରେ ପହଞ୍ଚି ହଠାତ ଭାବିଲି, ଏତେ ଭଲ ପାଉଥିଲି, ତାକୁ ଜେଲକୁ ଠେଲିଦେବି ! ନା ସମ୍ଭବ ନୁହେଁ । କେମିତି ସହି ହେବ ! ଅନ୍ତଦ୍ୱନ୍ଦ ବଢ଼ିଚାଲିଲା । ଶେଷରେ ମନ ସ୍ଥିର କରି ତା' ନାମରେ ଏଫଆଇଆର ଦେଇ ଫେରି ଆସିଲି ।

To read the complete magazine, Download it for FREE from www.aahwaan.com

ଭାବିଲି କେମିତି ମୋତେ ସେ ଏଭଳି ଧୋକା ଦେଇପାରିଲା । ମୋ ଭଲ ପାଇବାକୁ କଅଣ ବୁଝିପାରିଲାନି ନା ଆଉ କାହାକୁ ଭଲ ପାଉଥିଲା ! ଟଙ୍କା ନେଇ ତା ସାଥିରେ ବାହା ହେଇ ସୁଖରେ ରହିଯିବ । ତା ଆଖିରୁ ତ ମୋ ପ୍ରତି ସ୍ନେହ ଥିବା ଅନୁଭବ କରୁଥିଲି, କଅଣ ଅସୁବିଧା କେଉଁଠି ରହିଗଲା ଯେ ସେ ମୋତେ ଛାଡ଼ି ଚାଲିଗଲା । କହନ୍ତି, ଆଖି ହେଉଛି ମଣିଷ ମନର ଦର୍ପଣ । ତା ଆଖିରେ ଏ ଭୁଲ ଛବି କେମିତି ଦେଖିଲି । ମୋ ଦେଖିବାରେ ଓ ଅନୁଭବ କରିବାରେ କେମିତି ଏ ଭୁଲ ହେଲା ! ନିଜକୁ ଧିକ୍କାରିଲି । ପାଞ୍ଚ ଲକ୍ଷ ଟଙ୍କା ଚୋରୀର ଏତେ ମହତ୍ତ୍ୱ ମୋ ପାଇଁ ନ ଥିଲା, କାରଣ ମୋର ସମ୍ପତ୍ତି ୨୦୦ କୋଟି ଥିଲା । ମୋ ପାଇଁ ମୋର ଭଲ ପାଇବାଟା ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା । ଘରକୁ ଆସି ସୋଫାରେ ବସିଲା ପରେ ତା'ର ଆସିବାଠୁ ଯିବାଯାଏ କଥା ସବୁ ମୋ ଆଖି ଆଗରେ ଖେଳିଗଲା । ଆଖି ପତା ବନ୍ଦ ହେବା ମାତ୍ରେ ତା'ର ଛବି ନାଚିବାକୁ ଲାଗିଲା । ବହୁତ ମାନସିକ ଯନ୍ତ୍ରଣା ପାଇଲି । ଶେଷରେ ଠିକ କଲି ଏହାକୁ ଦୁଃସ୍ୱପ୍ନ ଭାବି ଭୁଲିଯିବି । ସୁନ୍ଦର ଚଢ଼େଇଟିଏ ମୋ ଘରକୁ ଉଡ଼ିଆସିଥିଲା, ଚାଲିଗଲା ।

ତାକୁ ଭୁଲିବା ନିମନ୍ତେ ମୁଁ କାମରେ ବିଶେଷ ମଗ୍ନ ରହିଲି । ଦିନ ଗଡ଼ି ଚାଲିଲା । ଛଅ ମାସ ପରେ ଦିନେ ମୁଁ ଗାଡ଼ିରେ ଯାଉ ଯାଉ ମୋ ଘରଠାରୁ ୫ କିଲୋମିଟର ଦୂରରେ ରାସ୍ତା କଡ଼ରେ ଶେଫାଳି ଠିଆ ହୋଇଥିବା ହଠାତ ଦେଖିଲି । କାର ଟିକିଏ ଦୂରରେ ବନ୍ଦ କରେଇ ସେ କି ଆଉ କିଏ ହୋଇଥିବ ଭାବି ଭଲରୂପେ ଦେଖିଲି । ଇଏ ସେଇ । ମୋ ମନର ଉତ୍କଣ୍ଠା ସୀମା ଟପିଗଲା । ଥାନାକୁ ଫୋନ କରିଦେଲି ଓ ଅଳ୍ପ ସମୟ ପରେ ପୋଲିସ ଆସି ତାକୁ ଥାନାକୁ ନେଇଗଲେ ।

ତା ପରଦିନ ଥାନାରୁ ଫୋନ ଆସିଲା, ଥାନା ବାବୁ ସେଠାକୁ ଯିବାକୁ ଡାକିଲେ । ଥାନାରେ ଯାଇ ଦେଖିଲି ଶେଫାଳି ଓ ଆଉ ଜଣେ ସୌମ୍ୟଦର୍ଶନ ବୟସ୍କ ବ୍ୟକ୍ତି ବସିଛନ୍ତି ।

To read the complete magazine, Download it for FREE from www.aahwaan.com

ମୋତେ ଦେଖି ଥାନାବାବୁ ବସିବାକୁ କହିଲେ । ଶେଫାଳି ପାଖରେ ମୁଁ ବସିପଡ଼ିଲି । ସେ ବ୍ୟକ୍ତିଙ୍କୁ ଚିହ୍ନେଇ ଦେଇ କହିଲେ, "ଇଏ ହେଉଛନ୍ତି ବିରାଜ ପାଲ । ତାଙ୍କର ବିଲାତରେ ବିଜିନେସ ଅଛି ଓ ଇଏ ତାଙ୍କ ଝିଅ । ମୋତେ ଲକ୍ଷ କରି କହିଲେ ଇଏ ସୁବ୍ରତ ଗୋଏଙ୍କା, ଗୋଏଙ୍କା ଇଣ୍ଡଷ୍ଟ୍ରିର ମାଲିକ ।" ମୁଁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି, ଏତେ ବଡ଼ ବିସ୍ମୟ ମୋ ପାଇଁ ଅପେକ୍ଷା କରିରହିଛି । ହାତଯୋଡ଼ି ବିରାଜ ବାବୁ ମୋତେ କହିଲେ, "ସୁବ୍ରତ ବାବୁ, ମୋ ଝିଅକୁ କ୍ଷମା କରିଦିଅନ୍ତୁ । ସେ ଯାହା ନେଇଛି ତାର ଦୁଇ ଗୁଣ ମୁଁ ଦେବି ବା ଯାହା ମାଗିବେ ଦେବି । ମୋ ଝିଅ କ୍ଲେପ୍ଟୋମାନିଆ ରୋଗର ଶିକାର । କ୍ୱଚିତ ସେ ଏହିଭଳି ହରକତ କରେ ନିଜ ଅଜ୍ଞାତରେ । ଗୋଟିଏ ରୋଗୀ ଭାବି କ୍ଷମା ଦିଅନ୍ତୁ । ତାକୁ କାନୁନ ଦଣ୍ଡରୁ ରକ୍ଷା କରନ୍ତୁ । ଶେଫାଳି ଉପରେ ଥିବା କ୍ରୋଧ ହଠାତ ପ୍ରଶମିତ ହୋଇଗଲା । ଆଶ୍ଚର୍ଯ୍ୟ ଚକିତ ହୋଇ ମୁଁ ତା'କୁ ଅନେଇ ରହିଲି ।

- "ଆପଣତ ଦୋଷ କରିନାହାନ୍ତି, କାହିଁକି କ୍ଷମା ମାଗୁଛନ୍ତି ।" ସେ ନିଜ ଝିଅକୁ କେଞ୍ଚି ଦେଇ କହିଲେ, "ଶେଫାଳି, ତୁ କ୍ଷମା ମାଗ ।" ତଳକୁ ଆଖି କରି ଶେଫାଳି ମୋତେ କହିଲା, "ମୋତେ କ୍ଷମା କରିଦିଅନ୍ତୁ ।" ବିରାଜ ବାବୁଙ୍କୁ ଅନେଇ କହିଲି, "ଦୁଇଟି ସର୍ତ୍ତରେ ଝିଅକୁ ମୁଁ କ୍ଷମା କରିଦେଇପାରେ ।"

- "ସବୁ ସର୍ତ୍ତ ମୁଁ ମାନିବାକୁ ମୁଁ ପ୍ରସ୍ତୁତ । କୁହନ୍ତୁ କଅଣ ଆପଣଙ୍କ ପ୍ରଥମ ସର୍ତ୍ତ । କଅଣ ପାଇଲେ ଆପଣ ଏଫଆଇଆର ଫେରେଇନେବେ ।"

- "ଶେଫାଳିକୁ ମୁଁ ବିବାହ କରିବାକୁ ଚାହେଁ, ସେ ରାଜି କି ?" ବାପ ଝିଅଙ୍କ ମୁହଁ ଉଜ୍ଜ୍ୱଳ ହୋଇଗଲା ।

ବିରାଜ ବାବୁ ସଙ୍ଗେ ସଙ୍ଗେ ରାଜି ହୋଇଗଲେ । "ଏହାଠାରୁ ଭଲ ପ୍ରସ୍ତାବ ମୋ ଝିଅ ପାଇଁ କେଉଁଠୁ ମିଳିବ !"

To read the complete magazine, Download it for FREE from www.aahwaan.com

ଧୀର ଲାଜୁଆ ସ୍ୱରରେ ଶେଫାଳି କହିଲା, "ମୁଁ କିନ୍ତୁ ରାଜି ନୁହେଁ ଏ ସର୍ତ୍ତରେ । ମୋର ବାହାଘରରେ ବାପା ରାଜି ହେଲେ କେମିତି ହେବ ? ମୋର ବି ଗୋଟେ ଆତ୍ମା ଅଛି, ଗୋଟେ ସର୍ତ୍ତ ଅଛି ।" ମୁଁ ହତାଶ ହୋଇଗଲି ।

"ତୁମର ସର୍ତ୍ତ କଅଣ, ମୋତେ କୁହ ?"

- "ଆପଣଙ୍କର ସର୍ତ୍ତଟା ବ୍ଲାକମେଲ କଲା ଭଳି ହେଲା । ସେଥିରେ ମୁଁ ରାଜି ନୁହେଁ । ବିନା ସର୍ତ୍ତରେ ମୋ ଆଗରେ ବିବାହ କରିବାକୁ ପ୍ରସ୍ତାବ ଦିଅନ୍ତୁ, ମୁଁ ଚିନ୍ତା କରିବି ।" ମୋ ମୁହଁରେ ହସ ଫୁଟିଉଠିଲା ।

-"ଶେଫାଳି, ମୁଁ ତୁମକୁ ବିବାହ କରିବାକୁ ଇଚ୍ଛୁକ, ତୁମେ ରାଜି କି ?

"ନାଁ, ମୁଁ ରାଜି ନୁହେ ।" ତା'ବାପା କ୍ରୋଧରେ ଚିତ୍କାର କରିଉଠିଲେ, "ଶେଫାଳି ଇଏ କଅଣ ହେଉଛି ?"

ମୁଁ ବୁଲିପଡ଼ି ଫେରିବାକୁ ବାହାରିଲି । ଲଜ୍ଜା ଓ କ୍ରୋଧରେ ମୁଁ ବାକଶୂନ୍ୟ ହୋଇଗଲି । ବିନା ସର୍ତ୍ତରେ ଯେତେବେଳେ ପ୍ରସ୍ତାବ ଦେଇଛି, ଆଉ କିଛି ବି ତା ବିରୁଦ୍ଧରେ କରିପାରିବିନି । ଦୁଇ ଜଣ ମିଶି ଭଲ ଭାବରେ ଠକିଲେ ମୋତେ !

କିନ୍ତୁ ମୁଁ ଫେରି ପାରିଲିନି, କିଏ ଯେମିତି ମୋ ବାମ ହାତକୁ ଭିଡ଼ି ଧରିଛି । ବୁଲି ପଡ଼ି ଦେଖିଲି ଶେଫାଳି ଧରିଛି ।

- "ଆରେ ଥଟ୍ଟାରେ କହିଲି ମ, ମୁଁ ସଂପୂର୍ଣ୍ଣ ରାଜି, ରାଜି, ରାଜି, ରାଜି ।"

- "ସତରେ କହୁଛ ?" କହି ଆନନ୍ଦରେ ଶେଫାଳି ଆଡ଼କୁ ମୋ ଡାହାଣ ହାତ ବଢ଼େଇଦେଲି । ସେ ମୋ ହାତରେ ହାତ ମିଳେଇବା ମାତ୍ରେ ମୋ ଦେହରେ ଏକ ଛୋଟ ବିଦ୍ୟୁତ ତରଙ୍ଗ ଖେଳିଗଲା । ମୋର ଦୁଇ ଆଖି ଆନନ୍ଦର ଆତିଶଯ୍ୟରେ ବୁଜି ହୋଇଆସିଲା । ବର୍ଷ ବର୍ଷର ଅପେକ୍ଷା ଯେମିତି ସମାପ୍ତ ହୋଇଗଲା । ଦୂରରୁ ଯେମିତି

To read the complete magazine, Download it for FREE from www.aahwaan.com

ସହନାଇର ସପ୍ତ ସ୍ୱର ଗୁଞ୍ଜନ ଭାସିଆସି ମୋ କାନରେ ବାଜୁଥିଲା । ଥାନା ବାବୁ ସହ ଥାନାରେ ଉପସ୍ଥିତ ଥିବା ସମସ୍ତେ ହସି ଉଠିଲେ ।

ମୋର ଦ୍ୱିତୀୟ ସର୍ତ୍ତ ବାକି ଅଛି । ସମସ୍ତେ ଥମିଗଲେ ।

- "ମୋର ଦ୍ୱିତୀୟ ସର୍ତ୍ତ - ତୁମେ ଆଉ କେବେ ମୋତେ ଛାଡ଼ି ଚାଲିଯିବନି ।"

ଦୁଷ୍ଟ ହସ ହସି ଶେଫାଳି କହିଲା, "ଆପଣ ଘରୁ ବାହାରିବା ପୂର୍ବରୁ ମୋତେ ଗୋଟେ ରୁମରେ ତାଲା ପକେଇଦେବେ, ହେଲେ ମୁଁ ଆଉ ଯାଇପାଇବିନି ।"

ଆଉ ଥରେ ସମସ୍ତେ ହସିଉଠିଲେ ।

ଭ୍ରାମ୍ୟଭାଷ – ୭୯୭୮୦୫୯୮୫୧
୨ ଏଫ, ଆଦିତ୍ୟ ପ୍ୟାଲେସ, ପାଇକ ନଗର
ଭୁବନେଶ୍ୱର, ୭୫୧୦୦୩

To read the complete magazine, Download it for FREE from www.aahwaan.com

# କବିତା ବାରିକଙ୍କ ସାହିତ୍ୟ



ଅଧ୍ୟାପିକା ରଞ୍ଜିତା ପାତ୍ର

କବିତା ବାରିକଙ୍କ କଥା-ସାହିତ୍ୟରେ ନିରୀର ଚିତ୍ର

ନାରୀ ହିଁ କବିତା ବାରିକଙ୍କ ଗଳ୍ପ ଉପନ୍ୟାସର କେନ୍ଦ୍ରବିନ୍ଦୁ । ଏ ନାରୀ କଥାକଥିତ ଉଗ୍ର ଆଧୁନିକା, ସ୍ୱେଚ୍ଛାଚାରିଣୀ, ପରକୀୟା ପ୍ରୀତିର ଉବୁଟୁବୁ ହେଉଥିବା ନାରୀ ନୁହେଁ । ସେ ସ୍ୱଭିମାନୀ ଆତ୍ମ-ନିର୍ଭରଶୀଳା ଓ ନିଜ ସଂପର୍କରେ ଅଧିକ ସଚେତନ । ସେ କାହାର ଦୟା, ସହାନୁଭୂତିକୁ ନେଇ ବଞ୍ଚିବାକୁ ଚାହେଁନା । ସେ ନିଜେ ନିଜର ପରିଚୟ ସୃଷ୍ଟି କରିବାରେ ଆଗ୍ରହୀ । ତେବେ ତାଙ୍କ ନାରୀମାନେ ଦୁଃଖିନୀ ପ୍ରତାରିତା । ଯଦିଓ ସମାଜ ସହ ଲଢ଼ିବାର ସୁଯୋଗ, ଶକ୍ତି ଅଛି । ତଥାପି ନିଃସଙ୍ଗତା ଓ ଆପଣା ମଣିଷର ଅବହେଳା ତାକୁ ଜୀବନ ଉପରୁ ବିଶ୍ୱାସ ହରାଇ ଦେବାକୁ ବାଧ୍ୟକରେ । ତାହାହିଁ ଘଟିଛି 'ପର୍ଦ୍ଦାପଛରେ ଗୀତ' ଉପନ୍ୟାସରେ । ବନଶ୍ରୀ ଜୀବନରେ ଏହିପରି ପରିସ୍ଥିତି ହୋଇଛି ପ୍ରତିଫଳିତ ।

ପ୍ରଖ୍ୟାତ ଶିଳ୍ପପତି ଗୋରା ଚାନ୍ଦଙ୍କ ଏକମାତ୍ର ଅଲିଅଳି କନ୍ୟା ବନଶ୍ରୀ । ବାପା ତା'ର ବାହାଘର ଠିକ କରି ଦେଇଛନ୍ତି କମ୍ପାନୀର ମ୍ୟାନେଜର ପି.ସି ଦାସ ସହିତ । ମାତ୍ର ଲୋକଟାର ହାବଭାବରୁ ସେ ଜାଣିପାରେ ତାର

To read the complete magazine, Download it for FREE from www.aahwaan.com

ସ୍ୱଭାବ । ବନଶ୍ରୀ ବିବାହ କରିବାକୁ ରାଜି ହୁଏ ନାହିଁ । ହଠାତ ଦିନେ ଏକୁଟିଆ ଥିବାର ସୁଯୋଗନେଇ ପି. ସି ଦାସ ତାକୁ ବଳାତ୍କାର କରେ । ବନଶ୍ରୀ କଅଁଳ ନାରୀମନର ସବୁତକ ସ୍ୱପ୍ନ ଭାଙ୍ଗି ଚୁନମାର ହୋଇଯାଏ । ଏକଥା ଜାଣିବା ପରେ ବାପାମା' ତା'ସହିତ ବାହାଘର ଶୀଘ୍ର କରି ଦେବାକୁ ଚାହିଁଛନ୍ତି । ବାଧ୍ୟ ହୋଇ ମନକୁ ବୁଝାଇ ବନଶ୍ରୀ ରାଜିହୁଏ । ଦିନେ ପି.ସି ଦାସ ଘରକୁ ଯାଇ ଦେଖେ ଆଉ ଏକ ନାରୀ ସହିତ ତାର ସମ୍ପର୍କକୁ । ବନଶ୍ରୀ ଦୃଢ଼ ନିଷ୍ପତ୍ତି ନିଏ ପି.ସି ଦାସକୁ ବିବାହ ନ କରିବା ପାଇଁ । ପରେ ଜାଣିପାରେ ସେ ଗର୍ଭବତୀ । ବାପାମାଙ୍କ କହିବା ସତ୍ତ୍ୱେ ସେ ଗର୍ଭପାତ କରିବା ପାଇଁ ସେ ରାଜି ହୋଇ ନାହିଁ । ମାତୃତ୍ୱର ପ୍ରଥମ ସ୍ପନ୍ଦନକୁ ଚାହିଁ ସେ ସମସ୍ତ ଜୀବନ କଟାଇ ଦେବାର ନିଷ୍ପତ୍ତି ନେଇଛି । ହେଲେ ବିକାସ ଦାସ ବିଦେଶରେ ଡାକ୍ତରୀ ପଢ଼ିବା ପାଇଁ ଶିଳ୍ପପତି ଗୋରା ଚାନ୍ଦ ସମସ୍ତ ଖର୍ଚ୍ଚ ତୁଲାଇବା ପାଇଁ କଣ୍ଟ୍ରାକ୍ଟ ହେବା ବଦଳରେ ବନଶ୍ରୀକୁ ବିବାହ କରିବାକୁ ରାଜି ହୋଇଛି । ବନଶ୍ରୀ ବିଷୟରେ ବସୁ ଜାଣି ମଧ୍ୟ ବିକାଶ ସମ୍ମତି ଦେଇଛି । ବିଦେଶରୁ ଡାକ୍ତରୀ ଡ଼ିଗ୍ରୀ ନେଇ ଫେରିଲା ପରେ ସ୍ତ୍ରୀ ବନଶ୍ରୀ ସହିତ ମାନସିକ ସ୍ତରରେ ଆଡ଼ଜଷ୍ଟ କରି ପାରିନାହିଁ । ପୁଅଝିଅର ମାଆ ହେବା ସତ୍ତ୍ୱେ, ନିଜ ଅବୈଧ ସନ୍ତାନ ଆଶ୍ରମରେ ବଢ଼ିବାର ଚିନ୍ତା ଓ ସ୍ୱାମୀଙ୍କ ଅବହେଳା କରିଛି ବିଚଳିତ । ଶେଷରେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିଛି । ବନଶ୍ରୀ, ଶ୍ରୀୟା, ଜଲି ଏମିତି ବିଭିନ୍ନ ନାରୀ ଚରିତ୍ର ଯେ ଯାହାର ପରିସରରେ ସ୍ୱୟଂ ସଂପୂର୍ଣ୍ଣତା ।

'ମନର ଘର' ଉପନ୍ୟାସରେ ବେବୀ ସେମିତି ଏକ ନିଃସଙ୍ଗ ଚରିତ୍ର । ବାପାଙ୍କର ନିୟମ, ଶପଥ ସ୍ୱାଭିମାନ ପାଇଁ, ଭିତରେ ଭିତରେ ସନ୍ତୁଳିତ ହୋଇ ସାରାଜୀବନ ଅବହେଳିତ ହୋଇ ରହି ଯାଇଛି । ବୁବୁ ଭାଇଙ୍କ ପାଇଁ ତାର ଭଲପାଇବା କିଛି କମ ନଥିଲା । ନାରୀର ମନସ୍ତାତ୍ତ୍ୱିକ ପ୍ରତିକ୍ରିୟା ଦ୍ୱନ୍ଦର ଚିତ୍ର । 'ମନର ଘର' ଉପନ୍ୟାସରେ ସଫଳ ଭାବରେ ରୂପାୟିତ ହୋଇଛି । ନାରୀ ମନର ବାହ୍ୟ ଦ୍ୱନ୍ଦ ଏବଂ ଅନ୍ତଃଦ୍ୱନ୍ଦର ଚିତ୍ର

To read the complete magazine, Download it for FREE from www.aahwaan.com

ଉପସ୍ଥାପନ କରିବାରେ ଲେଖିକା ବେଶ ଦକ୍ଷା । ତାଙ୍କ ନାରୀ ଚରିତ୍ର ବାସ୍ତବ ଓ ଆଦର୍ଶ ସଂଘର୍ଷରେ ପଡ଼ି କେବେ କେବେ ଅସହାୟ ହୋଇ ପଡ଼ିଛନ୍ତି ସିନା ଭାଙ୍ଗି ପଡ଼ି ନାହାନ୍ତି । ସମାଜର ନୀତିନିୟମକୁ ଉଲଘଂନ କରି ପାରିନାହାନ୍ତି । ଏହିସବୁ ଘଟଣାଚକ୍ର ମନର ଘର ଉପନ୍ୟାସରେ ହୋଇଛି ପରିବେଷିତ । ନାରୀଟିଏ ଆତ୍ମନିର୍ଭରଶୀଳା ହେବା ପାଇଁ ଆର୍ଥିକ ସ୍ୱଚ୍ଛଳତା ନିତ୍ୟାନ୍ତ ଆବଶ୍ୟକ । ତେଣୁ ଲେଖିକା ବେବୀକୁ ଅଧ୍ୟାପିକା ଚାକିରୀରେ ନିଯୁକ୍ତି ଦେଇ ତାର ମନୋବଳକୁ ଦୃଢ଼ କରିଛନ୍ତି । ତା'ର ଅଧିକାର ହାସଲ କରିବା ପାଇଁ ମଧ୍ୟ ସମସ୍ତ ରାସ୍ତା ତିଆରି କରିଛନ୍ତି । ବେବୀର ଚରିତ୍ରକୁ ଆଦର୍ଶବାଦୀ କରିବା ସଂଗେ ସଂଗେ ସାଧାରଣ ନାରୀ ମନର କାମନା, ବାସନାକୁ ଅତି ସୁନ୍ଦର ଭାବରେ ପ୍ରତିଫଳିତ କରିଛନ୍ତି ଲେଖିକା କବିତା ବାରିକ । ଶେଷରେ ପ୍ରିୟ ପୁରୁଷ ବୁବୁ ଭାଇ ସହିତ ବିବାହର ସଂକେତ ଦେଇ ମିଳନାତ୍ମକ ପରିବେଷ ସୃଷ୍ଟି କରିଛନ୍ତି ।

କବିତା ବାରିକଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ ହେଲା 'ଜୀବନ ନଈ' । ଏଥିରେ ବିଭିନ୍ନ ନାରୀ ଚରିତ୍ର ରହିଛି । ରମା ଓ ହେମ ଚରିତ୍ର, ଏହି ଉପନ୍ୟାସର ବହୁ ଚର୍ଚ୍ଚିତ ନାରୀ ଚରିତ୍ର । ଭାଗ୍ୟ ଭିତରେ ବିଡ଼ମ୍ବିତ ହୋଇ ଯାଇଛି ଦୁହିଁଙ୍କ ଜୀବନ । 'ଜୀବନ ନଈ'ରେ ରମା ଚରିତ୍ର ପ୍ରତି ଲେଖିକା ଟିକେ ନିଷ୍ଠୁର ହୋଇଗଲା ପରି ମନେହୁଏ । ଯାବତୀୟ ଦଣ୍ଡ, ନିର୍ଯ୍ୟାତନାର ପାହାଡ଼ ତା ଉପରେ ଅଜାଡ଼ି ଦେଇଛନ୍ତି । ବନ୍ୟାର ଦାଉରେ ପରିବାର ଠାରୁ ଓ ନିଜ ନିଜ ମନର ମଣିଷ କୁମାର ଠାରୁ ବିଚ୍ଛିନ୍ନ ହେବାର ଯନ୍ତ୍ରଣା ପାଇଛି । ଭୋକ ଉପାସରେ ପେଟର ଜ୍ୱାଳାକୁ ରମା ଅବ୍ୟକ୍ତ ବୁକୁ ଫଟା ଲୁହରେ ସମାଧି ଦେଇଛି । ଏତିକିରେ ସରି ଯାଇନାହିଁ ତା ଜୀବନର ଗାଥା । ଶେଷରେ ମାନବ ରୂପି ଦାନବମାନଙ୍କର ଧର୍ଷଣର ଶୀକାର ହୋଇ ଇହଧାମରୁ ବିଦାୟ ନେଇଛି । ଏହି ଉପନ୍ୟାସର ଅନ୍ୟ ଏକ ଚରିତ୍ର ହେମ । ଭଲପାଇବା ଭିତର ସେ ନିଜର କଳୁଷିତ ଦେହକୁ ଶିବନାଥକୁ ଭେଟି ଦେବାକୁ କୁଣ୍ଠା ପ୍ରକାଶ କରିଛି । ଶିବନାଥର ମହାନତା ପାଖରେ ସେ ନଇଁ ଯାଇଛି ।

To read the complete magazine, Download it for FREE from www.aahwaan.com

ସେଥିପାଇଁ ଶିବନାଥ ହେମର ଚିଠି ପଢ଼ିବା ପରେ ବୁଝିପାରିଛି ଭଲପାଇବା କେତେ ବ୍ୟାପକ, ଅନନ୍ତ, ଅସୀମ । ହେମ ଠାରୁ ସେ ଶିଖିଛନ୍ତି ପ୍ରେମର ସ୍ୱରୂପ, ଭଲପାଇବା ଓ ଆତ୍ମସଂଯମ ।

'ସମ୍ପର୍କ' ଉପନ୍ୟାସରେ ଔପନ୍ୟାସିକା, ଜ୍ୟୋତ୍ସ୍ନା ଚରିତ୍ରରେ ପ୍ରଗ୍ରେସିଭ ଚିନ୍ତାଧାରାର ଜୀବନ୍ତ ପ୍ରତିଫଳନ କରାଇଛନ୍ତି । ମଣିଷର ଦୋଷ ଦୁର୍ବଳତାର ସଂସ୍କାର କରି ଏକ ଆଦର୍ଶ ସମାଜ ଗଢ଼ିବାର ସ୍ୱପ୍ନ ଦେଖିଛନ୍ତି । ଜୀବନରେ ଗଢ଼ି ଉଠିଥିବା ତିକ୍ତ ଓ ମଧୁର ସଂମ୍ପର୍କକୁ ନେଇ ତା ମନର ଦ୍ୱନ୍ଦ୍ୱ, ଝଡ଼କୁ ରୂପାୟିତ କରିଛନ୍ତି । ସେ ବୁଝିଛି ସବୁ ସଂପର୍କର ଅର୍ଥ ଭିନ୍ନଭିନ୍ନ । ବେଳେବେଳେ ସଂମ୍ପର୍କ ଜୀବନର ଗତି ପଥକୁ ବଦଳାଇ ଦିଏ । ସେହି ବଦଳାଇବା ଭିତରେ ଜୀବନର ସ୍ୱପ୍ନ, ଲକ୍ଷ୍ୟ ଭାସିଯାଏ ।

'ଈପସିତ ସକାଳ' ଉପନ୍ୟାସରେ କଳାବତୀ, ଅହଲ୍ୟା ଦିଦି ହେଲେ ବିଶିଷ୍ଟ ନାରୀ ଚରିତ୍ର । ଉଆଁସୀ କନ୍ୟା କଳାବତୀ ଦୁଇ ଦୁଇଥର ବିବାହ ହେଲା ପରେ ବିଧବା ହୋଇଛି । ସ୍ୱାମୀଙ୍କ ମୃତ୍ୟୁ, ରୋଗ ହେଉକି ଦୁର୍ଘଟଣା ହେଲେ ସଣ୍ଢ଼ଣା ଶୁଣିଛି କଳାବତୀ । ପରମ୍ପରା ଓ ବିଶ୍ୱାସରେ ଉଆଁସୀ କନ୍ୟାକୁ ବାହାଦେଲେ ମୃତ୍ୟୁ ଯୋଗ ହୁଏ । କଳାବତୀ ଜୀବନରେ ତାହା ସାବ୍ୟସ୍ତ ହୋଇଛି । ତେଣୁ ମନୋଜର ପ୍ରେମକୁ ଗ୍ରହଣ କରି ନପାରି ସେ ଅନ୍ୟତ୍ର ବଦଳି ହୋଇଯାଇଛି । ସେହିପରି ବାମାବାଦୀ ସତ୍ତାର ଏକ ପ୍ରତିନିଧି ଚରିତ୍ର ଅହଲ୍ୟା ଦିଦି । ଯୌତୁକ ଲୋଭରେ ବିବାହ ବେଦୀରୁ ଉଠିଯାଇଥିବା ବରକୁ ଅହଲ୍ୟା ଦିଦି ବିବାହ ମଣ୍ଡପରେ ଶକ୍ତ ଚାପୁଡ଼ା ମାରିଛନ୍ତି । ସେ ମଧ୍ୟ ଏହିପରି ବିବାହ ଓ ବର ଚାହାଁନ୍ତି ନାହିଁ ବୋଲି ସାବ୍ୟସ୍ତ କରିଛନ୍ତି । ପୁରୁଷଙ୍କ ପ୍ରତି ତାଙ୍କ ମନରେ ଆସିଛି ବିଦ୍ୱେଷ । ତାପରେ ଅହଲ୍ୟା ଦିଦି ଆଉ ବିବାହ ହୋଇନାହାନ୍ତି । ଶିକ୍ଷକତା ଆଉ ସମାଜ ସେବାରେ ନିଜକୁ ନିୟୋଜିତ କରିଛନ୍ତି । ପୁରୁଷ ତାନ୍ତ୍ରିକ ସମାଜ ବ୍ୟବସ୍ଥା ଭିତରେ ଯୌତୁକଲୋଭୀଙ୍କ

To read the complete magazine, Download it for FREE from www.aahwaan.com

ପାଇଁ ଅହଲ୍ୟା ଦିଦି ଏକ ଶାଣିତ ପ୍ରତିବାଦ । ସେହିପରି ମୁଗୁନି, ଫୁଲମଣି, ଝୁମୁର ଭଳି ନାରୀ ଚରିତ୍ରମାନଙ୍କର ତୁଳନା ନାହିଁ ।

'ପୃଷ୍ଠା' ଉପନ୍ୟାସରେ ଶିଖା ଓ ଅନୋଖା ଚରିତ୍ରର ଚିତ୍ରଣରେ ଲେଖିକା ଦୁଇଟି ବୀପରିତ ଧର୍ମି ଚରିତ୍ରର ଅବତାରଣ କରିଛନ୍ତି । ଶିଖା ଅତ୍ୟନ୍ତ ସ୍ୱପ୍ନ ବିଳାସୀ, ପ୍ରାଚୁର୍ଯ୍ୟ, ସୁଖ ଭିତରେ ନିଜର ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି । ତେବେ ଯାହାକୁ ସେ ବିବାହ କରିଛି, ସେ ଥିଲେ ଜଣେ ନାରୀ ଭୋଗୀ ଜଣେ ସ୍ଖଳିତ ପୁରୁଷ । ଅନୁତାପ କଲା ବେଳେକୁ ସମୟ ଗଡ଼ିଯାଇଛି । ସେମିତି ଅନୋଖା ଗରିବ ଝିଅଟିଏ ହୋଇଥିବାରୁ ନିଜ ପ୍ରିୟ ପୁରୁଷକୁ ବିବାହ କରିପାରିନି । ତେବେ ସିଦ୍ଧାର୍ଥଙ୍କ ହାତ ଧରି ସେ ନୂଆ ଜନ୍ମ ପାଇଛି । ତା ସଂସାରକୁ ସେ ସଜାଡ଼ି ନେଇଛି ।

ଏହିପରି ଦେଖିଲେ କବିତା ବାରିକଙ୍କ ଉପନ୍ୟାସରେ ବିବିଧ ନାରୀ ଚରିତ୍ରର ସମାହାର ଘଟିଛି । ପ୍ରାୟ ଉପନ୍ୟାସଗୁଡ଼ିକ ନାୟିକା ପ୍ରଧାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ନାରୀକୁ ସେ ଚରିତ୍ରହୀନା, କଳଙ୍କିନୀ, ଦେହସର୍ବସ୍ୱ କରିବା ଅପେକ୍ଷା ଅଧିକ ତ୍ୟାଗଶୀ. କର୍ତ୍ତବ୍ୟପରାୟଣା, ଆଦର୍ଶବାଦୀ, ଚରିତ୍ରମତି, ସର୍ବଂସହା କରିବାରେ ଧ୍ୟାନ ଦେଇଛନ୍ତି । ନିତିଦିନିଆ ଓଡ଼ିଆ ପାରିବାରିକ ଜୀବନ ଭିତରୁ ତାଙ୍କର ଦୁର୍ବଳତା, ଦ୍ୱନ୍ଦ, ସଂଘର୍ଷ ଦେଖାଇବାରେ କାର୍ପଣ୍ୟ କରିନାହାନ୍ତ । ଅପରାଜିତା, ହେମ, ରମା, କଳାବତୀ, ଫୁଲମଣି, ଝୁନିଅପା, ଅହଲ୍ୟା ଦିଦି, ଝୁମୁରି, ମୁଗୁନି, ବେବୀ, ଇନ୍ଦୁ ପ୍ରଭୃତି ନାରୀ ଚରିତ୍ରମାନେ ସମାଜର ଜଣେ ଜଣେ ପ୍ରତିନିଧିଧର୍ମୀ ନିଖୁଣ ପ୍ରତିମା । ଏମାନଙ୍କର ସଂମ୍ପର୍କ ସମାଜସହ, ଜୀବନସହ ବଡ଼ ନିବିଡ଼ । କାବ୍ୟିକ ଭାଷା ମାଧ୍ୟମରେ ଏହି ଚରିତ୍ରମାନେ ହୋଇ ଉଠିଛନ୍ତି ଭାବୋଦ୍ଦୀପ । ସ୍ନେହ, ପ୍ରେମ, ସେବା, ତ୍ୟାଗ, ଈର୍ଷା, ଜ୍ୱାଳା, ବିଦ୍ରୋହ, ମୁଖସ୍ୱପ୍ନ ଐଶ୍ୱର୍ଯ୍ୟ ଭିତରେ ଏମାନେ ଅହରହ ସନ୍ତୁଳି ।

To read the complete magazine, Download it for FREE from www.aahwaan.com

ନାରୀକୁ ଔପନ୍ୟାସିକା ଭିନ୍ନ ରୂପରେ ଉପସ୍ଥାପନ କରିଛନ୍ତି । ନାରୀ ଜୀବନର ସତ୍ତାକୁ ରୂପ ଦେବାବେଳେ ତା'ର ମାନସିକ ସ୍ଥିତିର ଚାରଣ କରିବାକୁ ସେ ଭୁଲି ନାହାନ୍ତି । ବିଶେଷକରି ନାରୀର ସଚେତନ ଓ ଅବଚେତନର ମନର ସୂକ୍ଷ୍ମ ବିଶ୍ଳେଷଣ ହେଉଛି ତାଙ୍କ ଉପନ୍ୟାସର ମୁଖ୍ୟ ଆକର୍ଷଣ । କେଉଁଠି ନାରୀ ପାଇଁ ନାରୀ ଶିକ୍ଷା, ନାରୀର ଅଧିକାର ଓ ସ୍ୱାଧୀନତା ଅପହଞ୍ଚ ହେଲାବେଳେ କେଉଁଠି ସେ ରକ୍ଷଣଶୀଳ ତ ଆଉ କେଉଁଠି ବିଦ୍ରୋହୀ ରୂପେ ଠିଆ କରାଇଛନ୍ତି । ଏକପ୍ରକାର ପ୍ରତିବାଦର ସ୍ୱର ସୃଷ୍ଟି କରିଛନ୍ତି । ଏହି ଅନନ୍ୟ ନାରୀ ଚରିତ୍ର ମାନଙ୍କର ସ୍ଥିତି ଓଡ଼ିଆ ମାଟି ଉପରେ । ସେମାନଙ୍କର ବିକାଶ, ଉତ୍ତରଣ ମଧ୍ୟ ଓଡ଼ିଶାରେ । ପାଠକ ଯେତେବେଳେ ଏହି ଚରିତ୍ରମାନଙ୍କୁ ଭେଟେ ସେମାନଙ୍କର ଅଦର୍ଶ, ତ୍ୟାଗ, ନିଃସଙ୍କୋଚ, ଦୃଢ଼ ଆତ୍ମନିର୍ଭରଶୀଳତା ସମାଜ ସହିତ ଯୁଝିବାର କଠୋର ତପସ୍ୟା ପାଖରେ ନଇଁଯାଏ । ପ୍ରଭାବିତହେବା ସଂଗେସଂଗେ ମନ ଭିତରେ ଗଭୀର ଛାପ ରହିଯାଏ । ସାଧାରଣ ନାରୀଟିଏ ତାଙ୍କ କଲମରେ ଅସାଧାରଣ ହୋଇ ଉଠେ । କେବେ ପର ଘରେ ମୂଲ ଲାଗୁଥିବା ଅନାଥ ଝିଅ ମଲୀକୁ ସ୍ୱର୍ଗର ପରି କରି ତୋଳିଛନ୍ତି ତ କେତେବେଳେ ପ୍ରେମ ଓ ତ୍ୟାଗର ଦ୍ୱନ୍ଦ୍ୱ ଭୂମିରେ ହେମ ଓ ରଚନା ଭଳି ଚରିତ୍ରକୁ ଠିଆ କରାଇଛନ୍ତି । ପୁଣି କେବେ ନାରୀ ମନର ଗହନ କଥା, ଅନ୍ଧାରି, ବୈଚିତ୍ୟପୂର୍ଣ୍ଣ ଦିବକୁ ଉଖାରି ଦେଇଛନ୍ତି । ଅନ୍ୟ ବାଗରେ କହିଲେ ତାଙ୍କ ଉପନ୍ୟାସରେ ନାୟିକାମାନେ ହିଁ ହୋଇଛନ୍ତି କାବ୍ୟିକ ସୁଷମା । କହିବା ବାହୁଲ୍ୟ ଲେଖିକା ନିଜେ ନାରୀ ହୋଇଥିବାରୁ ନିଜ ଜୀବନ ଅନୁଭୂତିରେ ସାଉଁଟିଥିବା ନାରୀଜୀବନର ସମ୍ବେଦନଶୀଳ ରୂପକୁ ଅତ୍ୟନ୍ତ ନିଖୁଣ ଭାବରେ ଦର୍ଶାଇଛନ୍ତି ତାଙ୍କ ଲେଖାରେ । ସେଥିପାଇଁ ବୋଧହୁଏ କବିତାଙ୍କ ଉପନ୍ୟାସରେ ନାରୀ ଚରିତ୍ରକୁ ଓଡ଼ିଆ ପାଠକ ନିଜ ଘରେ, ନିଜ ପଡ଼ିଶାରେ ଏବଂ ନିଜ ସମାଜ ମଧ୍ୟରେ ଭେଟିବା ପରି ମନେକରେ । ନାରୀ ହୃଦୟର ବବୀର ରହସ୍ୟ ଉନ୍ମୋଚନ କରି ଓଡ଼ିଆ ଉପନ୍ୟାସ ଜଗତରେ ଏକ ନୂତନ ଦିଗନ୍ତର ସନ୍ଧାନ ଦେଇଛନ୍ତି । ଅଭିଯାତ ତୂଳୀତଳ୍ପ

To read the complete magazine, Download it for FREE from www.aahwaan.com

ଶଯ୍ୟାରେ ସେ ତାଙ୍କ ନାୟିକାକୁ ନ ଚଲାଇ ଗଡ଼ାଇ ଦେଇଛନ୍ତି ମାଟି ଓ କଣ୍ଟକିତ ଶଯ୍ୟାରେ । ଜୀବନର ଘାତ ପ୍ରତିଘାତ ସହିତ ତାଳ ଦେଇ ଚେତନ, ଅବଚେତନ ମନ ସହ ସଂଘର୍ଷ କରି କେବେ କେବେ ପରାଜିତ ହୋଇଛନ୍ତି ତ କେବେ ଦୟା ଲାଭ କରିଛନ୍ତି । ସେମାନଙ୍କୁ ଲେଖିକା ଯଥାସମ୍ଭବ ଦୟା, କ୍ଷମା, ସେବା, ତ୍ୟାଗ, ପବିତ୍ରତା ଓ ସହିଷ୍ଣୁତାର ଅବତାରରେ ପରିଣତ କରିଛନ୍ତି । ନିଜେ ଜଳି ଅନ୍ୟକୁ ଆଲୋକ ଦେଖାଇବା ହିଁ ତାଙ୍କ ନାରୀ ଚରିତ୍ର ବୈଶିଷ୍ଟ୍ୟ ।

ନାରୀ ଚରିତ୍ର ବା ମନସ୍ତତ୍ତ୍ୱର ଚିତ୍ର ପ୍ରଦାନ କଲାବେଳେ ସେ ଅନ୍ୟମାନଙ୍କ ପରି ବାସ୍ତବତାର ଦ୍ୱାହି ଦେଇ ଆଦର୍ଶ ଠାରୁ ଦୂରେଇ ଯାଇ ନାହାନ୍ତି । ଆଦର୍ଶ ନାମରେ ବାସ୍ତବତାକୁ ଅଗ୍ରାହ୍ୟ କରି ନାହାନ୍ତି । ଉଭୟ ଆଦର୍ଶ ଓ ବାସ୍ତବତାର ମାନଦଣ୍ଡରେ ତଉଲି ସେ ନାରୀକୁ ଏକ ମହନୀୟ ଓ ଦୀପ୍ତିମନ୍ତ ଚରିତ୍ର ଭାବରେ ପ୍ରତିପାଦନ କରିପାରିଛନ୍ତି । ବାଲ୍ୟ ବିଧବା, ବାଲ୍ୟ ବିବାହ, ନାରୀ ନିର୍ଯ୍ୟାତନା, ଯୌତୁକ ପ୍ରଥାକୁ ନେଇ ଅନେକ ସମ୍ବେଦନଶୀଳ ଚିତ୍ର ତାଙ୍କ ଉପନ୍ୟାସରେ ପରିଲକ୍ଷିତ ହୋଇଥାଏ । ପ୍ରଚଳିତ ସମାଜରେ ରାଜନୀତି, ନାରୀର ସ୍ୱାତନ୍ତ୍ର୍ୟ, ମାନସିକ ସ୍ଥିରତା, ବ୍ୟକ୍ତି ସତ୍ତାର ପ୍ରତିଷ୍ଠାକୁ ଦେଖାଇଛନ୍ତି । ନାରୀକୁ ଲେଖିକା ପୁରୁଷର ଶଯ୍ୟାସଙ୍ଗିନୀ କି ଛୁଆ ଜନ୍ମ କରା ମେସିନ ଭାବରେ ନ ଦେଖି ତାର ପ୍ରତିଭା ଗୁଣାବଳୀକୁ ତର୍ଜମା କରି ମାନବିକ ମୂଲ୍ୟବୋଧ ବିଷୟରେ ସଚେତନ କରାଇଛନ୍ତି ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
(ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)

To read the complete magazine, Download it for FREE from www.aahwaan.com

# ଆଖଡ଼ା



ସୁଧାଂଶୁ ଦ୍ୱିବେଦୀ

ନୂଆ ନୂଆ ନିଶ ଗୁଜୁରୁଥିବା ପଧାନସାହି ଟୋକା ବିଜୟର ମନ ଆଜି ଭାରି ଖୁସି । ସେହି ଖୁଶି ମିଜାଜରେ ରମାଭାଇ ଦୋକାନରୁ ଡ଼ିଲକ୍ସ ଜର୍ଦ୍ଦା, କିମାମ୍, ଚମନବହାର ଓ ଗୁଜୁରାତି ମଞ୍ଜି ପକେଇ ୪ଟା ପାନ କିଣିଲା । ଖଣ୍ଡେ ବାଁ କଳରେ ପୁରେଇ ଦାନ୍ତରେ ଥରେ ଦିଇଥର ଦାବିଦେଇ ପଚ୍ ପଚ୍ କରି ଛେପ୍ ପକେଇଦେଲା ପିଚୁ ସଡ଼କ ଉପରେ । ତା'ପରେ ସିନେମା ଗୀତକୁ ଗୁଣୁ ଗୁଣୁ ହୋଇ ଚାଲିଲା ଆଖଡ଼ା ଘର ଆଡ଼କୁ ।

ଆଖଡ଼ା ଘରର ଚାବି ଖୋଲିଦେଇ ଝଡ଼ା ପହଁରା କରିଦେଲା । ପୋଖରୀରୁ ପାଣି ଆଣି ଘର ସାରା ଛିଞ୍ଚାଛିଞ୍ଚି କରିଦେଲା । କାନ୍ଥ କୋଣରେ ଥିବା ମା' ଭଗବତୀଙ୍କ ଫଟୋରେ ଫୁଲ ଚଢ଼େଇ ଧୂପ ଜାଳି, ସାଷ୍ଟାଙ୍ଗ ପ୍ରଣାମ ଟିକେ କରିଦେଇ ବସି ରହିଲା ।

ଘଣ୍ଟାଏ ଉପରେ ହେବ ସେ ବସିଛି । ଆଉ କାହାର ଦର୍ଶନ ନାହିଁ । ଏକା ଏକା ବସି ବିରକ୍ତ ଲାଗୁଥାଏ । ପୁଣି ମଶାଙ୍କ ଉପଦ୍ରବପାଇଁ ଦୁଇ ହାତକୁ କୁଲାପରି ହଲେଇବାର

To read the complete magazine, Download it for FREE from www.aahwaan.com

ଉପକ୍ରମରେ ଥାଆନ୍ତି । ମଝିରେ କେହି କେହି ଆସି ପଚାରି ଗଲେ, "ମାଲ୍ ଆସିଲାଣି ନା ?"

"ମାଲ୍ କଣ ?" ବିଚରା ବିଜୟ ସେ ବିଷୟରେ ଅଜ୍ଞ । ଅନେକ ଚିନ୍ତା କରୁଛି । ଶଙ୍କର ଭାଇ କଥା ଦେଇଛି ଏଇ ବର୍ଷ ଯାତ୍ରାରେ ସେ ଅଭିନୟ କରିବ । ସେଇଥିପାଇଁ ତା ମନ ଆଜି ପୁରା ଗଦଗଦ । ଯାତ୍ରାରେ ଅଭିନୟ କରିବା କିଛି ସାମାନ୍ୟ କଥା ନୁହେଁ । କେତେ ଲୋକ ତାକୁ ଦେଖିବେ । ପ୍ରଶଂସାରେ ପୋତି ପକେଇବେ । ଧିରେ ଧିରେ ତା ପ୍ରଶଂସା ଚାରିଆଡ଼େ ହେବ । ସେ ବି ଜଣେ ବଡ଼ କଳାକାର ହୋଇଯିବ । ବଡ଼ ବଡ଼ ଯାତ୍ରା ପାର୍ଟିର ସୁନ୍ଦରୀ ହିରୋଇନଙ୍କ ସାଙ୍ଗେ ଅଭିନୟ କରିବ । ନାଚିବ- ଗାଇବ- ମଜିଯିବ ।

ତା ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିନି ହଠାତ୍ ରମାଭାଇ ଗୋଟେ ଝିଅ ସହିତ ଆଖଡ଼ା ଭିତରକୁ ପଶି ଆସିଲା । ତା' ପଛରେ ବର୍ଷାଦିନିଆ କଉମାଛ ନାଳି ପରି ପେଣ୍ଟୁନ୍, ଅଶୋକ, ଗଗନ, ଶୁକୁଟା, ସତ୍ୟ, କାଶି, ରାମ, ବାବୁ, ଶଙ୍କର ଭାଇ ଓ ଆହୁରି ଅନେକ ପଶି ଆସିଲେ । ଦେଖୁ ଦେଖୁ ଆଖଡ଼ା ଘର ଭରି ହୋଇଗଲା । କିଛି ସମୟପରେ ଯାତ୍ରା ମାଷ୍ଟର ବଷ୍ଟିମଜୀ ମଧ୍ୟ ନିଶକୁ ସାଉଁଳି ସାଉଁଳି ଭିତରକୁ ପଶି କହି ଉଠିଲେ, "ଆରେ ଦେଖି ଦେଖି କେମିତି ଅଇନା ଆଣିଛ ?"

ଝିଅଟି ସେତେବେଳକୁ କାନ୍ଥକୁ ଡେରି ବସିଥାଏ । ସେଇଠି ଅଟକିଗଲେ ବଷ୍ଟିମ୍ ମାଷ୍ଟ୍ରେ । ତାକୁ ଚାହିଁ କହିଲେ, "ମୁହଁଟା ଉପରକୁ ଉଠା ତ । ଦେଖେ ତୋ ବଦନଟା କେମିତି ।"

କାନ୍ଥକୁ ଡେରି ବସିଥିବା ଝିଅ ଅଣ୍ଟା ସଳଖି ମୁହଁ ଉପରକୁ ଉଠାଇଲା । ମାଷ୍ଟ୍ରେ ତା ମୁହଁ ଉପରେ ଟର୍ଚ୍ଚ ଲାଇଟ୍ ପକେଇ କଣ ପରୀକ୍ଷା ନିରୀକ୍ଷା କଲେ କେଜାଣି କହିଲେ, "ହଃ... ଏଥର ଜମିଲା । ଅଇନା ନାହିଁ ତ କି ଯାତରା ବେ ?"

To read the complete magazine, Download it for FREE from www.aahwaan.com

ତାପରେ ମାଷ୍ଟ୍ରଙ୍କ ଆଦେଶାନୁସାରେ ରିହାର୍ସଲ୍ ଆରମ୍ଭ ହୋଇଯାଏ । ଗୋଟେ ପରେ ଗୋଟେ ଦୃଶ୍ୟ ଗଡ଼ିଚାଲେ । ଝିଅଟି ନିର୍ଦ୍ଦେଶ ଅନୁସାରେ ନିଜ ଅଭିନୟ କରେ । ମାଷ୍ଟ୍ରେ ପୋଖତ ଲୋକ, ଭଲ ନିର୍ଦ୍ଦେଶନା ଦିଅନ୍ତି । ଏଇମିତି ପ୍ରାୟ ମାସେରୁ ଅଧିକ ସମୟ ଆଖଡ଼ାଘରେ ପ୍ରତିଦିନ ରିହାର୍ସଲ୍ ଚାଲେ । ନିଜର ଅଭିନୟ ସରିଗଲେ ଝିଅଟି କାହ୍ନକୁ ଡେରି ବସିରହେ । ରମାଭାଇ ତା ପାଖକୁ ଲାଗିବସି ରହେ ।

ପ୍ରତିବର୍ଷ କାଳୀପୂଜାରେ ଆମ ଗାଁରେ ପ୍ରତିଯୋଗୀତା ମୂଳକ ଯାତ୍ରା ପ୍ରଦର୍ଶିତ ହୁଏ । ଯେଉଁ ଦଳ ଶ୍ରେଷ୍ଠ ବିବେଚିତ ହୁଏ ତାଙ୍କୁ ପୁରସ୍କାର ମିଳେ । ଅଭିନେତା ଅଭିନେତ୍ରୀଙ୍କୁ ବି ବିଶେଷ ପୁରସ୍କାର ସବୁ ଦିଆଯାଏ ।

ନିର୍ଦ୍ଧିଷ୍ଟ ତାରିଖରେ ମଞ୍ଚସ୍ଥ ହେବା ପୂର୍ବରୁ ପ୍ରାୟ ମାସେ ଦେଢ଼ମାସ ଆଖଡ଼ା ଘରେ ରିହାର୍ସଲ୍ ହୁଏ । ସେଇଥିପାଇଁ ଭଡ଼ା ସୂତ୍ରରେ ଯାତ୍ରାରୁ ଝିଅଟିଏ ଅଣାଯାଏ । ଯେମିତି ଅଇନା ନ ହେଲେ ମୁଣ୍ଡ କୁଣ୍ଡେଇ ହୁଏନି, ସେମିତି ଯାତ୍ରା ଝିଅ ନ ଆସିଲେ କେହି ରିହାର୍ସଲରେ ମନ ଦିଅନ୍ତି ନାହିଁ । ଝିଅଟିଏ ଆସିଗଲେ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱଠୁ ପ୍ରସାଧନ ସାମଗ୍ରୀ ଇତ୍ୟାଦି ସବୁକଥା ରମାଭାଇ ବୁଝେ ।

ସମସ୍ତେ ସେଇ ଝିଅ ସହ ଅଭିନୟ କରିବା ପାଇଁ ବ୍ୟାକୁଳ ହୋଇ ଉଠନ୍ତି । ସେଥିପାଇଁ ଅଭିନେତା ଚୟନ ପାଇଁ ବହୁତ ବାକବିତଣ୍ଡା ଓ ତର୍କ-ବିତର୍କ ବି ହୁଏ । ଯାହାକୁ ଯେଉଁ ଅଭିନୟ କରିବାକୁ କୁହାଯାଏ, ପରେ ତାହା ପୁଣି ଅଦଳ ବଦଳ ବି ହୋଇପାରେ । ହେଲେ ଶଙ୍କର ଭାଇ ଭାରି ଟାଣୁଆ ମରଦଟେ । ସେ ସବୁବେଳେ ଆମ ଯାତ୍ରାର ହିରୋ । ବୟସ ହୋଇଗଲେ ସୁଦ୍ଧା ସେ ଜିଦ୍ ଧରି ବସେ । ରିହାର୍ସଲରେ ସେ ଯାତ୍ରା ଝିଅଙ୍କ ସହ ଥେଇ ଥେଇ ହୁଏ । କେହି କିଛି ପାଟି ଫିଟେଇ ପାରନ୍ତି ନାହିଁ । ପାଟି ଫିଟିଲେ ଆଖଡ଼ା ଘରେ ପ୍ରଳୟ ଆସେ । ଶଙ୍କର ଭାଇର ଟାଣୁଆ ମୁଠି କାହା ପିଠି ଅବା ପେଟରେ ବାଜେ ।

To read the complete magazine, Download it for FREE from www.aahwaan.com

ଦିନେ ଦୁଇ ଦିନ ଆଖଡ଼ାଘର ଅନ୍ଧାର ରହେ । ପୁଣି ରମାଭାଇ ଉଦ୍ୟମରେ ବୁଝାସୁଝା ହୋଇ ଶଙ୍କର ଭାଇକୁ ବିଶେଷ ଅନୁରୋଧପରେ ପୁଣି ଥରେ ରିହାର୍ସଲ ଚାଲେ ।

ରମାଭାଇ ଦେଖାଯାଏ ଭାରି ସରଳ । ହେଲେ ପକ୍କା ରସିକ ଲୋକଟାଏ । ଗାଁ ପଞ୍ଚାୟତ ଛକରେ ପାନ ସହ କସ୍‌ମେଟିକ୍‌ସ ଦୋକାନ କରି ସଂସାର ଚଳାଏ । ସ୍କୁଲ୍ କଲେଜର ଖରାବେଳ ଛୁଟି ସମୟରେ ତା ଦୋକାନରେ ଅଜସ୍ର ଭିଡ଼ । କାହା ହାତରେ ଚୁଡ଼ି ତ କାହା ମଥାରେ ଟିକିଲି ପିନ୍ଧାଇବାରେ ସେ ସିଦ୍ଧହସ୍ତ । କାହାକୁ ବିଡ଼ିଆ ମିଠାପାନ ଦିଏ ତ କାହାକୁ ଚକୋଲେଟ୍ ଦେଇ ମନ କିଣିନିଏ । ବନେଇ ବାଗେଇ କଥା କହିବାର ଶୈଳୀ ଓ ଆପଣାର କରିବାର କଳା ତାକୁ ବେସ୍ ଜଣା । ତା'ର ଏ ଭଳି ସ୍ୱଭାବ ପାଇଁ ଅନ୍ୟ ଦୋକାନୀମାନେ ଇର୍ଷା କରନ୍ତି । କିନ୍ତୁ ସେ କେବେ ସେ ସବୁକୁ ଖାତିର କରେନି ।

ଏ ସବୁ ବାଦ୍, ସେ ଜଣେ ବଡ଼ କଳାପ୍ରେମୀ । ପ୍ରତିବର୍ଷ ଯାତ୍ରା ମହୋତ୍ସବରେ ଗାଁର କ୍ଲବ୍ ମେମ୍ବରଙ୍କୁ ଏକତ୍ର କରି ଯାତ୍ରା କରିବାପାଇଁ ପ୍ରସ୍ତୁତ କରାଏ । କେବେ ରିକ୍ସାବାଲା ତ କେବେ ଗରିବଚାଷୀ ପୁଣି କେବେ ସମ୍ବଳହୀନ ସ୍ୱାଧୀନତା ସଂଗ୍ରାମୀର ଅଭିନୟ କରି ଲୁହରେ ନିଜକୁ ଓ ଦର୍ଶକଙ୍କୁ ଭିଜେଇଦିଏ ।

ପ୍ରତ୍ୟହ ଆଖଡ଼ାକୁ ଆସିଲେ ଯାତ୍ରା ଝିଅଟି ପାଇଁ ତା ମନଲାଖି ଧୂଳିଗୁଣ୍ଡି ଲବଙ୍ଗଦିଆ ପାନ ଆଣେ । ଆଖଡ଼ା ଘରେ ଅନ୍ୟ ଚରିତ୍ରମାନଙ୍କ ଅଭିନୟ ଚାଲୁଥିବା ବେଳେ ସେ ସୁଯୋଗ ଦେଖି ଝିଅକୁ ବାହାରକୁ ନେଇଯାଏ । ଆଖଡ଼ାଘର ବାହାର ଅନ୍ଧକାରରେ ସେମାନେ ଗୁଣୁଗୁଣୁ ହୋଇ କଣ କଥା ହୁଅନ୍ତି ସେମାନେ ହିଁ ଜାଣିଥିବେ । ତାର ଏପ୍ରକାରର ରସିକିଆ ହାବଭାବ ଦେଖି କେହି କେହି ପ୍ରତିବାଦ କରନ୍ତି, ତା'ହରେ ଯାତ୍ରା ଝିଅ ରହିପାରିବନି ବୋଲି ଦାବୀ କରନ୍ତି । ବେଳେ ବେଳେ ଏହି ସବୁ ଝଗଡ଼ାରେ ହାତ ଉଠିଯାଏ । ବିଚରା ବଷ୍ଟିମ୍ ମାଷ୍ଟ୍ରେ ନିରବରେ ଖାଲି ଦେଖନ୍ତି ।

To read the complete magazine, Download it for FREE from www.aahwaan.com

ସଭିଏଁ ଆଙ୍ଗୁଳି ଖେଞ୍ଚନ୍ତି ରମାଭାଇ ପିଠିରେ । ଶଙ୍କର ଉପରେ ରାଗ ଶୁଝିବା ବଦଳରେ ବିଚରା ନିରିହ ରମାଭାଇ ବଳିପଡ଼େ ।

ତା ପରଦିନ ଆଖଡ଼ା ହୁଏ । ଯାହାକୁ ନେଇ ଏତେ ଗୋଳମାଲ ପାଟିତୁଣ୍ଡ ହୁଏ, ତାହାର ଆସିବା ବାଟକୁ ସଭିଏଁ ଚାତକ ପରି ଚାହିଁ ରହନ୍ତି ।

ପ୍ରଧାନ ସାହି ଟୋକା ବିଜୟ ମାଲ୍ ମାନେ କଣ ଏବେ ପୁରା ବୁଝିଗଲାଣି । ହେଲେ ଶଙ୍କର କହିବା ଅନୁସାରେ ତାକୁ ଏ ଯାଏ କିଛି ବି ଚରିତ୍ର ଦିଆଯାଇନାହିଁ । ପ୍ରତିଦିନ ସେ ଖାଲି ଆଶା କରି ଚାହିଁ ରହିଛି ଅନ୍ୟମାନଙ୍କୁ । କିନ୍ତୁ ଧିରେ ଧିରେ ତା ଆଶା ନିରାଶାରେ ବଦଳିବାକୁ ଆରମ୍ଭ କଲାଣି ।

ସେଦିନ ବି ତା ପାଳି ପଡ଼ିଲାନି । ସଭିଏଁ ନିଜ ନିଜ ରିହାର୍ସଲ ସାରିଦେଇ ଘରକୁ ଚାଲିଗଲେ । ଅଥଚ ପ୍ରତିଦିନ ପରି ବିଜୟ ଆଖଡ଼ାଘର ସଫାକରି ଲାଇଟ୍ ସବୁ ବନ୍ଦକରି ଘରକୁ ବାହାରିବା ବେଳକୁ ରାତି ବାର ବାଜିଲାଣି ।

ସକାଳୁ ଉଠିବାମାତ୍ରେ ବାପାଙ୍କର ତାଗିଦ୍ ଶୁଭେ, "ହତଭାଗା, ନିତି ଆଖଡ଼ା କରିବାକୁ ଯାଉଛି । ଅଧରାତିରେ ଘରକୁ ଫେରୁଛି । ଆଖଡ଼ା - ବିଖଡ଼ା, ଅତି ବେହିୟା ଯିଏ ନାଚି ନାଚି ଯାଏ ।" ବାପାଙ୍କର ତାଗିଦକୁ ଜର୍ଦ୍ଦାପାନ ଭଳି ହଜମ କରିଦିଏ, ଆଉ ସନ୍ଧ୍ୟା ନ ହେଉଣୁ ପୁଣି ଯାଇ ଆଖଡ଼ାଘର ଖୋଲି ନିଜ ସୁଯୋଗ ପାଇଁ ଚାହିଁ ରହେ ।

ସେଦିନ ଶଙ୍କର ଭାଇର ଅନୁମତିରେ ବିଜୟ ଜଣେ ଅନୁପସ୍ଥିତ ସଦସ୍ୟଙ୍କ ଅଭିନୟ କରିବାକୁ ଠିଆହେଲା । ପଛରୁ ପ୍ରମ୍ପଟର୍ ଡାଏଲଗ୍ ଶୁଣାଉଥାଏ । ହେଲେ ବିଜୟ କାନ ପାଖରେ କିଏ ଯେମିତି ଝାଞ୍ଜ ବାଡ଼େଇଲା ପରି ଝାଏଁ ଝାଏଁ କରୁଥାଏ । ପୁରା ଶରୀର ବରଡ଼ା ପତ୍ର ପରି ଫଡ୍ ଫଡ୍ ହେଉଥାଏ । ଅନ୍ୟମାନେ ସବୁ ତା ମୁହଁକୁ ଚାହିଁ ରହିଥିଲେ ।

To read the complete magazine, Download it for FREE from www.aahwaan.com

ହଠାତ୍ ସମସ୍ତଙ୍କ ହାସ୍ୟରୋଳରେ ସେ ଚମକି ପଡ଼ିଲା । ତାକୁ ଦେଖି ସବୁ ହୋ ହୋ ହୋଇ ହସୁଥାନ୍ତି । ପ୍ରକୃତିସ୍ଥ ହେବାବେଳକୁ ସେ ଜାଣିବାକୁ ପାଇଲା ଯେ ସେ ପ୍ୟାଣ୍ଟରେ ପରିସ୍ରା କରିଦେଇଛି । ସେହିଦିନ ପରଠାରୁ ତାକୁ ଆଉ ଆଖଡ଼ା ଘରେ ଦେଖିବାକୁ ମିଳିନି ।

ଅନେକ ଘାତ ପ୍ରତିଘାତ ଅତିକ୍ରମ କରିବାପରେ ନିର୍ଦ୍ଧିଷ୍ଟ ଦିନ ନାଟକ ମଞ୍ଚସ୍ଥ ହୁଏ । ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ହେବାପାଇଁ ଠାକୁର - ଠାକୁରାଣୀଙ୍କୁ ଲାଞ୍ଚ ଦିଆଯାଏ । କଦଳି ନଡ଼ିଆ କାନ୍ଧି ଯାତ୍ରା ପେଣ୍ଡାଲରେ ଝୁଲାହୁଏ ।

ଯାତ୍ରା ମହୋତ୍ସବ ସରେ । ଅନେକଙ୍କଠାରୁ ନିଜ ପ୍ରଶଂସା ଶୁଣି ଛାତି କୁଣ୍ଢେ ମୋଟ ହୋଇଯାଏ ରମାଭାଇର । କିନ୍ତୁ ତା ମନ ତଳର ମନଟା ଛଟପଟ ହୁଏ ଗତରାତିରେ ତା ସହ ଅଭିନୟ କରୁଥିବା ଯାତ୍ରା ଝିଅର ବିଦାୟ ଦୃଶ୍ୟକୁ ଦେଖି । ଦୀର୍ଘଦିନର ମିଳାମିଶା, ଗପସପ ଓ ଭାବପ୍ରବଣତାରେ ଛଳ ଛଳ ହୋଇଯାଏ ତା ଦୁଇ ଆଖି । ତଥାପି ସେ ଆଖିର ଲୁହକୁ ପୋଛି ମୁଣ୍ଡରେ ପାଗ ଭିଡ଼େ ଆଗାମୀ ବର୍ଷର ଆଖଡ଼ା ପାଇଁ ବହି ଖୋଜିବାରେ ଲାଗିଯାଏ ।

ଯୋଗ ଫର ଲାଇଫ୍
ବିସି - ୭୪, ସେକ୍ଟର - ୧, ସଲ୍ଟଲେକ୍
କୋଲକାତା - ୬୪
ଦୂରଭାଷ : ୯୬୮୧୩୭୩୫୧୨

To read the complete magazine, Download it for FREE from www.aahwaan.com

# ନିଃସ୍ୱାର୍ଥ ପ୍ରେମ



ଅକ୍ଷୟ କୁମାର ସାହୁ

"ଚନ୍ଦନ..... ବାପା ଚନ୍ଦନ, ଉଠିପଡ଼ ଦିନ ଆସି ୧୦ଟା ବାଜିଲାଣି ପରା । ଆଜି କଲେଜ ଯିବୁନି କି ?"

ମାଳତୀ ଦେବୀ ରୋଷେଇ ଘରେ ଥାଇ ପୁଅକୁ ଡାକ ପକାଉଥାନ୍ତି । ଚନ୍ଦନ ହେଉଛି ଗୋଟିଏ ବୋଲି ପୁଅ । ବାପାମା'ଙ୍କର ବହୁତ ଗେହ୍ଲା । ସେଥିପାଇଁ ସକାଳୁ ଉଠି ପୁଅ କଲେଜ ଯିବ ବୋଲି ଗରମ ଗରମ ଜଳଖିଆ ପ୍ରସ୍ତୁତ କରୁଛନ୍ତି । ବାପାଙ୍କର ଅଫିସ ସମୟ ହୋଇଯିବାରୁ ରାତିର ରୁଟି ଆଉ ତରକାରୀ ଖାଇ ତାଙ୍କର ପୁରୁଣା ସ୍କୁଟର ଧରି ବାହାରିଗଲେ ।

ମା'ଙ୍କର ବାରମ୍ବାର ପାଟି ଶୁଣି ଚନ୍ଦନ, ଖଟ ଉପରେ ଉଠିକି ବସିପଡ଼ିଲା । ଆଜିକୁ ୩ ଦିନ ହେଇଗଲାଣି ଘରେ କାହା ସହ ବି ଭଲସେ କଥା ହେଇନି । କଲେଜକୁ ବି ଯାଇନି । ଖାଲି ନିଜ ରୁମରେ କବାଟ କିଳି ମୋବାଇଲରେ ବ୍ୟସ୍ତ ରହୁଛି । ବାପା ପଚାରିବାରୁ କହିଲା କଲେଜରେ

To read the complete magazine, Download it for FREE from www.aahwaan.com

ପାଠ ପଢ଼ା ହେଉନି ବୋଲି ଯାଇନି । କିନ୍ତୁ ଚନ୍ଦନ ଜାଣିଚି ତାର ଏପରି ବ୍ୟବହାର ପଛରେ କଣ ଗୁଢ଼ ରହସ୍ୟ ରହିଛି ।

ମୋବାଇଲକୁ ୨ ମିନଟ ଦେଖିଲା ପରେ ତାର ଆଖିରୁ ୨ ଧାର ଲୁହ ଝରି ପଡ଼ିଲା । ହଠାତ ୩ ଦିନ ତଳର କଥା ସବୁ ତା ଆଖି ଆଗରେ ଯେମିତି ନାଚି ଉଠିଲା, ଆଉ ମନେ ପଡ଼ିଗଲା "ବୁଲବୁଲ", ଜୀବନଠୁ ବି ଅଧିକ ଭଲ ପାଉଥିଲା ଚନ୍ଦନ ବୁଲବୁଲକୁ । କଣ ସବୁ ନ କରିଛି ବୁଲବୁଲର ଓଠରେ ଟିକେ ହସ ଭରିଦେବା ପାଇଁ । ବାପାଙ୍କୁ ମିଛ କହି ବହି କିଣିବା ବାହାନାରେ ପଇସା ନେଇ ଦାମୀ ଉପହାର ସବୁ ଦେଇଛି । ହେଲେ ଚନ୍ଦନର ଗୋଟିଏ ଭୁଲ ପାଇଁ, ୨ ବର୍ଷର ଭଲପାଇବାକୁ ଭୁଲିଯାଇ ବୁଲବୁଲ ଦିନେ ଆସି ତାର ଅନ୍ତିମ ନିଷ୍ପତି ଶୁଣେଇ ଦେଲା । "ଚନ୍ଦନ, ତମେ ବହୁତ ସଂକୀର୍ଣ୍ଣ ମନଭାବର । ମୁଁ ବହୁତ ଚେଷ୍ଟାକରିଛି ଆମ ସମ୍ପର୍କକୁ ବଞ୍ଚାଇବା ପାଇଁ ହେଲେ, ସବୁ ବୃଥା । ତେଣୁ ଆଜିଠୁ ଆମ ଭିତରେ ଆଉ କୌଣସି ସମ୍ପର୍କ ନାହିଁ ।" ଏକଥା ଭାବିଲା ବେଳେ ଯେମିତି ଚନ୍ଦନର ପାଦ ତଳୁ ମାଟି ଖସି ଯାଉଛି । ସାରା ପୃଥିବୀଟା ତା'ପାଇଁ ଯେମିତି ଏକାକୀ ହେଇଯାଇଛି । ସମସ୍ତେ ଏଠି ସ୍ୱାର୍ଥପର । ଭଲପାଇବାର ମହତ୍ତ୍ୱ କେହି ବୁଝନ୍ତିନି ।

ଏମିତି ମନ ଦୁଃଖରେ ବସିଥିବା ସମୟରେ ପୁଣି ମାଳତୀ ଦେବୀ ଚିତ୍କାର କଲେ, "ଶୀଘ୍ର ଯାଇକି ଗାଧୁଆ ପାଧୁଆ ସାରି ଆସିଯା, ତୋ ପାଇଁ ଆଜି ପୁରୀ ଆଉ ମଟର ତରକାରୀ କରିଛି ।" ଇଚ୍ଛା ନଥିଲେ ବି ବାଧ୍ୟ ହୋଇ ଖଟରୁ ଓହ୍ଲାଇ ଚାଲିଗଲା ଗାଧୁଆ ଘରକୁ । ଏପଟେ ମାଳତୀ ଦେବୀ ପୁଅ ଖାଇବ ବୋଲି, ଗରମ ଗରମ ପୁରୀ ଖାଇବା ଘରେ ରଖି ଅପେକ୍ଷା କରି ବସିଛନ୍ତି । ଚନ୍ଦନ ୩ ଟା ପୁରୀ ଖାଇଛି କି ନାହିଁ, ମାଳତୀ ଦେବୀ ଆଉ ୨ ଟା ପୁରୀ ଆଣି ରଖିଦେଲେ । ଚନ୍ଦନର ରାଗ କହିଲେ ନ ସରେ, "ମୁଁ ଏତେସବୁ ଖାଇ

To read the complete magazine, Download it for FREE from www.aahwaan.com

ପାରିବିନି” କହି ଉଠିବା ସମୟରେ ମାଳତୀ ଦେବୀ ରସଗୋଲା ରଖିଦେଇ କହିଲେ “ହଉ ପୁରୀ ନ ଖାଇଲେ ନାହିଁ, ରସଗୋଲାଟା ଖାଇଦେ ।” ମା ପଚାରିଲେ କେମିତି ଲାଗିଲା ? ହେଲେ ଚନ୍ଦନ କିଛି ଉତ୍ତର ନଦେଇ ହାତ ଧୋଇ ପୁଣି ରୁମ ଭିତରେ ପଶିଗଲା ।

ସନ୍ଧ୍ୟା ୭ଟା ବାଜିଲାଣି । ହେଲେ ଚନ୍ଦନ କାହିଁକି ଏବେ ଯାଏ ରୁମରୁ ବାହାରୁନି, ଏହା ଭାବି ମାଳତୀ ଦେବୀ ରୁମ ଭିତରକୁ ଯାଇଦେଖିଲେ ଯେ ଚନ୍ଦନକୁ ୧୦୩ ଜ୍ୱର । ଶୀଘ୍ର ମାଳତୀ ଦେବୀ ଚନ୍ଦନର ବାପାଙ୍କୁ ଫୋନ କରିକି ସବୁ କଥା କହିଲେ । ବାପା ଯଥା ଶୀଘ୍ର ଆସି ପୁଅକୁ ନେଇ ଡାକ୍ତରଖାନାରେ ଭର୍ତି କରାଇଲେ । ଡ଼ାକ୍ତର ଚନ୍ଦନର ରକ୍ତ ପରୀକ୍ଷାର ଫଳାଫଳ ଦେଖି କହିଲେ ଯେ ବ୍ୟସ୍ତ ହେବାର କିଛି ନାହିଁ, ମୁଁ ଔଷଧ ଲେଖି ଦେଉଛି ୩-୪ ଦିନ ଭିତରେ ପୁରା ଭଲ ହେଇଯିବ । ତେଣୁ ପୁଅକୁ ଘରକୁ ନେଇଯାଅ । ମାଳତୀ ଦେବୀ ଚନ୍ଦନର ଠିକ ସମୟରେ ଔଷଧ ଦେବା ସହ, ପାଖରେ ଜଗିକି ରହିବା । କାଳେ କଣ ପୁଅର କିଛି ଆବଶ୍ୟକ ପଡ଼ିବ, ସେଥିପାଇଁ ସବୁ ସମୟରେ ପୁଅ ରୁମରେ ହିଁ ରହୁଥିଲେ । ବାପା ମଧ୍ୟ ଅଫିସରୁ ଛୁଟି ନେଇଯାଇ ଚନ୍ଦନ ପାଖରେ ହିଁ ଜଗିକି ରହିଲେ । ବାପା ମା’ ଦି’ଜଣ ଯେମିତି ଭୋକ ଶୋଷ ଭୁଲିଗଲେ ।

ଚନ୍ଦନର ଦେହ ଏବେ ଭଲ ହେଇଯାଇଛି । ଖାଲି ଦେହ ଭଲ ହେଇଯାଇଛି ତା ନୁହେଁ, ସେ ଏବେ ବୁଝିପାରିଛି, ଯେ ଯେଉଁ ବାପାମା’ଙ୍କର ସ୍ନେହକୁ କେବେ ବୁଝିବାକୁ ଚେଷ୍ଟା କରିନଥିଲା । ଆଜି ସେ ସବୁ ଠିକ ବୁଝିପାରିଛି । କେମିତି ତା’ର ଦେହ ଭଲ ନଥିବା ସମୟରେ ବାପାମା’ ତାର ପାଖରେ ରହି ସେବା କରୁଥିଲେ । ସେଦିନର କଥା ବି ମାନେ ପଡ଼ିଗଲା ଯେତେବେଳେ ମା ପୁରୀ ଆଣି ଖାଇବା ଥାଳିରେ ରଖିଦେବାରୁ କେମିତି ସେ ରାଗି ଯାଇ ମା’ଙ୍କୁ କେତେ କଣ କହିଥିଲା । ତଥାପି ମା’ କେତେ ଶରଧାରେ ରସଗୋଲା

To read the complete magazine, Download it for FREE from www.aahwaan.com

ଖାଇବାକୁ କହିଥିଲେ । ବାପା କେମିତି ନିଜର ସେଇ ପୁରୁଣା ସ୍କୁଟରକୁ ବଦଳାଇବା ପାଇଁ ପଇସା ନଥିଲେ ବି ତାପାଇଁ ନୂଆ ମୋଟର ସାଇକେଲଟି ଉପହାର ଦେଇଥିଲେ, ତାର ଜନ୍ମ ଦିନରେ ।

ସେ ଏବେ ଠିକ ବୁଝି ସାରିଥିଲା, ଯେ କେମିତି ସବୁ ଚେଷ୍ଟା କରିବା ସତ୍ତ୍ୱେ ତା'ର ଭଲପାଇବାକୁ କେମିତି ଭୁଲିଗଲା ବୁଲବୁଲ । ହେଲେ ଯେଉଁ ବାପାମା' ଦିନରାତି ସନ୍ତାନର ଖୁସି ପାଇଁ ସମସ୍ତ ଦୁଃଖ କଷ୍ଟକୁ ଭୁଲିଯାନ୍ତି, ତାଙ୍କୁ ବୁଝିବାକୁ ଚନ୍ଦନକୁ ଏତେ ସମୟ କାହିଁକି ଲାଗିଲା । ବାପାମା' କେବେ ପ୍ରକାଶ କରନ୍ତିନି, ହେଲେ ସେମାନେ ଯେ କେତେ ସ୍ନେହ କରନ୍ତି ତାଙ୍କ ସନ୍ତାନ ମାନଙ୍କୁ, ଏବେ ଚନ୍ଦନ ବୁଝି ପାରିଛି । ସେ ଆଗପରି କଲେଜ ଯିବା ଆରମ୍ଭ କରିଦେଲାଣି । ଏବେ ଆଉ ମୋବାଇଲରେ ବେଶୀ ସମୟ ନଷ୍ଟ କରୁନାହିଁ । କଲେଜରୁ ଆସି ବେଳେ ବେଳେ ମା'କୁ ରୋଷେଇରେ ସାହାଯ୍ୟ କରିବା ବି ଆରମ୍ଭ କରିଦେଇଛି । ସକାଳୁ ବାପାଙ୍କ ସହ ବଜାରକୁ ଯିବା, ପୁରୁଣା ସ୍କୁଟରକୁ ପୋଛିଦେବା ।

ନିସ୍ୱାର୍ଥ ପ୍ରେମର ମାନେଟା ଚନ୍ଦନ ଏବେ ଠିକ ଭାବେ ବୁଝି ଯାଇଛି ।

ବରିଷ୍ଠ ସଫ୍‌ଟୱେର୍ ଇଞ୍ଜିନିୟର୍

ବ୍ରହ୍ମପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୮୮୦୬୩୬୬୭୯

To read the complete magazine, Download it for FREE from www.aahwaan.com

# ନିଷ୍ପତ୍ତି



ମଧୁସ୍ମିତା ପଟ୍ଟନାୟକ

ମୂଳ ହିନ୍ଦୀ ରଚନା : ଡ଼: ମାଧୁରୀ ନାଥ

ଓଡ଼ିଆ ଅନୁବାଦ : ମଧୁସ୍ମିତା ପଟ୍ଟନାୟକ

ତା କଥା ଗୁଡ଼ାକ ମୋ ମୁଣ୍ଡରେ ହାତୁଡ଼ି ପିଟି ହେଲାପରି ଲାଗୁଥାଏ, "ବାପାଙ୍କର ଘର... ବାପାଙ୍କ ଗୃହସ୍ଥୀ... ଘରର ପରିବେଶ... ସେଥିରେ ପୁଣି ବୋହୁର ଆଡ଼ଜଷ୍ଟ କରିବା..." କିଛି ବୁଝା ପଡୁନଥାଏ । ଦୁନିଆରେ କେତେ ବିଚିତ୍ର ଲୋକ ଅଛନ୍ତି ଆଉ ସେମାନଙ୍କର ଚିନ୍ତାଧାରା ମଧ୍ୟ କେତେ ନିମ୍ନ ସ୍ତରର । କୌଣସି ମୂର୍ଖ ଅଶିକ୍ଷିତ ଗାଉଁଲିଆ ଲୋକ ଏପରି କଥା କହିଥା'ନ୍ତା, ତା' ଉପରେ ଟିକିଏ ଦୟା ଆସିଥାନ୍ତା । ହେଲେ ଆଲୋକ... ! ! !

କବାଟରେ ଠକ୍ ଠକ୍ ଆବାଜ ସାଙ୍ଗକୁ ଖୁସୁରୁ ଫୁସୁରୁ ଶବ୍ଦ ଶୁଣି ମୁଁ ଟିକେ ଚିଡ଼ିଗଲି । "ଏଇ ସମୟରେ କିଏ ଆସିଲା ? ଦିପହରଟାରେ ଟିକିଏ ଶାନ୍ତିରେ ରହିବାକୁ ଦେବେନି ? ଏଇ ଦ୍ୱିପ୍ରହର ସମୟରେ କୌଣସି ପ୍ରକାର କୋଳାହଳ ନଥାଏ, ସମ୍ପୂର୍ଣ୍ଣ ଶାନ୍ତ ବାତାବରଣ । ସେଥିପାଇଁ ଏଇ ସମୟଟା ହିଁ ସବୁଠୁ ଭଲ । ଖିଆପିଆସାରି ଆରାମରେ ପତ୍ରପତ୍ରିକା ପଢ଼ିବାପାଇଁ ସର୍ବୋତ୍ତମ ସମୟ । ହେଲେ

To read the complete magazine, Download it for FREE from www.aahwaan.com

ଏମିତି ଭାଗ୍ୟ କାହିଁ ? ପୃଷ୍ଠାଟେ ଓଲଟାଇଲା ବେଳକୁ କିଏ ସେ ଆସିଲା ? ରାଗରେ କବାଟ ଖୋଲିବା ବେଳକୁ ସାମ୍ନାରେ ଆଲୋକ ଠିଆ ହୋଇଛି ତାର ନବବିବାହିତା ପତ୍ନୀ ସହିତ । ତାକୁ ଦେଖୁ ଦେଖୁ ଅତ୍ୟନ୍ତ ଖୁସିରେ ପାଟିକରି କହିଉଠିଲି, "ଆରେ ଆଲୋକ ତୁ ? ଆଚ୍ଛା, ତା ହେଲେ ଇୟେ ତୋର ବୋହୁ ! ବହୁତ ସୁନ୍ଦର... !" ଅତିଶୟ ଖୁସିରେ ତା ହାତଧରି ସ୍ନେହପୂର୍ବକ ଘର ଭିତରକୁ ନେଇ ଆସି କେତେ ଯେ ପ୍ରଶ୍ନ ଏକା ସାଙ୍ଗରେ ପଚାରିବସିଲି... "କେଉଁଠି ରହିଲ ଏତେ ଦିନ ?.. ଆଉ କେତେ ଦିନ ଛୁଟି ଅଛି ?... କଣ କଣ ପ୍ରୋଗ୍ରାମ୍ ସବୁ କରିଛ ?... ମୁଁ ଭାବିଥିଲି ତୁମେ ଲୋନାବଲା ଫେରିଯାଇଥିବ ବୋଲି ! ମନ ଦୁଃଖ ବି ହୋଇଥିଲା ତୋ ବୋହୁଟାକୁ ଟିକେ ଦେଖିପାରିଲିନି ବୋଲି.. !" ତାକୁ ଏତେ ସବୁ କଥା ମୁଁ ଅନର୍ଗଳ କହିଚାଲିଥାଏ ।

ସେ ସାଙ୍ଗେ ସାଙ୍ଗେ ଗୋଟେ ମିଲିଟାରୀ ସାଲ୍ୟୁଟଟେ ମାରି କହିଲା, "ଏମିତି କଣ ହୋଇପାରେ ମାତାଶ୍ରୀ ? ମୁଁ ଆପଣଙ୍କ ଚରଣସ୍ପର୍ଶ ନ କରି କେମିତି ଲୋନାବଲା ଫେରିଯିବି ? ଲେଫ୍‌ଟନାଣ୍ଟ ଆଲୋକ ସିହ୍ନା ମା'ର ଆଶୀର୍ବାଦ ବିନା ସ୍ୱର୍ଗଲୋକକୁ ପ୍ରସ୍ଥାନ କରିପାରିବନି । ଯମରାଜ ହାତଯୋଡ଼ି ଯମଲୋକକୁ ଯିବାପାଇଁ ଅନୁରୋଧ କରିଲେ ମଧ୍ୟ ସେ ଯିବନି । ଆଉ ଲୋନାବଲାକୁ କିଏ ପଚାରୁଛି ? ଗୋଟେ ନାଟକୀୟ ଢଙ୍ଗରେ ଧିରଗମ୍ଭୀର ମୁଦ୍ରାରେ ମହାଭାରତର ଏକ ଚରିତ୍ରପରି ଏତକ କହି ଜୋର୍ ଜୋରରେ ହସି ମୋତେ ମୁଣ୍ଡିଆ ମାରିଲା । ତାକୁ ଦେଖି ବୋହୁ ମଧ୍ୟ ଆସି ମୁଣ୍ଡିଆ ମାରିଲା ।

ମୁଁ ମଧ୍ୟ ତା ଢଙ୍ଗରେ ତାକୁ ଆଶୀର୍ବାଦ ଦେଇ ନାଟକୀୟ ଶୈଳୀରେ କହିଲି, "ଆୟୁଷ୍ମାନ ଭବ ପୁତ୍ର, ସୌଭାଗ୍ୟବତୀ ଭବ ମା... ପୁତ୍ରବତୀ ହୁଅ ।" ସଙ୍ଗେ ସଙ୍ଗେ ଚତୁର୍ଦ୍ଦିଗରେ ହସଖୁସିର ଜଳସ୍ରୋତଟିଏ ଖେଳିଗଲା ଓ ଆମେ ସମସ୍ତେ ସେଥିରେ କିଛି ସମୟପାଇଁ ଆପାଦ ମସ୍ତକ ଭିଜିଗଲୁ ।

To read the complete magazine, Download it for FREE from www.aahwaan.com

ଆଲୋକର ହସ ବଡ଼ ସଂକ୍ରାମକ ହସ । ଯେତେବେଳେ ଆସିବ ଘର ଭିତରଟା ତା'ର ହସରେ ଭରିଦେବ । ତାର ଏମିତି ମନଖୋଲା ହସରେ ଲାଗେ ସତେ ଯେମିତି ଘରର ସବୁ ପ୍ରକାର ଅନାବଶ୍ୟକ ନକାରାତ୍ମକ ଭାବନା ସବୁ ଆପଣାଛାଏଁ ଧୂଆଁ ହୋଇ ଦୂରେଇ ଯାଉଛି । ମୋ ପ୍ରଶ୍ନର ଉତ୍ତରରେ ସେ କହିଲା, "ବାହାଘର ପରେ ପରେ ଦିପ୍ତୀକୁ ସାଙ୍ଗରେ ନେଇ ଯାଇଥିଲି କାଶ୍ମୀର ବୁଲିବାକୁ । ସେଇଠି ସପ୍ତାହ ଖଣ୍ଡେ ରହି କାଲି ହିଁ ଫେରିଛି । ଆଉ ଏବେ ଡ୍ୟୁଟିରେ ଯୋଗଦେବା ପାଇଁ ପ୍ରସ୍ତୁତ ହେଉଛି । ବାହାଘର ପାଇଁ ମିଳିଥିଲା ସର୍ବମୋଟ ପନ୍ଦର ଦିନର ଛୁଟି । କିଛିଦିନ ପାଇଁ ଦିପ୍ତୀ ସେମାନଙ୍କ ପାଖରେ ରହୁ ବୋଲି ବାପାଙ୍କର ଇଚ୍ଛା । ତେଣୁ ତାକୁ ସେମାନଙ୍କ ପାଖରେ ଛାଡ଼ିଯିବାପାଇଁ କହୁଛନ୍ତି । ହେଲେ ଏଠି ସମସ୍ୟା ହେଉଛି ତାକୁ ଏବେ ଛଅମାସ ପାଇଁ ଆଉ ଛୁଟି ମିଳିବନି । ଛଅମାସ ପରେ ତା'ର ଯେଉଁଠିକୁ ବଦଳି ହେବ ସେଇଠି ଫେମିଲି ନେଇ ରଖିବାର ଅନୁମତି କାହାରିକୁ ଦିଆଯାଇନାହିଁ । ଏବେ କରିବ ତ କଣ କରିବ ସେଇ ଚିନ୍ତାରେ ଅଛି । ଦିପ୍ତୀକୁ ଏକା ମା - ବାପାଙ୍କ ପାଖରେ ଛାଡ଼ିଦେଇ ଲୋନାବଲା ଚାଲିଯିବା ଉଚିତ ହେବ କି ? ମୋର ଏମିତି କରିବାଟା ଠିକ୍ ହେବକି ? ଯଦି ତାକୁ ଛାଡ଼ି ନ ଯାଉଛି ତା'ହେଲେ ବାପାଙ୍କର ଅବମାନନା କରୁଛି । ମୁଁ ଏବେ କଣ କରିବି କିଛି ବୁଝିପାରୁନି ମାଉସୀ ।"

ମୁଁ ଭଲା ତାକୁ କଣ କହିବି ? କୋଉ ମା - ବାପା ଚାହାନ୍ତି ନାହିଁ ଯେ ପୁଅବୋହୂ ସେମାନଙ୍କ ସହ କିଛି ଦିନ ରହନ୍ତୁ ବୋଲି ? ମୁଁ କଥାକୁ ଟାଳିବା ଉଦ୍ଦେଶ୍ୟରେ କହିଲି, "କାଲି ତୁମେ ଦୁହେଁ ଦ୍ୱିପହରରେ ଆସିବ ଆଉ ଆମ ସହ ଖାଇବ ।"

"କିନ୍ତୁ ମାଉସୀ, ଗୋଟିଏ ସର୍ତ୍ତରେ ଆସିବି... ମତେ ଆପଣଙ୍କ ଉଚିତ ପରାମର୍ଶ ଦରକାର । ମୁଁ ବହୁତ ଦ୍ୱିବିଧାରେ ଅଛି । ପ୍ରଥମେତ ମୁଁ ପାରମ୍ପରିକ ଢଙ୍ଗରେ ବାହା ହେଲିନି ବୋଲି ସେ ଅସନ୍ତୁଷ୍ଟ ଅଛନ୍ତି । ତେଣୁ ମୁଁ ବାପାଙ୍କୁ ଆଉ କୌଣସି ପ୍ରକାର କଷ୍ଟ

To read the complete magazine, Download it for FREE from www.aahwaan.com

ଦେବାକୁ ଚାହୁଁନି । ଯଦି ତାଙ୍କ ଇଚ୍ଛା ବିରୁଦ୍ଧରେ ବୋହୁକୁ ଆମ ଘରର ପରିବେଶ ସହ ଆଡ଼ଜଷ୍ଟ ହେବାପାଇଁ ନ ଛାଡ଼ିବି, ସେ ନିଶ୍ଚୟ ମନ ଦୁଃଖ କରିବେ ଆଉ ମୋତେ କ୍ଷମା କରିବେନି ।” ଆଲୋକର କଥାରେ ବ୍ୟସ୍ତତା ସ୍ପଷ୍ଟ ବାରି ହେଉଥାଏ ।

“ଆପଣ ହିଁ କଣ ଗୋଟେ ବାଟ ଦେଖାଇବେ ମାଉସୀ ।”

“ଠିକ୍ ଅଛି । ମୁଁ ଚିନ୍ତା କରିଦେଖୁଛି, କାଲି କହିବି ।”

ଘଣ୍ଟେ ଦେଢ଼ଘଣ୍ଟା ବସି ଆଲୋକ ଆଉ ଦିପ୍ତୀ ଫେରିଗଲେ । ହେଲେ ଗଲାବେଳେ କଥା ଦେଇଗଲେ କାଲି ଦ୍ୱିପହରରେ ସେମାନେ ଆମ ସହ ଖାଇବେ । ତା କଥା ଗୁଡ଼ାକ ମୋ ମୁଣ୍ଡରେ ହାତୁଡ଼ି ପିଟି ହେଲାପରି ଲାଗୁଥାଏ, “ବାପାଙ୍କର ଘର... ବାପାଙ୍କ ଗୃହସ୍ଥୀ... ଘରର ପରିବେଶ... ସେଥିରେ ପୁଣି ବୋହୁର ଆଡ଼ଜଷ୍ଟ କରିବା...” କିଛି ବୁଝା ପଡୁନଥାଏ । ଦୁନିଆରେ କେତେ ବିଚିତ୍ର ଲୋକ ଅଛନ୍ତି ଆଉ ସେମାନଙ୍କର ଚିନ୍ତାଧାରା ମଧ୍ୟ କେତେ ନିମ୍ନ ସ୍ତରର । କୌଣସି ମୁର୍ଖ ଅଶିକ୍ଷିତ ଗାଉଁଲିଆ ଲୋକ ଏପରି କଥା କହିଥା’ନ୍ତା, ତା’ ଉପରେ ଟିକିଏ ଦୟା ଆସିଥାନ୍ତା । ହେଲେ ଆଲୋକ... !!! ତା ବାପା କୌଣସି ପ୍ରକାର ଛୋଟିଆ ଲୋକ ନୁହନ୍ତି । ଗୋଟିଏ ଖ୍ୟାତନାମା ଇଞ୍ଜିନିୟରିଂ କନ୍‌ସଲ୍‌ଟାନ୍‌ସି ଫର୍ମର ଜେନେରାଲ୍ ମ୍ୟାନେଜର ସେ । ଯଦି ସେ ଚାହୁଁଛନ୍ତି ବୋହୁ କିଛିଦିନ ସେମାନଙ୍କ ସହ ରହୁ ତେବେ ସେଥିରେ ଅସୁବିଧା କେଉଁଠି ରହିଲା ? ତୋ ସହିତ ଦିପ୍ତୀ ଜୀବନଯାକ ରହିବ । କିଛିମାସ ଘରେ ରହି ରୋଗିଣୀ ଶାଶୁର ସେବାଶୁଶ୍ରୁଷା ଟିକିଏ କରୁ । ଏମିତି ସୁଯୋଗ ବୋହୁକୁ ଆଉ ମିଳିବ କି ?

ଅନ୍ୟ ଦୃଷ୍ଟିରେ ଦେଖିବାକୁ ଗଲେ ଆଲୋକର ବାପାଙ୍କର ଏପରି ପ୍ରସ୍ତାବ ମତେ ମଧ୍ୟ ଭଲ ଲାଗୁନଥାଏ । ରାତିରେ ଶୋଇବା ବେଳେ କେଜାଣି କାହିଁକି କେତେ ପ୍ରକାର ଘଟଣା

To read the complete magazine, Download it for FREE from www.aahwaan.com

ଚଳଚ୍ଚିତ୍ରପରି ମାନସ ପଟରେ ଖାଲି ଆସୁଥାନ୍ତି ଯାଉଥାନ୍ତି । ଆଲୋକକୁ କାଲି ମୋର ନିଷ୍ପତ୍ତି ଶୁଣେଇବାର ଅଛି । ଏସବୁ କଥା ଭାବି ଭାବି ମୁଁ ହରଡ଼ଘଣାରେ ପଡ଼ିଯାଇଥିଲି ।

ଆଲୋକ ସହ ପ୍ରଥମ ପରିଚୟ ହେବାବେଳେ ତା' ବୟସ ଜମା ଏଗାର କି ବାର ବର୍ଷ ହୋଇଥିବ । କରନ୍ ଆଲୋକର ପରିଚୟ ଦେବାବେଳେ କହିଥିଲା, "ମା, ଇୟେ ମୋ ସାଙ୍ଗ ଆଲୋକ । ଆମ ଶ୍ରେଣୀର ସବୁଠୁ ଭଲ ପିଲା ।" କରଣର୍ କଥାକୁ ଓଗାଳିଦେଇ ସେ କହିଥିଲା, "ୟା କଥାକୁ ଜମା ବିଶ୍ୱାସ କରନ୍ତୁନି ମାଉସୀ । ଇୟେ ସବୁ କଥାର ଓଲଟା ଅର୍ଥ ବାହାର କରିବ । ମହାଦୁଷ୍ଟଟେ ହେଇଛି ଇୟେ । ମୁଁ ତ ମୋଟା ବୁଦ୍ଧିଆ, ସାଙ୍ଗକୁ ମୋ କପାଳ ଫଟା ।" ଏତିକି କଥା ନାଟକୀୟ ଢଙ୍ଗରେ ଗୋଟେ ନିଶ୍ୱାସରେ କହିଗଲା । ପ୍ରଥମ ଦେଖାରେ ହିଁ ମୁଁ ତାକୁ ବହୁତ୍ ପସନ୍ଦ କରିଥିଲି । ସେତେବେଳେ ସେ ଷଷ୍ଠ ଶ୍ରେଣୀରେ ପଢୁଥିଲା ।

ଦିନେ ତାକୁ କରଣକୁ କହୁଥିବାର ଶୁଣିଲି, "ଜାଣିଛୁ କରଣ ? ତୋତେ ଦେଖିଲେ ମୋର ଭାରି ଈର୍ଷା ହେଉଛି । ତୁ ବହୁତ ଭାଗ୍ୟବାନ... ତତେ ମାଉସୀ ପରି ମା'ଟେ ମିଳିଛି ।" କହୁ କହୁ ତା ଗଳା ରୁଦ୍ଧ ହୋଇଗଲା । ତା ଆଖି ଓଦା ହୋଇଥିବା ଦେଖିଲି । ତା'ର ଏପରି ଭାବବିହ୍ୱଳ କଥା ଶୁଣି ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ, "ତୁ କରଣର ସାଙ୍ଗ । ତେଣୁ ମୋ ପାଇଁ ସେ ଯେମିତି ତୁ ସେମିତି । ମୋର ଦୁଇ ଦୁଇଟା ପୁଅ ।" ସେଇ ଦିନଠୁ ଆଲୋକ ମୋତେ ମାଆ ଭଳି ମାନି ନେଇଥିଲା ।

ସପ୍ତମଶ୍ରେଣୀରେ ବୋର୍ଡ଼ିଂ ସ୍କୁଲରେ ରହି ପାଠ ପଢ଼ିବାପାଇଁ ଅନ୍ୟ ସହରକୁ ଚାଲିଗଲା ସେ । କେବେ କେମିତି ଛୁଟି ହେଲେ ନିଶ୍ଚୟ ଘରକୁ ଆସେ ଆଉ ଦେଖା କରି ଯାଏ । ସ୍କୁଲ ସରିବା ପରେ ସେ ଆଇ ଆଇ ଟିରୁ ମେକାନିକାଲ୍ ଇଞ୍ଜିନିୟରିଂ ପାସ କରି ନୌସେନାରେ ଅଫିସର ହୋଇଗଲା । ଚାକିରୀ ପରେ ବି ଯେବେ ଆସେ ଯାଏ, ନିଶ୍ଚୟ ଦେଖାକରେ ।

To read the complete magazine, Download it for FREE from www.aahwaan.com

ଘରେ ଯାହା ବି ପୂଜା ପର୍ବପର୍ବାଣୀ ହେବ ସେ ନିଶ୍ଚୟ ନିମନ୍ତ୍ରଣ ଦେବାକୁ ଆସିବ । ଆମେ ଆଲୋକଘରକୁ ଯାଉ, କିନ୍ତୁ କାହିଁକି କେଜାଣି ତାଙ୍କ ଘରର ପରିବେଶ ମୋତେ ଆଦୌ ଭଲ ଲାଗେନି । ଘର ଭିତରେ ସବୁବେଳେ ଯେମିତି ବିଷାଦର ଛାୟା ସାଙ୍ଗକୁ ଅଖଣ୍ଡ ନିରବତା ପରିବେଶକୁ ଆହୁରି ଜଟିଳ କରି ଦେଉଥାଏ । ତା' ବାପା ଏତେ ବଡ଼ ଉଚ୍ଚ ପଦରେ ଥିଲେ ସୁଦ୍ଧା ଘରର ଅବସ୍ଥା ଏପରି ? ଆମକୁ ଏ ସବୁ ଅଜବ ଲାଗିବା ସାଙ୍ଗକୁ ଆଶ୍ଚର୍ଯ୍ୟ ମଧ୍ୟ ଲାଗେ ।

ବାରଣ୍ଡାରେ ଖାଲି ଚୌକି ସାଙ୍ଗକୁ ଡ୍ରଇଁ ରୁମରେ ଅଲଗା ଅଲଗା ପ୍ରକାରର କିଛି ପୁରୁଣାକାଳିଆ ଚୌକି ଏଠି ସେଠି ଖେଳେଇ ହୋଇ ପଡ଼ିଥାଏ । ତା' ସାଙ୍ଗକୁ ରଙ୍ଗଛଡ଼ା ପରଦା । ଘର ଭିତରେ ଜିନିଷ ସବୁ ଏଣେତେଣେ ଖେଳେଇ ହୋଇ ରହିଥାଏ । ତଥାପି ଆଲୋକର ଆତିଥ୍ୟତା ଆଗରେ ଏସବୁକୁ ଅଣଦେଖା କରିଦେଉ । ସେ ପ୍ରସାଦ ନାଁରେ ଅନେକ ପ୍ରକାର ମିଠା ଆମକୁ ଖୁଆଇବାକୁ ବ୍ୟାକୁଳ ହୋଇଉଠେ । ତା' ବାପାଙ୍କର ଦିବ୍ୟ-ଭବ୍ୟ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ ପୁରା ଘରେ ରାଜୁତି କରୁଥାଏ । ହେଲେ ମା'ଙ୍କର ଚେହେରା ଦେଖିବା ଦୁର୍ଲଭ । କେତେବେଳେ କେମିତି ଟିକିଏ ସମୟ ପାଇଁ ବାହାରକୁ ଆସିଲେ ପଚାରନ୍ତି, "ଆପଣ କେଉଁଠି ରହୁଛନ୍ତି ? ଆପଣଙ୍କର କେତୋଟି ପିଲା ? ଆଛା ! ଆପଣ ତା'ହେଲେ କରଣର ମା ! କରଣ୍ କଣ କରୁଛି ?" ଏମିତି ଅନେକ ପ୍ରଶ୍ନ ପଚାରି ପୁଣିଥରେ ଘର ଭିତରକୁ ଚାଲିଯାଆନ୍ତି ।

ଆଲୋକ ଆଉ ତା ବାପା ତାଙ୍କ ଦେହ ସବୁବେଳେ ଖରାପ ରହୁଛି ବୋଲି କୁହନ୍ତି । ଆଲୋକ ନିଜ ବାପାଙ୍କ ବିଷୟରେ ଯାହା କିଛି କହିବ, ଶୁଣିଲେ ଲାଗେ ସେ ତା ବାପା ନ ହୋଇ ଆଉ କାହାର ବାପ । ଘର ବିଷୟରେ କିଛି କଥା ପଡ଼ିଲେ ସେ ସବୁକୁ ଆଡ଼େଇ ଦେଇ ଯାଏ ନହେଲେ ସେଇ ଘର ସହ ତାର କୌଣସି ସମ୍ପର୍କ ନଥିବା ଭଳି ଉତ୍ତର

To read the complete magazine, Download it for FREE from www.aahwaan.com

ସବୁଦିଏ । କଥାଛଳରେ ବାପାଙ୍କ ଘର... ବାପାଙ୍କ ପରିବାର... ବାପାଙ୍କ ଆଦେଶ ଭଳି ଶବ୍ଦର ପ୍ରୟୋଗ ମୋତେ ତାର ସ୍ୱଭାବର ଅନ୍ୟ ଦିଗ ବିଷୟରେ ଭାବିବାକୁ ବାଧ୍ୟକରେ ।

ବହୁତ ଶାନ୍ତ ସରଳ ଓ ମୃଦୁଭାଷୀ ସ୍ୱଭାବର ପିଲାଟିଏ । କିନ୍ତୁ ନିଜ ଘର ପ୍ରସଙ୍ଗ ଉଠିଲେ ବଡ଼ ସତର୍କତାର ସହ କଥାର ମୋଡ଼ ବଦଳାଇ ଅନ୍ୟଦିଗକୁ ନେବା ସହ ତାର ଭାବଭଙ୍ଗୀ ମଧ୍ୟ ବଦଳିଯାଏ । ଦିନେ ଏମିତି କଥା ହେଉଥିବା ବେଳେ କରଣ ପଚାରିଥିଲା ତା' ଘରର ହାଲଚାଲ, "ଆରେ ଆଲୋକ ! ଭାଇ ବର୍ତ୍ତମାନ କେଉଁଠି ଅଛନ୍ତି ? କଣ କରୁଛନ୍ତି ? ଆଉ ଦିଦି... ?"

"ସେ କଥା ଛାଡ଼ । ଚାଲ କୁଆଡ଼େ ଟିକେ ବୁଲି ଆସିବା ।" ବୋଲି କହିଥିଲା ଆଲୋକ । ତା କଥା ଶୁଣି ଲାଗିଲା ସତେ ଯେମିତି କିଏ ତା ଅଦେଖା ଘା'ରେ ହାତ ମାରିଦେଇଛି । ପଛରେ ଜଣାପଡ଼ିଲା ଯେ ତା' ଭଉଣୀର ବାହାଘର ହୋଇଯାଇଛି । ଆଉ ଭାଇ ଘର ଛାଡ଼ିଦେଇ କୁଆଡ଼େ ପଳାଇଛି । ଏ ସବୁ ଘଟଣା ଚଳଚ୍ଚିତ୍ରର ଦୃଶ୍ୟପରି ଗୋଟିଏ ପରେ ଗୋଟିଏ ଆଖି ଆଗରେ ନାଚି ଯାଉଥାଏ । ହଠାତ୍ ମନେ ପଡ଼ିଗଲା ଆଲୋକର ପରିଚିତ ବନ୍ଧୁବାନ୍ଧବଙ୍କଠୁ ଶୁଣିଥିବା କିଛି କଥା...

ଆଲୋକର ବାପା ତାଙ୍କ ବାପାଙ୍କ ପରି କ୍ରୋଧି ଆଉ ଦାମ୍ଭୀକ ସ୍ୱଭାବର ଲୋକ ଥିଲେ । ବିବାହପରେ ବାପା ପୁଅଙ୍କର ଅହମିକାର ଖରାପ ପ୍ରଭାବ ଆଲୋକର ମା'ଙ୍କ ଉପରେ ପଡ଼ିବାକୁ ଲାଗିଲା । ସବୁବେଳେ ଡ଼ରି ଡ଼ରି ରହୁଥିବା ନୁଆ ବୋହୁଟା ଘରେ ଚାକରାଣୀଠାରୁ ବି ହୀନ ମନେ କରୁଥିଲା । ବିବାହର ମାସେ ଦୁଇମାସ ପରେ ଆଲୋକର ବାପା ଉଚ୍ଚଶିକ୍ଷାପାଇଁ ବିଦେଶ ଚାଲିଗଲେ । ସେ ବି ଚାହୁଁଥିଲେ ବିଦେଶରୁ ଫେରିବାପରେ ହିଁ ବିବାହ କରିବା କଥା । କିନ୍ତୁ କୌଣସି ପରିସ୍ଥିତିରେ ଏକଥା ତାଙ୍କ ବାପାଙ୍କୁ ଇଚ୍ଛା ନଥିଲା । ବିଦେଶ ଗଲାପରେ କାଳେ ପୁଅ ବିଦେଶରୁ କାହାକୁ ସାଥିରେ ନେଇ ଚାଲିଆସିବ

To read the complete magazine, Download it for FREE from www.aahwaan.com

ବୋଲି ମନେମନେ ଭୟ ହେଉଥିଲା । ତେଣୁ ସେ ଏମିତି ଖଞ୍ଜିକଲେ ଯେ ବାଧ୍ୟ ହୋଇ ଆଲୋକର ବାପାଙ୍କ ବିବାହ କରିବାକୁ ପଡ଼ିଲା । ଏ ବାହାଘର ତାଙ୍କ ଇଚ୍ଛା ବିରୁଦ୍ଧରେ ହୋଇଥିବାରୁ ତାଙ୍କ ବ୍ୟବହାରରେ ଦେଖାଯାଇଥିଲା ପରିବର୍ତ୍ତନ ।

"ବାପ୍ ଶେର୍ ତ ପୁଅ ସବାଶେର୍" ଉକ୍ତିକୁ ପ୍ରମାଣିତ କରୁଥିଲା ତାଙ୍କର ବଦଳୁଥିବା ସ୍ୱଭାବ ଆଉ ବ୍ୟବହାର । ଧିରେ ଧିରେ ଏ ସବୁ ପ୍ରବୃତ୍ତି ତାଙ୍କ ଜୀବନର ଅଙ୍ଗ ଭାବେ ପରିଗଣିତ ହେବାରେ ଲାଗିଲା । ବାପାପୁଅଙ୍କ ଝଗଡ଼ାରେ ବିଚରା ବୋହୁଟା ମଝିରେ ପେଶି ହୋଇଗଲା । ଆଲୋକର ବାପା ଦୁଇବର୍ଷପରେ ଶିକ୍ଷା ସମାପ୍ତ କରି ଫେରିଲେ । ଏହି ଦୁଇବର୍ଷର ବିଶାଳ ଅପେକ୍ଷାପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥିବା ଫାଟ ଆହୁରି ବିଶାଳ ହୋଇଯାଇଥିଲା । ଆଲୋକର ବାପା ସମ୍ପୂର୍ଣ୍ଣ ଭାବରେ ବିଦେଶୀ ହୋଇଯାଇଥିଲେ ବୋଲି କୁହାଯାଇପାରେ, କିନ୍ତୁ ତା ମା' ଆଦୌ ଏହା ସହ ଖାପଖୁଆଇ ପାରୁନଥିଲେ । ଏହା ଭିତରେ ଦିନକୁ ଦିନ ତାଙ୍କର ମାନସିକ ସ୍ଥିତି ଗୁରୁତର ହେବାକୁ ଲାଗିଥିଲା । ଶେଷରେ ପରିସ୍ଥିତି ଏମିତି ହେଲା ଯେ ତା ମା' ନିରବ ହୋଇଗଲେ । କୌଣସି କଥାରେ ଉତ୍ସାହ ନଥିଲା, ଉଦ୍ଦୀପନା ନଥିଲା । କୌଣସି କଥା ମନେ ରହୁନଥିଲା । ନା ଠିକରେ କିଛି ବୁଝୁଥିଲେ ନା କହୁଥିଲେ । ଖାଇବା ପିଇବାର ଧ୍ୟାନ ନଥିଲା, ନା ପୋଷାକପତ୍ରର । ଘରୁ ବାହାରି ଯାଆନ୍ତି, କାହିଁକି ଯାଆନ୍ତି କିଛି ଜାଣନ୍ତି ନାହିଁ । ଫେରିବାର ହୋସ ବି ରହେନି ।

ବାରମ୍ବାର ଉପେକ୍ଷା, ଅବହେଳନା ଓ ତିରଷ୍କାରର ପରିଣାମ ଭୋଗୁଥିଲେ ତା ମା' । ସମସ୍ତଙ୍କ ପାଇଁ ସେ ପାଲଟି ଯାଇଥିଲେ ଏକ ଅନାବଶ୍ୟକ ଚରିତ୍ରଟିଏ । ଏତେ ସବୁ ପୂଜାପାଠ ଦେଖି ଲାଗେ ବୋଧହୁଏ ଏ ସବୁ ତା ବାପା ନିଜ ସ୍ତ୍ରୀ ପ୍ରତି କରିଥିବା ଅତ୍ୟାଚାରରୁ ମୁକ୍ତି ପାଇବା ପାଇଁ ପ୍ରାୟଶ୍ଚିତ କରୁଛନ୍ତି । ସେଥିପାଇଁ ସ୍ତ୍ରୀଙ୍କୁ ସାଥିରେ ଧରି କେତେବେଳେ ବଦ୍ରିନାଥ ତ କେବେ ରାମେଶ୍ୱରମ୍, କେବେ ଦ୍ୱାରିକାନାଥ ତ କେବେ

To read the complete magazine, Download it for FREE from www.aahwaan.com

ଜଗନ୍ନାଥପୁରୀ ବୁଲୁଥାନ୍ତି । ହେଲେ ସେ ଯେଉଁ ଭୁଲ କରିଛନ୍ତି ଏମିତି ପୂଜାପାଠ କରି ସେଥିରୁ କଣ ସହଜରେ ମୁକୁଳି ହେବ ?

ଏମିତି ସବୁ କଥା ଚିନ୍ତା କରୁ କରୁ ଆଲୋକର ସମସ୍ୟା ପାଇଁ ସମାଧାନର ଗୋଟିଏ ବାଟ ପାଇଗଲି । ନା ଆଉ ସମ୍ଭବ ନୁହେଁ । ସମ୍ପର୍କରେ ଫାଟ ହେବାକୁ ଦେବାନି ।

ସ୍ୱାମୀର ଅନୁପସ୍ଥିତିରେ ରୋଗିଣୀ ଶାଶୁର ସେବାଯତ୍ନର ଦାୟିତ୍ୱ ନୂଆବୋହୁଟେ ଉପରେ ଲଦି ଦେବା କଣ ବୁଦ୍ଧିମାନର କାମ ? ବାପାଙ୍କ ଅଂହକୁ ସମ୍ମାନ ଦେବାକୁ ଯାଇ ସ୍ତ୍ରୀର କୋମଳ ହୃଦୟ ଓ ଇଚ୍ଛାକୁ ଦଳିଚକଟି ଦେବାଟା କଣ ଠିକ୍ ? ଦାମ୍ପତ୍ୟ ଜୀବନର ମୂଳଦୁଆକୁ ମଜବୁତ୍ କରିବାକୁ ହେଲେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଆଗ ପରସ୍ପରକୁ ଠିକ୍ ଭାବରେ ବୁଝିବା ଓ ଜାଣିବା ଦରକାର, ନୁହେଁ କି ? ଏମିତି ସବୁ ନାନା ଅଡୁଆ ପ୍ରଶ୍ନରୁ ହିଁ ମତେ ସମାଧାନର ବାଟ ମିଳିଗଲା ।

ଆଲୋକ ସାଙ୍ଗରେ ଦିପ୍ତୀ ଲୋନାବଲା ଯିବା ନିହାତି ଜରୁରୀ । ସେମାନେ ଦୁହେଁ ଗୋଟିଏ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି । ସେମାନଙ୍କୁ ହସଖୁସିରେ ଜୀବନକୁ କାଟିବାରୁ ବଞ୍ଚିତ କରିବା ଅନ୍ୟାୟ ହେବ । ଏବେ ଆଉ କେହି ସେମିତି ଅନ୍ୟାୟ ନ ସହୁ । ପୁଣି ଜଣେ ସ୍ତ୍ରୀ ସ୍ଥାଣୁ ନ ପାଲଟି ଯାଉ । ସାରାରାତି ଚିନ୍ତା କରି କରି ଏହି ନିଷ୍ପତ୍ତି ନେଲି, ଆଲୋକ ସହିତ ଦିପ୍ତୀ ନିଶ୍ଚୟ ଲୋନାବଲା ଯିବ ।

ତା'ପର ଦିନ ଦିପ୍ତୀ ଆଉ ଆଲୋକ ଦିପହରରେ ଖାଇବାପାଇଁ ଆସିଥିବା ବେଳେ ମୁଁ ମୋର ନିଷ୍ପତ୍ତି ତାକୁ ଜଣେଇ ଦେବାକୁ ଯାଇ କହିଲି, “ଦିପ୍ତୀକୁ ତୋ ସାଙ୍ଗରେ ନେଇ ଯା ଆଲୋକ । ଏହା ମୋର ନିଷ୍ପତ୍ତି, ଆଉ ଯଦି ମା ବୋଲି ଭାବୁଛୁ ତା ହେଲେ ନିର୍ଦ୍ଦେଶ ବୋଲି ଭାବି ନେଇ ଯା ।”

To read the complete magazine, Download it for FREE from www.aahwaan.com

ମୋ ନିଷ୍ପତ୍ତି ଜଣେଇ ଦେବାପରେ ମୋତେ ଭାରି ଆଶ୍ୱସ୍ତ ଲାଗୁଥିଲା । ମୋତେ ଲାଗୁଥିଲା ମୁଁ କାଠଗଡ଼ାରୁ ବାହାରି ଆସୁଥିଲି ।

"ମୁଁ ଆପଣଙ୍କଠୁ ଏୟା ହିଁ ଆଶା କରୁଥିଲି ମାତେ... ଆପଣଙ୍କ ଆଜ୍ଞା ଶୀରୋଧାର୍ଯ୍ୟ..." କହି ଆଲୋକ ଦଣ୍ଡବତ କରିବା ମୁଦ୍ରାରେ ନଇଁ ମୋର ନିଷ୍ପତ୍ତିକୁ ସ୍ୱାଗତ ଜଣେଇଲା । ଏହି ସମୟରେ ମୁଁ ଲକ୍ଷ୍ୟ କରୁଥାଏ, ମୋ କଥା ଶୁଣି ତା ଅନ୍ତରରୁ ଖୁସିର ଭାବ ଝଲସି ଉଠିବା ସହ ତାର ସମଗ୍ର ଶରୀର ଖୁସିରେ ଝୁମି ଯାଉଥାଏ । ଆଉ ଦିପ୍ତୀ... । ସେ ମଧ୍ୟ ତାର ଖୁସିକୁ ଲୁଚେଇବାର ବୃଥା ଚେଷ୍ଟା କରିବାକୁ ଯାଇ ନଇଁ ପଡ଼ି ମୋ ପାଦ ଛୁଇଁବାକୁ ବାହାନା କରୁଥାଏ ।

ମାର୍ଫତ : ଶ୍ରୀ କେ.ଭି.କେ. ମୂର୍ତ୍ତି
ଦେବୀ ଏଣ୍ଟରପ୍ରାଇଜେସ୍, ନିୟୁ କଲୋନୀ
(ସ୍ୱାମୀ ବିବେକାନନ୍ଦ ସ୍କୁଲ୍ ନିକଟ)
କପିଳାସ ରୋଡ୍, ରାୟଗଡ଼

To read the complete magazine, Download it for FREE from www.aahwaan.com

# ଭୈରବର ଅମୋଘ ଆତ୍ମା



ଦୀପକ ଷଡ଼ଙ୍ଗୀ

ମହିତୋଷ ବାବୁ ଥିଲେ ଜଣେ ପୁଲିସ ଅଫିସର୍ । ତାଙ୍କର ପୁଲିସ ଜୀବନର ଘଟଣା ଗୁଡ଼ିକ ଶୁଣିବା ପାଇଁ ତାଙ୍କ ବନ୍ଧୁ ଦୁର୍ଜନ ବାବୁଙ୍କର ଖୁବ୍ ଆଗ୍ରହ । କିନ୍ତୁ ସେ କାହିଁକି ଯେ ପୁଲିସ ଚାକିରିଟା ଦୁଇ ବର୍ଷ ଆଗରୁ ଛାଡ଼ି ଦେଲେ ସେ କଥା ତାଙ୍କ ପରିବାର ଲୋକଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ । ସେ କେବଳ ଚାକିରି ଛାଡ଼ିଥିଲେ ତା ନୁହେଁ, ସେ ଯେଉଁଠାରେ ଆଗରୁ ଚାକିରୀ କରୁଥିଲେ ମାନେ କଟକ ଜିଲ୍ଲା ଭଳି ଜାଗାକୁ ଛାଡ଼ିକରି ଆସି ବହୁତ ଦୂର ଏ ପାହାଡ଼ ଜଙ୍ଗଲ ଘେରା କନ୍ଧମାଳରେ ଆସି ରହୁଥିଲେ । ତାଙ୍କ ଘର ଆଗରେ ଆଉ ଗୋଟେ ଛୋଟ ଘର ଥିଲା । ସେଇ ଘରେ ଏକା ରହୁଥିଲେ ଦୁର୍ଜନ ବାବୁ । ପ୍ରଥମେ ଯେତେ ବେଳେ ମହିତୋଷ ବାବୁ ଆସି ରହିଲେ ସେତେବେଳେ ସେ ମଧ୍ୟ କଟକ ଲୋକ ବୋଲି ଜାଣିବା ଠାରୁ ତାଙ୍କ ଘରକୁ ଯିବା ଆସିବା କରି କରି ଦୁର୍ଜନ ବାବୁ ମଧ୍ୟ ଜଣେ ଅନ୍ତରଙ୍ଗ ବନ୍ଧୁ ହୋଇ ପାରିଥିଲେ ମହିତୋଷ ବାବୁଙ୍କର । ମହିତୋଷ ବାବୁ ଓ ତାଙ୍କ ସ୍ତ୍ରୀ ଅନିତାକୁ ଛାଡ଼ି ତାଙ୍କ ଘରେ ଆଉ ଜଣେ ସଦସ୍ୟର ଯିବା ଆସିବା ମଧ୍ୟ

To read the complete magazine, Download it for FREE from www.aahwaan.com

ଥିଲା ତାଙ୍କ ଚାକର ରାଜୁ, ଦେଖିବାକୁ ବିଶାଳକାୟ ଚେହେରା, ଆଦିବାସୀ ସମ୍ପ୍ରଦାୟର । ସକାଳ ବେଳା ଆସେ ସବୁ କାମ ସାରି ପୁଣି ସନ୍ଧ୍ୟା ବେଳକୁ ଫେରି ଯାଏ ପାହାଡ଼ ଆର ପଟେ ଥିବା ତା ନିଜ ଗାଁ କୁ ।  ତାକୁ ଦେଖି ଦୁର୍ଜନବାବୁ ମହିତୋଷ ବାବୁଙ୍କୁ ଥରେ କହିଥିଲେ, "ଆଜ୍ଞା ! ଏ ଆଦିବାସୀମାନଙ୍କ ଠାରୁ ଟିକେ ଦୂରରେ ରହିବେ, କେତେବେଳେ

ଏମାନେ କିଛି ବି କରି ଦେଇପାରନ୍ତି ।" ଏକଥା  ଶୁଣି ଅନିତା ଦେବୀ ଟିକେ ଭୟ ପାଇଯାଇ ଥିଲେ କିନ୍ତୁ ଲୋକଟିକୁ ହାତ ଛଡ଼ା କଲେ ଯେ ଏ ଜାଗାରେ ଆଉ ଗୋଟେ କାମଦାମ କରୁଥିବା ଲୋକ ମିଳିବା ଯେ ବହୁତ ମୁସ୍କିଲ ତାହା ମହିତୋଷ ବାବୁ ଠିକ ଜାଣିଥିଲେ । ପୁଲିସିଆ ଲୋକ ତାଙ୍କୁ ପୁଣି ଭୟ କଣ ।

ଏମିତି ସବୁଦିନ ଦୁର୍ଜନବାବୁ ମହିତୋଷବାବୁଙ୍କ ଘରକୁ ଆସନ୍ତି ଆଉ ତାଙ୍କ ଠାରୁ ତାଙ୍କ ପୁଲିସିଆ ଜୀବନର କାହାଣୀମାନ ଶୁଣନ୍ତି । ପସନ୍ଦ ନ ଆସିଲେ ମୁହଁକୁ ଗୋଟେ ଏପରି କଦାକାର କରନ୍ତି ଯେ ବୁଝାଯାଏ ଯେ ଏ ଗପଟି ତାଙ୍କୁ ଜମା ପସନ୍ଦ ଆସିଲାନି । ମହିତୋଷ ବାବୁ ବେଳେ ବେଳେ ଭାବନ୍ତି ଏ ଦୁର୍ଜନ ବାବୁ ବୋଧେ ଜଣେ ଲେଖକ, ଲେଖିବା ପାଇଁ କାହାଣୀର ଅନୁସନ୍ଧାନରେ ଏଠିକି ଆସନ୍ତି । ଏମିତି ଦିନେ  ସନ୍ଧ୍ୟାବେଳେ କଥା ହେଉ ହେଉ ମହିତୋଷବାବୁ ତାଙ୍କର ଜୀବନର ସବୁଠାରୁ ଗୋପନୀୟ କଥା କହିବାକୁ ଲାଗିଲେ ସେ କଥାଟି ଏହିପରି ଥିଲା ।

କଥାଟି ଥିଲା ମହିତୋଷ ବାବୁଙ୍କର ପିଲାଦିନର ସାଙ୍ଗ ଭୈରବ ଓ ତାଙ୍କ ସମ୍ବନ୍ଧରେ ସ୍କୁଲବେଳର ଗୋଟେ ସତ୍ୟକାହାଣୀ । କଥାଟା ଆରମ୍ଭ କରୁ କରୁ ହିଁ ବହୁତ ଗୁଡ଼ିଏ ଅଶୁଭ ଲକ୍ଷଣ ଦେଖାଗଲା । ଯେପରି କାନ୍ଥରେ ଟଙ୍ଗା ହୋଇଥିବା ଗୋଟେ ସିନେରି ଫୋଟୋ ପଡ଼ି କି ଭାଙ୍ଗି ଗଲା, ବାହାରେ ଥିବା କୁକୁରମାନେ କିପରି ଗୋଟେ ଅଦ୍ଭୁତ ଶବ୍ଦକରି ଭୁକିବାକୁ ଲାଗିଲେ ଆଉ ହଠାତ୍ ଯେମିତି ଲାଗିଲା କଳାହାଣ୍ଡିଆ ମେଘ ଆସିଲା ଭଳି ଝଡ଼ତୋଫାନର

To read the complete magazine, Download it for FREE from www.aahwaan.com

ପୂର୍ବ ଅନୁମାନ । ମହିତୋଷବାବୁ ଝରକା ପାଖକୁ ଗଲେ ଆଉ ଦେଖିଲେ ଯେ ଖୁବ ଜୋରରେ ଝରକା କବାଟଟା ପିଟି ହଉଛି ତାକୁ ବନ୍ଦ କରିଦେଲେ । ମନେ ମନେ ସେ ଭାବିଲେ ଏ ସବୁ କଣ ହେଉଛି କିନ୍ତୁ ବାହାରେ ପ୍ରକାଶ କଲେ ନାହିଁ । ତା'ପରେ ନିଜକୁ ଟିକେ ପ୍ରସ୍ତୁତ କରିନେଇ ବସିପଡ଼ିଲେ ପାଖରେ ଥିବା ଚେୟାର ଉପରେ ଆଉ ତା ପରେ ଆରମ୍ଭ କଲେ, ଭୈରବ ଥିଲା ମୋ ସ୍କୁଲବେଳର ଜଣେ ଘନିଷ୍ଠବନ୍ଧୁ, ସେତେବେଳେ ଆମକୁ ପ୍ରାୟ ୧୪/୧୫ ବର୍ଷ ବୟସ ।  ଭୈରବ ଥିଲା ସ୍କୁଲରେ ସବୁ ପିଲାମାନଙ୍କ ଠାରୁ ଏକଦମ ଅଲଗା ତାର ସ୍ୱଭାବ ସ୍କୁଲରେ ସବୁ ଠାରୁ ଅଲଗା ଥିଲା । ତେବେ ଭୈରବ ଯେ କାହିଁକି ମୋତେ ସବୁଠାରୁ ବେଶି ଭଲପାଏ ସେ କଥା ମୁଁ ଜାଣେନା । ପାଠ ପଢ଼ାରେ ତା'ର ଆଦୌ ଇଚ୍ଛା ନଥିଲା, କିନ୍ତୁ ସେଇ ବୟସରେ ସେ ଝଡ଼ାଫୁଙ୍କା, ଭୂତ, ପ୍ରେତ ଆଦି ମାନଙ୍କ ବିଷୟରେ ଜାଣିବା ପାଇଁ ଖୁବ ଆଗ୍ରହୀ ଥିଲା । ସେଥିପାଇଁ ସେ ସ୍କୁଲରେ କ୍ଲାସ ଛାଡ଼ି ଗୁଣିଆମାନଙ୍କ ପାଖରେ ସେହି ବିଦ୍ୟାଗୁଡ଼ିକ କରାୟତ୍ତ କରିବାକୁ ଚେଷ୍ଟା କରୁଥାଏ । ଆଉ ତା'ର ଚେହରା ବି ସେମିତି ଥିଲା ଭୟଙ୍କର କୁଞ୍ଚ କୁଞ୍ଚିଆ ଚୁଟି ଆଉ ଗାଲର ଡାହାଣ ପାଖେ ଗୋଟେ କଟା ଦାଗ, ତା ପାଖକୁ ଯିବାକୁ ପିଲାମାନେ କଣ ସ୍କୁଲର ଶିକ୍ଷକ ମାନେ ବି ଭୟ କରୁଥିଲେ । ତା'ର ଏପରି ଚେହେରାକୁ ଦେଖି ତାକୁ କେହି ବି ଭଲ ପାଉନଥିଲେ, କିନ୍ତୁ ସେ ସ୍କୁଲ ଛୁଟି ହେବା ପରେ ମୋତେ ଟାଣି କରି ନେଇଯାଏ ଆମ ଗାଁରେ ଥିବା କିଛି ଶୁନ୍ ଶାନ୍ ଜାଗା କି ଗାଁ ଶେଷରେ ଥିବା ମଶାଣିକୁ । ସେ ସେଠାକୁ ମତେ ନେଇ ବହୁତ ଗୁଡ଼ାଏ ଡ଼ର ଲାଗିଲା ଭଳିଆ କଥା ସବୁ କହେ । ଯେମିତିକି "ହାଜିପୁର ଗାଁର ତାରକନାଥ ବାବା ହେଉଛନ୍ତି ମୋ ଗୁରୁ ସେ ମୋତେ ସବୁ ଭୂତ ପ୍ରେତମାନଙ୍କୁ ଆୟତ୍ତ କରିବା ଶିଖେଇ ଦେଲେଣି, ସେ କହୁଥିଲେ ନେପାଳରେ ଗୋଟେ କାମାକ୍ଷାଦେବୀଙ୍କ ମନ୍ଦିର ଅଛି, ସେଠିକି ଯାଇ ଯଦି ମୁଁ ଯାଇ ସିଦ୍ଧି କରି ଆସେ ତେବେ ମୁଁ ହେବି ବିଶ୍ୱବିଜୟୀ, ତୁ ବି ଚାଲ୍ ମୋ

To read the complete magazine, Download it for FREE from www.aahwaan.com

ସହିତ ତତେ ନେପାଳ ବୁଲେଇ କି ଦେଖେଇ ଦେବି, ଆମେ ଯିବା ମୋ ଗୁରୁ ତାରକନାଥ ବାବଙ୍କ ସହ ।”

ମୋର କିନ୍ତୁ ଇଚ୍ଛା ହଉଥାଏ ମୁଁ କିପରି ଯା ହାବୁଡ଼ରୁ ଖସି କି ପଳେଇବି, ଏମିତି ସବୁବେଳେ ମୋତେ ସେ ହଇରାଣ କରୁଥାଏ । ସେଥିପାଇଁ ସ୍କୁଲ ଛୁଟି ହେବା ମାତ୍ରେ ହିଁ ମୁଁ ତା’ ଠାରୁ ଲୁଚିକି ଦୌଡ଼ି ଘରକୁ ପଳାଏ । ଏମିତି ଦିନେ ସେ ମୋତେ ଆମ ଗାଁ ମଶାଣି କି ଜୋରକରି ଟାଣି ନେଇଗଲା, ଆଉ ଛୁରୀରେ ମୋ ବାମ ହାତର ବୁଢ଼ା ଆଙ୍ଗୁଠିଟାକୁ କାଟି ଦେଲା, ମୁଁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥାଏ । ତା’ପରେ ସେ ସେଠି ସଦ୍ୟ ଜଳା ହୋଇଥିବା ଗୋଟେ ଶବର ପାଉଁଶ ଉପରେ ନେଇ ମୋ କଟି ଯାଇଥିବା ଆଙ୍ଗୁଠିର ରକ୍ତ ଦୁଇ ଟୋପା ପକେଇ ଦେଇ କହିଲା, “ତୁ ମୋତେ ଛାଡ଼ି ଆଉ କୁଆଡ଼େ ଯାଇ ପାରିବୁନି, ତୁ ଯଦିଓ ମୋ ଠାରୁ ଦୂରେଇ ଯାଉ ତଥାପି ମୁଁ ତୋ ପିଛା କେବେ ବି ଛାଡ଼ିବିନି ।” ଏମିତି ଭୟଙ୍କର ଭାବେ ସେ କହି ଉଠିଲା । ସେତେବେଳେ ଦେଖା ଯାଉଥାଏ ତା ଆଖି ଦୁଇଟି ରକ୍ତ ପରି ଲାଲ୍ ହୋଇଯାଇଛି, ଆଉ କହିସାରି ଜୋରରେ ହସିଉଠିଲା । ପୁଣି କହିଲା, “ମୋ ଗୁରୁ ମୋତେ କହିଛନ୍ତି ପ୍ରେତାତ୍ମା ମାନେ ଯାହାକୁ ବେଶି ଭଲ ଲାଗନ୍ତି ସେମାନେ କାହାର ଗୋଟେ ଶରୀର ଭିତରେ ପ୍ରବେଶକରି ତାକୁ ଦେଖା କରିପାରନ୍ତି; କିନ୍ତୁ ଏପରି କରିବା ଦ୍ୱାରା ସେ ଆତ୍ମାକୁ ବହୁତ କଷ୍ଟ ହୁଏ ଏବଂ ତା’ର ମୁକ୍ତି ମଧ୍ୟ ହୋଇ ପାରେନା । ସେ ଅମୋକ୍ଷ ହୋଇ ଘୁରି ବୁଲେ । ସେ ଯାହା ବି ହେଉ ତୁ ଯୁଆଡ଼ା ଥାଆ ପଛେ ମୁଁ କିନ୍ତୁ ତତେ ଦେଖା କରିବାକୁ ନିଶ୍ଚେ ଆସିବି । କିନ୍ତୁ ମୁଁ ଯେତେବେଳେ ତତେ ଦେଖା କରିବାକୁ ଆସିବି ଯଦି ତୁ ମତେ ଚିହ୍ନି ନପାରି ତଡ଼ି ଦେଉ ତେବେ ମୁଁ ତତେ କିନ୍ତୁ ଆଉ ଛାଡ଼ିବି ନାହିଁ । ଆଉ ଏକଥା ତୁ ମତେ ଏଇ ମଶାଣିରେ ମତେ ଶପଥ କରି କହ ।”

To read the complete magazine, Download it for FREE from www.aahwaan.com

ସେତେବେଳକୁ ମୋ ଅବସ୍ଥା ଯାହା ହେଉଥାଏ ମୁଁ ଚଟ୍ କରି କହିଲି, "ହଁ ରେ ଭୈରବ ତୁ ଆସିଲେ ତତେ କାହିଁକି ମୁଁ ତଡ଼ି ଦେବି ତୁ ତ ମୋର ସବୁ ଠାରୁ ଭଲ ବନ୍ଧୁ । ମୁଁ ଶପଥ କରୁଛି ତତେ ମୁଁ ଚିହ୍ନି ପାରିବି ଆଉ ତୁ ମୋ ଘରକୁ ଆସିଲେ ମୁଁ ତୋର ଖୁବ୍ ଆଦର ଯତ୍ନ କରିବି ।" ତା'ପରେ ସେ ମତେ ଛାଡ଼ିଦେଲା ମୁଁ ଏକ ମୁହାଁ ହେଇ ଘରକୁ ଦୌଡ଼ି ପଳେଇ ଆସିଲି । ୩/୪ ଦିନ ମୁଁ ଆଉ ସ୍କୁଲକୁ ଗଲିନି । ଯେତେବେଳେ ସ୍କୁଲକୁ ଗଲି ଜାଣିବାକୁ ପାଇଲି ଯେ ଭୈରବ ସେହିଦିନ ଠାରୁ ଆଉ ସ୍କୁଲକୁ ଆସିନି । ସେ ଘର ଛାଡ଼ି କୁଆଡ଼େ ପଳେଇଛି ବୋଲି ।

ତା'ପରେ ଗୋଟେ ଦୀର୍ଘ ନିଶ୍ୱାସ ନେଇ ମହିତୋଷବାବୁ ଟିକେ ପାଣି ଜଗ୍ ରୁ ଆଣି ପିଇଲେ, ଏହି ସମୟରେ ତାଙ୍କ ପତ୍ନୀ ଅନିତା ଘର ଭିତରକୁ ପଶି ଆସିଲେ, ମୁହଁରେ ତାଙ୍କର ଭୟର ଛାପ ସ୍ପଷ୍ଟ ବୁଝା ପଡୁଥାଏ । ଆଉ କହିଲେ, "ହେଇଟି ଶୁଣୁଚ ଆମ ଛାତ ଉପରେ କିଏ ଗୋଟେ ଦୁମ୍ ଦୁମ୍ କରୁଛି, ଟିକେ ଯାଇ ଦେଖ ତ ?" ମହିତୋଷ ବାବୁ ବି ଟିକେ ଡ଼ରି ଯାଇଥାନ୍ତି, ଯଦିଓ ଶବ୍ଦଟା ଟିକେ କମି ଆସିଥିଲା ତଥାପି  ରହିରହି ମଝିରେ ମଝିରେ ହେଉଥାଏ । ଛାତ ଉପରକୁ ଯାଇ ଦେଖିଲେ କେହି କୁଆଡ଼େ ନାହାନ୍ତି, ରାଜୁ କହିଲା, "ଆଜ୍ଞା ! ଛାତ ଉପରେ କିଛି ସମୟ ପୂର୍ବରୁ ଗୋଟେ ଡାମେରା କାଉ ଆସି ବହୁତ ସମୟ ହେଲା ବସିଥିଲା ମୁଁ ଯେତେ ହୁରାଡ଼ିଲେ ବି ଜମା ଗଲାନି, ଆପଣଙ୍କୁ ଦେଖି ବୋଧେ ଉଡ଼ି ଗଲା ।" ମହିତୋଷ ବାବୁ ଘଡ଼ି ଦେଖିଲେ ରାତି ଆସି ୯ଟା ବାଜିଲାଣି ରାତିରେ ପୁଣି କାଉ, ଟିକେ ଭୀତତ୍ରସ୍ତ ହୋଇ ପଡ଼ିଲେ ।  ଛାତ ଉପରୁ ତଳକୁ ଓହ୍ଲାଇ ଆସି ସେ ଦେଖିଲେ ଦୁର୍ଜନବାବୁ କିନ୍ତୁ ସେମିତି ନିର୍ବିକାର ହୋଇ ବସିଥାନ୍ତି ତାଙ୍କ ଜାଗାରେ, ଲାଗୁଥାଏ ଯେମିତି ସେ ହିଁ ହେଉଛନ୍ତି ତାଙ୍କ କାହାଣୀର ଗୋଟେ ଚରିତ୍ର ।

To read the complete magazine, Download it for FREE from www.aahwaan.com

ତା'ପରେ ମହିତୋଷ ବାବୁ ପୁଣି ଚେୟାର ଉପରେ ବସି ଗପିବାକୁ ଆରମ୍ଭ କଲେ । ସ୍କୁଲ ପଢ଼ାସରିଲା ପରେ ମୁଁ ଗାଁ ଛାଡ଼ି ଭୁବନେଶ୍ୱର ଚାଲି ଆସିଲି ଉଚ୍ଚଶିକ୍ଷା ପାଇଁ, ତା'ପରେ ମୋ ସହ ଆଉ ଭୈରବର କିଛି ବି ସମ୍ପର୍କ ନ ଥାଏ । ଏ ଭିତରେ କଟି ଯାଇଥାଏ ଦୀର୍ଘ ୩୦ ବର୍ଷ, ମୁଁ ପୋଲିସ ଚାକିରୀରେ ନିଯୁକ୍ତି ପାଇଥାଏ । ମୋର  ପୋଷ୍ଟିଂ ହୋଇଥାଏ ବଡ଼ମ୍ବାର ଝରିଖୋଲ ଗ୍ରାମରେ । ଦିନେ ଗୋଟେ ହତ୍ୟାକାଣ୍ଡର ଖବର ମତେ ମିଳିଲା । ଦୁଇଜଣ କନେଷ୍ଟବଳଙ୍କୁ ଧରି ଯାଇ ପହଞ୍ଚିଲି ଘଟଣା ସ୍ଥଳରେ, ଦେଖିଲି ଏକ କ୍ଷତ ବିକ୍ଷତ ଶବ, ତା'ର ଗଳା କାଟି କିଏ ହତ୍ୟା କରିଥାଏ । ଲୋକଟିର ବୟସ ଅନୁମାନ ୫୦ ପାଖାପାଖି ହେବ, ଲୋକଟିକୁ ଦେଖିଲା ପରେ ମୋତେ କାହିଁ ଚିହ୍ନାଚିହ୍ନା ଲାଗିଲା ଓ ଦେହଟା କିପରି ଏକ ଭୟରେ ଶିହରି ଉଠିଲା । ଯଦିଓ ଯା ଠାରୁ  ଆହୁରି ଭୟଙ୍କର ଶବ ମୁଁ ମୋ ପୋଲିସ ଜୀବନର ୨୫ବର୍ଷ ଚାକିରୀ ଭିତରେ ଦେଖି ସାରିଥିଲି ତଥାପି ମୋ ଭିତରେ କିପରି ଗୋଟେ ଅଦ୍ଭୁତ ପ୍ରକାର ଭୟ ମାଡ଼ି ବସିଲା ପରି ଲାଗିଲା । ଗୋଟେ କନେଷ୍ଟବଳକୁ କହିଲି ମୁହଁ ଉପରୁ ରକ୍ତ ଛିଟା ଗୁଡ଼ାକ ପୋଛି ଦେବା ପାଇଁ । ତା'ପରେ ମୁଁ ଯାହା ଦେଖିଲି, ତାକୁ ଦେଖି ମୁଁ ପୁରା ଅବାକ୍ ହୋଇ ପଡ଼ିଲି ସେଇ କୁଞ୍ଚ କୁଞ୍ଚିଆ ଚୁଟି ଆଉ ଗାଲର ଡାହାଣ ପାଖେ ଗୋଟେ କଟା ଦାଗ, ମୋତେ ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ଏଇ ମୃତଦେହଟା ଭୈରବର ବୋଲି । ବେଶୀ କିଛି ଆଉ କାହା ସହ କଥାବାର୍ତ୍ତା ନକରି ଶବଟିକୁ ପୋଷ୍ଟମୋର୍ଟମ କରିବାକୁ ପଠେଇଦେଲି । ତା'ପରେ ମୋର ଦୁର୍ଭାଗ୍ୟକୁ ସେ କେସର ତଦନ୍ତ ଦାୟିତ୍ୱ ମୋ ଉପରେ ହିଁ ରହିଲା । ମୁଁ ସବୁ ଜାଗାକୁ ଯାଇ ଖୋଳତାଡ଼୍ ଆରମ୍ଭ କଲି, ସେ କୋଉଠି ରୁହେ, ତା ସଙ୍ଗେ ଅନ୍ୟମାନେ କିଏ ସବୁଥିଲେ, ଇତ୍ୟାଦି ଇତ୍ୟାଦି । ତଦନ୍ତର ପ୍ରଥମ ପର୍ଯ୍ୟାୟରୁ ଜଣାଗଲା ଯେ ସେ ଏଇ ଗାଁରେ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱଦିନ ଧରି ରହିଆସୁଥିଲା, ଆଉ ସମସ୍ତେ ତାକୁ ଗୋଟେ ତାନ୍ତ୍ରିକ ବୋଲି ମଧ୍ୟ

To read the complete magazine, Download it for FREE from www.aahwaan.com

ଜାଣିଥିଲେ । କିନ୍ତୁ ତା'ପରେ ତଦନ୍ତରେ ସେମିତି କିଛି ଆଖି ଦୃଶିଆ ପ୍ରମାଣ ମୋତେ ଆଉ କିଛି ମିଳି ନଥିଲା । ଯେହେତୁ ତାନ୍ତ୍ରିକ, ଗୁଣିଆ ପରି ଲୋକ ଥିଲା ଆଉ ତା'ର ସମ୍ପର୍କୀୟ ବି କେହି ନଥିଲେ ଖୋଜ୍ ଖବର ନେବା ପାଇଁ ସେଥିପାଇଁ କେସଟା ଧିରେ ଧିରେ ବନ୍ଦ ହେବାକୁ ବସିଲା ।

ଆଉ ଠିକ୍ ସେଇ ସମୟରେ ଦିନେ ରାତିରେ ଆମେ ସ୍ୱାମୀ ସ୍ତ୍ରୀ ଓ ପୁଅକୁ ନେଇ ପୁଲିସ କ୍ୱାର୍ଟରରେ ରାତିରେ ଶୋଇଥାଉ । ରାତି ପ୍ରାୟ ୨ଟା ପାଖପାଖି ହେବ ମନେ ହେଲା ଯେପରି ଆମ କ୍ୱାର୍ଟରର କବାଟକୁ କିଏ ଜଣେ ଠକ୍ ଠକ୍ କରୁଛି । ମୋର ନିଦଟା ଭାଙ୍ଗିଗଲା । ଭାବିଲି ବୋଧେ ସ୍ୱପ୍ନ ଦେଖୁଛି ଆଉ କିଛି ନ ଭାବି ପୁଣି ଶୋଇଲି, ପାଞ୍ଚ ମିନିଟ୍ ପରେ ପୁଣି ସେଇ କବାଟ ବାଡ଼େଇବା ଶବ୍ଦ, ଏଥର ଶବ୍ଦଟା କିନ୍ତୁ ଆଗ ଅପେକ୍ଷା ଟିକେ ଜୋର୍ ଥିଲା, ଏଥର ମୁଁ ଶେଯରୁ ଉଠି ବସିଲି । କବାଟ ଖୋଲିବାକୁ ଯାଆନ୍ତେ ମୋ ସ୍ତ୍ରୀ ଅନିତା ମୋତେ ବାଧାଦେଲା । ପୁଅ ପାଖରେ ଗଭୀର ନିଦ୍ରାରେ ଶୋଇଥାଏ । ତଥାପି ମୁଁ ଉଠିକି ଆଲମୀରା ଭିତରୁ ମୋ ସର୍ଭିସ୍ ବନ୍ଧୁକଟା ବାହାର କଲି । କବାଟ ଖୋଲିବା ପୂର୍ବରୁ ଭିତରୁ ଥାଇ ପଚାରିଲି, "କିଏ ସେଠି ?" କିନ୍ତୁ ସେପଟୁ କିଛି ଉତ୍ତର ନାହିଁ । ମୁଁ ପୁଣି ଆଉ ଥରେ ଏଥର ଟିକେ ଚଡ଼ା ଗଳାରେ ପଚାରିଲି, "କିଏ ସେଠି କବାଟ ବାଡ଼ଉଛି ? ଲାଗିଲା କିଏ ଜଣେ ୧୪/୧୫ ବର୍ଷର ପିଲାଟେ ମୋତେ କହୁଛି, "ଆରେ ମହୀ ! କବାଟଟା ଟିକେ ଖୋଲ ମୁଁ ତୋ ସାଙ୍ଗ ଭୈରବ ପରା ।" କବାଟ ସେପଟୁ ଏମିତିଆ କଥା ଶୁଣି ମୁଁ ପୁରା ଅବାକ୍ ହୋଇ ଠିଆ ହୋଇଥାଏ । ଦେହରୁ ଝାଳ ଗମଗମ ହୋଇ ବାହାରି ଯାଉଥାଏ କବାଟଟା ଖୋଲି ଦେଖେ ତ ସେଠି କେହି ବି ନାହାନ୍ତି । ଘର ଭିତରକୁ ଯାଇ ଟର୍ଚ୍ଚଟା ଆଣି ବାହାରକୁ ମାରିଲି, ଦେଖିଲି କିଛି ଦୂରରେ ଗୋଟାଏ ଲୋକ ଛିଡ଼ା ହୋଇଛି, ଅଣ୍ଟାରେ ଗୋଟେ ନୀଳ ଲୁଙ୍ଗୀ ପିନ୍ଧିଥାଏ ମୁଣ୍ଡରେ ଗାମୁଛା ପକେଇଥାଏ ଆଉ ମୁହଁ ସାରା ପୁରା

To read the complete magazine, Download it for FREE from www.aahwaan.com

ରକ୍ତରେ ଜୁଡୁବୁଡୁ ଲୋକଟାକୁ ଦେଖି ମୁଁ ପୁରା ସ୍ଥାଣୁ ହୋଇଗଲି । ମୋତେ ଲାଗୁଥାଏ ମୋ ଦେହରେ ଆଉ ଯେମିତି ଜୀବନ ନାହିଁ । ମୁଁ ତାକୁ ପୁଣି ଥରେ ନିରିଖେଇ କି ଚାହିଁଲା ବେଳକୁ ଲାଗିଲା ସେ ଯେମିତି ମୋତେ ହାତଠାରି ଡାକୁଛି । ମୁଁ ତା'ର ଯେତେ ନିକଟକୁ ଯାଉଥାଏ ସେ ମୋ ଠାରୁ ସେତେ ଦୂରେଇ ଯାଉଥାଏ । ସେ ମୋ ଆଗେ ଆଗେ ଚାଲିଲା ଆଉ ମୁଁ ତା ପଛେପଛେ ଚାଲିଥାଏ । ଯେମିତି ଲାଗୁଥାଏ ମୋତେ କିଏ ଜଣେ ସମ୍ମୋହନ କରି ତା ପଛେ ପଛେ ଚାଲିବାକୁ ବାଧ୍ୟ କରୁଛି । ମୋତେ ଲାଗିଲା ଏ କଣ ଭୈରବ ମୋତେ ନେଇ କି ତା ହତ୍ୟାକାରୀ ପାଖକୁ ଯାଉଛି ? ଇଛା ହେଉଥାଏ ମୁଁ ଫେରିଯିବି ବୋଲି କିନ୍ତୁ ଏତେ ଅନ୍ଧକାରରେ ମୁଁ ଯେ କୋଉଠି ଆସି ପହଞ୍ଚିଲିଣି ସେ କଥା ମୋତେ ଆଦୌ ଜଣା ପଡୁ ନଥାଏ । ମୋ ପାଦରେ ଆଉ ଶକ୍ତି ନ ଥାଏ । ଚାଲିବା ମୋ ପାଇଁ ସମ୍ଭବ ହୋଇ ପାରୁ ନଥାଏ । ମୁଁ ଅବଶ ହୋଇ ରାସ୍ତାର ଗୋଟେ ପଟେ ପଡ଼ିଗଲି । ସକାଳ ହେଲାରୁ କିଛି ଗାଁ ଲୋକ ଆଣି ମତେ ଘରେ ଛାଡ଼ି ଦେଇଗଲେ । ପରଦିନ ସେଇ ଶବଟିର ପୋଷ୍ଟମୋର୍ଟମ ରିପୋର୍ଟ ଆସିଲା । ରିପୋର୍ଟରେ ଉଲ୍ଲେଖ ଥିଲା ଯେ ଲୋକଟିର ମୃତ୍ୟୁ ଅସ୍ୱାଭାବିକ ଥିଲା । ତା'ର ମୁଣ୍ଡଟିକୁ ଏମିତି କିଏ ଜଣେ ମୋଡ଼ି ଦେଇଥିଲା ଯେ ଶରୀର ଭିତରୁ ଚାପ ପାଇ ଜିଭଟା ଏକ ଦମ୍ ବାହରକୁ ଚାଲି ଆସିଥିଲା । ଏମିତି ନୃଶଂସ ଭାବରେ ମୁଣ୍ଡକୁ ଜୋରରେ ମୋଡ଼ିବା କୌଣସି ମନୁଷ୍ୟ ପକ୍ଷେ ସମ୍ଭବ ନ ଥିଲା । ଯେହେତୁ ଶବଟିର କେହି ଦାବିଦାର ନ ଥିଲେ ତେଣୁ କେସଟି ଆପେ ବନ୍ଦ ହୋଇଗଲା ।

ଏତିକି କହି ମହିତୋଷବାବୁ ଚୁପ ହୋଇଗଲେ ଦୁର୍ଜନବାବୁ ସେମିତି ଜାକିଜୁକି ହୋଇ ବସିଥାଆନ୍ତି । ଅପଲକ ନୟନରେ ସେ ଅନେଇଥା'ନ୍ତି ମହିତୋଷ ବାବୁଙ୍କୁ । ଘର ଭିତରଟା କିପରି ଏକ ଅସ୍ୱସ୍ତିକର ପରିବେଶ ଭଳି ଜଣା ପଡୁଥାଏ । କୁକୁର ଗୁଡ଼ାକ ହଠାତ୍ ଜୋର୍ କରି ଭୁକିବାକୁ ଆରମ୍ଭ କଲେ । ଘର ଭିତରେ ତ ଆଉ କେହି ନାହାଁନ୍ତି ମହିତୋଷ ବାବୁ

To read the complete magazine, Download it for FREE from www.aahwaan.com

ଆଉ ଦୁର୍ଜନ ବାବୁଙ୍କ ଛଡ଼ା, କିନ୍ତୁ ମହିତୋଷ ବାବୁଙ୍କ ମନେ ହେଲା ଯେ ଆଉ ଜଣେ କିଏ ସେମାନଙ୍କ କଥା ଶୁଣୁଛି ସେ ଦୁଆର ମୁହଁ ପାଖକୁ ଗଲେ ଏ କଣ ରାଜୁ ସେମାନଙ୍କ କଥା ଶୁଣୁଛି । ବେଶୀ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ମହିତୋଷ ବାବୁ  ପୁଣି ଆସି ଚେୟାର ଆସି ବସି ପଡ଼ିଲେ ଓ ପୁଣି ଆରମ୍ଭ କଲେ ।

ଏମିତିଆ କାଣ୍ଡ ପ୍ରାୟ ସବୁ ଦିନେ ମୋ ସଙ୍ଗେ ଘଟିବାକୁ ଲାଗିଲା ସ୍ତ୍ରୀ ଓ ପୁଅକୁ ନେଇ ମୋ ଶଶୁର ଘରେ ଛାଡ଼ି ଦେଇ ଆସିଲି । କ୍ୱାର୍ଟର ବି ଛାଡ଼ି କି ଅଲଗା କ୍ୱାର୍ଟର ନେଲି ତଥାପି ସେହି ପ୍ରକାର ସମସ୍ୟା ଲାଗି ରହିଲା । ଧିରେ ଧିରେ ମୁଁ ଅନ୍ୟମନସ୍କ ହେବାକୁ ଲାଗିଲି । ଶେଷରେ ଚିନ୍ତା କଲି ଚାକିରି ଛାଡ଼ି ଏ ଜାଗାରୁ ସବୁ ଦିନ ପାଇଁ ଚାଲିଯିବି ବୋଲି । ଆଉ ତା'ପରେ ମୁଁ ଏ କନ୍ଧମାଳକୁ ଚାଲିଆସିଲି । ପୁଅକୁ ନେଇ ଭୁବନେଶ୍ୱରରେ ଛାଡ଼ି ଦେଇ ଆସିଛି ସେ ସେଠି ହଷ୍ଟେଲରେ ରହି ପଢୁଛି । ଏଇ ହେଲା ମୋ କାହାଣୀ ।

ଚୁପ୍ ହୋଇ ରହିଗଲେ ମହିତୋଷ ବାବୁ କିଛି ସମୟ ପାଇଁ । ନିଜ ପାଖରେ ଥିବା ସିଗାରେଟଟା ଆଣି ଲଗେଇଲେ । ତାଙ୍କୁ ଜଣାଗଲା ହଠାତ୍ ଯେମିତି ଘର ଭିତର ସାରା ଧୂଆଁମୟ ହେଲା ପରି । ସେ ଦେଖିଲେ ଯେ ତାଙ୍କ ପାଖରେ ବସିଥିବା ଦୁର୍ଜନ ବାବୁ ସେଠି ନାହାଁନ୍ତି ଆଉ ସେ ବସିଥିବା ଚେୟାର ଉପରେ ଆସି ବସିଛି ଭୈରବ । ସେଇ ରକ୍ତ ଜୁଡୁବୁଡୁ ମୁହଁରେ ତାଙ୍କ ଆଡ଼କୁ ଅନେଇ ବିକଟାଳ ହସ ହସୁଛି ।  ଆତଙ୍କିତ ହୋଇ ପଡ଼ିଲେ ମହିତୋଷ ବାବୁ । ଭୟରେ ନିଜର ଚେତା ହରେଇ ବସିଲେ । ପ୍ରାୟ ୧୦ ଦିନ ଅଚେତ ହୋଇ ପଡ଼ିରହିବା ପରେ ସେ ନିଜକୁ ଭୁବନେଶ୍ୱରର କାପିଟାଲ ହସ୍ପିଟାଲର ବେଡ୍ ଉପରେ ପାଇଲେ । ଚେତା ଫେରିବା ପରେ ସ୍ତ୍ରୀ ଅନିତାଙ୍କ ଠାରୁ ଶୁଣିବାକୁ ପାଇଲେ ଯେ ଦୁର୍ଜନ ବାବୁଙ୍କର ଅସ୍ୱାଭାବିକ ମୃତ୍ୟୁ ତାଙ୍କ ନିଜ ଘର ଭିତରେ ହିଁ ହୋଇଛି ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ, ଖୋଡ଼ାସିଂଗି, ବ୍ରହ୍ମପୁର – ୧୦

To read the complete magazine, Download it for FREE from www.aahwaan.com

# ଲକ୍ଷ୍ମୀର ଭକ୍ତି



ଅନନ୍ତ ମହାରଣା

ପିଲାଟି ଦିନରୁ ମାଆ ଛେଉଣ୍ଡ ଝିଅ ଲକ୍ଷ୍ମୀ ଭାରି ଅଲିଅଳରେ ବଢି ଆସିଥିଲା ବାପା ପାଖରେ । ଭାଗ୍ୟର ବିଡ଼ମ୍ବନା ମାତ୍ର ୧୨ ବର୍ଷ ବୟସରେ ଲକ୍ଷ୍ମୀର ବାପା ବି ଚାଲିଗଲେ ଆରପାରିକୁ । ଲକ୍ଷ୍ମୀ ଏବେ ସମ୍ପୂର୍ଣ ଏକୁଟିଆ । କେହି ସାହା ଭରଷା ନଥିଲେ ଏ ଭଳି ପରିସ୍ଥିତିରେ ଲକ୍ଷ୍ମୀକୁ ଆହା ପଦେ କହିବା ପାଇଁ । ଓଲଟା ଗାଁ ଲୋକେ କହୁଥିଲେ ବଡ଼ ଅଶୁଭ ଝିଅଟା... ଜନ୍ମ ବେଳେ ମାଆକୁ ଖାଇଲା ଆଉ ଏବେ ବାପଟାକୁ ବି ଛାଡ଼ିଲାନି । ଏଇ ଅପବାଦର ଭାର ସମ୍ଭାଳି ନପାରି ଲକ୍ଷ୍ମୀ ଦିନେ ଗାଁ ଛାଡ଼ି ଚାଲିଗଲା ଏକ ନିର୍ଜନ ଜଙ୍ଗଲ ଭିତରକୁ । ଯେଉଁଠି ନା ଥିବ ନିନ୍ଦା ଅପବାଦର ତାଡ଼ନା ନା ଥିବ କାହାରିକୁ ହରାଇବାର ଅବସାଦ ।

ପିଲାଦିନେ ମାଆ ଛେଉଣ୍ଡ ଝିଅ ଲକ୍ଷ୍ମୀ ଯେତେବେଳେ ମାଆର ଅଭାବକୁ ଅନୁଭବ କରି ବାପାଙ୍କୁ ପଚାରୁଥିଲା... ସେତେବେଳେ ତା'ବାପା ବୁଝେଇ ଦେଉଥିଲେ ସଂସାରରେ ଯାହା ଘଟୁଚି ଅବା ଘଟିବାର ଅଛି ସବୁ ସେଇ ଭଗବାନ୍‌ଙ୍କର ଲୀଳା । ତାଙ୍କ ବିନା ଆଦେଶରେ ଗଛରୁ ପତ୍ରଟିଏ ବି ଖସେ ନାହିଁ । ଏଇ କଥା ପଦଟି କୁନି ଝିଅ

To read the complete magazine, Download it for FREE from www.aahwaan.com

ଲକ୍ଷ୍ମୀର ମନରେ ପ୍ରଗାଢ଼ ପ୍ରଭାବ ପକାଇଥିଲା । ତେଣୁ ତା' ଜୀବନରେ ଭଗବାନ୍ କାହିଁକି ଏମିତି ଦୁଃଖର ବାଦଲକୁ ଢାଙ୍କି ଦେଲେ ବୋଲି ଜାଣିବା ପାଇଁ ଜଙ୍ଗଲରେ କୁଡ଼ିଆ କରି ପୂଜାର୍ଚ୍ଚନା କରିଚାଲିଲା ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ।

ଧିରେ ଧିରେ ଲକ୍ଷ୍ମୀ କିଶୋରୀ ବୟସ ଅତିକ୍ରମ କରି ଯୌବନରେ ପଦାର୍ପଣ କଲା କିନ୍ତୁ କାମନାର ଜ୍ୱାଳା ଲକ୍ଷ୍ମୀକୁ ତିଳେ ମାତ୍ର ଭଗବତ ପ୍ରେମରୁ ନିଭୃତ କରି ପାରିନଥିଲା । ପ୍ରତିଦିନ ସକାଳୁ ଉଠି ନିଜ କୁଡ଼ିଆ ସାମନାରେ ସେ ଲଗେଇଥିବା ଗଛରୁ ଫଳ ଓ ଫୁଲ ତୋଳି ଅତି ଶ୍ରଦ୍ଧାରେ ଅର୍ପଣ କରୁଥିଲା ଭଗବାନଙ୍କ ଉଦ୍ଦେଶ୍ୟରେ । କିନ୍ତୁ ବିଡ଼ମ୍ବନା ଏତିକିରେ ଲକ୍ଷ୍ମୀର ପିଛା ଛାଡ଼ିନଥିଲା । ଯେତେ ଥର ଲକ୍ଷ୍ମୀ ଗଛରୁ ଫୁଲ ତୋଳୁଥିଲା ଭଗବାନଙ୍କ ପାଇଁ ସେତେ ଥର ସେ ଫୁଲ ଗଛ ଲକ୍ଷ୍ମୀକୁ ଅଭିଶାପ ଦେଇ କହୁଥିଲା... ତୁ ଯେପର୍ଯ୍ୟନ୍ତ ମୋ ସୌନ୍ଦର୍ଯ୍ୟକୁ ନଷ୍ଟ କରି ଅନ୍ୟର ଶୋଭା ବର୍ଦ୍ଧନ କରୁଥିବୁ ସେ ପର୍ଯ୍ୟନ୍ତ ତତେ ସେ ବସ୍ତୁ ପ୍ରାପ୍ତ ନ ହେଉ ।

ମାତ୍ର ୧୨ ବର୍ଷ ବୟସରେ ଆସିଥିବା ଝିଅ ଲକ୍ଷ୍ମୀ ଏବେ ତା ଜୀବନର କିଶୋରୀ ଏବଂ ଯୌବନର ସମୟ ସବୁ ଜଙ୍ଗଲ ଭିତରେ ବିତେଇ ସାରିଛି । ବର୍ତ୍ତମାନ ବାର୍ଦ୍ଧକ୍ୟର ଛାପ ଧୀରେ ଧୀରେ ଲକ୍ଷ୍ମୀର ଦେହରେ ପଡ଼ିବାକୁ ଲାଗିଲା । ସ୍ୱର୍ଣ୍ଣ ପରି ଝଲସୁଥିବା ଚର୍ମ ଲୋଚା କୋଚା ହୋଇ ମଳିନ ଦେଖାଗଲା । ଘନ କଳା ହାଣ୍ଡିଆ ମେଘ ପରି ଚମକୁ ଥିବା କେଶ ଗୁଚ୍ଛ ଗୁଡ଼ିକ ଶୁଖିଲା ଝୋଟ ପରି ଧୋବ ଫର ଫର ଦିଶିଲା ।

ଲକ୍ଷ୍ମୀର ମୁଖ ମଣ୍ଡଳରେ ଆଉ ସେ ଯୌବନର ଆକର୍ଷଣ ନଥିଲା । ଦନ୍ତ ବିହୀନ ମୁଖକୁ କ୍ଷୀଣ ଦୃଷ୍ଟି ଶକ୍ତି ଏବଂ ତା ସହିତ ଚାଲିବାର ଅକ୍ଷମତା ବିବଶ କରିଦେଉଥିଲା ଲକ୍ଷ୍ମୀକୁ । ତଥାପି ସେ ଦିନେ ହେଲେ ଓହରି ଯାଇ ନଥିଲା ତା ପ୍ରାଣ ପ୍ରିୟ ଭଗବାନ୍‌ଙ୍କ ପାଇଁ ସକାଳୁ ଉଠି ଫଳ ଏବଂ ଫୁଲ ତୋଳିବା ପାଇଁ ।

To read the complete magazine, Download it for FREE from www.aahwaan.com

ବୟସର ଅପରାହ୍ଣରେ ଅବତୀର୍ଣ୍ଣା ଲକ୍ଷ୍ମୀ ଦିନେ ଜରାଗ୍ରସ୍ତ ହେଇ ବାର୍ଦ୍ଧକ୍ୟର ତାଡ଼ନାରେ କୁଡ଼ିଆ ଭିତରେ ପଡ଼ିରହି ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲା । ସେଦିନ ସେ ଆଉ ଉଠିପାରିଲାନି ଫୁଲ ତୋଳିବା ପାଇ । ଜରା ଯନ୍ତ୍ରଣାରେ ଛଟପଟ ହେଇ ମନ ଭିତରେ କେବଳ ଗୋଟିଏ କଥା ଭାବୁଥିଲା.... ଏ ସୃଷ୍ଟିରେ ପ୍ରକୃତରେ ଭଗବାନ୍ ଅଛନ୍ତି ନା ବାପାଙ୍କ ଭ୍ରାନ୍ତ ଧାରଣାରେ ଅନୁପ୍ରାଣିତ ହେଇ ସେ ଜୀବନର ସବୁ ସୁଖକୁ ଜଳାଞ୍ଜଳୀ ଦେଇ ଏମିତି ଏକ ମରିଚୀକା ପଛରେ ଧାଇଁ ଆସୁଥିଲା ଆଜିଯାଏ । ଜୀବନର ଅନ୍ତିମ ସମୟରେ ନିରାଶା ଭାବନାର ଦୁଃଖରେ ଲକ୍ଷ୍ମୀର ଆଖିରୁ ଦୁଇ ଟୋପା ଲୁହ ଝରିପଡ଼ିଲା । ଏତିକିବେଳେ ଭକ୍ତ ବତ୍ସଳ ଭଗବାନ ଆଉ ଧୈର୍ଯ୍ୟ ଧରି ରହି ନପାରି ଲକ୍ଷ୍ମୀର ଦୁଇ ଆଖିରୁ ଲୁହ ପୋଛି ଦେଇ କହିଲେ... ତୁମ ଉପରେ ଥିବା ଅଭିଶାପ ଯୋଗୁ ମୁଁ ଆସିପାରୁ ନଥିଲି ଲକ୍ଷ୍ମୀ । ଆଜି ତୁମେ ମତେ ନିଜ ମନରେ ହୃଦୟର ସହିତ ପୂଜା କରିଛ । କୌଣସି ଫଳ କିମ୍ବା ଫୁଲର ସାହାରା ନନେଇ । ସେଥି ପାଇଁ ଆଜି ମୁଁ ଆସି ପାରିଲି ତୁମ ପାଖକୁ । ଏବେ କୁହ ଲକ୍ଷ୍ମୀ, କଣ ଚାହଁଛୁ ତୁମେ ।

ଜୀବନର ମାନେ ବୁଝି ସାରିଥିବା ଲକ୍ଷ୍ମୀ, ଜୀବନର ଶେଷ ମୂହୁର୍ତରେ ଆଉ କଣ ବା ମାଗିବ । ଭୁଲିଯାଇଥିଲା ତା' ଜୀବନରେ ଦୁଃଖର କାରଣ ପଚାରିବା ପାଇଁ । ଖାଲି ଏତିକି ଚାହୁଁଥିଲା ତା ନଶ୍ୱର ଶରୀରଟା ମାଟିରେ ମିଶିଯାଉ ଏବଂ ତା ଅମର ଆତ୍ମାଟା ପବିତ୍ର ପରମାତ୍ମାଙ୍କ ଠାରେ ଲୀନ ହେଇଯିବା ପାଇଁ ।

ଫୁଲ ଫଳରେ ମୋ ଆଦର ନଥାଏ ସବୁତ ମୋହରି ସୃଷ୍ଟି<br>
ହୃଦ କମଳେ ଯେ ମତେ ସଜାଏ ତାପାଇଁ କରେ କୃପା ବୃଷ୍ଟି ।ଃ।

ଗ୍ରାମ-ତିହୁଡା, ପୋ-ନାଉଗାଁ ହାଟ, ଜି-ଜଗତସିଂହପୁର

ପିନ୍-୭୫୪୧୧୩, ମୋ-୯୭୭୮୭୦୫୦୫, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ବାପା ମାଆ



ସୁଦାମ ଗୌଡ଼

ଭଗବାନ ଏମିତି କଷ୍ଟ କାହାକୁ ନ ଦିଅନ୍ତୁ

ହଠାତ କବାଟ ଠକ୍ ଠକ୍ କଲା । ମୋ ମା' କବାଟ ଖୋଲି ଦେଖିଲେ ଗାଁର ଚନ୍ଦ୍ରବାବୁ ପୋଷ୍ଟମାଷ୍ଟର ହାତରେ ଚିଠି ବ୍ୟାଗ ଧରିଛନ୍ତି । ବ୍ୟାଗରୁ ଚିଠିଟି ବାହାର କରି ମୋ ମା'ଙ୍କ ହାତକୁ ବଢ଼େଇଦେଲେ । ମୁଁ ଘରେ ବସି ଟିଭି ଦେଖୁଥାଏ ସେତେ ବେଳକୁ ମତେ ଦଶ ନା ଏଗାର ବର୍ଷ ହୋଇଥିଲା ।

ମା' ମୋର ପାଖକୁ ଆସି ଚିଠିଟି ମୋ ହାତକୁ ବଢ଼ାଇ ଦେଲେ କହିଲେ ପଢ଼ି ଶୁଣାଇବା ପାଇଁ । ମୋ ମା' ମନେ ମନେ ବହୁତ ଖୁସି ହେଉଥିଲେ । ଏତେ ଦିନପରେ ବାପାଙ୍କ ଚିଠି ଆସିଥିଲା । ମୁଁ ଲଫାପାରୁ ଚିଠିଟିକୁ ଧିରେ ଧିରେ ଖୋଲିଲି କାଳେ ଏପଟ ସେପଟ ହୋଇ ଫାଡ଼ି ହୋଇଯିବ । ଚିଠିଟିକୁ ବାହାର କଲି ଓ ପଢ଼ିଲି ।

ସେଥିରେ ଲେଖାଥିଲା;

To read the complete magazine, Download it for FREE from www.aahwaan.com

ମୋର ପ୍ରିୟ ସରଜୀନି ମୁଁ ଏଠାରେ ଭଗବାନଙ୍କ କୃପାରୁ ଭଲରେ ଅଛି । ତୁମେ ମାନେ ଭଗବାନଙ୍କ କୃପାରୁ ଭଲରେ ଥିବ ବୋଲି ମୋର ଆଶା ତଥା ବିଶ୍ୱାସ ।

ତାପରେ ଲେଖା ଥିଲା;

ସରଜୀନି ତୁମେ ତ ଜାଣିଛ ଏଠି କେତେ ବେଳେ ସୁଖ ତ କେତେବେଳେ ଦୁଃଖ । ସରଜୀନି ଏଠି ଯୁଦ୍ଧ ଚାଲୁଛି ହୁଏତ ମାଟି ପାଇଁ ଜୀବନ ଦେବାକୁ ପଡ଼େ । ସରଜୀନି କିନ୍ତୁ ଏତିକି ମନେ ରଖିଥିବ ଯେତେ ଦୁଃଖ କଷ୍ଟ ହେଲେ ମଧ୍ୟ ଆମ ପୁଅକୁ ପାଠ ପଢ଼ାଇ ବଡ଼ ମଣିଷ କରିବ । ସରଜୀନି ତୁମେ ତ ଜାଣିଛ ପୁଅକୁ କେତେ ଲାଳନ ପାଳନ କରି ଆସୁଥିଲି । ତା'ର ଏପଯ୍ୟନ୍ତ କିଛି ଅସୁବିଧା ହେବାକୁ ଦେଇନି ସେମିତି ତୁମେ ଲାଳନ ପାଳନ କରିବ । ସରଜୀନି ତୁମେ ଯେଉଁ କହିଥିଲ ସୂନାହାର କଥା କିଣି ପାରିନାହିଁ । ଏ ମାସର ପଇସା ପାଇଲେ କିଣିନବ ।

ସରଜୀନି ଚିଠି ପାଇ ଚିଠି ଦେବ,

ଏତିକିରେ ରହିଲି ।

ଚିଠି ପଢ଼ି ମୋ ଆଖିରୁ ଧାର ଧାର ହୋଇ ଲୁହ ବାହାରି ଆସୁଥିଲା ।

ହେଲେ ମୁଁ ମୋ ମା'ଙ୍କୁ କିଛି କହିପାରୁନଥିଲି ।

ମୋ କାନ୍ଦିବା ଦେଖି ସେ ମଧ୍ୟ କାନ୍ଦି ପକାଇଲେ, ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ବୁଝିଲେ ନାହିଁ ସେଦିନ ସେମିତି କଟିଗଲା ।

ତା'ପର ଦିନ ଗାଡ଼ିରେ ମୋ ବାପାଙ୍କ ଶବ ଆମ ଗାଁକୁ ଆସିଲା ।

To read the complete magazine, Download it for FREE from www.aahwaan.com

ମୁଁ ଜୀବନରେ ମଧ୍ୟ କେବେ ଭାବି ନଥିଲି ବାପାଆମକୁ ଛାଡ଼ି ଚାଲିଯିବେ ବୋଲି ହେଲେ କ'ଣ କରିବି ଯାହା ଘଟିବା ଥିଲା ।

ମା' ଶବକୁ ଦେଖି ବହୁତ କାନ୍ଦିଲେ ।

ମୁଁ ମଧ୍ୟ କାନ୍ଦିଲି ।

ହେଲେ କ'ଣ ହଜି ଯାଇଥିବା ଜିନିଷ ଫେରିଆସିବ ।

କିଛି ସମୟପରେ ବାପାଙ୍କ ଶବସତ୍କାର ହେଲା ସମସ୍ତେ ନିଜନିଜ ଘରକୁ ଫେରିଲେ ।

ମୁଁ ମଧ୍ୟ ଘରକୁ ଫେରିଲି ଘରକୁ ଆସି ଦେଖିଲି ମା ମୁଣ୍ଡ ପିଟି ପିଟି କାନ୍ଦୁଛି । ବୁଝାଇବାକୁ ବହୁତ ଚେଷ୍ଟା କଲାପରେ ବୁଝିଲେ । ମୋର ସାହାଭରସା କହିଲେ ମୋ ମା । ତା' ଛଡ଼ା ମୋର କେହିନାହାନ୍ତି ।

ପୁରା ଆମେ ଦୁହେଁ ଭାଙ୍ଗିପଡ଼ିଲୁ ଦୁଇ ଚାରିଦିନ ଆମଘରେ ଚୁଲି ଜଳିଲା ନାହିଁ ।

ଗାଁର ଲୋକମାନେ ମା'ଙ୍କୁ କେତେ କଥା କହିଲେ ଡାହାଣି ତା ସ୍ୱାମୀକୁ ଖାଇଦେଲା ।

କେତେ କଥା ଲୋକମାନଙ୍କ ମୁହଁରୁ ଶୁଣିବାକୁ ପଡ଼ିଲା ।

ମୋ ମା' ମରିବାକୁ ଚାହିଁଲେ ମଧ୍ୟ ମରିପାରିଲା ନାହିଁ ।

ସେ ମରିଗଲେ ତା'ପୁଅ ଅନାଥ ହୋଇଯିବ ।

ତା'ପରେ ଏଗାର ଦିନରେ ବାପାଙ୍କ ଶୁଦ୍ଧିକ୍ରିୟା ହେଲା, ମୋ ମା'ଙ୍କ ହାତରୁ ସବୁ ଶଙ୍ଖା ଭାଙ୍ଗି ଦିଆଗଲା ଓ ମା'ଙ୍କୁ ଧଳାଶାଢ଼ି ପିନ୍ଧିବାକୁ ପଡ଼ିଲା ।

To read the complete magazine, Download it for FREE from www.aahwaan.com

ଆମ ଘର ପୁରା ଉଜୁଡ଼ିଗଲା ଭୋକ ଉପାସରେ ଚଳିବାକୁ ପଡ଼ିଲା ।

ମୁଁ ସ୍କୁଲ ଛାଡ଼ିଦେଲି ଓ ଛୋଟିଆ ହାତରେ କାଗଜ କଲମ ଧରିବା କଥା ସେ ହାତରେ କୁରାଢି ଓ କୋଦାଳ ଧରିଲି । ଚାଷ କରି ସଂସାର ଚଳାଇଲି । ସେ କଥା ଏବେବି ମନେ ପଡ଼ିଲେ ଆଖିରୁ ଲୁହ ବାହାରି ପଡ଼େ । ମୋ ବାପା ମାଟି ପାଇଁ ଜୀବନଦେଲେ ହେଲେ ଆଜି ମଧ୍ୟ ଅମର ଅଛନ୍ତି । ଆଜି ଯଦି ଏ ଦୁନିଆରେ ପାଦରଖି ଚାଲିପାରୁଛି ସେ ହେଉଛନ୍ତି ମୋ ବାପାମା'ଙ୍କ ପାଇଁ ।

ବୁଡ଼ାବାହାଲ

ଜି:ସୁନ୍ଦରଗଡ଼

ମୋ.୮୭୬୨୩୯୦୦୭୩

To read the complete magazine, Download it for FREE from www.aahwaan.com

# ଅନାଥ - ୧



ସିପ୍ରା ନମତା

ମଥାରେ ହାତ ଦେଇ ବସିଥିଲା ଅଗଣି । କ'ଣ କରିବେ ଏସନ ? କେମିତି କିଆରୀ ଉଠିଆ ହେବ ? ହାତରେ ପାଞ୍ଚ ପଇସିଟେ ନାହିଁ କି ଘରେ ଭଲ ବିହନ ନାହିଁ ତୋଳା ପକାଇବାକୁ । ଓଃ... କି ଦୁଃଖ ! ପୋଷେ ପୋଷେ ଚାଉଳ ଧରିବାକୁ ପ୍ରତୀକ୍ଷା କରୁଥିବା ଦୁଇ ଚକ୍ଷୁରୁ କେତେବେଳେ ଦୁଇବୁନ୍ଦା ଲୋତକ ଧାର ହାଡୁଆ ଚିବୁକ ଦେଇ ଗଡ଼ି ଆସିଲାଣି ସେଇ ସାହିର ନେତ୍ର ପ୍ରଧାନର କଥା ଭାବି । ଦୁଇ ଦିନ ହୋଇନି, ଏଡ଼େ ବଳିଷ୍ଠ ଲୋକଟା ବେକରେ ଦଉଡ଼ିଦେଇ ଘର ଅଗଣା ଆମ୍ବ ଗଛରେ ଲଟକିଗଲା ହୋ... । ଗୋଟାଏ ବିଲି ପୁଅକୁ ବାହାରେ ପାଠ ପଢ଼ଉଥିଲା । ହଳଲଙ୍ଗଳ ଆଉ କରୁନଥିଲା, କୃଷି ଋଣ କରି ଉନ୍ନତ ଯନ୍ତ୍ରପାତି ବ୍ୟବହାର କରୁଥିଲା । ଏଇ ମାସେ ହେବ ଅଫିସର ବାବୁ ମାନେ ପ୍ରାୟତଃ ତା ଘରକୁ ଆସୁଥିବାର ସମସ୍ତେ ଦେଖିଛନ୍ତି । ଋଣକିସ୍ତି ଦେଉ ପାରୁନଥିଲା ବୋଧହୁଏ ନେତ୍ର । ଶେଷରେ ସହିପାରିଲାନି ଚାଲିଗଲା । ଭାରିଜାଟା ସେମିତି କାନ୍ଥରେ ଆଉଜି ରହିଛି ଯେ ରହିଛି, କ'ଣ ହେଲା କେଜାଣି, ରହିଛି କି ସେ ବି ଚାଲିଗଲାଣି ! ! !

To read the complete magazine, Download it for FREE from www.aahwaan.com

ନୂଆଁଣିଆ ଛୋଟ ଚାଳଘର ପିଣ୍ଡାଟି ଯେମିତି ବାହାର ଅଗଣା ସହ ମିଶିଯିବ । ପିଣ୍ଡାର ଗୋଟେ ପଟକୁ ଦଉଡ଼ିଆ ଖଟ ଉପରେ ଜରାଜୀର୍ଣ୍ଣ ଶୀର୍ଣ୍ଣକାୟ ଲୋଚାକୋଚା ଚର୍ମଜଡ଼ିତ ବ୍ୟକ୍ତି ଜଣେ, ମଇଳା କନ୍ଥାଟିଏ ପାରି ଗଡୁଛନ୍ତି । ଖଟ ପାଖରେ ହାତରେ ଧରିବା ଠେଙ୍ଗାଟିଏ ଡେରା ହୋଇଛି ।

ହଠାତ୍ ଚମକି ପଡ଼ିଲା ଅଗଣି - "ହେଇଟି ଚା' ନିଅ" ଶବ୍ଦରେ । ଷ୍ଟିଲ୍ ଗିଲାସରେ ଅଧା ଗିଲାସ ନାଲିଆ ରଙ୍ଗର ଗରମ ପାଣି, ଅଗଣିଙ୍କୁ ବଢ଼େଇଦେଇ ଦଉଡ଼ିଆ ଖଟ ଆଡ଼କୁ ଚାଲିଗଲେ ନାରୀ ମୂର୍ତ୍ତି । ସତେ ଯେମିତି କାଦୁଅ ପାଣିରେ ନିଚୋଡ଼ା ହୋଇଛି ଦେହରେ ବେଢ଼େଇ ହୋଇଥିବା ଶାଢ଼ୀଟି ।

- ବା... ଏଇ ବା... ନେ ଚା' ନେ;

ଧିରେ ଧିରେ ବୃଦ୍ଧ ଉଠିବସିଲେ । ଚା ଗିଲାସଟିକୁ ତାଙ୍କ ହାତକୁ ଧରେଇଦେଲେ ନାରୀ ଜଣକ ।

ଢୋକ୍ ଢୋକ କରି ଦି ଢୋକ ଚା' ପିଇ ବୃଦ୍ଧ କହିଲେ, "ଅଗଣି ଯାଇଥିଲା ବ୍ଲକ୍ ?" ନାରୀ ଜଣକ ଅଗଣିଙ୍କ ଉଦ୍ଦେଶରେ କହିଲେ, "ହେଇ ଶୁଣୁଛ କି, ବା ତୁମକୁ କଣ ପଚାରୁଛି, ମୁଁ ଯାଉଛି ତେଣେ ଧାନଗଣ୍ଡେ କୁଟିକି ଆଣେ ।"

ସେ ପଟ ପିଣ୍ଡାରୁ ଉଠି ଆସିଲା ଅଗଣି, "ହଁ ଯାଇଥିଲି, ହେଲେ ଅଫିସରବାବୁ କହିଲେ ଆସନ୍ତା ମାସକୁ ଯାଇ ଭଲ ବିହନଟା ମିଳିବ । ଏବେ ତ ତାହିରେ ବୁଣିବା ମାନ ଆସିଥିଲା, ସେ ସରିଗଲାଣି ।" କିଛି କ୍ଷଣ ନୀରବତାପରେ, "କିନ୍ତୁ ମୁଁ ଜାଣେ ବିହନ ଅଛି ଏଠି ବି ହେର୍ ଫେର୍ ହେଉଛି । ସମସ୍ତେ ବି କହୁଛନ୍ତି ସବୁଠି ହାତଗୁଞ୍ଜା ଦରକାର ।"

To read the complete magazine, Download it for FREE from www.aahwaan.com

ସଞ୍ଜ ନଇଁବା ଉପରେ ଉପରେ ହେଉଛି । ପୁଅ ଗୁରା ଝିଅ ସୁନି ଦୁଇଜଣଙ୍କ ହାତରେ ପଲିଥିନ୍ ଜରି ପୁଟୁଳି । ହସି ହସି ସେମାନେ ଆସୁଛନ୍ତି । "ଜାଣିଛୁ ବୁଢ଼ା ବା ଆମେ କଣ ନେଇକରି ଆସିଛୁ ?" ବୃଦ୍ଧ ଜଣକ ସେଇ ଜରି ଭିତରେ ହାତ ପୁରେଇ ଦେଇ କହିଲେ, "କଣ ଏ ସବୁ ?"

ପଲିଥିନ୍ ଜରି ବ୍ୟାଗ ଗୋଟାକରେ କିଛି ବୁଲଗାର୍ ଥିଲା, ଆଉ ଗୋଟାକରେ କିଛି ଧାନମିଶା ଅରୁଆ ଚାଉଳ, କିଛି ଚିନି ଆଉ କିଛି ମୁଗଡ଼ାଲିର ପୁଟୁଳା ଥିଲା ।

ସେମାନଙ୍କ ଉତ୍ସୁକତାକୁ ଲକ୍ଷ୍ୟକରି ଗୁରା କହିଲା, "ଆର ଗାଁରେ ବାବୁଲୋକମାନେ ସବୁ ବାଣ୍ଟୁଛନ୍ତି । ଆମେ ବିଲରୁ ଫେରୁଥିଲୁ, ଶୁଣିକି ସେ ଆଡ଼େ ପଳେଇଲୁ ।"

ସୁନି କହିଲା, "ବୁଲଗାରରେ ମା କ୍ଷିରୀ କରିଦେବ ଆଉ, ଏଉ ଧଳା ଚାଉଳରେ ଖେଚୁଡ଼ି କରିଦେବ । ସବୁବେଳେ ମୋଟା ଚାଉଳ ଖାଉଛୁ । ବଢ଼ିଆ ଲାଗିବନା ବୁଢ଼ା ବା ?"

ଗୁରା ଆଉ ସୁନି ପଲିଥିନ୍ ବ୍ୟାଗ ଥୋଇଦେଇ ଚାଲିଗଲେଣି । ସେମାନଙ୍କ ଖୁସି କହିଲେ ନ ସରେ । ଆଜି କ୍ଷୀରି ଆଉ ଖେଚୁଡ଼ି ଖାଇବେ ବୋଲି ସେମାନେ ଆହ୍ଲାଦିତ ।

ଅଗଣି ଦୀର୍ଘଶ୍ୱାସଟିଏ ଛାଡ଼ିଲା, ଅନାବନା ଅନେକ ଚିନ୍ତାରେ ତା ମନ ଘାଣ୍ଟି ହୋଇଗଲା ।

ତିନିବର୍ଷ ତଳେ ନିଜ ଭିଟା ମାଟିକୁ ସୁବର୍ଣ୍ଣରେଖା ତା' ପେଟକୁ ନେଇଗଲା । ପଚାଶ ସରିକି ପରିବାର ଥିଲେ ଗାଁରେ, ସବୁ ଛିନଛତ୍ର ହୋଇଗଲେ । ଅଗଣି ତା' ପରିବାରକୁ ନେଇ ଚାଲିଆସିଲା ଶ୍ୱଶୁର ଘରକୁ । ନିଜର ତ ବାପା ମା' ନଥିଲେ, ଏଠି ଶାଶୁଙ୍କର ଦେହାନ୍ତପରେ ଶଶୁରଙ୍କ ଦେଖାଶୁଣା କରିବାକୁ ସାହାଯ୍ୟ ବି ହୋଇଗଲା ।

To read the complete magazine, Download it for FREE from www.aahwaan.com

- ଆରେ ଅଗଣିଭାଇ କୁଆଡ଼େ ଗଲୁ ? କହି କିଛି କୃଷକବନ୍ଧୁ ଅଗଣାକୁ ପଶି ଆସିଲେ ।

- ଏମିତି ବସିଛୁ ଯେ, ଆର ସାହିରେ କଣ ହେଇଛି କିଛି ଜାଣିଲୁ ନା ନାହିଁ ?

- ଏଁ, ନାଁ ଜାଣେନି । ବ୍ଲକ୍ ଯାଇଥିଲି, ବିହନ ପାଇଲିନି... ସେଇ ଚିନ୍ତାରେ ବସିଛି । ଅଗଣି କହିଲା ।

"ଆଗେ ବିଲ ଖଣ୍ଡିକ ରହୁ, ତା ପରେ ବିହନ କଥା ଚିନ୍ତା କରିବୁ । ଦାନଛତ୍ର ନାଁରେ ଭୀଷଣ ଷଡ଼ଯନ୍ତ୍ର ଚାଲିଛି ।" କହିଲା ପରିଆ ।

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ପରିଆକୁ ।

ସାଜେନ କହିଲା, "କଣ ନ ହେଲାଣି କୁହ ? ରାସ୍ତା ହେବ ବୋଲି, ସବୁ ନେତା ଅଫିସର ବାବୁ ଭାୟାମାନେ ଆସିଛନ୍ତି । ଜମି ମପାହବ, ଯାହାର ପଡ଼ିବ ସେ ତା' ଜମି ସରକାରଙ୍କୁ ଦେଇଦେବ ।"

ଏହି କଥା ଶୁଣି ଆଖିରୁ ଲୁହ ଧାରେ ବହିଗଲା ଅଗଣିର । ସମସ୍ତେ ଗୁଣୁଗୁଣୁ ହେଉ ହେଉ ଏକ ସ୍ୱରରେ କହି ଉଠିଲେ, "ନା, ଆମ ଜମି ଆମେ ଦେବୁନି । ଆମକୁ ଅନୁଦାନ ଦରକାର୍ ନାହିଁ ।"

ପରଶୁର ଗ୍ଲାନି ଫାଟି ପଡ଼ିଲା ନେତା ମାନଙ୍କ ଉପରେ । ନେତା, ବିଧାୟକମାନେ ସେମାନଙ୍କ ଅର୍ଥ ରୋଜଗାରର ପନ୍ଥା ବେଶ କାଢ଼ି ଜାଣିଛନ୍ତି । ଦରମା ତ ଦରମା, ପାଞ୍ଚବର୍ଷ ସରିଲେ ଜୀବନ ସାରା ପାଇଁ ବି ବ୍ୟବସ୍ଥା । ସରକାରୀ ବାବୁଭାୟାଙ୍କୁ ସେଇ ଏକା ବ୍ୟବସ୍ଥା । ଚାକିରୀବେଳେ ବି ପଇସା, ଚାକିରୀ ପରେ ବି ପଇସା । ବଡ଼ବଡ଼ିଆଙ୍କ କଥା ନ

To read the complete magazine, Download it for FREE from www.aahwaan.com

କହିଲେ ଭଲ । ବ୍ୟବସାୟ କରୁଛନ୍ତି ଯେଉଁମାନେ ସେମାନେ ବି ଲାଭବାନ ହେବେ । ଆମ ପାଇଁ କିଏ ଅଛି ? ଆମ ଭଲମନ୍ଦ କିଏ ବୁଝୁଛି ? ଆମ ଦେହ ଅଚଳ ହୋଇଗଲେ ଆମକୁ କିଏ ସାହାହେବ ? କେତେ ଆନ୍ଦୋଳନ, ସଭାସମିତି କଲେ କଣ ହେବ ? ସବୁ ପାଣି ଫାଟି ଯାଉଛି । ସରକାରଙ୍କ କାନରେ ଜୁଁ ଟିକେ ନାହିଁ ।

ଉନ୍ନତ ପରିକଳ୍ପନା ପାଇଁ ବିଶେଷ ଭିତ୍ତିଭୂମିର ଆବଶ୍ୟକତା ରହୁଛି ବୋଲି କହି ଅନେକ କ୍ଷେତ୍ରରେ ସରକାରୀ ସ୍ତରରେ ଋଣ ଯୋଜନା ଗୁଡ଼ିକୁ ବାଏଁ ବାଏଁ ଉଡ଼ାଇ ଦିଆଯାଉଛି । କେତେ ଚାଷୀ ଅପମୃତ୍ୟୁ, ଆତ୍ମହତ୍ୟାର ଘଟଣା ଲୋକଲୋଚନକୁ ଆସିଲେ ମଧ୍ୟ ଭୁଲ ଖବର କହି ସରକାର ଚପାଇ ଦେଉଛନ୍ତି । ଦରିଦ୍ର କୃଷକର ସନ୍ତାନ ଉନ୍ନତ ସଭ୍ୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାଟା ସତେ କେତେ କଷ୍ଟ । ”

ପରିଆଙ୍କ ବନ୍ୟା ବିସ୍ଥାପନ ଉପରେ ଗଭୀର କୋହ । ବନ୍ୟା ଯେମିତି ଅଣ୍ଟା ଭାଙ୍ଗିଦିଏ ସମସ୍ତଙ୍କର । ମାଟି ମା’ ସାଥୀରେ ଏତେ ମେହେନତ କରିବ ଚାଷୀ । ଶରୀରର ଝାଳ ନିଗିଡ଼େଇ ନିଗିଡ଼େଇ ଫସଲ କରିବ ଚାଷୀ, କିନ୍ତୁ ସରକାର ସବୁଥିରେ ନିର୍ବିକାର । ରାଜନେତାମାନେ ମଞ୍ଚାସୀନ ହୋଇ କେତୋଟି ଭାଷଣ ଦେବା, ଲୋକଙ୍କ ଧନରେ ଦାନ ଖଇରାତ କରି ଧର୍ମ ଅର୍ଜନ କରି ଆତ୍ମତୃପ୍ତିର ହେଣ୍ଡି ମାରି ଅୟସ କରିବା, ଯେମିତି ସେମାନଙ୍କ ପରମ ଓ ଚରମ ସନ୍ତୋଷ । ଅଫିସର ଲୋକେ ବି ବାବୁଆଡ଼ା ମନ ନେଇ ଏମାନଙ୍କ ଚାରିପଟେ ତାଳୁରୁ ତଳିପାଯାଏ ଚାଟୁ ମନ୍ତବ୍ୟରେ ପରିତୋଷ କରିବାରେ ବ୍ୟସ୍ତ ।

ଘରଦ୍ୱାର, କୋଠାବାଡ଼ି, ରାସ୍ତାଘାଟ ଯାହା ହେବ ହେଉ ତା’ ବୋଲି କ’ଣ ମାଟି ମା’କୁ ଭୁଲିଯିବ ? ଏଇ ବାଲି, ଗୋଡ଼ି, ସିମେଣ୍ଟ, କଳକାରଖାନା ଧୁଆଁ ଅନ୍ନ ମୁଠାଏ ଦେଇ

To read the complete magazine, Download it for FREE from www.aahwaan.com

ପାରିବ ? ମାଟି ମା'କୁ ଶରଧା ନାଇଁ, ମମତା ନାହିଁ, ଅଧା ପାଠୁଆ ବାବୁଆନାଗିରିରେ ଦେଶ ଛାରଖାର । ସବୁଥିରେ ଦେଖିବ ପ୍ରଚାର ବହୁଳତା କିନ୍ତୁ ପ୍ରକୃତ ଅର୍ଥରେ ଚାଷୀ ପାଇଁ କିଛି ସୁବିଧା ଓ ସୁଯୋଗ ନାହିଁ ।

ଦେହମୁଣ୍ଡରୁ ଝାଳ ନିଗିଡ଼େଇ ଖରା କାକର ସହି ରକ୍ତକୁ ପାଣି କରି ବିଲରେ ଖଟେ । କେଉଁଠି ଯୋଗାଡ଼ କରି ନ ପାରି ନିଜେ ବି ବଳଦ ହେଇ ହଳ ଲଙ୍ଗଳ ବୁଲାଏ, ସେଇ ଘର୍ମାକ୍ତ, କ୍ଲେଦାକ୍ତ ଶରୀରକୁ ନେଇ ଶାଗୁଣା କ୍ଷେତର ବଣଟିଏ ତିଆରି କରେ । ଶରୀର ଉପରୁ ଲୁଗା ଚିରିଗଲାପରେ ହିଁ ବିଲରେ ଫସଲ ଲହଡ଼ି ଭାଙ୍ଗେ । ଆଉ ଲୋକେ କହନ୍ତି ଚାଷୀର ଦେହ କୁଆଡ଼େ ଝାଳୁଆ ଝାଳୁଆ ଗନ୍ଧାଏ ।

ହେଲେ ସବୁ ଭୁଲିଯାଏ ଗରୀବ ଚାଷୀ ଯେତେବେଳେ ଶାଗୁଆ ବର୍ଣ୍ଣର ଫସଲଟା ସୁବର୍ଣ୍ଣ ଚାଦର ହୋଇ ପୃଥିବୀକୁ ଢାଙ୍କିଦିଏ, ତା'ର କ୍ଲାନ୍ତିରେ ଦିଗବିଦିଗ ଝଲସି ଉଠେ, ସେତିକି ବେଳେ । ପରିତୃପ୍ତିର ହସ, ଗଭୀର ଆତ୍ମ ସନ୍ତୋଷରେ ରୋମାଞ୍ଚିତ ହୁଏ ଚାଷୀର ଦେହ, ମନ ଓ ଆତ୍ମା । ସବୁ ଶ୍ରମ, ସବୁ ଅନ୍ୟାୟ, ସବୁ ଅସହାୟତାକୁ ପୋଛି ପକାଏ ।

ହଠାତ୍ କିଛି ଗୋଟେ କୋଳାହଳ ଶ୍ରୁତିଗୋଚର ହେଲା । ସମସ୍ତେ ସେଇ ଦିଗକୁ ଦୃଷ୍ଟି ନିବଦ୍ଧ କଲେ । କ'ଣ ହେଲା ବୋଲି ଯାହା ଅନୁସନ୍ଧାନ କଲେ ସମସ୍ତେ ବିଷାଦଗ୍ରସ୍ତ ହୋଇପଡ଼ିଲେ । ନେତ୍ର ପ୍ରଧାନର ଭାରିଯାଟା ଏଇ କିଛି ସମୟ ହେଲା ସେ ପାରିକୁ ଚାଲିଗଲା । ଏଇ ଦି ପଦ କଥା କହି ଅଗଣିର ସ୍ତ୍ରୀ କନକ ନିରବ ହୋଇଗଲା ।

ସମସ୍ତେ ଉଠି ଠିଆ ହେଲେ, ଅଗଣି ଶରୀର ଉପରେ ଗାମୁଛାଟିକୁ ଆବୃତ କରି କନକ ଉପରେ ପିଲା ଓ ବାପାଙ୍କର କଥା ନ୍ୟସ୍ତ କରି ଅନ୍ୟମାନଙ୍କ ସହ ନେତ୍ରର ଘରକୁ ଯିବାପାଇଁ ବାହାରିଲା । ବିପଦରେ ସମସ୍ତେ ଠିଆ ହେବା ଦରକାର । କନକ, ଗୁରା ଓ

To read the complete magazine, Download it for FREE from www.aahwaan.com

ସୁନୀର କ୍ଷୀରି ଖେତୁଡ଼ିର ମୋହକୁ ଚୁରମାର ହୋଇ ଭାଙ୍ଗିଯିବାର ଦେଖୁଥିବା ବେଳେ ବୃଦ୍ଧ ଚାହୁଁଥିଲେ ନୀଳ ଗଗନ ତାରା ମାନଙ୍କୁ ।

ଏଇ ତ ଚାଷୀର ଜୀବନ, ସମଗ୍ର ସୃଷ୍ଟି ନିମନ୍ତେ କେତେ ଗୁରୁତ୍ୱପୂର୍ଣ୍ଣ ତା' ଜୀବନ । ସାରା ସଂସାରକୁ ସେ ଦାନ କରେ ମୁଠା ମୁଠା ଅନ୍ନ, ସେହି ଦାନରେ ତା'ର ଆନନ୍ଦ, କୃଷକର କୃଷି ବିନା ଜଗତ ଅସହାୟ, ନିରାବଲମ୍ବନ, ମାଟି ମା'ପରି ସେ ବି ସର୍ବସଂହା । ସେ ଯଦି ଅନ୍ନ ଗଣ୍ଡେ ନ ଉପୁଯାଏ, ଏ ଧରା ରହିବ ତ ?

ହେ ନୀଳ ତାରା ଚାଷୀର ଅସହାୟତାର ଆଉ କାରୁଣ୍ୟତାର କ'ଣ ହେବ ? ସତେ କି ତା'ର କେବେ ଅନ୍ତନାହିଁ... ?

ଗ୍ରା/ପୋ : ତୁଳସୀ ଚଉରା, ବାରିପଦା, ମୟୂରଭଞ୍ଜ, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଅନାଥ - ୨



ସୁବଳ ମହାପାତ୍ର

ପଟେଲ ବାବୁ, ଗୋଟେ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ । ବୟସ ପାଖାପାଖି ୫୦ । ସକାଳ ୧୦ ରୁ ସନ୍ଧ୍ୟା ୭ ଅଫିସରେ କଟେ । ସବୁଦିନ ସକାଳୁ ସେ ଅଫିସ ଯିବା ବେଳେ ଦେଖନ୍ତି ଜଣେ ବୃଦ୍ଧ, ଗୋଟେ ଛୋଟ ଝିଅକୁ ସ୍କୁଲ ଡ୍ରେସ ପିନ୍ଧାଇ ମୁଣ୍ଡ କୁଣ୍ଡାଇ ଦେଉଥାନ୍ତି । ଏହା ସବୁ ଦିନିଆଁ ଘଟଣା । ଘରଟି ରାସ୍ତାରୁ ଟିକେ ଦୂର ଗୋଟେ ନାଳ କଡ଼ରେ । ଝିଅଟି ଦେଖିବାକୁ ବହୁତ ସୁନ୍ଦର । ଅଫିସ ଯିବା ବାଟରେ ତାକୁ ଥରେ ନ ଦେଖିଲେ ପଟେଲ ବାବୁଙ୍କୁ ଭଲ ଲାଗେନି । ଆହୁରି ବି ଝିଅଟି ଏତେ ସୁନ୍ଦର ଯେ ତା ଠୁ ଆଖି ଫେରେଇ ପାରନ୍ତିନି ପଟେଲ ବାବୁ । ପଟେଲ ବାବୁଙ୍କର ଦୁଇ ପୁଅ । ବହୁତ ଆଶା ଥିଲା ଝିଅ ଟିଏ ପାଇଁ । କିନ୍ତୁ ଆମେ ଦୁଇ ଆମର ଦୁଇ କଥାରେ ଦୁଇ ଟି ଯାକ ପୁଅ । ସବୁବେଳେ ସେଥିପାଇଁ ତାଙ୍କ ମନ ଦୁଃଖ । ଭାବନ୍ତି ମୋର ଏମିତି ଗୋଟେ ଝିଅ ଥାଆନ୍ତା କି ?

ଝିଅଟି ପ୍ରତି ମାୟା ଲାଗି ଯାଇଥିଲା ତାଙ୍କର । ଖବର ନେଇ ଜାଣିଲେ ତାଙ୍କ ଡ୍ରାଇଭରର ପୁଅ ସହ ଝିଅଟି ପଢ଼େ । ଶ୍ରେଣୀରେ ପ୍ରଥମ ହୁଏ । ଖେଳକୁଦରେ ବି ସେ

To read the complete magazine, Download it for FREE from www.aahwaan.com

ଆଗୁଆ । ଦିନେ ଦିନେ ତାଙ୍କ ଘରେ ଖାଇବାକୁ ନଥାଏ । ବିଚାରି ନଖାଇ ନ ପିଇ ସ୍କୁଲକୁ ଆସେ । ସନ୍ଧ୍ୟାରେ ଘରକୁ ଫେରିଲା ପରେ ଖାଏ ।

ସେଦିନ ଅଫିସ ଯାଉ ଯାଉ ଠିକ ସେଇ ଘର ଆଗରେ ଗାଡ଼ି ପଙ୍କଚର ହେଲା । ଡ୍ରାଇଭର ଗାଡ଼ି ସଜାଡ଼ିବାକୁ ୨୦ ମିନିଟି ଲାଗିବ ବୋଲି କହି ଚକ ବଦଳେଇବାରେ ମନ ଦେଲା । ସେଦିନ ବୋଧେ ସ୍କୁଲ ଛୁଟି ଥାଏ । ଝିଅଟି ମଇଳା କଣ୍ଢେଇଟିଏ ଧରି ଖେଳୁ ଥାଏ । କଣ ମନ ହେଲା ସେ ଗାଡ଼ିରୁ ଓହ୍ଲେଇ ଝିଅଟି ପାଖକୁ ଯାଇ ତା ନାଁ ପଚାରିଲେ ।

ବାବୁ - ତୋ ନାଁ କଣ ?

ଝିଅ - (ଟିକେ ଡ଼ରି ଯାଇ) ରୀନା ।

ବାବୁ - ତମ ଘରେ ଆଉ କିଏ କିଏ ସବୁ ଅଛନ୍ତି ?

ରୀନା - ଜେଜେ

ବାବୁ - ଆଉ ?

ରୀନା - ଆଉ କିଏ ନାହିଁ ।

ବାବୁ - ଜେଜେ କୁଆଡ଼େ ଗଲେ ? (ପଟେଲ ବାବୁଙ୍କୁ ଆଉ ଟିକେ ତା ବିଷୟରେ ଜାଣିବାକୁ ଇଛା ହେଲା ।)

ରୀନା - ଭାତ ରାନ୍ଧୁଛି ।

ବାବୁ - ଡାକିଲୁ ଟିକେ ।

ରୀନା - ଏ ଜେଜେ, ତତେ କିଏ ଡ଼ାକୁଛି । ତୁଇ ଆ ବେଗେ (କହି କହି ଘର ଭିତରକୁ ପଳେଇଲା) ।

ତା' ଜେଜେ ହାତ ଧୋଇ ଗାମୁଛାରେ ପୋଛି ଦାଣ୍ଡପଟକୁ ଆସିଲା ପରେ ପଟେଲ ବାବୁଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ।

To read the complete magazine, Download it for FREE from www.aahwaan.com

ବାବୁ - ତମେ ତା ଜେଜେବାପା ?

ଜେଜେ - ଆଇଜ୍ଞା ।

ବାବୁ - ତା ବାପା ?

ଜେଜେ - ନାଇଁ ଆଇଜ୍ଞା, ୩ ବର୍ଷ ତଳୁ ମରି ସାରିଛି ।

ବାବୁ - ଆଉ ସବୁ, ତା ମା ? ଜେଜେମା ?

ଜେଜେ - ଆଇଜ୍ଞା ସେ ବହୁତ କଥା । କିନ୍ତୁ ତେମେ କିଏ ? ଏତେ ଗୁରା କିଆଁ ପଚାରୁଛ ? କିରା ହେଇଛି, ଆଗ କହୁନ ।

ବାବୁ - ନା, ନା । ସେମିତି କିଛି ନୁହଁ । ମୁଁ ସବୁବେଳେ ଏଇପଟେ ଅଫିସ ଯାଏ । ଦେଖେ ତମେ ତାକୁ ମୁଣ୍ଡ କୁଣ୍ଡେଇ ସ୍କୁଲ ଡ୍ରେସ ପିନ୍ଧେଇ ଦିଅ । ଆଜି ଗାଡ଼ିର ଚକ ପଙ୍କଚର ହେଇ ଯାଇଛି ଆଉ ଡ୍ରାଇଭର ଗାଡ଼ି ଠିକ କରୁଛି ତ, ସେଥିପାଇଁ ଟିକେ କଥା ହେବାକୁ ଚାଲି ଆସିଲି । କିଛି ଖରାପ ଭାବନ୍ତୁ ନାହିଁ ।

ଜେଜେ - ଓଃ.. ହେକଥା କହୁନ । ଏ ରୀନା, ହେ ହେଂସଟା ଘିନି ଆଇଲୁ । ବାବୁ ଟିକେ ବଇ ପଡ଼ନ୍ତୁ (ବସି ପଡ଼ନ୍ତୁ) କହି, ନିଜେ କାନ୍ଧରେ ଥିବା ଗାମୁଛାଟିକୁ ମାଟି ପିଣ୍ଡା ଉପରେ ଦି ଥର ବାଡ଼େଇ ଦେଇ ବସି ପଡ଼ିଲା । ରୀନା ଛିଣ୍ଡା ହେଂସ ଖଣ୍ଡେ ଆଣି ତା ଫ୍ରକରେ ପୋଛି ବାବୁଙ୍କ ବସିବା ପାଇଁ ଜାଗା କରିଦେଲା ।

ବୁଢ଼ାର ବୟସ ପାଖାପାଖି ୬୦ ଛୁଇଁଲାଣି । କିନ୍ତୁ ହାତର ଜୋର ଅଛି । ପଟେଲ ବାବୁ ଝିଅଟିକୁ ପାଖରେ ବସିବାକୁ କହିଲେ କିନ୍ତୁ ସେ ଜେଜେ ପଛପଟେ ଯାଇ ଲୁଚି କି ବସିଲା । ପଟେଲ ବାବୁ ପଚାରିଲେ ...

ବାବୁ - ରୀନାର ବୟସ କେତେ ହେବ ?

ଜେଜେ - ୯ ବର୍ଷ ।

To read the complete magazine, Download it for FREE from www.aahwaan.com

ବାବୁ - କେଉଁ ସ୍କୁଲରେ ପଢୁଛି ?

ଜେଜେ - ଏଇ ସରକାରୀ ଇସକୁଲୁରେ । ତୁରୁତୀୟ (ତୃତୀୟ) ।

ବାବୁ - ଆଚ୍ଛା, ତା ବାପା ମା ? କଣ ହେଇଥିଲା ?

ଜେଜେ ଟିକେ ଚୁପ ହୋଇଗଲେ, ଆଖି କୋଣରେ ଲୁହ ଜକେଇ ଆସିଲା । ସେ କହିବାକୁ ଆରମ୍ଭ କଲେ ...

ଆମର ଚାଷୀ ଘର ଆଇଜ୍ଞା । ଗୁଟିଏ ବୋଲି ପୁଅ । ପାଠ ପଢ଼ିଲାନି । ସଦାବେଳେ ଖାଲି ଖେଚଡ଼ (ବାଲୁଙ୍ଗାମି) ହୁଏ । ପାଞ୍ଚଟା ଶେଣୀ ପରେ ଆଉ ଇସକୁଲୁ ଗଲାନି । ମଦପାଣି ପିଇ ଖାଲି ତାସ ଖେଳେ । ବଡ଼ ହେଲାରୁ ତାକୁ ବାହା କରେଇ ଦେଲି । ଭାବିଥିଲି ବାହା ହେଲେ କାଳେ ଟିକେ ବଦଳିବ । କିନ୍ତୁ ନାଇଁ ଜଉଟାକୁ ସେଇଟା । ବହୁତୁ ଗୁଣିଆଁ, ରାଉଳିଆ କଲି ଆଇଜ୍ଞା, କିଛି ହେଲାନି । କେହି ଜଣେ ହେଲେ ତା ମଦ ଛଡ଼େଇ ପାଇଲେନି । ଦିନେ ଗୁଟେ ବାବା ଆଇଧିଲା, ତା ସହ ଦିନାକେତେ ସେ ବୁଲିଲା । ଆସ୍ତେ ଆସ୍ତେ ତା ମଦ ଛାଡ଼ି ଛାଡ଼ି ଆଇଲା । ଆଗରୁ ଦିନକୁ ୩ ଥର ପିଏ । ସବୁବେଳେ ଟୁଲୁ ଟୁଲୁ ହଉଥିଲା । ଆସ୍ତେ ଆସ୍ତେ ଭଲ ଆଡ଼କୁ ଆଇଲା । ବାବାକୁ ମୁଁଇଁ ଲକ୍ଷେ ମୁଣ୍ଡିଆ ମାରିଚି ଆଇଜ୍ଞା । ହାଉଲେ ହାଉଲେ ସେ ଟିକେ ନିକ (ଭଲ) ଆଡ଼ିକୁ ଆଇଲା । ଚାଷ ବାସ ଦେଖିଲା । ମୁଇଁ ଆଇଜ୍ଞା ଟିକେ ନିଶାସ ମାଇଲି । ଯାହା ହଉ ସେ ଭଲ ହେଇଗଲା । ନିଶାପାଣି ଛାଡ଼ି ଆଇଜ୍ଞା ସେ ବିଲ ଧଇଲା । ଆମ ବିଲ ସହ ସାହୁକାର ବିଲ ବି ଧଇଲା । ସେଦିନ ଆଇଜ୍ଞା ଧାନ ଗାଡ଼ି ଧରି ଯାଇଧିଲା ମଣ୍ଡିକୁ । ସେଠି ସରକାର କୁଆଡ଼େ ଧାନ କିଣେ । ବହୁତ କମ ପଇସା ଦଉଜି ବୁଲି ସବୁ କୁଆଡ଼େ ହରତାଳ କଲେ । ଗାଡ଼ିକ ଯାକ ଧାନ ବିଂଛି ଦେଲେ । ମୁଣ୍ଡରେ ଆଇଜ୍ଞା ହାତ ଦେଇ ଘରକୁ ଆଇଲା । କାହାଠୁ କେତେ ଧାର ଉଧାର କରିଥିଲା । ତାକୁ କିଇନ୍ତି ଶୁଝିବ ବୁଲି ଚିନ୍ତାରେ ଆଇଜ୍ଞା ଦଉଡ଼ି ଦେଇ

To read the complete magazine, Download it for FREE from www.aahwaan.com

ଦେଲା ।

କହିସାରି ଜେଜେ ମଇଳା ହୋଇ ଯାଇଥିବା ଗାମୁଛାରେ ଆଖିରୁ ଲୁହ ପୋଛିଲେ । ପୁଣି କହିଲେ...

ଉଧାରିଆବାଲା ସବୁ ଆସି ଦାଣ୍ଡ ଆଗରେ ଠିଆ । ପୁଅ ତ ଆଇଜ୍ଞା ମଲା, ଜମିବାଡ଼ି ତକ ଯାହାଥିଲା ସେ ବି ଗଲା । ଚିନ୍ତାରେ ୟା ଜେଜୀର ମୂର୍ଚ୍ଛନା ଫାଟିଗଲା (ହାର୍ଟ ଆଟାକ) ଆଇଜ୍ଞା । ରାତିରେ ଶୋଇଲା ଯେ ଆଉ ସକାଳକୁ ନାହିଁ । ଯୁଡ଼େ ଯୁଡ଼େ ନିମନ୍ତ ଚଳେଇ ପାଇଲିନି ଆଇଜ୍ଞା । ୟା ଜେଜୀକୁ ମଶାଣିରେ ପୁଡ଼ି, ଏ ମା ଝିଅଙ୍କୁ ଧରି ସିଧା ସିଧା ସହର ରାସ୍ତା ଧଇଲି । ଗାଁରେ କଣ ଆଉ ଥିଲା ଯେ ରହି ଧାଇତି ? ହେପଟେ ନିମନ୍ତ ନ କରି ସାଇଭାଇ କଉ ରଖେଇ ଦେବେ ? ପଇସା କଉଢ଼େ (କେଉଁଠି) ଥିଲା ଯେ ଖରଚ କରି ଧାଇତି (ଥାଆନ୍ତି) ।

ଟାଉନ୍‌କୁ ଆଇଲା ପରେ ଜାଣିଲି ଆଇଜ୍ଞା, ଏଟା କେଡ଼େ ମାରାତ୍ମକ । ଦୁରୁରୁ ସୁନ୍ଦର ଆଇଜ୍ଞା, ପାଖରେ ହଳାହଳ । ଏଠି ଆସି କୁଡ଼ିଆଟିଏ କଲି । ୟା ମା ଆଉ ମୁଁଇଁ ମୂଲ ଲାଗିଲୁ । ଯାହା ଦି ପଇସା ଆସେ । ଏ ସହର ନୁକରା (ଲୋକ ଗୁଡ଼ା) ଭଲନି । ସବୁ ଶଳେ ଗାଁରୁ ଆଇଜିତି (ଆସିଛନ୍ତି) କିନ୍ତୁ ଏଠି ସବୁ ବାବୁ ଆଇଜ୍ଞା । ଦୂରୁ ଦୂରୁ କରୁଜିତି (କରୁଛନ୍ତି) । ଆମେ ଆଇଜ୍ଞା ଖଟିଖିଆ ନୁକ (ଲୋକ) । ଦାଣ୍ଡରୁ ଆଇଲେ ହାଣ୍ଡିରେ ପଇବ । କଣ ଆଉ କରି ଧାଇତୁ ? ଏଠି ନାଁ ବିଲ ଅଛି ନାଁ ଚାଷ । ଦିହ (ଶରୀର)ରେ ନୁଗା ଚିରିଲେ ଆଇଜ୍ଞା ବିଲରେ ଫସଲ ନହରୀ ଭାଙ୍ଗେ । ଏ ନୁକ ସବୁ କହିତି (କୁହନ୍ତି) ଆମ ଦିହ କୁଆଡ଼େ ଝାଳୁଆ ଝାଳୁଆ ଗନ୍ଧେ । ଶଳେ ଆମେ ଚାଷ ନକଲେ ତମେ ଖାଇବାକୁ ପାଇବ ? ଯଉଠି ଜରି କୁଡ଼ିଆ କରିଥିଲି ଆଇଜ୍ଞା, ସେଠି ବି ବଟି ନେଇତି (ନିଅନ୍ତି) । ଦିନେ ଆଇଜ୍ଞା ସେ ନୁକ ସହ ୟା ମା ରସିଲା କି କଣ, ତା ସହ ପଳେଇଲା । ଥରେ ବି ଏ ଝିଅ କଥା

To read the complete magazine, Download it for FREE from www.aahwaan.com

ମନରେ ହେଜିଲାନି (ମନେପକେଇବା) । ହେଠୁ ବି ଛାଡ଼ି କି ଆଇଲି । ଏବେ ଆଇଙ୍କା, ମୂଲ ଲାଗି ଜେଜେ ନାତୁଣୀ ଚଲୁଜୁ, ତାକୁ ଇସ୍କୁଲ ପଠଉଜି । ଦି ଅକ୍ଷର ପଢ଼ିଲେ ସିନା କଣ ଜାଣିବ ବାବୁ, ନହେଲେ ମାଇକିନା ଝିଅ ମୁଁଇଁ ମଲା ପରେ କଣ କରିବ । ଏ ଟାଉନୁରେ ମୁଲିଆ ରାକର (ମାନଙ୍କର) ଭାରି ଖରାପ ନଜର ଆଇଙ୍କା । ସେ ହସିନା ଦିଦି ନେଖେ (ପରି) ଦି ଅକ୍ଷର ପଢ଼ିଥିଲେ ଏ ଶଳେଙ୍କୁ ଠିକ ଜବାବ ଦବ । ନହେଲେ କେତେବେଳେ କଣ କରିବେ ଜଣା ନାହିଁ ଆଇଙ୍କା ।

**********

ଗାଡ଼ି ଠିକ ହୋଇଗଲା ବୋଲି ଡ୍ରାଇଭର ଡାକିବାକୁ ଆସିଲା । "ତୁ ଚାଲ, ମୁଁ ଆସୁଛି" ବୋଲି କହି ପଟେଲ ବାବୁ ବୁଢ଼ାକୁ କଣ କହିବେ କହିବେ ବୋଲି ରହିଗଲେ ।

କଥା ସବୁ ତଣ୍ଟି ପାଖରେ ଅଟକି ଗଲେ । ପାକେଟରୁ ରୁମାଲ କାଢ଼ି ମୁହଁ ପୋଛି କହିଲେ...

ବାବୁ - ଆଛା ମୁଁ ଯଦି ତମ ନାତୁଣୀକୁ ପଢ଼େଇବାର ଦାୟିତ୍ୱ ନିଏ ?

ଜେଜେ - (ନାହିଁ କରିବା ଭଙ୍ଗୀରେ ହାତ ହଲେଇ ) ନାଁଇଁ ବାବୁ । ଏଠି କାହାକୁ ବିସାଶ (ବିଶ୍ୱାସ) ନାହିଁ । ମୁଁଇଁ ମୋ ନାତୁଣୀକୁ କୁଆଡ଼େ ଛାଡ଼ିବିନି ।

ବାବୁ - ଆରେ ତୁମେ ବି ତା ସହ ରହିବ । କିନ୍ତୁ ମୋ ଘରେ । ତୁମେ ମୋ ଘରେ ରହି ଛୋଟ ମୋଟ କାମ କରିବ ଓ ସେ ପାଠ ପଢ଼ିବ । ତମ ଦି'ଜଣଙ୍କୁ ମୁଁ ଅଲଗା କରିବିନି । ହେଲା ?

ଜେଜେ - ହେଲେ ମୁଇଁ କିଆଁ ? ଆହୁରି ତ କେତେ ବୁଲୁଯିତି । ତମେ ମୋ ଠି କିଆଁ ଆଖି ପକେଇଲ ? (ଜେରା କରିବା ଭଙ୍ଗୀରେ ସେ ପଚାରିଲେ)

ବାବୁ - ମୁଁ ସବୁଦିନ ଗଲା ବେଳେ ଦେଖେ, ଏଠି କେତେ ପିଲା ଅଛନ୍ତି । ସମସ୍ତେ କିନ୍ତୁ

To read the complete magazine, Download it for FREE from www.aahwaan.com

ଖେଳ ବୁଲାରେ ମାତିଥାନ୍ତି । ଏଇ ଝିଅଟିର ଆଗ୍ରହ ଅଛି ପଢ଼ିବା ପାଇଁ । ମୋର ବି ପୁଅ । ବହୁତ ଆଶା କରିଥିଲି ଝିଅଟିଏ ପାଇଁ କିନ୍ତୁ... ଯେ ଆଜିଠୁ ମୋ ଝିଅ ହୋଇ ରହିବ । ମୁଁ ତାକୁ ପଢ଼େଇବି, ବାହାଘର କରିବି ସବୁ । ହେଲା ? ଯଦି ବିଶ୍ୱାସ ନ ହେଉଛି ଏବେ ଚାଲ ଆମ ଘରକୁ ଦେଖି କି ଆସିବ । ଘରେ ମୁଁ ଆଉ ମୋ ସ୍ତ୍ରୀ ଅଛୁ । ପୁଅ ବି ଜଣ ବାହାରେ ପଢୁଛନ୍ତି । ତମ ମନକୁ ପାଇଲେ ରହିବ ନହେଲେ ନାହିଁ । ମୁଁ ତୁମକୁ ବାଧ୍ୟ କରିବିନି ।

କିଛି ସମୟ ପରେ ଝିଅଟି ନୂଆ ଡ୍ରେସ ପିନ୍ଧି ପରୀ ଭଳି ଦିଶୁଥିଲା ଆଉ ଜେଜେ ଧୋବ ଧୋବଳିଆ ଲୁଗା ଆଉ କୁର୍ତା ପିନ୍ଧି ମହାଜନ ପରି ।

ପଟେଲ ବାବୁଙ୍କ ସ୍ତ୍ରୀ ଏମାନଙ୍କୁ ପାଛୋଟି ନେବାକୁ ଘରର ମୁଖ୍ୟ ଦରଜା ପାଖରେ ଠିଆ ହୋଇଥିଲେ ।

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯
ଦୂରଭାଷ - ୯୩୭୬୦୧୨୫୦୦
ଇମେଲ - subal.mohapatra@gmail.com

To read the complete magazine, Download it for FREE from www.aahwaan.com

# ପୁସ୍ତକ ସମୀକ୍ଷା




ତଟଶୂନ୍ୟ ଶୂନ୍ୟତା

ତଟଶୂନ୍ୟ ଶୂନ୍ୟତା

ଏକ କାହାଣୀମୟ ଗଳ୍ପ ସଂକଳନ

ଗାଳ୍ପିକ : ଶ୍ରୀ ଭାଗିରଥୀ ବେହେରା

ପ୍ରକାଶକ : ସାଇ ଯମୁନା ପବ୍ଲିକେସନସ, ଝାଞ୍ଜିରୀମଙ୍ଗଳା, କଟକ

ପୃଷ୍ଠା : ୧୦୮

ମୂଲ୍ୟ : ୧୦୦ ଟଙ୍କା

ଓଡ଼ିଆ ଗଳ୍ପ, କବିତା ଓ ଉପନ୍ୟାସ ଜଗତରେ ଲେଖକ ଭାଗିରଥୀ ବେହେରା ଜଣେ ଚିହ୍ନାମୁହଁ । ପୂର୍ବରୁ କବିତା ସଂକଳନ, 'ଏକା ଏକା ହୃଦୟ' ଏବଂ ଉପନ୍ୟାସ 'ମାନବ' ପାଇଁ ତାଙ୍କୁ ଅଜସ୍ର ପାଠକୀୟ ଶ୍ରଦ୍ଧା ମିଳିଛି । ତେବେ ବିଭିନ୍ନ ପତ୍ରପତ୍ରିକାରେ ବେଶ କିଛି ମନଛୁଆଁ ଗଳ୍ପ ଲେଖିଥିବା ଶ୍ରୀ ବେହେରାଙ୍କ ଏହା ପ୍ରଥମ ଗଳ୍ପ ସଂକଳନ । ଏଥିରେ ସ୍ଥାନ ପାଇଛି ମାତ୍ର ନଅଟି ଗଳ୍ପ । ଗଳ୍ପ ଗୁଡ଼ିକରେ ରୋମାଣ୍ଟିକ ଭାବଧାରା ରହିଥିଲେ ସୁଦ୍ଧା ସେଥିରେ ସମସାମୟିକ ସମୟର ନିଛକ ଛବି ଦେଖିବାକୁ ମିଳେ । ପୁଣି ଜୀବନ ଦର୍ଶନର ଦର୍ପଣ ପ୍ରତିବିମ୍ବିତ କରେ ଚରିତ୍ରମାନଙ୍କ ଚେହେରାମାନଙ୍କୁ ।

To read the complete magazine, Download it for FREE from www.aahwaan.com

ତାଙ୍କର ତଟଶୂନ୍ୟ ଶୂନ୍ୟତା, ନିରୁଦ୍ଦିଷ୍ଟ ନାୟକ, ସନ୍ୟାସର ପଥରେ, କଦମ୍ବମୂଳର ନଗ୍ନସତ୍ୟ, ସୁନ୍ଦରୀ ଭାଉଜଙ୍କ ବାହାଘର ଓ ନୀରବ ନିଷ୍ପତ୍ତି ଗଳ୍ପ ଗୁଡ଼ିକରେ ପ୍ରେମ, ପ୍ରଣୟ, ଭଲ ପାଇବା ଓ ହୃଦୟ ଦିଆନିଆର ସୁଗନ୍ଧିତ ପ୍ରବାହ ସବୁ ଗପଗୁଡ଼ିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଚ୍ଛାଦିତ କରି ରଖିଛି । ଗୋଟିଏ ହୃଦୟକୁ ଅନ୍ୟ ଏକ ହୃଦୟ ସହ ଯୋଡ଼ିବାର ନିରୁତା ପ୍ରୟାସ ସବୁ ଗଳ୍ପରେ ସେ କରିଛନ୍ତି ।

ପୁସ୍ତକର ପ୍ରଥମ ଗଳ୍ପ 'ତଟଶୂନ୍ୟ ଶୂନ୍ୟତା' ଆରମ୍ଭରୁ ଶେଷପର୍ଯ୍ୟନ୍ତ ମାନସିକ ଦ୍ୱନ୍ଦ ଓ କୁହେଳିକାର ଏକ ପତଳା ଆସ୍ତରଣରେ ଆଚ୍ଛାଦିତ । ଶେଷ ପରିଣତି ଜାଣିବାର ଉତ୍କଣ୍ଠା ଓ ବ୍ୟାକୁଳତା ପାଠକ ମନରେ ଆବେଗ ସୃଷ୍ଟିକରେ । ଏ ଗଳ୍ପରେ ନାୟିକାର ବାନ୍ଧବୀ ପ୍ରତି ସମର୍ପଣ ଏବଂ ସ୍ତ୍ରୀକୁ ହରେଇ ଜୀବନ ସମୁଦ୍ରର ତଟ ଆବଶ୍ୟକ କରୁଥିବା ନାୟକର ଶୂନ୍ୟତାକୁ ସଙ୍କଳନର ନାମ ପ୍ରତିପାଦିତ କରିପାରିଛି ।

'ଅଚିହ୍ନା ଇଲାକାର ଚିହ୍ନା ପୃଥିବୀ' ଗଳ୍ପରେ ଆଦିବାସୀ ଜୀବନର ଝଲକ ଦେଖିବାକୁ ମିଳେ । ପ୍ରକୃତିର ସନ୍ତାନଙ୍କ ସରଳ, ନିଷ୍କପଟ ଓ କଷ୍ଟସହିଷ୍ଣୁ ଜୀବନ ଅସହାୟ ମଣିଷକୁ ଅକୁଣ୍ଠିତ ଚିତ୍ତରେ ସହାୟତା ଓ ସହଯୋଗର ହାତ ବଢ଼ାଇବାକୁ ପଛାଏ ନାହିଁ । ଜଣେ ଫରେଷ୍ଟ ଅଫିସରଙ୍କ ବନମୟ ଜୀବନ ଅତୀତର ଘଟଣା ପୁଣିଥରେ ଭିନ୍ନରୂପ ନେଇ ସମ୍ମୁଖକୁ ଆସିବା ଏବଂ ତାକୁ ସହୃଦୟରେ ନିଜର ପୃଥିବୀର ଅଂଶ ବୋଲି ମାନିନେବାର ଚମତ୍କାର କାହାଣୀ ଏହି ଗଳ୍ପକୁ ସାର୍ଥକତାରେ ଭରିଛି ।

'ଲମ୍ପଟ ଆତଙ୍କବାଦୀ' ଶ୍ରୀ ବେହେରାଙ୍କ ଅନନ୍ୟ ଚମତ୍କାର ଗଳ୍ପ । ଆତଙ୍କବାଦ ଆଜି ବିଶ୍ୱର ଏକ ଭୟଙ୍କର ସମସ୍ୟା ଭାବରେ ଉଭା ହୋଇଛି । ହତ୍ୟା, ଲୁଣ୍ଠନ ଓ ଧ୍ୱଂସ ଏମାନଙ୍କ ଶ୍ରେୟ ଓ ଧେୟ । ମରିବା ଓ ମାରିବା ତାଙ୍କ ସମ୍ମୁଖରେ ଦୁଇଟି ରାସ୍ତା । ସାଂପ୍ରତିକ ସମୟରେ ଲଭ୍ ଜିହାଦକୁ ନେଇ ଘଟିଥିବା ଘଟଣାର ଏକ ଜ୍ୱଳନ୍ତ ଉଦାହରଣ । ଗଳ୍ପର ନାୟିକା ଯେତେବେଳେ ଜାଣିପାରିଛି ତା ପ୍ରେମିକ ଜଣେ ଆତଙ୍କବାଦୀ, ସେତେବେଳେ ସେ ନିଜ ହାତରେ ଆତଙ୍କବାଦୀକୁ ହତ୍ୟା କରିବାର ଷଡ଼ଯନ୍ତ୍ର ରଚିଛି ।

To read the complete magazine, Download it for FREE from www.aahwaan.com

ଭୋଗ ନୁହେଁ ତ୍ୟାଗରେ ହିଁ ଥାଏ ଜୀବନର ଚରମ ସାର୍ଥକତା । 'ବସଷ୍ଟପ୍‌ର ଝିଅ' ଗଳ୍ପର ଏହି ସନ୍ଦେଶ ସମାଜ ପ୍ରତି ଉଦ୍ଦିଷ୍ଟ । ଯେଉଁଠି ସ୍ୱାମୀର ଜୀବନ ବଞ୍ଚାଇବାକୁ ସ୍ତ୍ରୀ ନିଜ ଦେହକୁ ବି ତ୍ୟାଗ କରିଦେବାରେ ପଛଘୁଞ୍ଚା ଦେଇନି, ସେଠି ତା ସ୍ୱାମୀଙ୍କୁ ବଞ୍ଚାଉଥିବା ମଣିଷ ତା ଦେହକୁ ସ୍ୱୀକାର କରୁନି । କାରଣ ସେ ନିଜ ସ୍ୱର୍ଗତ ପ୍ରାଣପ୍ରିୟା ପତ୍ନୀକୁ ଧୋକ୍କା ଦେବାକୁ ଚାହୁଁନି । ତ୍ୟାଗ ଓ ସମର୍ପଣ ଏବଂ ଭାରତୀୟ ମୂଲ୍ୟବୋଧର ଏକ ପ୍ରତୀକ ଏ ଗଳ୍ପ ।

'ସୁନ୍ଦରୀ ଭାଉଜଙ୍କ ବାହାଘର' ଗଳ୍ପରେ ସମାଜର ପ୍ରଚଳିତ ସାମାଜିକ ବ୍ୟବସ୍ଥା, ପରମ୍ପରା ଓ ଜାତିଆଣ ପ୍ରଥାର ସୁନ୍ଦର ପ୍ରତିଫଳନ ଘଟିଛି । ପରିଣତ ବୟସରେ ଜାତିପ୍ରଥାର କଠୋର ନିଷ୍ପତ୍ତିକୁ ମାନିନେଇ ନାୟକ ନାୟିକାର ପୁନଃବିବାହ ପାଠକକୁ ନିଶ୍ଚୟ ଆଶ୍ଚର୍ଯ୍ୟ କରିବ ।

ପାରିବାରିକ ସଂସାରକୁ ଆଗକୁ ବଢ଼େଇବାକୁ ଯାଇ ଗୋଟିଏ ଭଉଣୀର ଅନ୍ୟ ଏକ ଭଉଣୀକୁ ନିଜ ସ୍ୱାମୀକୁ ଗ୍ରହଣ କରିବାର ନିରବ ଅନୁରୋଧ ଗଳ୍ପ 'ନୀରବ ନିଷ୍ପତ୍ତି' ଯେଉଁଠି ହୃଦୟକୁ ବିଦାରେ, ସେଇଠି 'ନିରୁଦ୍ଦିଷ୍ଟ ନାୟକ' ଗଳ୍ପରେ ରହସ୍ୟ ଦେଇ ରହି ଯାଇଥିବା ସାଧାରଣ ମଣିଷର ଅସାଧାରଣ ପ୍ରେମର ପରାକାଷ୍ଠା ଦେଖିବାକୁ ମିଳିବ ।

ପ୍ରତ୍ୟେକ ଭଲ ଗଳ୍ପ ଗୋଟିଏ ଗୋଟିଏ ବିରଳ ମୁହୂର୍ତ୍ତର ଅନନ୍ୟ ପରିପ୍ରକାଶ । ଯେଉଁ ତିନୋଟି ବିଶେଷତାକୁ ନେଇ କାହାଣୀ ସୃଷ୍ଟି ହୁଏ ତାହା ହେଲା ଥିମ୍, ପ୍ଲଟ୍ ଓ ଚରିତ୍ର । ଘଟଣା, ଚରିତ୍ର ଓ ବାତାବରଣ ଆଦି ସବୁମିଶି କାହାଣୀଟିଏ ଗଢ଼ନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଶ୍ରୀ ବେହେରାଙ୍କ ଗଳ୍ପ ସଂକଳନ ଏକ ସାର୍ଥକ ସୃଷ୍ଟି । କହିବାକୁ ଗଲେ, 'ତଟଶୂନ୍ୟ ଶୂନ୍ୟତା' ଏକ କାହାଣୀମୟ ଗଳ୍ପ ସଂକଳନ ।

To read the complete magazine, Download it for FREE from www.aahwaan.com

# ମହାକାଳୀ



ପ୍ରତିଭା ପ୍ରିୟଦର୍ଶିନୀ

ତୁମେ ଆଦିଶକ୍ତି ମାତା
ପରାଶକ୍ତି ମହାମାୟା
ତୁମେ ସ୍ୱୟଂ କାଳର ପ୍ରବାହ ।
ସାକ୍ଷାତ ବ୍ରହ୍ମ ମା ତୁମେ,
ସୃଷ୍ଟି ପାଳନ କାରିଣୀ,
ତୁମେ ପୁଣି ସଂହାର ପ୍ରଦାହ ।।୧

ଜ୍ଞାନ ଖଡ୍ଗଧାରୀ ତୁମେ
ମା'ଗୋ ମୁକ୍ତି ପ୍ରଦାୟିନୀ
କ୍ଷୁର୍ଣ୍ଣ କର କର୍ମର ବନ୍ଧନ,
ଭୁତ, ଭବ୍ୟ, ବର୍ତ୍ତମାନ
ତୁମ ତ୍ରିଶୁଳ ତ୍ରିଧାର,
ସର୍ବ ପାପ କରଇ ଖଣ୍ଡନ ।।୨

ଶୁଭ୍ରଦନ୍ତ ଆତ୍ମଜ୍ଞାନ
ଜିହ୍ୱା ତୁମ ମାୟା ଚିହ୍ନ
ଶିକ୍ଷାଦିଏ ଜୀବନର ତତ୍ତ୍ୱ,

To read the complete magazine, Download it for FREE from www.aahwaan.com

ଶିବ ବକ୍ଷେ ପାଦ ତୁମ
ପ୍ରାଣୀମାତ୍ରେ ବାର୍ତ୍ତାଦିଏ
ନହେବାକୁ ଶକ୍ତିବଳେ ମତ୍ତ । ।୩

ଶ୍ୟାମବର୍ଣ୍ଣ ଅଙ୍ଗ କାନ୍ତି
ମା'ଗୋ କରେ ଉଜାଗର
ଜୀବନର ଅନ୍ଧକାର ପକ୍ଷ,
ନିର୍ବସ୍ତ୍ର ଶରୀର ତୁମ୍ଭ
ସହଜେ ବୁଝାଏ, ଆତ୍ମା
ଯେ ସମସ୍ତ ବନ୍ଧନରୁ ମୁକ୍ତ । ।୪

ଶ୍ମଶାନ ରହଣି ତୁମ
ଶବ ପରେ ସ୍ଥିତି କହେ,
ଏକା ଧ୍ରୁବସତ୍ୟ ଅଟେ ମୃତ୍ୟୁ,
ସୃଷ୍ଟିକର୍ତ୍ତୀ ତୁମେ ପୁଣି
ଅଟ ସଂହାର କାରିଣୀ
ତୁମେ ଜୀବନର ଷଡ଼ଋତୁ । ।୫

ଆଦି ମହାବିଦ୍ୟା ତୁମେ
ଶୁଭଙ୍କରୀ, ଶିବଦୂତୀ,

To read the complete magazine, Download it for FREE from www.aahwaan.com

ଦୁଃଖଭାର କରୁଛ ଲାଘବ ।
ଅସତ୍ୟ, ଅନ୍ୟାୟ କର୍ମ,
ଅବା କଲେ ବ୍ୟଭିଚାର
ଭୋଗ ନିଶ୍ଚେ ହୁଏ ପରାଭବ । ।୬

ଦୀପର ଆଲୋକେ ମାୟେ
ଧରାପୃଷ୍ଠେ ଅବତର
ଅପାର ଶକ୍ତି ସମ୍ଭାର ଆଣ,
ସୁଖ, ଶାନ୍ତି, ଜ୍ଞାନ, ଭକ୍ତି,
ଧର୍ମ, ସତ୍ୟ, ସଦାଚାରେ
ଭରିଦିଅ ପ୍ରତି ପ୍ରାଣୀ ପ୍ରାଣ । ।୭

ଲିଙ୍କ ରୋଡ୍
କଟକ-୧୨

To read the complete magazine, Download it for FREE from www.aahwaan.com

# ନାରୀ



ଅନୁସୂୟା ମିଶ୍ର

ମା’ ରୂପେ ଅନ୍ତଃସ୍ୱରଟିଏ
ଅସରନ୍ତି ସ୍ନେହ-ମମତାର,
ଭଗ୍ନୀ ରୂପେ ଅଧିକାରଟିଏ
ସର୍ତ୍ତହୀନ ସମ୍ବେଦନାର ।
କନ୍ୟା ରୂପେ ଅନୁରୋଧଟିଏ
ଜୀବନରେ ଜୀଇଁ ରହିବାର,
ପତ୍ନୀ ରୂପେ ଅଙ୍ଗୀକାରଟିଏ
ପରିଭାଷାହୀନ ଅନେକ ପ୍ରତିଶ୍ରୁତିର ।
ଆଉ, ସାଥୀ ରୂପେ ମନେହୁଏ
ସୁମଧୁର ମୁର୍ଚ୍ଛନାଟିଏ ସେ
ଅନାବିଳ ଆତ୍ମୀୟତାର ।
କୁହ ଦେଖି, ସମ୍ପର୍କର ସୀମାପାରେ
ନାରୀ ଆଜି କାହିଁକି ବା ମରେ
କୁତ୍ସିତ କିଛି ଚିନ୍ତାଧାରାର

To read the complete magazine, Download it for FREE from www.aahwaan.com

ନିଷ୍ଠୁର ଆଘାତରେ ????

ଦୋଷ ବିନା ଦୋଷୀ ହୁଏ ସିନା

କେବେ ଭାଗ୍ୟ

କେବେ ସମୟର ପ୍ରଭାବ

କେବେ ଅବା, ବେଶ ଓ ପୋଷାକ,

ମୁଁ କିନ୍ତୁ ଦେଖିଛି,

ମାନବିକତାର ମୁଖା ତଳେ

ରହିଥିଲା କାଳେ କାଳେ

ଆଜି ବି ରହିଛି

ଅମାନୁଷିକ ସେଇ ଅପରାଧୀ....

ଅସଭ୍ୟ କିଛି ସଂସ୍କାର,

ଆଉ ଅଶିକ୍ଷିତ ଅନୁଶୀଳନ

ଯେତେ କୁଶିକ୍ଷିତ ଶିକ୍ଷାର ।

ଅନୁସୂୟା ମିଶ୍ର

To read the complete magazine, Download it for FREE from www.aahwaan.com

# ପ୍ରଲୁବ୍ଧ ନାୟକ



ସିପ୍ରା ନମତା

ଦେବୀ ମୋର....
ପ୍ରାଣପ୍ରିୟା,
ତୁମେ ମୋର ବନ୍ଦନୀୟା ।
ନଭଶ୍ଚୁମ୍ବୀ ଗଗନର ବିସ୍ତୀର୍ଣ୍ଣ ପ୍ରାଙ୍ଗଣର ମଧ୍ୟେ
ଦିବାନିଶି ଉନ୍ମାଦସମ ପ୍ରତୀକ୍ଷାରେ ରତ
ଶୟନେ, ସ୍ୱପନେ ସ୍ୱପ୍ନିଳ ନୟନେ
ସ୍ୱର୍ଗର କାଉଁରୀ କୌମୁଦୀ, ବାରିଜାକ୍ଷୀ ବାଳା...
ଦେବୀ ଅବା ତୁମେ କିନ୍ନରୀ,
କି ଅବା ଅପସରୀ
ଗନ୍ଧର୍ବ କନ୍ୟା...
ବାସନ୍ତୀ ଭୂଷଣେ, ବରବରଣା
ଆନମନା କରୁଛି ମନ ତୁରଗକୁ
ଅନାବୃତ କରିବାକୁ କଟି ମେଖଳା ।
ଦୁର୍ବିସହ ହୁଏ ବିଡ଼ମ୍ବିତ ଚିତ୍ତ
ବିକର୍ତ୍ତନେ ଅବା ତମିସ୍ରରେ ସୁପ୍ତ
ଉଦ୍ଦାମ ଯୌବନ ନବ ଉନ୍ମାଦନା
ବିଲ୍ୱସମ କୁଚ ଯୁଗଳ

To read the complete magazine, Download it for FREE from www.aahwaan.com

ଉଦ୍ରିକ୍ତ କରଇ କରିବାକୁ ସତେ

ଉନ୍ମୋଚନ ବକ୍ଷବନ୍ଧନୀ

ବିଡ଼ମ୍ବନା ଖାଲି ତୁମେ ଯେ ଖେଚରୀ

ସଂଗୋପ୍ୟ କାମନା କରେ ଝାଇଁ ଝାଇଁ

ବିଦଗ୍‌ଧିତ ପ୍ରାଣେ ଶିହରଣ ଆଣେ

ଅନୁଭବ ମାତେ ପୁଲକିତ ମନେ

ଶିଥିଳ ଗାତ୍ର ହୁଏ ପ୍ରକମ୍ପିତ

ଆକର୍ଣ୍ଣ ବ୍ୟାପ୍ତ ଚୂର୍ଣ୍ଣ କୁନ୍ତଳର କେରା

କରେ ମୋତେ ପ୍ରଲୁବ୍ଧ ଝରା

ଅସଂଖ୍ୟ କେଶରାଶିର ବିସ୍ତୀର୍ଣ୍ଣ ପ୍ରାନ୍ତର

ଲାଗଇ ସତେ ଅବା ଶ୍ୟାମଳ ଧରା

ସ୍ୱପ୍ନିଳ ନୟନରେ ସ୍ୱପ୍ନର କାଉଁରୀ

ଆବୋରି ନେବାକୁ ବିଦ୍ରୁମସମ ତବ ତନୁବଲ୍ଲରୀ

ସତେ କି ଦର୍ଶନ ତବ ମେଣ୍ଟାଇବ

ଏ ମନ ମରୁର ତୃଷ୍ଣା

ଅଧର ପୀୟୁଷ ଦେଇ ଥରେ ପ୍ରିୟା

ଦୂରକର ମନୋବେଦନା ।

ହୃଦବାଞ୍ଛା ମୋର ପୂର୍ଣ୍ଣକର ସହୀ

ନିବିଡ଼ କରି ବାହୁ ବେଷ୍ଟନୀ

ଜୀବନ ଅମୂଲ୍ୟ ପସରାକୁ ତୁମ ପାଦ ତଳେ ଦେବି ବିଛାଇ

To read the complete magazine, Download it for FREE from www.aahwaan.com

ସମ୍ଭୋଗର ସୁଖର ଆଶା ନାହିଁ ଆଉ

ବିଦଗ୍ଧ ହେଉଛି ପ୍ରାଣ

ଦରଶନେ ତୁମ ଅଧୀର ହୁଅଇ

ଯେମନ୍ତେ ଲୁବ୍ଧକ ନୟନ ।

ବିଜାରଣେ ତୁମେ ବିଜନନ କର

ଧାରା ଏକ ନବ କଳ୍ପ

ଚିତ୍ତେ ମିଶି ଚିତ୍ତ ସଂଚରି ଯାଉ ମୋ ଅଧର ଚୁମ୍ବ

ହୃଦୟବଲ୍ଲରୀ ପାଶ

ଦେହାତୀତ ହେଉ ପ୍ରଣୟ ମୋହର

ଅମର ହୋଇ ପ୍ରେମ ଯେ ମୋର କରୁ ଜୀବନ ସାର୍ଥକ

ଅନ୍ଧ ତମିସ୍ରାରେ ଅମୂର୍ତ୍ତ ଭାବନା ଜୀବନାୟନରେ

"ମୁଁ ଯେ ପ୍ରଲୁବ୍ଧ ନାୟକ ।"

ଗ୍ରା/ପୋ : ତୁଳସୀ ଚଉରା, ବାରିପଦା, ମୟୁରଭଞ୍ଜ, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଦେଖୁ ଗୋଟେ ସ୍ୱପ୍ନ



ବଳବନ୍ତ ସାହୁ

ସ୍ୱପ୍ନ.. ସ୍ୱପ୍ନ...

ଭିଡ଼ ଏଠି ସ୍ୱପ୍ନର

କି ଖୁସି ସେଥିରେ ,କି ଆନନ୍ଦ

କି ହରଷ, କି ଉଲ୍ଲାସ

ଭଙ୍ଗା କୁଡ଼ିଆରେ ସାଙ୍ଗେ ସାଙ୍ଗେ

ଆଭିର୍ଭାବ ହୁଏ ଚନ୍ଦ୍ର ସୂର୍ଯ୍ୟର ଆଲୁଅ

ପୁଣି ଉଭା ହୁଅନ୍ତି ଏଠି ସ୍ୱୟଂ ଇନ୍ଦ୍ର

ନା ଥାଏ ଛାତର ଅଭାବ ନା ଅଭାବ ଥାଏ

ବାତାନୁକୁଳିତ ପରିବେଶର

ନା ଅଭାବ ରହିଯାଏ ଧନରତ୍ନର

ଏଠିତ ଆକାଶ ହିଁ ସାଜେ ଛାତ

ପୁଣି ମନ୍ଦ ମଳୟର ଏଠି କୁଟୀର

ତା ସାଥେ ସାଥେ କୁବେରଙ୍କ ଶୋଭା

ହେଉନା ନାହିଁ ପୂରଣ

To read the complete magazine, Download it for FREE from www.aahwaan.com

ମିଳୁ ଟିକେ ସେଇ ଖୁସି

ମିଳୁ ଟିକେ ସେଇ ଶାନ୍ତି

ପାଉକିଛି ଖୁସିରେ ବଞ୍ଚିବାର ଅଭିଜ୍ଞତା

ଏ ପରା ଲୋ ସ୍ୱପ୍ନ ।

ଉଠାନା ଉଠାନା

ନହେଲେ ଭାଙ୍ଗିଯିବ ସବୁ

ଅଦିନିଆ ଝଡ଼ରେ ବାଲିଘର ପରି

ଉଠାନା ଉଠାନା ଦେଖୁ ସେ

ଦେଖୁ ଗୋଟେ ସ୍ୱପ୍ନ ।

ଭୂଷଲାର୍ଡ଼, ସିନ୍ଧେକେଲା,

ଟିଟିଲାଗଡ଼, ଦୂରଭାଷ - ୯୦୭୮୧୦୫୨୩୪, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ବିନିଦ୍ର ରାତି



ସ୍ୱାଗତ କୁମାର ପଣ୍ଡା

ଲାଗେ ନାହିଁ ନିଦ, ଆସେନା ସପନ, ପାହେ ନାହିଁ କେବେ ରାତି ।
ଅଙ୍ଗ ଅଙ୍ଗ ମୋର ଜାଳି ଦିଏ ଆହାଃ ଜହ୍ନ ଆଲୁଅର ତାତି ।.... (0)
ବିତରେ ଯା ଜହ୍ନ ଜୋଛନା ନୁହଁ ଏ, ଏତ ମୁଠା ମୁଠା ବିଷ
ବିରହୀ ମନକୁ ତିଳ ତିଳ କରି ଯନ୍ତ୍ରଣା ଦିଏ ଅଶେଷ
ବିଜନତା ସହ ଅଭିସାର ମୋର, ବିରହ ସହ ମୋ  ରତି...... (୧)

ଯିବା ଲୋକ ଯିଏ ସେତ ଚାଲିଯାଏ ନିଜର ଅଫେରା ବାଟେ
ତାର ପଦଚିହ୍ନ ରହିଯାଏ ଯାହା ଜୀବନ ଯମୁନା ତୁଠେ
ଲୋତକ ର ନଦୀ ଶୁଖିଯାଏ ସିନା ଲିଭେ ନାହିଁ କେବେ ସ୍ମୃତି....(୨)
ସବୁତକ ବିଷ ପିଇଗଲା ପରେ ରହି ଯାଏ କିଛି ବାକି
ସବୁ କଥା ଓଠ କହି ପାରେ ନାହିଁ, କହି ଯାଏ କିଛି ଆଖି
ଲୁହ ହିଁ ଶେଷ ରେ ରହେ ଅବଶେଷ ଆଖିର ଏକ  ସମ୍ପତ୍ତି.... (୩)

ଆୟୁଷ ନିର୍ଲଜ୍ଜ ସରେନାହିଁ କେବେ ମୃତ୍ୟୁ ହାତ ଠାରି ଡାକେ
ଦୂର ଶ୍ମଶାନର  ଚିତାନଳକୁ ମୁଁ ଈର୍ଷାର ନୟନେ ଦେଖେ
ଜୀବନ ଥାଉଁ ଯେ ଜାଳି ମାରୁଥାଏ ତା ନାଁ ହିଁ ତ  ପ୍ରୀତି......(୪)

To read the complete magazine, Download it for FREE from www.aahwaan.com

# ସନ୍ଧ୍ୟାର ଗୋଧୂଳି



ଡା ସନ୍ଧ୍ୟାରାଣୀ ତ୍ରିପାଠୀ

ସନ୍ଧ୍ୟାର ଗୋଧୂଳି ସମୟରେ
ନତ ମସ୍ତକ ସୂର୍ଯ୍ୟ ଗମ୍ଭୀର ଭାବରେ
ଦର୍ପ ଗର୍ବ ଚୂର୍ଣ୍ଣ ଚାହାଁଣୀର ପ୍ରତୀକରେ
ପ୍ରତୀଖା ପ୍ରେମରେ ଏ ଏକକ ଆକାଶରେ
ସନ୍ଧ୍ୟାରେ ଚନ୍ଦ୍ର ଓ ତାରାର ରୋଷଣୀ ପାଇଁ
ସମୟର ପ୍ରହାର ସୁଅରେ ଭଲପାଇବା ନେଇ
ହାଲିଆ ମନ, ସପନର ପଥ ଓ ପଥିକ ସାଜରେ
ପୃଥିବୀ ଓ ଆକାଶର ମିଳନ ଲଗ୍ନରେ
ବିରହ ବନ୍ୟା ଲୁହ ଲୁହର ଲହରୀ ଖେଳରେ
ଗଗନ ରକ୍ତ ରଞ୍ଜିତ ବସ୍ତ୍ର ପରିଧାନରେ
ଫେରନ୍ତା କିଛି ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ସମୟ ମଧ୍ୟରେ
ପୁନଃ ପୁନର୍ବାର ତାର ଫେରସ୍ତ ଆଗମନରେ
ତାରି ବକ୍ଷରେ ଆଶ୍ରିତ ଫେନିଳ ମତୁଆଲା କିରଣରେ
ସମୁଦ୍ରର ସୀମା ପରି ସମୟର ଏ ଗଭୀର ପ୍ରେମରେ
ଛିଡା କରାଏ ଏ ପଥରେ ଖୁବ୍ ନୀରବତାରେ
ଶକ୍ତିଶାଳୀ ପ୍ରତିପତ୍ତି ପ୍ରତିଷ୍ଠିତ ବିଲୁପ୍ତରେ ହସେ
ଏ ଶତ ଶତ କିରଣର ଉଜ୍ଜୀବିତ ଅଗ୍ନିବଳୟ ମିଶେ ।

ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା
ବ୍ରହ୍ମପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଟଏଲେଟ୍ ଓ ଲାନ୍ଟେନ୍



ଡା ସୌମ୍ୟରଞ୍ଜନ ମିଶ୍ର

ଟଏଲେଟକୁ ନେଇ
ଆନ୍ତର୍ଜାତୀୟ ସ୍ତରରୁ
ଦେଶ, ରାଜ୍ୟ ହୋଇ
ପଞ୍ଚାୟତଯାଏଁ ସବୁଠି ଚର୍ଚ୍ଚା
କେତେ ପ୍ରିୟାପ୍ରୀତି, ରାଜନୀତି
ତୁମ୍ଭି ତୋଫାନ ।
ଏମିତି ବିଷୟରେ
ଚଳଚ୍ଚିତ୍ର କରି ସଫଳତା ପାଇବା
କମ୍ କଥା ନୁହେଁ !
ସ୍ୱଚ୍ଛ ଭାରତରେ ଯୋଗଦାନ ପାଇଁ
ସମସ୍ତଙ୍କୁ ଢେର୍ ଢେର୍ ବଧେଇ
ଢେର୍ ଅଭିନନ୍ଦନ ।
ଟଏଲେଟ୍ ନାଆଁରେ
ଆସୁଛି କୁଢ଼ କୁଢ଼ ଟଙ୍କା

To read the complete magazine, Download it for FREE from www.aahwaan.com

ଖାଇଲା ପୁଅ ଆହୁରି ଖୋଜୁଛି

ଯିଏ ନ ପାରିଲା

ସେ ଖାଇଲା ଲୋକର

ହେଉଡ଼ି ଗନ୍ଧକୁ ଜଗିଛି ।

ଟଏଲେଟ୍ ଓ ପ୍ରେମର ବହୁଦିନ ସମ୍ପର୍କ

ଏଠି ପ୍ରେମ ନିବେଦନ କରି ହୁଏ

ପ୍ରେମ ବି କରାଯାଇପାରେ

ଏକଥା ସମସ୍ତେ ଜାଣନ୍ତି ।

ସଂରକ୍ଷିତ ଭାରତକୁ କଣ ଏହାର ଉତ୍ତର ଜଣା

ଅନ୍ଧବିଶ୍ୱାସର ଅନ୍ଧ ଗଳିରେ

ଲାନ୍‌ଟେନ୍ ଦେଖାଇବାକୁ

ଶର୍ମା ପାଣ୍ଡେ ଆଉ ମିଶ୍ରା ହିଁ

କାହିଁକି ଖୋଜା ପଡ଼ନ୍ତି ?

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ

କେନ୍ଦ୍ରାପଡ଼ା, ୭୫୪୨୧୨

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨

To read the complete magazine, Download it for FREE from www.aahwaan.com

# ତାଜମହଲ



ପ୍ରସନ୍ନ କୁମାର ଭୁଏ

ପାଇବା ପାଇଁ ତୁମକୁ

ସ୍ୱପ୍ନ ଦେଖିଛି କେତେ,

ତାରାଫୁଲ ମେଳେ ଭସା ମେଘେ ଜହ୍ନ

ଲୁଚକାଳି ଖେଳେ ସତେ ।

ସଜ ଗୋଲାପ ପାଖୁଡ଼ା ଗାଲ

ହସରେ ଖେଳେ ଭଉଁରୀ,

ଚନ୍ଦ୍ରମୁଖ ତୋର ପଦ୍ମଫୁଲ

ଆଗୋ ଦିବ୍ୟ ସୁନ୍ଦରୀ ।୨

କୁଞ୍ଚ କୁଞ୍ଚ କେଶରାଶି

ଛୁଉଁଛି ତୋ ସରୁ ଅଣ୍ଟା,

ବକ୍ଷ ଦୁଇ ଯେ ହିମରାଜ

ମଧ୍ୟେ ଉଦେ ରବି ମୁଖମଣ୍ଡଳଟା ।୩

ତହୁଁ ବକ୍ଷଚିରି ବହିବାର

ଦେଖାଯାଏ ସଂକୋଚ ଉପତ୍ୟାକା

To read the complete magazine, Download it for FREE from www.aahwaan.com

ଅବତୀର୍ଣ୍ଣ ନାଭି ଦେଶେ ଗଣ୍ଡ

ଦିଶଇ ମଣିମୁକ୍ତା ଶାମୁକା ।୪

ଇନ୍ଦ୍ରଧନୁ ରଙ୍ଗର ଦେହେ ଶାଢ଼ୀ

କୁଞ୍ଚମରା ନାଭିଗଣ୍ଡ ତଳେ

ମଳୟ ପବନେ ପଣତକାନୀ ଉଡ଼ଇ

କମ୍ପନ ହୁଅଇ ମୋ ବକ୍ଷ ତଳେ ।୫

ଦିବାସ୍ୱପ୍ନ ଦେଖଇ ଶୟନେ ଉଜାଗରେ

ଚକ୍ଷୁପଟଳ ଅନ୍ତରେ

ଦିବ୍ୟସୁନ୍ଦରୀର ପରଶ ପାଇବା ପାଇଁ

ବଞ୍ଚୁଛି ସେଇ ଆଶାରେ ।୬

ଅନ୍ତର ମୋ ଖୋଜେ ତାକୁ

ଛାତି ହୁଏ କଲବଲ

ହୃଦୟ ଭିତରେ ଗଢ଼ିଛି ମୁଁ

ତା ପାଇଁ ଗୋଟିଏ ତାଜମହଲ ।୭

ବିଶିଉତ୍‌କା, ଝାରସୁଗୁଡ଼ା, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ହେ ମା'



ଦୋରାବାବୁ ଗୁଡ଼ିଆଳି

ପୂରୁବ ଦିଗେ ବସିଛୁ ମା'
ଗ୍ରାମର ଗ୍ରାମଦେବୀ ।
ଗଲାଣି ଭୁଲି ଆଜି ଏ ନର
ମାଆଟିଏ ଅଛି ବୋଲି ।୧

ଭଙ୍ଗା ଦେଉଳେ ପାଉଛି ଶୋଭା
ସିନ୍ଦୁର ମୁଖେ ଧରି
ପୂଜାପାର୍ବଣେ ଶୁଭୁନି ଆଉ
ଭକ୍ତର ହୁଳୁହୁଳି ।୨

ସଙ୍କଟକାଳେ ମନାସି କେତେ
ବିକଳେ ଡାକେ ନର
ସଙ୍କଟତରେ ତୋର ଆଶିଷେ
ତା'ପରେ କରେ ପର ।୩

ପୂରୁବ ରୀତି ପୂରୁବ ନୀତି
ନାହିଁ ଭକତି ନାହିଁ ସେ ପ୍ରୀତି
ପୂଜା ଅର୍ଚ୍ଚନା ଯାଏ ମଉଳି,
ଏପରି ତୋର ପରିସ୍ଥିତି ।୪

ମାନବ ଆଜି ଦାନବ ସାଜେ
ଧର୍ମକୁ ବୁଜି ଆଖି
ଧର୍ମ ଓ କର୍ମ ଏ ଦୁଇଗୋଟି
ମରଣ କାଳେ ସାକ୍ଷୀ ।୫

ଗୁଡ଼ିଆଳି, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ବିଭତ୍ସ ନିଶୀଥ



ହିମାଂଶୁ ଶେଖର ବାରିକ

ରବି ନାରାୟଣ ହୋଇଲେ ଗୋପନ
ବହିଲା ତମସା ଧାରା
ନୀଳ ବିହାୟସେ ତାରାଗଣ ଦିଶେ
ଜହ୍ନର ଜୋଛନା ତୋରା
ନୀଳାମ୍ବର ତଳ ଶୀତଳ ମରୁତ
ନୀରବ ନିଶୀଥ ଶୂନଶାନ୍ ପଥ
ଚଳଇ ତରୁଣୀ ଦିଲ୍ଲୀର ସରଣୀ
ବନ୍ଧୁ କାନ୍ଧେ ରଖି ହାତ ।।1 ।।
ବାର୍ତାଳାପେ ରତ ପ୍ରାଣପ୍ରିୟ ସାଥ
ଗଢିବେ ଜୀବନ ରଥ
ବିଧିର ବିଧାନ ଥିଲା କିନ୍ତୁ ଆନ
କରାଳ ହେଲା ନିଶୀଥ
ପଥଦେଶେ ଦେଖି ଯାତ୍ରୀବାହି ଯାନ
ରୋକିଲେ ତାହାକୁ ଯିବାକୁ ସଦନ
କରି ଉତ୍ତରଣ ତହୁଁ ସେହି ଯାନ
ଚଳଇ ପଥ ବିଜନ ।।2 ।।
ଯାନେ ଥିଲେ ଷଢ଼ ମନ୍ଦମତି ମୂଢ଼

To read the complete magazine, Download it for FREE from www.aahwaan.com

ନିଶାଗ୍ରସ୍ତ କାମାସୁର

ସଞ୍ଚାଣ ଯେସନ ଲୋଲୁପ ନୟନ

ମାନବ ଦେହେ ଅସୁର

ବିଲୋକନ କରି ଯୁବତୀ ରତନ

ବିଜନରେ ମନ ହେଲା ବିଧୁନନ

ଉପାଲମ୍ବ ଦେଇ ଯୋଷା ତନୁ ଛୁଇଁ

କଲେ ତାକୁ ବିବସନ । ।3 । ।

ପ୍ରିୟାର କଷଣ ଦେଖି ମ୍ରିୟମାଣ

ବନ୍ଧୁ କଲା ପ୍ରତିବାଦ

ନିଶାରେ ବିଭୋର ଷଡ଼ ଦୁରାଚାର

ଶସ୍ତ୍ରେ କଲେ ପ୍ରତିହତ

କରି ଦରଶନ ଖୋଲା ଅପଘନ

ପଞ୍ଚଶର ଶରେ ହେଲେ ଉତ୍ପୀଡ଼ନ

ଖେଳି ନାନା ରଙ୍ଗେ ଯୂନୀ କୋମଳାଙ୍ଗେ

ରଚିଲେ ଦାନବ ପଣ । ।4 । ।

କରୁଣ ବିଧୁର ଯୋଷାର କାତର

ନିଶାରେ ହେଲା ବିଫଳ

ନିଶାଚର ଗଣ ନିଶାରେ ମୋହନ

ନିଶୀଥ ହେଲା କରାଳ

To read the complete magazine, Download it for FREE from www.aahwaan.com

କରିଣ ବୀକ୍ଷଣ ଯାନେ ଲୌହ ଦଣ୍ଡ

ଭରିଲେ ଯୌନାଙ୍ଗେ ନିର୍ମମ ପ୍ରଚଣ୍ଡ

ହୃଦ ବିଦାରଣ      ରକ୍ଷ ଆଚରଣ

କାମ ଭାବରେ ଉଦଣ୍ଡ  । ।5 । ।

ସର୍ବାଙ୍ଗ ଶୋଣିତ    ପୀଡ଼ିତା ଯୋଷିତ

ଅଯତ୍ନ ଧାରେ ଖସାଇ

ଭୀରୁ କାପୁରୁଷ     ମନରେ ବିମର୍ଷ

ଭୟରେ ଗଲେ ପଳାଇ

ଅତି ମର୍ମନ୍ତୁଦ କାଣ୍ଡ ପୈଶାଚିକ

ଜଗତେ କମ୍ପିତ ମାନବ ବିବେକ

ରୂପରେ ମାନବ     ଅନ୍ତରେ ଦାନବ

କରେ ଏହି ପାଶବିକ  । ।6 । ।

ତେଇଶି ବର୍ଷର     ନିର୍ଭୟା ଛାତ୍ରୀର

କରୁଣ କାହାଣୀ ଏହି

ଦ୍ୱିସହସ୍ର ବାର     ଷୋଳ ଡ଼ିସେମ୍ବର

ଘଟଣା ହୁଏନି ସହି

ନ୍ୟାୟଳୟେ ଚାରି ବରଷରୁ ବେଶୀ

ଲାଗିଲା ଦୋଷୀଙ୍କୁ ଦେବା ପାଇଁ ଫାଶୀ

ହେଲେ ବି ବିଳମ୍ବ     ନ୍ୟାୟ ଉପଲବ୍ଧ

To read the complete magazine, Download it for FREE from www.aahwaan.com

ଦୋଷୀ ଯାଇ ନାହିଁ ଖସି ।।7 ।।

ଏକ ନିର୍ଭୟାର ହୋଇଲା ବିଚାର

ରହିଗଲେ ଶତ ଶତ

ଏବେ ବି ବେବିନା ଇତିଶ୍ରୀର ଆତ୍ମା

କରେ କରୁଣ ବିଳାପ

ଏକ ପରେ ଏକ ଆସିବେ ଅନେକ

ହେବ ନାହିଁ ଅନ୍ତ ବିଚାରର ତାଙ୍କ

ସଂଯମ ଜୀବନ ସମାଜ ଗଠନ

ଏକା ସମାଧାନ ପଥ ।।୫ ।।

ବରିଷ୍ଠ ଅଡ଼ିଟ୍ ଅଧିକାରୀ

କ୍ୱାର୍ଟର ନଂ : ଟାଇପ୍ ୩, ୨୦୧

ନୂଆ ଏଜି କଲୋନୀ

ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨

ଓଡ଼ିଶା

To read the complete magazine, Download it for FREE from www.aahwaan.com

# ବଞ୍ଚିବାର ଇଚ୍ଛା



ସୁମିତ୍ରା ରାଉଳ

କଳ୍ପନାକୁ ସାଥି କରି ବଞ୍ଚିବାକୁ ଇଚ୍ଛା ହୁଏ

ଯେବେ ଭଲ ପାଇବାରେ ସ୍ମୃତି ଥାଏ ।

ବେଦନାକୁ ସାଥି କରି ବଞ୍ଚିବାକୁ ଇଚ୍ଛା ହୁଏ

ଯେବେ ଭଲ ପାଇବାଠୁଁ ଦୂରେଇ ଯାଏ ।

ମନକୁ ସାଥି କରି ବଞ୍ଚିବାକୁ ଇଚ୍ଛା ହୁଏ

ଯେବେ ଭଲ ପାଇବାରେ ସ୍ୱାଦ ଥାଏ ।

ବିବେକକୁ ସାଥି କରି ବଞ୍ଚିବାକୁ ଇଚ୍ଛା ହୁଏ

ଯେବେ ଭଲ ପାଇବାରେ ଘୃଣା ଥାଏ ।

ଭାଗ୍ୟକୁ ସାଥି କରି ବଞ୍ଚିବାକୁ ଇଚ୍ଛା ହୁଏ

ଯେବେ ଭଲ ପାଇବାରେ ଧୋକା ଥାଏ ।

ଭଗବାନଙ୍କୁ ସାଥି କରି ବଞ୍ଚିବାକୁ ଇଚ୍ଛା ହୁଏ

ଯେବେ ଅନ୍ତର ଆଖିକୁ ଚିହ୍ନିଦିଏ ।

ବାଗସାହି, ପ୍ରୀତିପୁର, ଯାଜପୁର, 755013

To read the complete magazine, Download it for FREE from www.aahwaan.com

# ଲେଖକ



କପିଳେଶ୍ୱର ରାଉତ

ଭାବନାର ଯୋତେ
ଭିନ୍ନ ଭିନ୍ନ କେତେ
ଭାବୁକ ଟିଏ ଭାବି ଚାଲେ
ଲେଖନୀର ହାତେ
ଘାତ ପ୍ରତିଘାତେ
ଯା'ଦେଖେ ଲେଖନୀ ତା' ଚାଲେ ।
ଆଦେଶ ଆଉ ଉପଦେଶ
ଯା' ସମାଜ ପାଇଁ ଆଭାସ
ତାକୁ କରେ ଉପସ୍ଥାପନା
ବୁର୍ଜୁଆ ପ୍ରତି ପରିହାସ
ଦରିଦ୍ରକୁ ପୁଣି ସାହାସ
ଦେଇ ଗଢ଼ିଥାଏ ତା ରଚନା ।

ଏହି ପରି ଭାବେ ଭଣେ
ବିଶ୍ୱରେ ସିଏ ତ ଜଣେ
ଲେଖନୀ ତା'ର ବନ୍ଧୁକ
ଲେଖା କା ଛାତିକୁ ଟାଣେ
ମୂକ ଓଠେ ହସ ବୁଣେ
ସେ ତ ହେଲା ଲେଖକ ।

ଟିକରପଡ଼ା, ଯାଜପୁର

To read the complete magazine, Download it for FREE from www.aahwaan.com

# ଜରା ନିବାସ



ସୀମାଞ୍ଚଳ ରଣା

[ ରାଜ ଉଆସ ରୁ ଜରା ନିବାସ ]

ଆତ୍ମା କାନ୍ଦୁଛି ହୃଦୟ ସହୁଛି,
ଦେଖି ବାର୍ଦ୍ଧକ୍ୟ ର କଷଣ ।
କେମିତି ସନ୍ତାନ ସୁଯୋଗ୍ୟ ପିତାର,
ଅଯୋଗ୍ୟର ବିବେଚନେ ।
ଚମ ଧୁଡୁ ଧୁଡୁ ଆଖି ଦୁରୁବଳ,
ବହୁଛି ଲୁହର ନଈ ।
ତଥାପି ଭୁଲିନି ପୁଅ ବୋହୂକୁ,
କାନ୍ଦି କାନ୍ଦି ଦିଏ କହି ।
କି କାରଣେ ତେବେ ଜରା ନିବାସରେ,
ଚର୍ଚ୍ଚିତ ବଲାଙ୍ଗୀର ।
ଉତ୍ତର ମିଳିଛି ସେଇ ମା ପାଖୁ,
ସୁନା ବୋହୁ କଲା ପର ।
କହିଥିଲା ଦିନେ ସାକ୍ଷୀ ଥିଲା ପୁଅ,
ମାତୃ ଭକ୍ତି ସିଏ କରିବ ।
ବାର୍ଦ୍ଧକ୍ୟ କୁଆଡେ ତାହାର ଶତ୍ରୁ,
କେମିତି ମା'କୁ ପୋଷିବ ।

To read the complete magazine, Download it for FREE from www.aahwaan.com

ବିଦା କରିଦେଲେ ପୁଅ ବୋହୂ ମିଶି,

ହେଲା ନାହିଁ ଦୟା ତାଙ୍କର ।

ବିଧବା ପତ୍ନୀ ଟେ କେମିତି ବଞ୍ଚିବ,

ସ୍ୱାମୀ ଘର ସ୍ୱର୍ଗପୁର ।

ଏକ ସେ ନୁହଇ ଅନେକ ଅଛନ୍ତି,

ଅନ୍ତେବାସୀ ଜରା ନିବାସେ ।

କିଛିଙ୍କର ନାହିଁ ଆତ୍ମୀୟ ସ୍ୱଜନ,

କିଛିଙ୍କ ପୁତ୍ର ରୁହେ ପରା ବିଦେଶେ ।

ସୁଯୋଗ୍ୟ ପିତାର ଅଯୋଗ୍ୟ ସନ୍ତାନ,

ମନେ ରଖ ଗୋଟେ କଥା ।

ବାର୍ଦ୍ଧକ୍ୟ ତ ଦିନେ ନିଶ୍ଚିତ ଆସିବ,

ତୁମ ସହ ହୋଇ ଦେଖା ।

{ ବଲାଙ୍ଗୀର ସାଲେପାଲି ଜରା ନିବାସ ରେ କିଛି ବୃଦ୍ଧ ମାତା ପିତା ଙ୍କ କରୁଣ କାହାଣୀକୁ ବର୍ଣନା କରିବାକୁ ଯାଇ ମୋ ଅସ୍ଥିର କଲମ ମୁନରେ କିଛି ପଦ}

ସୀମାଞ୍ଚଳ ରଣା (ପ୍ରତିଷ୍ଠାତା - ଜାହ୍ନବୀ)

କୁର୍ତ୍ତମଗଡ଼, କନ୍ଧମାଳ, ଓଡ଼ିଶା

ଭ୍ରାମ୍ୟଭାଷ - ୮୨୮୦୯୧୩୯୭୬

To read the complete magazine, Download it for FREE from www.aahwaan.com

# ଏମିତି ମୋ ପ୍ରେମିକା



ସମରେନ୍ଦ୍ର ନାୟକ

ପ୍ରିୟାମୋର ଦୁନିଆରେ
କୋଟିଏରେ ଗୋଟିଏ
ଖୋଜିଲେବି ମିଳିବନି
ଏମିତି ପ୍ରେମିକାଟିଏ ।
ନିଃସଙ୍ଗ ଜୀବନେ ମୋ
ସାଜିଲା ସେ ସାଥିଟିଏ
ଶୂନ୍ୟ ଏଇ ହୃଦୟରେ
ଭରିଦେଲା ପ୍ରେମ ସିଏ ।
ସାଜିଲି ମୁଁ ତା ପ୍ରେମରେ
ଏମିତି ପାଗଳ ଟିଏ
ଦିଶୁନାହିଁ ବାଟ ଘାଟ
ପର କି ଆପଣା କିଏ ।
ଯାଉଛି ଯୁଆଡ଼େ ଖାଲି
ସୁନ୍ଦରୀ ମୋ ଦିଶିଯାଏ

To read the complete magazine, Download it for FREE from www.aahwaan.com

ବସୁଛି ଯେଉଁଠି ଖାଲି

ସିଏ ମୋତେ ବାସୁଥାଏ ।

ଦିଗହରା ପକ୍ଷୀପରି

କେଉଁ ଦିଗେ ଉଡ଼ିଯାଏ

ଠିକଣା ମୁଁ ରଖେନାହିଁ

ଖାଲି ତାକୁ ଖୋଜୁଥାଏ ।

ଦେଖେ ଯେତେ ମୁହଁ ସବୁ

ମୋ ପାଇଁ କି ଫେରିଯାଏ

ଆଖି ଖୋଜେ ସେହି ମୁହଁ

ଯିଏ ମୋତେ ଭଲପାଏ ।

ତା'ପ୍ରେମର ମାଳ ଗୁନ୍ଥି

ନିତି ଗୀତ ଗାଉଥାଏ

ତା'କଥାକୁ ଭାବି ନିତି

ମନେ ମନେ ହସୁଥାଏ ।

ପ୍ରିୟାମୋର ଦୁନିଆରେ

କୋଟିଏରେ ଗୋଟିଏ

To read the complete magazine, Download it for FREE from www.aahwaan.com

ଖୋଜିଲେ ବି ମିଳିବେନି

ଏମିତି ପ୍ରେମିକାଟିଏ ।

ତୋଳିଛି ମୁଁ ତା ପାଇଁକି

ହୃଦୟରେ ଘରଟିଏ

ସେହି ଘରେ ଥିବ ସିଏ

ହୃଦୟ ମୋ ଥିବାଯାଏ ।

ଆସିବେନି ତା' ବିନା

ଭାବନାରେ ଆଉ କିଏ

ଭଲପାଉଥିବି ତାକୁ

ଜୀବନର ଶେଷଯାଏ ।

ମାଳପୁର, କାମାକ୍ଷାନଗର

ଢେଙ୍କାନାଳ

ଭ୍ରାମ୍ୟଭାଷ - ୯୮୫୩୬୩୯୭୮୧

To read the complete magazine, Download it for FREE from www.aahwaan.com

# ଦେଖି ତୁମ ରୂପ



ପର୍ଶୁରାମ ଗରିଆ

ଦେଖି ତୁମ ରୂପ ଝଲସି ଉଠୁଛି ଧରାପୃଷ୍ଠ
କି ଲାବଣ୍ୟମୟୀ କି ରୂପମୟୀ
ତୁମ ଛବି ମାୟାରେ ବିଭୂତ
ଏ ଧରାପୃଷ୍ଠ ।
ସତ ସତିକା ରୂପ ତୁମର
ଧରାପୃଷ୍ଠ ହୁଏ ମାୟା ।
ବାଞ୍ଛିତଲାବଣ୍ୟ ହସ ତୁମର ।
ମନକୁ ନିଜେ ଯେ କିଣି
କରିଦିଏ ମନ ବିକଳ
ସବୁ ଲାଗେ ଫିକା ଫିକା ।
ତୁମେ ମୋ କାବ୍ୟ ନାୟିକା
ତୁମ ବିନା ଲାଗେ ଜୀବନ ଫିକା ।
ଦେଖି ତୁମ ରୂପ ଜୀବନ ବିକଳ
ହୃଦୟମୋର ହୁଏ ଅପସର

To read the complete magazine, Download it for FREE from www.aahwaan.com

ପାଇବି କି ନାହିଁ ତୁମ ରୂପସ୍ୱର

ଅପେକ୍ଷାରେ ବିତେ

ଦିନରାତି ମୋର ।

ସତେ କି ମାୟା

ରୂପ ତୁମର

ବାଞ୍ଛିତ ଲାବଣ୍ୟ

ହସ ତୁମର ।

ମନମୁଗ୍ଧ ତୁମ କୋକିଳ ସ୍ୱର ।

ଧରାପୃଷ୍ଠ ସତେ ହୁଏ ଥର ହର ।

ଦେଖି ତୁମ ରୂପ

ଦେଖି ସତେ ତୁମ ରୂପ ।

ଗ୍ରାମ =କିଷ୍ଣା( ଖଡ଼ିକାରପଡ଼ା), ପୋ = ଭେଲା, ଭାୟା=କୋମନା

ଜିଲ୍ଲା=ନୂଆପଡ଼ା, ପିନ=୭୬୬୧୦୬, ମୋ = ୯୧୭୮୬୭୬୬୬୬୧

To read the complete magazine, Download it for FREE from www.aahwaan.com

# ଘନଶ୍ୟାମ



ଘନଶ୍ୟାମ

ଗର୍ବ ଅହଂକାର ହୃଦୟେ ନାହିଁ ମୋ ସରଳ ଯୁବକ ମୁଁ
ହାରି ହାରି ମୁଁ ଜିତିବା ଶିଖିଛି ମୋର ପ୍ରେରଣା ତୁ ।
ଅନ୍ତରେ ନାହିଁ ମୋ ଛନ୍ଦ କପଟ, ମୁଁ ଅଟେ ନିରୀହ ପ୍ରେମିକ
ନିଃସ୍ୱ ହେଲେ ବି ବିଶ୍ୱରେ ମୁଁ ତୋ ପାଇଁ ପାଇଛି ସୁଖ ।
ଅନନ୍ତ କୋଟି ବିଶ୍ୱବ୍ରହ୍ମାଣ୍ଡେ ଯାହାକୁ ପାଏ ମୁଁ ଭଲ
ସେ ସିନା ମୋ ହୃଦୟର ରାଣୀ ତା ବିନା ମୁଁ ବ୍ୟାକୁଳ ।
ହଜେଇ କେତେ ଖୋଜି ପାଇଛି ମୁଁ ମୋ ହୃଦୟର ମଣି
ଯମଠାରୁ ମୁଁ ଛଡ଼େଇ ଆଣି ଦେଖେଇ ଦେବି ପୁଣି ।
ଆଶା ଭରସା ବିଶ୍ୱାସ ନିଶ୍ୱାସ ସବୁ ତ ସେ ମୋର
ମରିବି ନିଶ୍ଚୟ ସେ ଯଦି କେବେ କରିଦେବ ମୋତେ ପର ।

ଘନଶ୍ୟାମ

ନିଜ ନାମର ଇଂରାଜୀ ଅକ୍ଷର ()ର ପ୍ରଥମ ପଦକୁ ନେଇ କବିତା

To read the complete magazine, Download it for FREE from www.aahwaan.com

# ସ୍ୱୟଂପ୍ରଭା



ବି ପ୍ରକାଶ ଚନ୍ଦ୍ର ପାତ୍ର

ଫୁଲ ତ ଫୁଟୁଛି ଫୁଟୁ
ଗଛରେ ଫୁଟୁଛି, ଡାଳରେ ଫୁଟୁଛି
ପତର ଫାଙ୍କରେ ଫୁଟୁଛି
ପଥର ସନ୍ଧିରେ ଫୁଟୁଛି
ପାଣି ଭିତରେ ବି ଫୁଟୁଛି
ନଈ, ନାଳରେ ଫୁଟୁଛି
କେଉଁ କାଳୁ...
ଫୁଟୁଛି ଯେ ଫୁଟୁଛି ।
ଫୁଲ ଫୁଟିବା ତ ମନା ନାହିଁ
ଫୁଲ ଫୁଟୁଛି ବୋଲି ସେ ତ କାହିଁ
ଫୁଟିଲା ଫୁଟିଲା କହୁନାହିଁ ।
ତା'ରୂପ, ତା' ମହକ, ତା ଗନ୍ଧ
ସେ ବାଣ୍ଟୁଛି ଯେ ବାଣ୍ଟୁଛି ।
ଯା' ଇଚ୍ଛା ସେ ଆଣୁଛି

To read the complete magazine, Download for FREE from www.aahwaan.com

ଯା'ର ନାହିଁ ନାହିଁ ।

ମୋର ମହକ, ମୋର ରୂପ

ନେ ବୋଲି କେବେ କାହାକୁ କହିନି

ସେ ଫୁଟୁଛି ତ ଫୁଟୁଛି ।

କାଁ ଭାଁ କେଉଁଠି କେଉଁଠି

ଅବେଳରେ ଫୁଲଟିଏ ଫୁଟିଗଲେ...

ଫୁଟିଲା ଫୁଟିଲା ବୋଲି ହୋ ହଲ୍ଲା

ତା'ର ସୁରକ୍ଷା ପାଇଁ ଯୋଜନା ।

ଫୁଲକୁ ନେଇ ସଭା ସମିତି

ଆଃ ! ଏମିତି ଫୁଲ କେବେ ଫୁଟିନଥିଲା

ଏହା ଏବେ ନୂଆ ହେଲା...

ସମ୍ବର୍ଦ୍ଧନା, ଅଭିନନ୍ଦନ, ପ୍ରଶଂସା ଖାଲି ପ୍ରଶଂସା

କି ? ଆଶ୍ଚର୍ଯ୍ୟ ! ! ଫୁଲ ତ ଫୁଟିବା କଥା ଫୁଟିଲା

ଫୁଟୁଛି କେଉଁ କାଳୁ, ଫୁଟୁ

ଆମେ ଏମିତି ତରତର ଫର୍ ଫର୍ ନସର ଫସର, ଧଡ଼ପଡ଼

ହେବା କାହିଁକି ?

To read the complete magazine, Download it for FREE from www.aahwaan.com

କଣ ଆଉ ନିଆରା

ରୂପ, ଗନ୍ଧ, ମହକ ଦେବକି ?

ନା' ତ ସେ ବି ଓଳିଏ ଆୟୁଷ

ନେଇ ଆସିଛି...

ଝଡ଼ିବ, ମଉଳିବ, ବାସି ହେବ

କଢ଼ି ହୋଇ ପୁଣି ଫୁଟିବ, ନୂଆ ହୋଇ

ଅନ୍ୟ ଏକ ସମ୍ଭାବନାର ଉତ୍ତରଣ ହେବ ।

ନବ ନବ ବାର୍ତ୍ତା ନେଇ ଫୁଟିବ

ବାସିବ, ଚହଟିବ, ମହକିବ

ଦିଗନ୍ତ ବିସ୍ତାରୀ ! !....

ଘୁମୁସରର ସ୍ୱର ସଂଗଠନ,

ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ, ବାଲିପଦର

To read the complete magazine, Download it for FREE from www.aahwaan.com

# ପାର୍ବଣୀ



ଉଦୟନାଥ ଗୌଡ଼

ଏଇ ତ ପାର୍ବଣୀ

ଶରତର ଅନନ୍ୟ ସମ୍ଭାର

ଆବାହନର ଅଭିସାର

ମୃଣ୍ମୟର ଦୈବୀତ୍ୱ ଜିଗୀସା

ପରମ୍ପରାର ପ୍ରୟୋଗଶାଳାରେ

ଆଶା ଓ ଆସ୍ୱାଦନର

ନୂଆ ରଙ୍ଗ ନୂଆ ସମ୍ଭାବନା

ସ୍ୱପ୍ନ ଓ ବାସ୍ତବତାର

ଫେଣ୍ଟାଫେଣ୍ଟି ନୂତନ ଜୀବନ !

ଏଇ ତ ପାର୍ବଣୀ

ଭୋଗବାଦର ଲାଳସା

ତୃପ୍ତିର ତର୍ଜମା

ବାହାଦୂରୀ ବାରମଜା

ଆବେଗର ତିକ୍ତଗନ୍ଧ

To read the complete magazine, Download it for FREE from www.aahwaan.com

ତଡ଼ିତ ତାରୁଣ୍ୟ

ପୁଲକର ପହିଲି ପ୍ରବେଶ

ସଜ୍ଞାହୀନ ସମ୍ପର୍କରେ

ବିଶ୍ୱାସର  ନିବିଡ଼ ବନ୍ଧନ !

ଏଇତ ପାର୍ବଣୀ

ଋତୁଚକ୍ର ରମ୍ୟ ଅନୁଭବ

ଶୁଭ୍ର ସବୁଜିମାର ବର୍ଣ୍ଣାଳୀ

ଭକ୍ତି ଓ ଅନୁରକ୍ତିର

ମହାର୍ଘ ମଙ୍ଗନ

ଶିତଳ ସମିରଣର

ନୂଆ ସ୍ୱର୍ଶ ନୂତନ ସନ୍ଦେସ

ବିବିଧ ବୈଭବତାର

ବିରଳ ସଂଗମ

ମମତାର ମିଶ୍ରରାଗ

ମାତୃତ୍ୱର ମହତ ଚିନ୍ତନ !

ଏଇତ ପାର୍ବଣୀ

To read the complete magazine, Download it for FREE from www.aahwaan.com

ଜୀବିକାର ଦିଗନ୍ତ ଦର୍ଶନ

ହତାସାର ହେତୁବାଦ

ନିଷ୍ପେଶିତ

ନଗ୍ନ ନିରବତା

ପରାଜୟର ଭାଗ୍ୟଲିପି

କାରୁଣ୍ୟ କୌମୁଦି

ନାସ୍ତିକର ନିଆରା ପୃଥିବି

ଯାତନାର ଜତୁଗୃହେ

ନୂଆ ପାପ ନୂତନ ପସରା

ରସନାର ରାସଲିଳା

ବୈତାଳିକ ବିହିତ ବେଦନା !

ଗଡ଼ସାମନ୍ତରାପୁର

୯୯୩୭୨୨୫୦୯୭

To read the complete magazine, Download it for FREE from www.aahwaan.com

# ତୁମେ ଜଗନ୍ନାଥ



ପ୍ରକାଶ ସାହୁ

ଆଶାର ଆଲୋକ ତୁମେ ସମୟର ଇଷ୍ଟ,
ଜୀବନ ଜୁଆରେ ସାହା ତୁମେ ଜଗନ୍ନାଥ ।
ତୁମକୁ ଖୋଜି ପାଇଛି ଟିକି ହୃଦୟ ରେ,
ମୀରା ହୋଇ ମିଶିଯିବି ଭଜନ ସାଗରେ ।
ଜାଣେନା ସେ ମହାଭାଗ୍ୟ କେବେ ଆସିବ ?
ତୁମ ସେ ଆଲୋକ କିଏ ଦେଖାଇବ ?
ଖୁସି ଲାଗେ ଯେବେ ଭାବନା ରେ ଆସୁଛ ।
ପାଖେ ପାଖେ ରହି ତୁମେ ଅଳ୍ପ ଅଳ୍ପ ହସୁଛ ।
ସକାଳୁ ସକାଳୁ ଦର୍ଶନ କଲେ ମନେ,
ଭରିଯାଏ ଉଲ୍ଲାସ, ଘ୍ରାଣ କଲେ ତୁମ,
ଚନ୍ଦନ, ତୁଳସୀର ମହକ ଦେହେ ଭରିଯାଏ,
ପୁଲକ ଜନ୍ମ ଜନ୍ମ ତୁମର ଆଉ ମୋର ସଂପର୍କ,
ତୁମେ ଅଟ ମୋର କଳାଜହ୍ନ ଟି ।
ମରୁଭୂମିର ମୃଗତୃଷ୍ଣା ସତ ଇନ୍ଦ୍ରଧନୁ,
ସୁନେଲି ସପନ ସବୁ ପାଶୋରିଛ ମନୁ ।
ଶୟନେ ସପନେ ଅବ ସଦା ଜାଗରଣେ,

To read the complete magazine, Download it for FREE from www.aahwaan.com

ତୁମରି ସୁନ୍ଦର ତନୁ ଦେଖେଇ ନୟନେ ।
ଦୁରେ ଥାଇ ଶୁନାପାଦ ଦିଅହେ ବଢ଼େଇ,
କେମିତି କରିବି ପୂଜା ଦିଅହେ ବତାଇ ।
ନୟନ ଅଶ୍ରୁ ମୋ ଶେଷ ସମ୍ବଳ,
ଧୋଇ ଦେବି ଯତନେ ସେ ପାଦ ଯୁଗଳ,
ବେସୁରା ରାଗିଣୀ ସୁରେ ପାଇଁ ତୁମ ନାମ,
ହଟିଯିବ ଆନନ୍ଦରେ ଜନମ ଜନମ ।
ଶ୍ରୀ ଛାମୁ ରେ ଏତିକି ମୋ ଅଳି ଶ୍ରୀଠାକୁରେ,
ଦାସପରି ପୁଣି ଥିବି ତୁମ ଶ୍ରୀପୟରେ,
ତୁମ ବିନା ହେ ଦୟାମୟ ସବୁ ଅସାର,
ତୁମେ ମାତା ପିତା ମୋର ସଖା ସହୋଦର,
ତୁମେ ମୋ ପ୍ରାଣ ର ଦେବ ଜଗଦିଶ୍ୱର ।
ଖୋଜି ଖୋଜି ପାଇନାହିଁ ଦେଇ ଅଛ ଧରା,
ପୁଜିବି ତୁମ ଚରଣେ ଏ ଜୀବନ ସାରା ।
କି ଦୁଃଖ କହିବି ହେ ଭାବ ର ଠାକୁର,
ନୀଳ ମାଧମ, ଭକ୍ତ ର ଭାବ କୁ ଜାଣିପାର,
ମୋର ଅଭାବ କି ତୁମକୁ ଅଜଣା ଥିବ ?
ନ ମାଗିଲେ କିଛି ଭଲ ଲାଗେନାହିଁ ମନଟି

To read the complete magazine, Download it for FREE from www.aahwaan.com

ନ ଦେଲେ ବି ମାଗିଦେଲେ ତୁମକୁ,

ଖୁସି ଖୁସି ରେ ବିତିଯାଏ ମୋର ଦିନଟି ।

ଲୋଡ଼ା ନାହିଁ ଧନଜନ ତୁମେ ମୋର ସବୁ,

ତୁମେ ମୋ ଗତି ମୁକତି,ତୁମେ ମୋର ପ୍ରଭୁ,

ତୁମେ ରଥ ତୁମେ ରଥୀ ତୁମେ ସାରଥୀ,

ତୁମେ ଶୁଭ ପରାତ୍ପର ଆଦି ଅନାଦି ଈଶ୍ୱର,

ତୁମେ ମୋ ଜୀବନ ନାଥ ତୁମେ ଜଗନ୍ନାଥ,

ତୁମେ ପ୍ରଭୁ ଦିନନାଥ ଦେଖାଅ ସୁପଥ,

ପୁଜୁଥିବି ନିରନ୍ତର ତବ କମଳ ପୟର,

ଦୁଃଖ ଭୁଲିଯିବି ଦେଖି ସେ ଚକା ନୟନ ।

ଦରଶନ ଦିଅ ହେ କଳା ଠାକୁର ,

ତୁମର ଏ ଭକ୍ତ ମାଗେ ଆଜି ଏହି ବର ।

ନାବିକ, ଭାରତୀୟ ନୌସେନା, ବିଶାଖାପାଟଣା

To read the complete magazine, Download it for FREE from www.aahwaan.com

# ଆଉ ଥରେ ଭାବିନିଅ



ପ୍ରଶାନ୍ତ କୁମାର ନାଥ

ଆଉ ଥରେ ଭାବିନିଅ

ତୁମେ ନବୁଝିଲେ ମୋମନର କଥା

କିଏସେ ବୁଝିବ କୁହ

ଭାବିଥିଲି ଲୁହ ପୋଛିଦେବ ବୋଲି

ତୁମେ ଆଣିଦେଲ ଲୁହ ।

ଆପଣାର ବୋଲି ଭାବିଲନି ମୋତେ

କରିଦେଲ ସାତପର

ତୁମକୁ ଆପଣା କରିବା ପାଇଁକି

ସବୁ କରିଥିଲି ପର ।

ଦୁଃଖ ଦେଇଗଲେ ଦରଦୀ ବନ୍ଧୁଟା

ସହଜେ ହେବନି ସହି

ଚାଲି ମୁଁ ପାରୁନି ତୁମେ ଦେଇଥିବା

ଦୁଃଖର ବୋଝକୁ ବୋହି ।

ମନକୁ ଥରୁଟେ ପଚାରି ଦେଖିବ

To read the complete magazine Download it for FREE from www.aahwaan.com

ହିସାବ କରିବ ବସି

ଆଖିରେ ମୋହର ଲୁହ ଭରିଦେଇ

ପାଇଅଛି କେଉଁ ଖୁସି ।

ଟିକିଏ ଖୋଜିଲେ ନିଶ୍ଚୟ ପାଇବ

ଅଡୁଆ ସୁତାର ଖିଅ

କହୁଣୀକୁ ଗୁଡ଼ ବୋହିବା ଆଗରୁ

ଆଉ ଥରେ ଭାବିନିଅ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩

To read the complete magazine, Download it for FREE from www.aahwaan.com

# ବୋଉ ପାଇଁ ପଦେ



ମାମାଜିନି ପ୍ରଧାନ

ପୁସ୍ତକର ଶବ୍ଦ ଚିହ୍ନି ଜାଣିଛି,
ନା ପଢ଼ି ଜାଣିଛି ।
କିନ୍ତୁ ! ମୋ ମନର ଭାଷା,
ତା ଛଡ଼ା କେହି ପଢ଼ି ପାରିନି ।
ଦଶ ମାସ ଦଶ ଦିନ ଗର୍ଭରେ ଧରି
ଜନ୍ମ ଦେଲା ପରେ ମଧ୍ୟ,
ତାର ଦାୟିତ୍ୱ ସମ୍ପୂର୍ଣ୍ଣ ହୋଇନି ।
କେବେ ମୋ ଖାଇବା ଚିନ୍ତା,
କେବେ ଭବିଷ୍ୟତ,
କେବେ ସଂସାର ଗଢ଼ିବା କଥା
ସତେ ଯେମିତି ନିଦରୁ ଉଠେଇ ବସେଇ ଦିଏ ତାକୁ ।
ଠାକୁରଙ୍କୁ ମୁଣ୍ଡିଆ ମାରିଚି
ହେଲେ ଆଜି ଯାଏଁ ତା ପାଦ ଛୁଇଁନି ।
ତଥାପି, ତା ଆଶ୍ରିବାଦ ମୋ ଉପରେ ସଦା ।
ଜୀବନ ସହ ଲଢ଼ିବା, ସପନକୁ ସତ କରିବା

To read the complete magazine, Download it for FREE from www.aahwaan.com

ସିଖେଇଚି ମତେ ।

ଦୁଷ୍ଟ ହେଲେ ଗାଳି, ଭଲ କାମ ପାଇଁ

ପ୍ରଶଂସା କରିଚି କେତେ ।

ଲୋକେ ନିର୍ଜୀବ ପ୍ରତିମୂର୍ତୀକୁ ପୂଜା କରନ୍ତି

ଯଦି ପାରନ୍ତି ବୁଝାନ୍ତି ଦିନେ ଜୀଅନ୍ତା

ମୂର୍ତୀକୁ ପୂଜା କରନ୍ତୁ ।

ଯାହାର ନାଁ "ବୋଉ" ?

ଯିଏ ଜନ୍ମ ଦେଲା, କହିବା ,ଚାଲିବା ଶିଖେଇଲା ?

ଜୀବନର ମାନେ କ'ଣ ବୁଝାଇଲା

ସିଏ ମୋ ପାଇଁ ଭଗବାନ !

ପେଟରେ ଭୋକ ଥିଲେ, ମନ ଦୁଃଖ ହୋଇଥିଲେ,

ଅତି ସହଜରେ ଜାଣିପାରେ ।

ଆଜି ବି ମନେ ଅଛ, ସଭିଏଁ ଖାଇ ସାରିବା ପରେ

ଖାଇବା ନିଅଣ୍ଟ ହୋଇ ଯାଇଥିଲେ

ଖାଇବାର ଇଛା ଥାଇ ମଧ୍ୟ,

ମୋ ପେଟ ପୁରିନି ବୋଲି ମତେ ଖୁଆଇ ଥିଲା ।

ଆଜି ବି ସେ ସେମିତି

To read the complete magazine, Download it for FREE from www.aahwaan.com

ନିଜେ ନ ଖାଇ ମୁଁ ଟିକିଏ ଅଧିକା ଖାଇବି ବୋଲି,

ନାଁ ମୋର ଇଛା ନାଇଁ ତୁ ଖାଇ ଦେ କୁହେ ।

ଯେତେ ଫାଙ୍କା କାଗଜ ଅଛ,

ଯେତେ କଲମରେ କାଳି ଅଛି

ସରି ଯାଇପାରେ ହେଲେ,

ବୋଉ ପାଇଁ ପଦେ ଲେଖିବା ଆରମ୍ଭ କରି,

ସାରିବା ପାଇଁ ଚେଷ୍ଟା କଲେ ମଧ୍ୟ ପାରିବିନି.....

ଏମିତିକା କାହାଣୀଟିଏ ସେ ।

ଯାହାର ନାଁ "ବୋଉ" ।

ବାଲିଛାଇ, ଗଞ୍ଜାମ, ଓଡ଼ିଶା

ଇମେଲ୍ : mamajini5@gmail.com

To read the complete magazine, Download it for FREE from www.aahwaan.com

# ବିଲୁପ୍ତପ୍ରାୟ ମଣିଷ



ରଶ୍ମିତା ମହନ୍ତ

ଏଇ ଭିଡ଼ରୁ ମଣିଷଟେ ଖୋଜୁଛି,

ଦାୟିତ୍ୱ କର୍ତ୍ତବ୍ୟନିଷ୍ଠା ବାଦ ମଣିଷତ୍ୱ ଖୋଜୁଛି ।

ହଁ ! ରାଜାର ରାଜତ୍ୱ ପ୍ରଜାର ଦାସତ୍ୱ;

ପୁରୁଣା ହେଲାଣି କାହାଣୀ

ଏବେ କାଳେ ଆମେ ସଭିଏଁ ସମାନ

ବଦଳିଛି ଭିତ୍ତି ଭୂମି ଆଉ ଚଳଣି ।

ତଥାପି ମାନବ ଆବରିନି ମାନବୀୟ ଆଚରଣ

ତଥାପି ବୋହିଛନ୍ତି କେତେକ ଇଶ୍ୱରୀୟ ବାଞ୍ଛା

ଆଉ କିଛି ଦର୍ଶାନ୍ତି ଆସୁରିକ ଲକ୍ଷଣ ।

ଅବଶ୍ୟ ଏପରି ହାସ୍ୟାସ୍ପଦ କ୍ରିୟା ବି

ପ୍ରଶଂସିତ ଏଠି

ଯୁକ୍ତିଯୁକ୍ତ ସମୀକ୍ଷା ପ୍ରତି ଆମ ହତସ୍ପୃହା

ହିଁ ଏହାର କାରଣ ।

କାହା ହାତରୁ ବିଭୁତି ଖସିଲେ

ଆମେ ତାକୁ ଗଦିରେ ବସାଇ ଗେଣ୍ଡୁ ମାଳ ଲମ୍ବେଇ ଦେଉ

To read the complete magazine, Download it for FREE from www.aahwaan.com

ଆଉ କାହା କଥା ଫଳିଲେ

ଡାହାଣୀ ବୋଲି ଜିଅନ୍ତା ଜାଳି ଦେଉ ।

କିଏ ଲାଠିର ଦମରେ ଶାସନ କଲେ

ମୁଣ୍ଡ ନୁଆଁଇ ନେଉ

ଆଉ 'ବାହୁବଳୀ'ର ଡାଇଲଗ

ଏକଲାରେ ଘୋଷି ହେଉ ।

ସୁର ଓ ଅସୁର ବାଦରେ ଆମେ ତ ମଣିଷ

ତଥାପି ମଣିଷ ପରି ବଞ୍ଚିବାକୁ ନାହିଁ

କାହିଁକି ବିଶ୍ୱାସ ??

ଏହାକୁ ଆତ୍ମବିଶ୍ୱାସର ଅଭାବ କହିବା

ନା କହିବା ସୁବିଧାବାଦ

ଯାହା ବି ହେଉ ମୋହ ମାୟାର ମିଛ ଜ୍ୱାଳାରେ

ଜଳୁଛି ମାନବ ବାଦ ।

ଅସତ ସର୍ବଦା ଆକର୍ଷଣୀୟ

ଆକର୍ଷିତ ହେବାଟା ଥୟ,

ତଥାପି ସତପଥ ବାଛିନେବା ହିଁ

To read the complete magazine, Download it for FREE from www.aahwaan.com

ପ୍ରକୃତରେ ଜୀବନର ସତ୍ୱ ।

ଆସୁନା, ଏଇଠି ମଣିଷ ହୋଇ ବଞ୍ଚିବା ।

ଅନ୍ୟର ଭୁଲରୁ ଶିଖିବା

ଆଉ ନିଜ ଭୁଲ ସୁଧାରି ନେବା ।

ଅନ୍ୟ ଗ୍ରହ ଉପରେ ଆଖି ନ ପକାଇ

ଆମ ଧରାକୁ ବାସ ଯୋଗ୍ୟ ରଖିବା ।

ହସିବା, କାନ୍ଦିବା, ରୁଷିବା, ମନେଇବା ;

ତୁଚ୍ଛ ବସ୍ତୁବାଦୀ ସଭ୍ୟତାର ଖୋଳପା କାଢ଼ି

ମଣିଷ ହୋଇ ରହିବା ।

ଆରମ୍ଭ ନହେଲେ ଆମଠୁ, ହଜିଯିବ

ମଣିଷତ୍ୱର ସମ୍ଭାବନା

ଆଉ ଆମ ପର ପିଢ଼ୀ,

ମଣିଷ ଦେଖିବାକୁ ଯିବେ ଚିଡ଼ିଆଖାନା ।

ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

# ଶୀକାର



ଏମ୍. ବିଜୟ କୁମାର

ଏମ୍. ବିଜୟ କୁମାର

ନିଆଁ ଲଗେଇ ଦେଇଛି

ତୋର ବସାରେ ଶିକାରୀ

ଡେଣାରେ ଲାଗିଛି ନିଆଁ

ଉଠ ଜାଗ ଚେଁତି କରି

ତୁ ନିଜେ ଜିଅନ୍ତା ଶବ

ଜାଣି ପାରୁନାହଁ କାହିଁ ?

କେମିତି ବଞ୍ଚିବୁ କହ

ନିଘୋଡ଼ ନିଦରେ ଶୋଇ ।

ଆରକ୍ଷଣ ନିଦା ବୃକ୍ଷ

ଶାଖା ପ୍ରଶାଖାକୁ ହାଣି

ଛଳ ଷଡ଼ଯନ୍ତ୍ର କରି

To read the complete magazine, Download it for FREE from www.aahwaan.com

ମାଟି କବର ଦେଲେଣି

ଚାରିପଟୁ ଘେରିଛନ୍ତି
ଖାସ୍ ମାରିବାକୁ ତୋତେ
ମୁକ୍ତି ଦ୍ୱାର ଖୋଲିପକା
ତୋର ଚକ୍ରବ୍ୟୁହ ସତେ

ଦାଉ ଦାଉ ନିଆଁଜଳେ
ହୃଦୟ ଜଙ୍ଗଲ ଜଳି
ଗୋଟିଏ ପଟରେ ବାଘ
ଛେଳିକୁ ଦିଅନ୍ତି ବଳି

ଅନ୍ୟପଟେ ସମୁଦ୍ରର
ଦେଖୁଛି ଅକାତ ପାଣି
ପ୍ରାଣ ହୁଏ ବିଚଳିତ
ଆର୍ତ୍ତନିରୀହ ମୃଗଣୀ

To read the complete magazine, Download it for FREE from www.aahwaan.com

ଛଦ୍ମବେଶ ବହୁରୂପୀ

ବୋଲକରା ଓ ଚାମଚା

ଉପରକୁ ଉଠିଗଲେ

କଙ୍କଡାର ଗୋଡ଼ ଘିଚା

ଜାଣିଶୁଣି ଟାଙ୍ଗିଆରେ

ଗୋଡ଼କୁ ଦେଇଛୁ ରଖି

କ୍ଷେତ ଜଗା ପାଳଭୂତ

ଅଗ୍ନି ହୁଏ ଜ୍ୱାଳାମୁଖୀ

କାହିଁ ତୋର ଅସ୍ତ୍ରଶସ୍ତ୍ର ?

ଖାଲି ହସ୍ତେ ଯୁଦ୍ଧ କ୍ଷେତ୍ର

ମରିବୁ ନା ତୁ ଜୀଇଁବୁ

ଚେତନାର କର୍ଣ୍ଣମନ୍ତ୍ର

To read the complete magazine, Download it for FREE from www.aahwaan.com

ଧନୁତୀର ବର୍ଚ୍ଛାଧରି

କମାଣ ବନ୍ଧୁକ ଗୁଳି

ଖଣ୍ଡା ହାତହତିଆର

ପାରିବତ ଯୁଦ୍ଧ ଲଢ଼ି ?

ଆରକ୍ଷଣ ଇତିହାସ

ଜାନ, ଛାନ ଆଉ ମାନ

ଶିକାରୀର ତୁ ଶିକାର

କଟାମୁଣ୍ଡ ଶିକାରୀର

କଣ ଦରକାର କୁହ

ପରିବର୍ତ୍ତନର ସ୍ୱର ! ! !

ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

To read the complete magazine, Download it for FREE from www.aahwaan.com

# ଆସ ଦେଖି ଆସ



ଶୁଭମ୍ ନାଏକ

ଶୁଭମ୍ ନାଏକ

ସଂସାରେ ଥରେ
ହିଂସା ଦିପ୍ ଲିଭେଇ
ଅହିଂସା ଦିପ୍ ଜାଲିଥିଲ
ଧରତି ଉଜଲ୍ କରି
ନିଜର୍ କରମ କରି
ତୁମେ କଥାନୀ ହଇଗଲ ।

ମୁନୁଷ ସମାଜ କେ
ଗୁଟେ ନେ ଠୋଲ୍ କରି
ତିନ ମାକଡ଼ର
ପାଠ୍ ପଢ଼େଇ
ସତ ଧରମ ଶିଖେଇ

To read the complete magazine, Download it for FREE from www.aahwaan.com

ଅହିଂସା ରାହା ଦେଖାଲ ।

ହେଲେ ତୁମେ କଡ଼ାଲ ବାଟେ

ଆର୍ କିଏ ଚାଲୁଛେ

ମୁନୁଷ ତ ଇଠାନେ

ଝୁଁଟେଇ ହଉଛେ

ଦେଁଖାର ଛିଦର୍

ଜହ ଛଲ୍ କପଟ

ତାର୍ ଦିହେଁ ସମଲା ନ

ତୁମର ଦେଲା ଜ୍ଞାନ

ପୁଡେଇ ଖାଏଲା ନ

ଆସ ଦେଖି ଆସ ନ ।

ତସଲାଡ଼ିହି, ସୁନ୍ଦରଗଡ଼, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ତୁମ କଥା



ଅଭିମନ୍ୟୁ ବେହେରା

ଫୁଲ ଯେବେ ତୁମ କଥା କହେ
ଲାଗେ ଋତୁ ଫଗୁଣର କଥା
ସତେ କି ବସନ୍ତ ଦେଇଛି ବାରତା
ଫୁଲର ପାଖୁଡ଼ାପରି ଓଠେ ତୁମ
କେତେ କଥା ରହିଛି ସାଇତା ।
ପକ୍ଷୀ ଯେବେ ତୁମ କଥା କହେ
କଥା ଲାଗେ କବିତା କବିତା
ସତେ କି ମେଘ ମହ୍ଲାର, ମୟୁରୀଗୋ ତୁମପାଇଁ
ଆକାଶରେ ବାଦଲରେ ବିଜୁଳୀର ଚମକରେ
କେତେ କଥା କେତେ ବ୍ୟଥା
ନଦୀ ଯେବେ ତୁମ କଥା କହେ
କଥା ଲାଗେ ସମୁଦ୍ରର ବେଳାଭୂଇଁ ପରି
ଲାଗେ ଯେମିତି ତୁମେ ଶାମୁକାରେ ମୁକ୍ତା
ରାତି ଯେତେ ତୁମ କଥା କହେ
ଲାଗ ତୁମେ ରାତ୍ରୀର ରଜନୀଗନ୍ଧା
କେବେ ଚୁପ୍‌ଚାପ୍, କେବେ ଗୁମ୍‌ସୁମ୍ ସାଧାସିଧା
ସତ ହେବକି କାହାଣୀ ଆମ
ନା କେବେ ରହିଯିବ ଅଧା ଅଧା ।

ସ୍ୱାମପାଟଣା, କେନ୍ଦୁଝର
ଭ୍ରାମ୍ୟଭାଷ - ୯୯୩୮୧୬୦୬୯

To read the complete magazine, Download it for FREE from www.aahwaan.com

# ଅଭୁଲା ସ୍ମୃତି



ସତ୍ୟବ୍ରତ ବାରିକ

ମନେପଡ଼େ ପିଲାଦିନର ଅଭୁଲା ସ୍ମୃତି
ହୃଦୟରେ ରହିଛି ସେ ସ୍ମୃତି ଲୁଚି ।
ଗାଁ ଦାଣ୍ଡ ଧୂଳି ଖେଳ ଓ ମା'ର ଆକଟ
ବରଷାରେ ଡ଼ଙ୍ଗାଭସା ଆଉ ଚାଟଶାଳୀ ପାଠ ।
ଅବଧାନ ବେତ ପାହାରରେ ପଣକିଆ ଘୋଷା
ସାଙ୍ଗପିଲା ସହ ନଦୀରେ ପହଁରିବା ନିଶା ।
ନିଦ ନ ଆସିଲେ ଶୁଣାଏ ବୁଢ଼ୀମା କାହାଣୀ
ମଜାଲାଗେ ପରୀ ରାଇଜ ଗପ ରାଜାରାଣୀ ।
ଶୀତ ସକାଳର କୁହୁଡ଼ିରେ ହୁଏ ଧାନ କଟା
ଭାରି ମିଠାଲାଗେ ଆରିଶା କାକରା ପିଠା ।
ଖରାଦିନେ ଆମ୍ବତୋଟାରେ ଲୁଚକାଳି ଖେଳ
ଦଶହରା ଛୁଟି ହେଲେ ବୁଲିବାର ବେଳ ।
ଭୁଲି ହୁଏନାହିଁ ପିଲା ଦିନର ସ୍ମୃତି
ସବୁରି ହୃଦୟରେ ରହିଥାଏ ଲୁଚି ।

ତାଳପଡ଼ା, ରାହାମା, ଜଗତସିଂହପୁର
ଭ୍ରାମ୍ୟଭାଷ - ୯୮୬୧୬୨୦୯୨୪

To read the complete magazine, Download it for FREE from www.aahwaan.com

# ମୋ ମାଆ



ରୋଜା ପଣ୍ଡା

ମାଆ ଜାଣିନି କାହିଁକି ଆଜି
ତୋ କଥା ବହୁତ ମନେପଡ଼େ
ହଜାରେ ଭିତରେ ରହି ବି
ମନ ଖାଲି ମୋର ତୋତେ ଝୁରେ ।

ଜାଣିନି କେତେ ଜନ୍ମ ମୋତେ
କରିବାକୁ ହେବ ଅପେକ୍ଷା
ଦେଖିବାକୁ ତୋର ମୁହଁ
ଆତ୍ମା ମୋ କାନ୍ଦୁଛି ପ୍ରତିମୁହୂର୍ତ୍ତରେ ତୋ ପାଇଁ
ଛାତିରେ ମୋର ଜମାଟ ବାନ୍ଧିଛି କୋହ ।

ଜାଣିଥାନ୍ତି ଯଦି କା'ର ଛଳନା ଭରା ପ୍ରେମ
କରିଦେବ ମୋତେ ଅଲଗା ତୋ ଠାରୁ ଏତେ
ସମ୍ପର୍କର ସେଇ ପବିତ୍ର ସେତୁ
ବାନ୍ଧି ମୁଁ ନଥାନ୍ତି ପ୍ରହସନ ମିଳୁ ଯେତେ ।

To read the complete magazine, Download it for FREE from www.aahwaan.com

ଆଜି ମୁଁ ନିରବେ କାନ୍ଦୁଛି ବସିକି

ନାହିଁ କେହି ଆପଣାର

ଦୁଃଖ ଶୁଣିବାକୁ କେହି ଜଣେ ନାହିଁ

ସବୁତ ଏଠି ମୋ ପର ।

ମାଆଲୋ ମାଆ, ମୋ ଗେହ୍ଲି ମାଆ

ସ୍ୱାର୍ଥପର ଏଇ ଦୁନିଆ ଭିତରେ

ତୁହି ତ ଏକା ମୋ ନିଜର

ହଜାରେ ଲୋକଙ୍କ ମିଛ ସ୍ନେହ ଭିତରେ

ତୋ ସ୍ନେହ ଏକା ନିଃସ୍ୱାର୍ଥପର

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର

ମଧୁପାଟନା, କଟକ - ୭୫୩୦୧୦

To read the complete magazine, Download it for FREE from www.aahwaan.com

# ଅଧୁରା ମୋ ଜୀବନ କାହାଣୀ



ଦେବସ୍ମିତା ବେହେରା

ଜୀବନ କାହାଣୀ ମୋ ଏମିତି ଲେଖିଛି

ବିଧାତା ଲେଖନୀ ଧରି,

ଆଖିକୁ ମୋ ନିଦ ଆସିବା ଆଗରୁ

ରାତି ଯାଉଅଛି ସରି ।

କେତେ ସ୍ୱପ୍ନ ମୋର ଅଧୁରା ରହିଲା

ଆଉ ମୁଁ ଦେଖେନା ସ୍ୱପ୍ନ

ବିଶ୍ୱାସରେ ଭରା ସ୍ୱପ୍ନ ଭାଙ୍ଗିଗଲେ

ଆଉ ଗଢ଼ିବାକୁ ହୁଏନି ମନ ।

କେତେ ଆଶା ନେଇ ତୁମ ହାତ ଧରି

ସଂସାର ନୂଆ ମୁଁ ଗଢ଼ିଲି,

ତୁମ ପୌରୁଷର କଷାଘାତ ମାଡ଼େ

ନିଜ ସମ୍ପର୍କକୁ ନିଜେ କାଟିଲି ।

ତୁମ ଅବିଶ୍ୱାସ ନିଆଁର ଧାସରେ

ସ୍ୱପ୍ନକୁ ସବୁ ମୁଁ ଜାଳିଲି

To read the complete magazine Download it for FREE from www.aahwaan.com

ସେ ନିଆଁରେ କୁହୁଳି ମୋ ସାରା ଜୀବନର

ସୁନେଲି ସ୍ୱପ୍ନକୁ ଭାଙ୍ଗିଲି ।

ପୁରୁଷ ପଣର ଆତ୍ମବଡ଼ିମାରେ

ତୁମେ ଭୁଲିଲ ବାଛବିଚାର

ସବୁ କଳାପରେ ଯଦି ମିଳେ ନିନ୍ଦା

ବଞ୍ଚିବା ଅପେକ୍ଷା ମରିବା ଭଲ ।

ବିନା ମରଣରେ ନିତି ଜଳି

ଆଜି ମୁଁ ମୁଠାଏ ପାଉଁଶ,

ତୁମେ ବଞ୍ଚିଥାଅ ନିଜ ଆଭିଜାତ୍ୟ ଗର୍ବେ

ନେଇ ମୋ ବାକି ଆୟୁଷ ।

ୟୁନିଟ୍ - ୯ (ଫ୍ଲାଟ୍)

ବାୟାବାବା ମଠ ଲେନ୍, ଭୁବନେଶ୍ୱର - ୨୨

ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଅପହଞ୍ଚ



ରିଭୁ ଆଭୁଷଣ ପଣ୍ଡା

ଜନାରଣ୍ୟ ପଥେ ଯାଯାବର ମୁଁ
ଯାଏ ପତିତପାବନ ଚକାଆଖି ପାଖକୁ
ନାହିଁ ଶାନ୍ତି, ନାହିଁ ସୁଖ
ଅସ୍ଥିର ମନ ସମ୍ଭାଳରେ ମହାବାହୁ ।୧

ବନ୍ଧୁଏ, କିପରି ଶୁଣିଲ ମନକଥା
ଆଶାର ବର୍ଷ ହେଲା ଧିରେ ଧିରେ
ଏକ ଅପସରୀର ଝଲକ ଜିଣିଲା ମୋ ମନ
ସମର୍ପିତ ମୁଁ ସେଇ ରୂପ ଆଲୁଅରେ ।୨

ସିଂହୀ ନୟନ ସହ ପୁନେଇ ଜହ୍ନର ରଙ୍ଗ
ଆଣେ ନାକଶିରୀ ଲାବଣ୍ୟ ତରଙ୍ଗ
ହସ କରେ ସହସ୍ର ତପସ୍ୟା ଭଙ୍ଗ
ଚାହାଣୀ ଠାଣୀରେ ଶିହରୀତ ମୋ ଅଙ୍ଗ ।୩

କ୍ଷଣପ୍ରଭା ଭଳି ହଜିଗଲା ସେ ନାୟିକା
ପ୍ରେମ ଆଲୁଅରେ ଉଦ୍‌ଯାପିତ ସଞ୍ଜ
ଅବଶୋଷ ଜ୍ୱାଳାରେ ଜଳୁଛି ଚିତ୍ତ
ଆବେଗ, ଆଶା, ଅପେକ୍ଷା, ଅପହଞ୍ଚ ।୪

ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା
ସମ୍ବଲପୁର

To read the complete magazine, Download it for FREE from www.aahwaan.com

# ଜୀବନ ସଂଗୀତ



ବିନୟ ମହାପାତ୍ର

ଜୀବନର ସଂଗୀତ ମୋର

ଗାଇବାକୁ କହି ଦେଇ ଗଲ,

ଥରୁଟିଏ ବି ଭାବିଲନି,

ବିନା ସୁର, ବିନା ଶବ୍ଦର ଏ ଗୀତ

ମୁଁ ଗାଇବି କିପରି ?

ଅଧା ବାଟେ ପଥ ଭାଙ୍ଗି

ଚାଲିଗଲ ତୁମେ,

ତୁମ ବିନା କିଏ ବା ଭରିବ କୁହ,

ଶବ୍ଦ ଏଇ ସଂଗୀତରେ,

ପଦ ପରେ ପଦ ଯୋଡ଼ି

ମିତ୍ରା ବା ଅମିତ୍ରା ଅକ୍ଷରେ ।

ତୁମେ ସିନା ଭରି ପାରି ଥାଆନ୍ତ,

ତୁମରି ପ୍ରେମର ଆଶ୍ଳେଷ,

ଅବା ତୁମର ସେ ମଧୁ ଝରା

To read the complete magazine, Download it for FREE from www.aahwaan.com

ଖିଲି ଖିଲି ହସର ଜୁଆର,

ତୁମର ସେ ମିଠା ମିଠା

ପ୍ରଣୟ ସନ୍ଦେଶ ଅବା,

ତୁମ କର କଙ୍କଣର,

ରୁଣୁ ଝୁଣୁ ସୁର, ଆଉ

ତୁମ ପଦ ପାଉଁଜୀର

ଛମ ଛମ ମଧୁର ଝଙ୍କାର ।

ସୁର ବି ତ ଜଣା ନାହିଁ

କେଉଁ ରାଗ ଅବା ରାଗିଣୀର ।

ସ୍ୱର ଜଣା ଥିଲେ ଅବା,

ଗୁଣୁ ଗୁଣୁ ଭ୍ରାମରୀ ଗାଆନ୍ତି ।

କିଛି ନ ହେଲେ ନାହିଁ,

ବିନା କିଛି ଶବ୍ଦ,

କରି ଯା'ନ୍ତି ରାଗ ଆଳାପନ,

ଅବା ସିଟି ତ ବଜାଇ ପାରନ୍ତି ।

ନିଶବ୍ଦ ତ ସବୁ କିଛି ଏଠି

To read the complete magazine, Download it for FREE from www.aahwaan.com

ଚତୁର୍ଦ୍ଦିଗ ଶୁନ ଶାନ,

ହୃଦୟ ମୋ ଶୁନ୍ୟ ତୁମ ବିନା ।

ନା ପବନରେ ଶୁଭେ କିଛି

ନା କୋଇଲି ଗାଉଛି,

ଅଋତୁ ରେ କୁହୁ କୁହୁ,

ମନଲୋଭା ସଂଗୀତ ତାର ।

ବର୍ଷା ବି ତ ଚାଲି ଗଲା,

ତାର ମୁହଁ ମୋଡ଼ି ଦେଇ,

କେବେ ପୁଣି ଆସିବ,

କିଛି ଜଣା ନାହିଁ ।

ନ ହେଲେ ଆଶାରେ ଆଶାରେ,

ଆକାଶକୁ ଅନାଇ ବସନ୍ତି,

ଶୁଣିବାକୁ ତାର ରିମ୍ ଝିମ୍ ଅବା

ଛମ୍ ଛମ୍ ବୁନ୍ଦା ବର୍ଷିବାର ଗୀତ,

ତୁମ ବିନା ନିଶବ୍ଦ,

ମୋର ଏ ଜୀବନ ସଂଗୀତ ।

To read the complete magazine, Download it for FREE from www.aahwaan.com

# ସୈତାନ



ରୁଦ୍ରମାଧବ ସାହୁ

ପ୍ରଶସ୍ତ ବିଶ୍ୱର
ଜ୍ୟୋତିର୍ମୟ ନେତ୍ରେ,
ତମସା କାଳିମା
ବୋଳିଲା କିଏ ?
ସୁଗନ୍ଧ-ଜଗତ
-କୁସୁମର ପୃଷ୍ଠେ,
ଦୁର୍ଗନ୍ଧର ରେଣୁ
ବୁଣିଲା ହାଏ !
ପୁଣ୍ୟର ପ୍ରସୂନୀ
ତେଜୋଦୀପ୍ତ ଶିରେ,
ପାପର ତିଳକ
ସବାର ହୁଏ..
ସୃଷ୍ଟିର ପ୍ରତିଟି
ଅଙ୍ଗ ପାଇଁ ସଦା,
ନବ ନବ ବିଘ୍ନ
ରଚାଉ ଥାଏ..
ସଂସାର ବିଧ୍ୱସ୍ତ

To read the complete magazine, Download it for FREE from www.aahwaan.com

ବକ୍ଷୋପରେ ବସି,
ରହସ୍ୟ ଚିତ୍ତରେ
(ନୀରବେ) ଗରଜୁ ଥାଏ..
ନିତି ବିବେକକୁ
ଧସି ପଶିବାର,
ବେଳ ଉଣ୍ଡିବାରେ
ତତ୍ପର ଥାଏ..
ସୁଧା-ଝରା ପୂତ
-ଜୀବନ କଳସେ,
ବିଷ ଭରି ଦେଇ
କଣ ସେ ପାଏ ?
ପ୍ରକୃତିର ସବୁ
ସୁରୂପ ବିଗାଡ଼ି,
ପ୍ରକୃତରେ ସେ ଯେ
କି ବାର୍ତ୍ତା ଦିଏ ?

ମାର୍ଫତ୍ - ଅକ୍ଷୟକୁମାର ସାହୁ ଓ ନଳିନୀ ସାହୁ
ବାଘମୁଣ୍ଡା, କାକଟପୁର, ପୁରୀ
ଭ୍ରାମ୍ୟଭାଷ-୭୮୭୩୬୮୦୨୧୧
Email - rmsahoo75@gmail.com

To read the complete magazine, Download it for FREE from www.aahwaan.com

# ପ୍ରଭୁଙ୍କ ସର୍ଜନା



ଆଶୁତୋଷ ମେହେର

ଜହ୍ନକୁ ଦେଖିଲେ

ମନରେ ଆସେ,

ପ୍ରଭୁଙ୍କ ସୌନ୍ଦର୍ଯ୍ୟର ଧାରା ।।

ସୂର୍ଯ୍ୟକୁ ଦେଖିଲେ

ମନରେ ଆସେ,

ପ୍ରଭୁଙ୍କ ଶକ୍ତିର କ୍ଷମତା ।।

ଆଉ ଦର୍ପଣରେ

ନିଜ ଛବି ଦେଖିଲେ

ମନରେ ଭାବନା ଭରେ,

ସତରେ

ପ୍ରଭୁଙ୍କ ସର୍ଜନା

କେତେ ସୁନ୍ଦର,ମହନୀୟ ।।

୫୪,ଆର୍ଯ୍ୟପଲ୍ଲୀ, କିଟ ଛକ,ପଟିଆ

ଭୁବନେଶ୍ୱର ୭୫୧୦୨୪

To read the complete magazine, Download it for FREE from www.aahwaan.com

# ଡେଙ୍ଗୁ ନିରାକରଣ



ସୁଦାମ ଗୌଡ଼

ମା ମାଉସୀ ଏକାଠି ହୁଅ

ଡ଼େଙ୍ଗୁ ରୋଗକୁ ଦୂରେଇ ଦିଅ ।

ମଶାମାଛିକୁ କରିବା ନାଶ

ତା' ନିୟମଟି ଜାଣିବା ଆସ ।

ଭଙ୍ଗା ମାଠିଆ ଫ୍ରିଜ୍ କୁଲର୍ ସଫା ରଖିବା

ମଶା ମାନଙ୍କୁ ଘୋଡ଼ାଇ ଦେବା ।

ମଶାରୀ ଟାଣି ନିତି ଶୋଇବା

ଡ଼େଙ୍ଗୁ ରୋଗରୁ ରକ୍ଷା ପାଇବା ।

ବୁଡ଼ାବାହାଲ

ଜି: ସୁଦଂରଗଡ଼ ଓଡ଼ିଶା ୭୭୦୦୦୨

To read the complete magazine, Download it for FREE from www.aahwaan.com

# ଜୀବନଟା ବିତିଯାଆନ୍ତା କି



ଅନୁପମ ବେହେରା

## ଜୀବନଟା ଏମିତି କଟିଯାଆନ୍ତା କି...

ଜୀବନଟା ଏମିତି କଟିଯାଆନ୍ତା କି ? ସତରେ...
ତୁମେ ମୁଁ ଚାଲୁଥାନ୍ତେ ସରୁ ଏକ ପାଦଚଲା ରାସ୍ତାରେ,
ତୁମେ ଆଉଜିଥାନ୍ତ ମୋ କାନ୍ଧରେ ମଥା ଦେଇ
ତୁମ କଟଟୀ ଥାନ୍ତା ମୋ ବାହୁ ବନ୍ଧନୀରେ...

ଜୀବନଟା ଏମିତି କଟିଯାଆନ୍ତା କି ? ସତରେ...
ସୁଗନ୍ଧିତ ଫୁଲରେ ଭରା ରଙ୍ଗୀନ୍ ଏକ ବଗିଚାରେ,
ତୁମେ ବସିଥାନ୍ତ ଘାସ ଗାଲିଚା ଉପରେ
ତୁମ କୋଳରେ ମଥାଦେଇ ମୁଁ ବୁଡିଯାଇଥାନ୍ତି ସ୍ୱପ୍ନ ଦୁନିଆରେ...

ଜୀବନଟା ଏମିତି କଟିଯାଆନ୍ତା କି ? ସତରେ...
ସୁନ୍ଦର ଏହି ସବୁଜ ପୃଥିବୀରେ
ତୁମେ ଆଉ ମୁଁ ମନଭରି ବଞ୍ଚନ୍ତେ ଏ ଜୀବନଟାକୁ
ଆଉ କେହି ନ ଥାନ୍ତେ ଏଇ ଦୁନିଆରେ...

ଜୀବନଟା ଏମିତି କଟିଯାଆନ୍ତା କି ? ସତରେ...
ଆକାଶ ହଜିଯାଇଥାନ୍ତା କଳା ବାଦଲ କୋଳରେ
ପୃଥିବୀଟା ଭିଜୁଥାନ୍ତା ପ୍ରେମର ବର୍ଷାରେ
ତୁମେ ମୁଁ ଚାଲୁଥାନ୍ତେ ଗୋଟେ ଛତା ତଳେ...

ଜୀବନଟା ଏମିତି କଟିଯାଆନ୍ତା କି ? ସତରେ...

To read the complete magazine, Download it for FREE from www.aahwaan.com

# ପଖାଳ



ମନୋଜ କୁମାର ଜେନା

ଆହାରେ ମୋ ପଖାଳ କଂସା
ତୋ ବିନା ମୋହର ଉଡଇ ହଂସା ।
ପଖାଳ ସାଙ୍ଗକୁ ଶାଗ ଖରଡା
ଆଚାର ଥିଲେଟି ଆଉ କି ଲୋଡା ।
ବଡ଼ିଚୁରା ସଙ୍ଗେ ଶୁଖୁଆ ଭଜା
ମାଆ ହାତେ ବଢ଼ା ଲାଗଇ ମଜା ।
ଦହିଥିଲେ ଦିଏ ସୁଆଦ ବଢାଇ
ଖରା ଦିନେ ଶାନ୍ତି ନିଦ ଆଣଇ ।
ଚଷା ଭାଇର ଏ ଆଶା ଭରଷା
କଂଚା ଲଙ୍କା ସହ ସ୍ତ୍ରୀ ପରସା ।
କଂଚା ପିଆଜକୁ ଭଜା ଶୁଖୁଆ ।
ପଖାଳ ଭାତକୁ ଲାଗେ ବଢିଆ ।
ପୋଡା ଆଳୁ ଦଳା ଆମ୍ବ ଚଟଣୀ
ପଖାଳ ଭାତର ବାସି ତୋରାଣୀ ।

To read the complete magazine, Download it for FREE from www.aahwaan.com

ରଜପିଠା ସଙ୍ଗେ ପଖାଳ ଖିଆ

ସାଙ୍ଗ ସାଥି ମେଳେ ଲାଗେ ବଢିଆ ।

ଶଶୁର ଘରର ପଖାଳ ଖିଆ

ନୂଆ ଭିଣେଇଙ୍କୁ ଲାଗେ ଅଡୁଆ ।

ଶଳା ଭାଉଜଙ୍କ ପାଖରେ ଠିଆ ।

ଭାରି ଭଲଲାଗେ ପଖାଳ ଖିଆ ।

ଓଡିଆ ଘରର ବଢିଆ ଖାଦ୍ୟ

ଖାଇଲେ ଜାଣିବ ତାର ସୁଆଦ ।

ସହ ସଂପାଦକ, ଟି.ଜି ଶିକ୍ଷକ ସଂଘ, ଭଦ୍ରକ ଜିଲ୍ଲା

jena.manoj1469@gmail.com

ପ୍ରଧାନଶିକ୍ଷକ ଖଡ଼ିପଦା ନୋଡ଼ାଲ ଉ.ପ୍ରା ବିଦ୍ୟାଳୟ

ମୋ-୯୯୩୭୪୦୨୧୦୯

To read the complete magazine, Download it for FREE from www.aahwaan.com

ଆହ୍ୱାନର ଆଗାମୀ ସଂସ୍କରଣ ନଭେମ୍ବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୭୩ / ୭୦୦୮୫୭୭୦୮୫

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

To read the complete magazine, Download it for FREE from www.aahwaan.com

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

Alternatively, You can also click on this link on your android mobile phone with WhatsApp to join our group.

https://chat.whatsapp.com/BPW1qPbKJWp7H4M3zhzAiE

ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍‌ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ନମ୍ବର ହେଉଛି :

# 7008567085

To read the complete magazine, Download it for FREE from www.aahwaan.com